# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ନଭେମ୍ବର ୨୦/୨୦୨୩ (୧୮ ପୃଷ୍ଠା) | Bhubaneswar, Monday, November 20/2023 | Page 18 | ₹ 7.00

୪୯ଶ ଭାଗ ୩୫୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 354 | ମୂଲ୍ୟ ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ନଭେମ୍ବର ୨୦/୨୦୨୩
Bhubaneswar, Monday, November 20/2023



**ଆଜିର ମନ୍ତବ୍ୟ**

"ହିନ୍ଦୁଧର୍ମ ମୋତେ ସ୍ୱାଧୀନତା ଦେଇଛି। ଏହାକୁ ନେଇ ହ୍ୱାଇଟ୍ ହାଉସ୍ ଯାତ୍ରା ପାଇଁ ଅଭିଯାନ ଆରମ୍ଭ କରି ଏତେ ବାଟ ଆସିପାରିଛି।
– ବିବେକ ରାମାସ୍ୱାମୀ, ଆମେରିକା ରାଷ୍ଟ୍ରପତି ପଦ ପାଇଁ ରିପବ୍ଲିକାନ୍ ଆଶାୟୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତେଲ ଘଡ଼ି ଯାହାର ଗଡ଼ିଗଲା**
**ସେ କହିଲା ମୋର ଗଲା;**
**ନଡ଼ିଆ ପସରା ଯାହାର ଗଡ଼ିଗଲା**
**ସେ କହିଲା ମୋର ଗଲା।**

ଯାହାର ପ୍ରକୃତ କ୍ଷତି ହୁଏ ସେ ଦୁଃଖ କରେ। ତେବେ ଯାହାର କିଛି କ୍ଷତି ନ ହୋଇଛି ସେ ବି ସମଭାଗୀ ହୋଇ ସେଥିରେ ଦୁଃଖ ପ୍ରକାଶ କରେ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ତେନ୍ତୁଳି ମଞ୍ଜି**
**ତୋ'ପାଇଁ ହେଲେଣି କେତେ ଗଞ୍ଜି।**

ପ୍ରେମୀଯୁଗଳ ପାଇଁ ଏ ସମାଜ ସେତେଟା ସହଜ ହୋଇ ନ ଥାଏ। ଉଚ୍ଚ, ନୀଚ, ଜାତିପ୍ରଥା ଭଳି ଅନେକ ପ୍ରତିବନ୍ଧକ ତା' ଆଗରେ ପ୍ରାଚୀର ପରି ଦଣ୍ଡାୟମାନ ହୋଇ ରହିଥାଏ, ଯାହାକୁ ମୁକାବିଲା କରିବା କଷ୍ଟକର ହୋଇଯାଇଥାଏ। ମନର ମଣିଷକୁ ଆପଣାର କରିବାକୁ ଯାଇ ଚାରିଆଡେ ଚର୍ଚ୍ଚା ଓ ବଦନାମ। ଫଳସ୍ୱରୂପ ଘରର ଗୁରୁଜନମାନଙ୍କଠାରୁ ମାଡ଼ଗାଳି, ଭର୍ତ୍ସନା ଆଦି ଶୁଣି ଦୁଃଖରେ ମ୍ରିୟମାଣ ହୋଇପଡିଥିବା ପ୍ରେମୀର ବ୍ୟଥିତ ମନୋଭାବ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ରବିବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପିଏମ୍ ଶ୍ରୀ ଯୋଜନା ଶୁଭାରମ୍ଭ କଲେ ଧର୍ମେନ୍ଦ୍ର



## ଓଡ଼ିଶାରେ ଲାଗୁ କରାଇବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ

**ଭୁବନେଶ୍ୱର, ୧୯।୧୧ (ସୁନିତ୍ ମିଶ୍ର)**

ଓଡ଼ିଶାର ପ୍ରାୟ ୧ କୋଟି ପିଲାଙ୍କ ଭବିଷ୍ୟତକୁ ଗଢ଼ିବା ସହ ସେମାନଙ୍କ ମନରେ ବଢ଼ୁଥିବା ଆତ୍ମବିଶ୍ୱାସ ଶିଖରକୁ ନେବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ରବିବାର ଭୁବନେଶ୍ୱରଠାରେ ରାଜ୍ୟର ୬୩ଟି କେନ୍ଦ୍ରୀୟ ବିଦ୍ୟାଳୟ ଓ ନବୋଦୟ ବିଦ୍ୟାଳୟରେ ପିଏମ୍ ଶ୍ରୀ ଯୋଜନା ଶୁଭାରମ୍ଭ କରିବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ସ୍କୁଲଗୁଡ଼ିକୁ ପ୍ରତିଯୋଗିତା ଆଧାରରେ ରାଜ୍ୟଗୁଡ଼ିକ କେନ୍ଦ୍ରକୁ ନାଁ ପଠାଇବାର ଆବଶ୍ୟକ ଅଛି। ମାତ୍ର ଓଡ଼ିଶା ସରକାର ପିଏମ୍ ଶ୍ରୀ ପାଇଁ ଏମ୍ଓୟୁ କରିନାହାନ୍ତି। ଏଥିପାଇଁ ଗତ ବର୍ଷକ ମଧ୍ୟରେ ୩ ଥର ବ୍ୟକ୍ତିଗତ ଭାବେ ଚିଠି ଲେଖାଯାଇଛି। କୌଣସି ନା କୌଣସି କାରଣରୁ ଓଡ଼ିଶା ସରକାର ଏହି ଯୋଜନା ଲାଗୁ କରୁନାହାନ୍ତି। ଗୋଟିଏ ଦୁଇଟି ରାଜ୍ୟ ରାଜନୈତିକ ଉଦ୍ଦେଶ୍ୟ ରଖି ପିଏମ୍ ଶ୍ରୀ ଯୋଜନା ଲାଗୁ କରୁନାହାନ୍ତି। ସେ ରାଜ୍ୟଗୁଡ଼ିକ ଭଳି ଓଡ଼ିଶା ସରକାରଙ୍କର ଏଥିରେ କୌଣସି ରାଜନୈତିକ ଉଦ୍ଦେଶ୍ୟ ନ ଥିବ ବୋଲି ଭାବୁଥିବା ସେ କହିଛନ୍ତି। ଧର୍ମେନ୍ଦ୍ର ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନାରେ ପ୍ରାୟ ୨୮ ହଜାର କୋଟି ଟଙ୍କା ବ୍ୟୟ ବରାଦରେ ସମଗ୍ର ଦେଶରେ ୧୪,୫୦୦ରୁ ଅଧିକ ପ୍ରଧାନମନ୍ତ୍ରୀ ସ୍କୁଲ ଫର୍ ରାଇଜିଂ ଇଣ୍ଡିଆ ବା ପିଏମ୍ ଶ୍ରୀ ସ୍କୁଲ ପ୍ରତିଷ୍ଠାର ଲକ୍ଷ୍ୟ। ଏନେଇ ୨୦୨୨ ସେପ୍ଟେମ୍ବର ୭ରେ ପିଏମ ଶ୍ରୀ ଯୋଜନାର ଶୁଭାରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ସାଢେ ୬ ହଜାର ସ୍କୁଲର ଚୟନ ସରିଛି ଏବଂ ଖୁବଶୀଘ୍ର ୨ୟ ପର୍ଯ୍ୟାୟରେ ଆଉ ୪ ହଜାର ସ୍କୁଲକୁ ଚୟନ କରାଯିବ। ଓଡ଼ିଶାର ୯୭ଟି କେନ୍ଦ୍ରୀୟ ବିଦ୍ୟାଳୟ ଓ ନବୋଦୟ ବିଦ୍ୟାଳୟ ମଧ୍ୟରୁ ୬୩ଟିକୁ ରବିବାରଠାରୁ ପିଏମ ଶ୍ରୀ ସ୍କୁଲ ଭାବେ ଅନ୍ତର୍ଭୁକ୍ତ କରାଯାଇଛି। ୨୦୨୩-୨୪ ବର୍ଷ ପାଇଁ ଏହି ସ୍କୁଲ ପାଇଁ ପାଖାପାଖି ୫୦.୮ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ସେଥିମଧ୍ୟରୁ ୧୨.୭ କୋଟି ଟଙ୍କା ପ୍ରଥମ କିସ୍ତିରେ ପ୍ରଦାନ କରାଯାଇଛି। ୩୭ଟି କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ମୋଟ ୭.୨୭ କୋଟି ଟଙ୍କା ଏବଂ ୨୬ଟି ନବୋଦୟ ବିଦ୍ୟାଳୟ ପାଇଁ ୫.୪୩ କୋଟି ଟଙ୍କା ବ୍ୟୟ କରାଯାଇ ସ୍କୁଲର ଉନ୍ନତିକରଣ ଆରମ୍ଭ କରାଯିବ। ପିଲାମାନଙ୍କ ଦକ୍ଷତା ବୃଦ୍ଧି ସହ ସେମାନଙ୍କ ବୈଜ୍ଞାନିକ ମନୋଭାବକୁ ବଢ଼ାଇବା ପାଇଁ ଏବଂ କଳା, ସାହିତ୍ୟ ବିଜ୍ଞାନରେ ସୃଜନଶୀଳତା ବଢ଼ାଇବା ସହ ସବୁ ଦୃଷ୍ଟିରୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦକ୍ଷତା ବଢ଼ାଇବା ଦିଗରେ ପିଏମ୍ ଶ୍ରୀର ଯୋଜନା। ଏହି ସ୍କୁଲଗୁଡ଼ିକ ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ହୋଇଥିବା ପାଠ୍ୟକ୍ରମ ଓ ପାଠପଢ଼ାର ପଦ୍ଧତି, ଶିକ୍ଷକମାନଙ୍କର ପରିବର୍ଦ୍ଧିତ ଦକ୍ଷତାକୁ ଗୋଟିଏ ସ୍କୁଲରେ ପରିପ୍ରକାଶ କରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି ମର୍ମରେ ପୁଣିଥରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଓଡ଼ିଶାର ସରକାରୀ ସ୍କୁଲରେ ପିଏମ ଶ୍ରୀ ଯୋଜନାକୁ ଲାଗୁ କରିବା ପାଇଁ ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି। ପିଏମ ଶ୍ରୀ ଯୋଜନା ଓଡ଼ିଶା ସରକାର ଲାଗୁ କଲେ ଓଡ଼ିଶାର ପ୍ରତ୍ୟେକ ବ୍ଲକ ଏବଂ ପୌରାଞ୍ଚଳରେ ଦୁଇଟି ଲେଖାଏ ସ୍କୁଲକୁ ପିଏମ ଶ୍ରୀସ୍କୁଲରେ ବିକଶିତ କରାଯିବ। ଗୋଟିଏ ସ୍କୁଲରେ ୨ କୋଟି ଟଙ୍କାର ଅନୁଦାନର ଦାୟିତ୍ୱ କେନ୍ଦ୍ର ସରକାର ନେବେ। ଓଡ଼ିଶାରେ ପ୍ରାୟ ୮୦୦ଟି ସରକାରୀ ସ୍କୁଲ ପିଏମ ଶ୍ରୀ ସ୍କୁଲରେ ବିକଶିତ ହେବା ସହ ୫ ବର୍ଷରେ ୧୬୦୦ କୋଟିରୁ ଅଧିକ ଟଙ୍କା ଆସିବ ବୋଲି ସେ କହିଛନ୍ତି।

# ଜଙ୍ଗଲରେ ହାତୀର ମୃତଦେହ ଠାବ

**ନାକଟିଦେଉଳ, ୧୯।୧୧**
**(ବୈକୁଣ୍ଠ ନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳ ଅନ୍ତର୍ଗତ ସାଲେଭଟା ଗ୍ରାମପଞ୍ଚାୟତର କୁନ୍ଦେଇଜୁରୀ ଗ୍ରାମ ନିକଟ ଜଙ୍ଗଲରେ ରବିବାର ଏକ ଦନ୍ତାହାତୀର ମୃତଦେହ ଠାବ କରାଯାଇଛି। କୁନ୍ଦେଇଜୁରୀ ଗ୍ରାମଠାରୁ ପ୍ରାୟ ଦୁଇ ଶହ ମିଟର ଦୂର ଖାସଡ଼ା ଜଙ୍ଗଲରେ ଏକ ଦନ୍ତାହାତୀ ମରି ପଡ଼ିଥିବା ଜଣାପଡିଥିଲା। ଏ ସମ୍ପର୍କରେ ଖବର ପାଇବା ପରେ ବନ ବିଭାଗର ରେଢ଼ାଖୋଲ ଡିଏଫ୍ଓ ଅରବିନ୍ଦ ମହାନ୍ତି, ନାକଟିଦେଉଳ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରା, ବାଟଗାଁ ଫରେଷ୍ଟର ଅରୁଣ କୁମାର ପ୍ରଧାନ ପ୍ରମୁଖ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ଏହି ହାତୀର ବୟସ ଆନୁମାନିକ ୧୫ ବର୍ଷରୁ ଅଧିକ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଉଛି। ତେବେ ଏ ସମ୍ପର୍କରେ ରେଢ଼ାଖୋଲ ଡିଏଫ୍ଓ ଅରବିନ୍ଦ ମହାନ୍ତିଙ୍କୁ ପଚରା ଯିବାରୁ ହାତୀର ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ। ସନ୍ଧ୍ୟା ହୋଇ ଯିବାରୁ ହାତୀର ମୃତଦେହ ବ୍ୟବଚ୍ଛେଦ ହୋଇପାରି ନାହିଁ। ସୋମବାର ସକାଳୁ ବନବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି।



# ବିଦ୍ୟୁତ୍ ଆଘାତରେ ପୁଣି ଏକ ଦନ୍ତା ମୃତ

**କେନ୍ଦୁଝର (ନରେଶ ଚନ୍ଦ୍ର ପଟ୍ଟନାୟକ)/**
**ତେଲକୋଇ (ରଞ୍ଜିତ ବିଶ୍ୱାଳ), ୧୯।୧୧**

କେନ୍ଦୁଝର ବନଖଣ୍ଡ ତେଲକୋଇ ରେଞ୍ଜ୍ ଅନ୍ତର୍ଗତ ଏକ ଜଙ୍ଗଲ ନିକଟ ଧାନ ବିଲରୁ ରବିବାର ପୁଣି ଏକ ଦନ୍ତାହାତୀର ମୃତଦେହ ଜବତ ହୋଇଛି। ହାତୀର ବୟସ ପ୍ରାୟ ୮ ବର୍ଷ ହେବ। ଫସଲ ସୁରକ୍ଷା ପାଇଁ ଘେରାଯାଇଥିବା ବିଦ୍ୟୁତ୍ ତାର ଲାଗି ହାତୀର ମୃତ୍ୟୁ ଘଟିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଘଟଣାରେ ୩ ଜଣଙ୍କୁ ଅଟକ ରଖାଯାଇଛି। ଅଟକମାନେ ହେଲେ ରେଞ୍ଜ ଅଧୀନ ଆକୁଳ ନିଳାପଶି ମୁଣ୍ଡା ସାହିର ଶିବ ମୁଣ୍ଡା, ଡାନିଏଲ ମୁଣ୍ଡା ଏବଂ ଦିପୁ ମୁଣ୍ଡା। ଏଥିରେ ଅଧିକ ଲୋକ ସାମିଲ ରହିଥିବା ବନବିଭାଗ ସନ୍ଦେହ କରୁଛି।

ସୂଚନା ଅନୁଯାୟୀ, ଉକ୍ତ ଅଞ୍ଚଳରେ ଦୁଇଟି ପଲରେ ୨୫ ହାତୀ ବୁଲୁଛନ୍ତି। ନିଳାପଶି ମୁଣ୍ଡାସାହି ନିକଟ ଧାନଜମିରେ ଫସଲ ରକ୍ଷା ପାଇଁ ବିଛା ଯାଇଥିବା ସୋଲାର ତାରରେ ସୋଲାର କରେଣ୍ଟ ନ ଦେଇ ସେଥିରେ ପାଖରେ ଥିବା ଏକ ଘରୁ ବିଦ୍ୟୁତ୍ କରେଣ୍ଟ ସଂଯୋଗ କରାଯାଇଥିଲା। ଶନିବାର ରାତି ୮ ଟାରୁ ୧୦ ଟା ମଧ୍ୟରେ ପଲରୁ ଏକ ହାତୀ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲା। ରବିବାର ସକାଳୁ ତେଲକୋଇ ରେଞ୍ଜଠାରୁ ପ୍ରାୟ ୧୩ କି.ମି. ଦୂର ଧାନଜମିରେ ଏକ ହାତୀର ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ବନ ବିଭାଗକୁ ସୂଚନା ଦେଇଥିଲେ। ବନ ବିଭାଗ ଅଧିକାରୀ ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଯୁଗ୍ମ ଟାସ୍କ ଫୋର୍ସ ଘଟଣାର ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ପାଇଁ ପ୍ରାଣୀ ଚିକିତ୍ସକଙ୍କ ଏକ ଟିମ୍ ପହଞ୍ଚିଛି। ଘଟଣାସ୍ଥଳରୁ ସୋଲାର ବ୍ୟାଟେରୀ ଏବଂ ୟୁପିଏସ ରଖାଯାଇଥିବା ଏକ ଘରୁ ସର୍ଭିସ ତାର ଜବତ କରାଯାଇଛି। ଏନେଇ ତେଲକୋଇ ରେଞ୍ଜ ଅଧିକାରୀ ଶିବାଜୀ ମୋହନ ରାଓ କହିଛନ୍ତି, ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ପଚରାଉଚରା କରିବା ସହ ପାରିପାର୍ଶ୍ୱିକ ଅବସ୍ଥାର ଯାଞ୍ଚ କରାଯାଉଛି। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ। ଅନ୍ୟପକ୍ଷେ ଚାଷୀଙ୍କ ଫସଲକୁ ହାତୀଙ୍କ ଦାଉରୁ ରକ୍ଷା କରିବା ପାଇଁ ବନ ବିଭାଗ ପକ୍ଷରୁ ସୋଲାର ବାଡ଼ ଦିଆଯିବା ସହ ଚାଷୀମାନେ ମଧ୍ୟ ନିଜ ଖର୍ଚ୍ଚରେ ସୋଲାର ବାଡ଼ ଦେଉଛନ୍ତି। କିନ୍ତୁ ଏହି ବାଡ଼ରେ କରେଣ୍ଟ ସଂଯୋଗ କରିବା ଓ ଏଥିରେ ହାତୀ ମରିବା ବର୍ତ୍ତମାନ ବନବିଭାଗ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ୧୦ ଦିନ ମଧ୍ୟରେ ବିଦ୍ୟୁତ୍ ଆଘାତରେ ୨ ଟି ହାତୀଙ୍କ ପ୍ରାଣ ଯିବାକୁ ନେଇ ଚିନ୍ତା ବଢ଼ିଛି।



ଧାନବିଲରେ ପଡ଼ିଥିବା ମୃତ ଦନ୍ତାହାତୀ।

**କେନ୍ଦୁଝର ବନଖଣ୍ଡ**

- ଥମୁନି ହାତୀ ମୃତ୍ୟୁସଂଖ୍ୟା
- ୩ ଅଟକ, ସର୍ଭିସ ତାର ଜବତ

### ଦେଢ଼ମାସରେ ୪ ମଲେଣି

କେନ୍ଦୁଝର ବନଖଣ୍ଡ ଗୋଳାବନ୍ଧ ସେକ୍ସନରେ ଗତ ୧୦ ତାରିଖରେ ବିଦ୍ୟୁତ୍ ଆଘାତରେ ଏକ ଦନ୍ତାହାତୀର ମୃତ୍ୟୁ ହୋଇଥିଲା। ଘଟଣାରେ ବନ ବିଭାଗ ୯ ଜଣଙ୍କୁ ଗିରଫ କରିଥିଲା। ସେହିପରି ଭୂୟାଁ ଓ ଜୁଆଙ୍ଗ ପିଢ଼ ରେଞ୍ଜ୍ ଅଞ୍ଚଳରେ ଅକ୍ଟୋବର ୨୨ରେ ଏକ ଛୁଆହାତୀ ଖାଲରେ ପଡ଼ି ଆହତ ହୋଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତା'ର ମଧ ମୃତ୍ୟୁ ଘଟିଥିଲା। ଚମ୍ପୁଆ ରେଞ୍ଜ ଅଞ୍ଚଳରେ ଅକ୍ଟୋବର ୨୫ରେ ଟ୍ରେନ୍ ଦୁର୍ଘଟଣାରେ ଏକ ହାତୀର ମୃତ୍ୟୁ ହୋଇଥିଲା। ଦେଢ଼ମାସ ମଧ୍ୟରେ ୪ ହାତୀ ମୃତ୍ୟୁ ବନ ବିଭାଗର ହାତୀ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଘରର କୌଣସି ସମସ୍ୟା, ସହକର୍ମୀଙ୍କ ବ୍ୟବହାର ଏବଂ ମତାନୈକ୍ୟର ସମ୍ଭାବନା ରହିଛି। ସ୍ୱାସ୍ଥ୍ୟ ଓ ପିଲାଙ୍କ ବିବାହ ସମ୍ପର୍କିତ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କଲେ ଉପକୃତ ହେବେ। ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ସ୍ୱାର୍ଥହାନି ଆଶଙ୍କାରେ ନିଜ ଲୋକ ଦୂରେଇ ଯାଇପାରନ୍ତି।

**ବୃଷ** ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ ସ୍ୱାସ୍ଥ୍ୟ ସମସ୍ୟା କଥା ବାରମ୍ବାର ମନରେ ଆଲୋଡନ ସୃଷ୍ଟି କରିବ। ଘରେ ଅସାବଧାନତାବଶତଃ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ। ଅଫିସ୍‌କୁ ଯିବା ସମୟରେ କୌଣସି ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ।

**ମିଥୁନ** ପାରିବାରିକ ଅସ୍ଥିରତା ଓ ଅଶାନ୍ତି କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ବାଣିଜ୍ୟ, ପରିବହନ ଓ ବ୍ୟବସାୟ କ୍ଷେତ୍ରରେ କୌଣସି ପ୍ରକାର ଅସୁବିଧାଜନିତ ମନ ଅସ୍ଥିର ରହିବ।

**କର୍କଟ** ଆଜିର ପ୍ରାତଃଭ୍ରମଣ କାଳରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ଆକସ୍ମିକ ଭାବରେ ଧାରକରଜ, ଭଡ଼ା ସୂତ୍ରରୁ ଟଙ୍କା ପାଇ ଖୁସି ହୋଇଯିବେ। ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତିଙ୍କଠାରୁ କିଛି ଖବର ଆପଣଙ୍କୁ ସାହାଯ୍ୟ କରିବ। ବ୍ୟବସାୟ, ପରିବହନ, ସଭାସମିତି କ୍ଷେତ୍ରରୁ ସୁଫଳ ପାଇପାରିବେ।

**ସିଂହ** ହଠାତ୍ ସକାଳୁ କିଛି ଶୁଭ ଖବର ମନକୁ ଖୁସି କରିଦେଇପାରେ। ଅସୂୟା ମନୋଭାବ କାରଣରୁ ନିକଟସ୍ଥ ବ୍ୟକ୍ତିମାନେ ସମାଲୋଚନା କରିପାରନ୍ତି। ଅଧ୍ୟୟନ ଓ ଅଧ୍ୟାପନା, ଆଲୋଚନା, ସଭାସମିତି ତଥା ସାଂସ୍କୃତିକ କ୍ଷେତ୍ରରେ ଉନ୍ନତି କରିବେ। ପ୍ରଶାସନ, ପରିବହନ, ନିର୍ମାଣ, ବାଣିଜ୍ୟ ବ୍ୟବସାୟ ସକାଶେ ଦିନଟି ବହୁତ ଭଲ।

**କନ୍ୟା** ଆଜି କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ଅବଶ୍ୟ ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି,ତାହା ନିଶ୍ଚୟ ପାଇବେ। ପିଲାମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ପରିବାର ଭିତରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ସମ୍ଭାଳି ନେବେ।

**ତୁଳା** ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଭୋଗବିଳାସରେ ସହକର୍ମୀଙ୍କ ହସ୍ତକ୍ଷେପ ଦ୍ୱାରା ସାମୟିକ ବାଧାବିଘ୍ନ ଘଟିପାରେ। ବ୍ୟବସାୟରେ ମନୋବଳ ଖୁବ୍ ଟାଣ ରହିବ ଏବଂ ଲାଭବାନ୍ ହେବେ। କର୍ମକ୍ଷେତ୍ର ଓ ଆନୁଷ୍ଠାନିକ କାମରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ।

**ବିଛା** ଆଜି କାର୍ଯ୍ୟଦକ୍ଷତା ହେତୁ ଅନ୍ୟମାନଙ୍କଠାରୁ ଶ୍ରଦ୍ଧା ଓ ସମ୍ମାନ ଲାଭ କରିବେ। ପରିବହନ, ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିପାରନ୍ତି। କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇପଡିବ।

**ଧନୁ** ପାରିବାରିକ ପରିସ୍ଥିତି ଚିନ୍ତାର କାରଣ ହୋଇପାରେ। ଅନ୍ୟାନ୍ୟ କ୍ଷେତ୍ରରେ ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଦୀର୍ଘ ଦିନରୁ ପ୍ରତୀକ୍ଷା କରିଥିବା ଶୁଭଖବରଟି ଆକସ୍ମିକ ଭାବରେ ପାଇ ଉଲ୍ଲସିତ ହେବେ। ବିଦେଶ ଯାତ୍ରା, ଶିକ୍ଷା, ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର ସମ୍ଭାବନା ରହିଛି।

**ମକର** କର୍ମକ୍ଷେତ୍ରରେ ମନ କଥା ମନରେ ରଖି ବନ୍ଧୁଙ୍କ ମନରେ ଆନନ୍ଦ ସୃଷ୍ଟି କରିବାରେ ସମର୍ଥ ହେବେ। ବ୍ୟବସାୟରେ ଉନ୍ନତି ଘଟିବ କିନ୍ତୁ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିବ। ବନ୍ଧୁଙ୍କଠାରୁ ଗୁଜବ ଶୁଣିବା ପରେ ମନରେ ଦୁଶ୍ଚିନ୍ତା ସୃଷ୍ଟି ହେବ। ବନ୍ଧୁ ସମ୍ପର୍କରେ ଉନ୍ନତି ଘଟିବ। ନିର୍ଦ୍ଦିଷ୍ଟ ସମୟରେ ଉଚିତ ପଦକ୍ଷେପ ନେଲେ କୃତକାର୍ଯ୍ୟ ହେବେ।

**କୁମ୍ଭ** ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ପରିବାରରୁ ସହଯୋଗ ପାଇ କେତେକ କାମ ହାସଲ କରିବେ। ଭାବପ୍ରବଣତାରେ ହଜି ନ ଯାଇ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ଚେଷ୍ଟା କଲେ ଉପକାର ମିଳିବ। ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ ରହିବ।

**ମୀନ** ଆଜି ଆପଣ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ଆର୍ଥିକ ସ୍ଥିତି, ଜମିଜମା କାରବାର, ନିର୍ମାଣାଧୀନ କାମ ପ୍ରଭୃତିରୁ ଶୁଭଫଳ ପାଇବେ। ବ୍ୟବସାୟ ଓ କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ,ଯାହାକି ସମସ୍ୟା ସୃଷ୍ଟି କରିପାରେ। ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ବିବ୍ରତ ହୋଇପାରନ୍ତି।

ଆଜି କାର୍ତ୍ତିକ କୃଷ୍ଣପକ୍ଷର ଗୋଷ୍ଠାଷ୍ଟମୀ ସୋମବାର, ଜଗମୋହନ ଭୋଗ, ଛଅଟ୍ ବ୍ରତ ଉଦ୍‌ଯାପନ, ଶରଣ, ନଭେମ୍ବର ୨୦ ତାରିଖ, ରାଶି ନକ୍ଷତ୍ର-ଧନିଷ୍ଠା/ମକର, ଦିବା ଘ.୧୦।୦୭ ମି. ଗତେ, କୁମ୍ଭ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୦୧ ଗତେ, ଘ.୦୭।୨୪ ମଧ୍ୟେ, ଘ.୦୮।୫୭ ଗତେ,ଘ.୧୧।୧୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭।୨୪ ଗତେ, ଘ.୦୮।୪୬ ମଧ୍ୟେ ରାହୁକାଳ।

# କାଷ୍ଟିଂ ନାହିଁ, ଲବି-ରେଫରେନ୍ସରେ ଓଲିଉଡ୍

**ଧରିତ୍ରୀ ଆଳାପ**

ଓଡ଼ିଶାର ଝିଅ। ଇଞ୍ଜିନିୟରିଂ ପଢ଼ିବା ପରେ ହଠାତ୍ ପାଦ ଦେଇଥିଲେ ମନୋରଞ୍ଜନ ଦୁନିଆରେ। ମୁମ୍ବାଇରୁ ଆରମ୍ଭ କରିଥିଲେ ବୃତ୍ତିଗତ ଜୀବନ ଯାତ୍ରା। ସେ ହେଉଛନ୍ତି ଜାତୀୟସ୍ତରର ଅଭିନେତ୍ରୀ ସୋନାଲି ଶର୍ମିଷ୍ଠା ମହାନ୍ତି। ବଲିଉଡ୍ ଅଭିନେତ୍ରୀ କାଜଲଙ୍କ ସହ ନେଟ୍‌ଫ୍ଲିକ୍ସରେ 'ତ୍ରିଭଙ୍ଗ' ଚଳଚ୍ଚିତ୍ର, ୱେବ୍‌ସିରିଜ୍ 'ଦିଲ୍ଲୀ କ୍ରାଇମ୍'ର ଚନ୍ଦା ଚରିତ୍ର, ଟିଭି ସିରିୟଲ୍ 'ରାତ୍ରି କି ଯାତ୍ରୀ', ମାଲୟାଲମ୍ ଚଳଚ୍ଚିତ୍ର 'ଫେସ୍ ଅଫ୍ ଦ ଫେସ୍‌ଲେସ୍', ଓଡ଼ିଆ ଚଳଚ୍ଚିତ୍ର 'କାଲିର ଅତୀତ', ୱେବ୍‌ସିରିଜ୍ 'ଆନ୍ଥୋନି'ରେ ନିଜ କଳାର ଯାଦୁ ଦେଖାଇଛନ୍ତି। ଏଥିସହ ବହୁ ବଲିଉଡ୍ ଷ୍ଟାର୍‌ଙ୍କ ସହିତ ସେ ଆଡ୍‌ରେ ଷ୍ଟେଜ୍ ଶେୟାର କରିଛନ୍ତି। ନିକଟରେ ଲୋକପ୍ରିୟ ହୋଇଥିବା ୱେବ୍‌ସିରିଜ୍ 'ଜେଙ୍ଗାବୁର କର୍ସ'ରେ ମଧ୍ୟ ସେ ଅଭିନୟ କରିଛନ୍ତି। ଯାଜପୁରରେ ଜନ୍ମିତ ସୋନାଲି ଶର୍ମିଷ୍ଠାଙ୍କ ସହ ଏଥରର 'ଧରିତ୍ରୀ ଆଳାପ'।



ଅଭିନେତ୍ରୀ ସୋନାଲି ଶର୍ମିଷ୍ଠା ମହାନ୍ତି

**ଇଞ୍ଜିନିୟରିଂରୁ ଏଣ୍ଟରଟେନ୍‌ମେଣ୍ଟ ଦୁନିଆକୁ କିଭଳି ଆସିଲେ ?**

■ ମୁଁ ଇଞ୍ଜିନିୟରିଂ ପଢ଼ିବା ପରେ ଦ୍ୱନ୍ଦ୍ୱରେ ଥିଲି କ'ଣ କରିବି। ମୋତେ କୌଣସି ଚାକିରି କରିବାର ନ ଥିଲା। ତେଣୁ ମୁଁ ଆକ୍ଟିଂ କୋର୍ସ କଲି। ସେଠୁ ମୋତେ ବାହାରକୁ ଯିବାକୁ ଇଚ୍ଛା ହେଲା। ମୁମ୍ବାଇରେ ରହିବା ପରେ ମୋ ରୁମ୍‌ମେଟ୍‌ଙ୍କ ସହଯୋଗରେ ଜଣେ ବ୍ୟାକ୍ ଗ୍ରାଉଣ୍ଡ ଆର୍ଟିଷ୍ଟ ଭାବେ କାମ ମିଳିଲା। ଏହା ଭିତରେ ମୁଁ ଧୀରେ ଧୀରେ ଆଡ୍ ଶୁଟ୍ ଆଉ ଫିଲ୍ମ କରିବାକୁ ଆଗ୍ରହ ପ୍ରକାଶ କଲି। ଏବେ ଫିଲ୍ମ, ୱେବ୍‌ସିରିଜ୍‌ରେ କାମ କରୁଛି।

**ପରିବାରର ସହଯୋଗ କିଭଳି ଥିଲା?**

■ ପ୍ରଥମରୁ ମୁଁ ହିଁ କ୍ଲିଅର୍ ନ ଥିଲି। ଆଉ ପରିବାର ଲୋକଙ୍କର ମଧ୍ୟ ଏ କ୍ଷେତ୍ରରେ ଏତେ ଚିହ୍ନାଜଣା ନ ଥିଲା। ମୁମ୍ବାଇ ଯିବା କଥା ଶୁଣିବା ପରେ ମା' ମୋତେ ଗୋଟିଏ ବର୍ଷ ପାଇଁ ଛାଡ଼ିଥିଲେ। କିନ୍ତୁ ମୁଁ ଗ୍ଲାମର୍ ନ ଥିଲି ଆଉ ଆଜି ବି ସେତେ ନୁହଁ। ତେଣୁ ପରିବାର ଲୋକଙ୍କୁ ଲାଗୁଥିଲା କି ମୁଁ ଏମିତି ସ୍ୱପ୍ନ ଦେଖୁଛି, ଆଉ କହୁଛି। ବେଳେବେଳେ ସେମାନେ ଭାବୁଥିଲେ ମୁଁ ଭୁଲ୍ ଟ୍ରାକ୍‌ରେ ଯାଉଛି। ମାତ୍ର ସମୟ ସହ ସବୁକିଛି ଠିକ୍ ହୋଇଗଲା।

**ଓଡ଼ିଶାରେ ସୋନାଲିଙ୍କ ଏହି ପରିଚୟ ସମ୍ପର୍କରେ କ'ଣ କହିବେ?**

■ ପ୍ରାୟତଃ ଅନେକ ଜାଣନ୍ତିନି କି ମୁଁ ଓଡ଼ିଶାର। ମୋର ସେତେ ମିଡିଆ କଭରେଜ ବି ନାହିଁ। ପପୁଲାରିଟି ପାଇଁ ହିଁ ଲୋକଙ୍କୁ ଏହି ଲାଇନ୍‌ଟା ଅଧିକ ଆଟ୍ରାକ୍ଟ କରେ। ମୋ ମା, ବାପାଙ୍କର ବି ସବୁବେଳେ ପ୍ରଶ୍ନ ଥାଏ, ତୁ କରିନା କପୁର୍, କାଜଲ, ରଣବୀର ଆହୁରି ବି ଅନେକ ଷ୍ଟାର୍‌ଙ୍କ ସହ କାମ କରିଛୁ। କିନ୍ତୁ ତୋତେ କେହି ଜାଣୁନାହାନ୍ତି କ'ଣ ପାଇଁ। ମାତ୍ର ଏହି ପ୍ରଶ୍ନର ଉତ୍ତର କିଛି ନ ଥାଏ ମୋ ପାଖେ। ଭାବୁଛି ସମୟ ଆସିଲେ ସବୁ ଠିକ୍ ହୋଇଯିବ।

**୩ ଇଣ୍ଡଷ୍ଟ୍ରିରେ ଆପଣଙ୍କ ଅନୁଭୂତି...?**

■ ମୁଁ ୩ଟା ଇଣ୍ଡଷ୍ଟ୍ରିରେ କାମ କରିଛି। ମାଲୟାଲମ୍‌ରେ ସେମାନେ ବହୁତ ସରଳ। କାମରେ ଫୋକସ୍ କରନ୍ତି, ଆଉ ଗ୍ଲାମର୍‌ରୁ ଦୂରେଇ ରୁହନ୍ତି। ଶୋ'ବାଜି ସେ ଇଣ୍ଡଷ୍ଟ୍ରିରେ ବିଲ୍‌କୁଲ୍ ନାହିଁ। ବଲିଉଡ୍‌ରେ ୨ଟା ୱାର୍ଲ୍ଡ। ସିରିଏଲ୍ ପୂରା ଗ୍ଲାମର୍ ଆଉ ମୁଭି ଏବଂ ୱେବ୍‌ସିରିଜ୍ ପାଇଁ ସେମାନେ କେହି ପୋର୍ଟଫୋଲିଓ ଦେଖନ୍ତିନି। ରିୟଲ୍‌ରେ କେମିତି ଦେଖିବାକୁ, ସେମିତି ଫଟୋ ବା ଅଡିଶନ୍ ଦେବାକୁ କୁହନ୍ତି। ଲବି ବେଶି କାମ ଦିଏନି। କାରଣ ବାହାରୁ କେହି ସେଠି ପହଞ୍ଚି ଲବିରେ କାମ କରିବାକୁ ନିହାତି ୧୦ବର୍ଷ ଲାଗିଯିବ। ତେଣୁ ଅଡିଶନ୍ ଦେଇ ପ୍ରଡକ୍ସନରୁ ପ୍ରଡକ୍ସନ କାମ କରିବାକୁ ହୁଏ। ସେହିପରି ଓଡ଼ିଶାରେ କାଷ୍ଟିଂ ହୁଏନି ବୋଲି ମୋତେ ଲାଗେ। ଲବି ଆଉ ରେଫରେନ୍ସରେ ହୋଇଥାଏ।

**କାହାକୁ ପ୍ରେରଣା ଭାବେ ମାନନ୍ତି?**

■ ଅଭିନେତ୍ରୀ ସ୍ମିତା ପାଟିଲ୍‌ଙ୍କୁ ବହୁତ ମାନେ। ସେହିପରି ନୱାଜୁଦ୍ଦିନ୍‌ଙ୍କୁ ମଧ୍ୟ। କାରଣ ସେ ଆସିବା ପରେ ଇଣ୍ଡଷ୍ଟ୍ରିରେ ପରିବର୍ତ୍ତନ ହୋଇଛି। ଡାର୍କ କମ୍ପ୍ଲେକ୍ସ ଯେ ହିରୋ ହୋଇପାରିବେନି ସେ ସବୁ ଉଠିକି ଏବେ ଗୋଟେ ଆର୍ଟିଷ୍ଟିକ୍ କାମ ହେଉଛି।

**ନିଜର କେଉଁ କାମ ଅଧିକ ପସନ୍ଦ ଆସିଛି?**

■ ୱେବ୍‌ସିରିଜ୍ 'ଦିଲ୍ଲୀ କ୍ରାଇମ୍'ର ଚନ୍ଦା ଚରିତ୍ର ମୋତେ ବହୁତ ପରିଚୟ ଦେଇଛି।

**ପ୍ରଥମ ପାରିଶ୍ରମିକ କେତେ ଥିଲା?**

■ ୫୦୦ଟଙ୍କା ଥିଲା। ଆଉ ଏଇଟା ବି ଓଡ଼ିଶାରୁ ମିଳିଥିଲା। କେହି ଜାଣନ୍ତିନି। ମୁଁ ଯେବେ ଆକ୍ଟିଂ କୋର୍ସ କରୁଥିଲି ସେବେ ଷ୍ଟୁଡେଣ୍ଟ ଭାବେ କାଷ୍ଟିଂ କରାଯାଇଥିଲା। ସେତେବେଳେ ମାନିନୀ ସିରିଏଲ୍‌ରେ ଗୋଟିଏ ଦିନ ପାଇଁ କାମ କରିଥିଲି। ପୁଣି ୩ବର୍ଷ ପରେ ଯାଇ ଓଡ଼ିଶାରେ କାମ କଲି।

**ଆଗାମୀ ଯୋଜନା କ'ଣ ରହିଛି?**

■ ମୋର ସବୁବେଳେ ଇଚ୍ଛା ଅଲଗା ଅଲଗା ଚରିତ୍ର ଟ୍ରାଏ କରିବି। ଭଲ ନିର୍ଦ୍ଦେଶକଙ୍କ ସହ କାମ କରିବାର ଇଚ୍ଛା ଅଛି। ମୋର ଫିଲ୍ମ ଫେଷ୍ଟିଭାଲ୍ ପ୍ରତି ଦୁର୍ବଳତା ରହିଛି। ମୋର ସ୍ୱପ୍ନ ଅଛି ଯେ, ମୋ କାମ ସବୁ ଫେଷ୍ଟିଭାଲରେ ପହଞ୍ଚୁ।

**– ସାକ୍ଷାତ୍କାର : ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର**

DHARITRI

ଭୁବନେଶ୍ୱର, ସୋମବାର, ନଭେମ୍ବର ୨୦/୨୦୨୩ | Bhubaneswar, Monday, November 20/2023 | ପୃଷ୍ଠା-୧



**ପୁଣି ହୃଦୟ ଜିତିଲେ ଶାହରୁଖ**

ବିଶ୍ୱକପ ଫାଇନାଲ ମ୍ୟାଚ ଦେଖିବାକୁ ଷ୍ଟାଡିୟମରେ ଆଶା ଭୋସ୍‌ଲେଙ୍କ ସହ ବସିଥିବା ଶାହରୁଖ୍ ଖାନ୍ ଗାୟିକାଙ୍କ ଅଇଁଠା କପ୍ ଉଠାଇ ପ୍ରଶଂସକଙ୍କ ହୃଦୟ ଜିତିଛନ୍ତି।

୦୯

୧୪

**ଭର୍ଷ୍ଟାପେନ୍‌ଙ୍କୁ ଟାଇଟଲ**

ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଲାସ୍‌ଭେଗାସ ଫର୍ମୁଲା ୱାନ ମୋଟର ରେସ୍ ଗ୍ରାଁ ପ୍ରି ଜିତିଛନ୍ତି।



# ଅଷ୍ଟ୍ରେଲିଆ ଜିତିଲା

## ଭାରତୀୟଙ୍କ ଆଶା ଚୂର୍‌ମାର

**ଅହମଦାବାଦ, ୧୯।୧୧**

ଦର୍ଶକଭରା ଷ୍ଟାଡିୟମରେ ଭରପୂର ସମର୍ଥନ, ଦେଶବ୍ୟାପୀ ଆନନ୍ଦ, ଉତ୍ସାହ ଓ ପୂଜାର୍ଚ୍ଚନା ସବୁକିଛି ଫିକା ପଡ଼ିଲା। କ୍ରମାଗତ ୧୦ ମ୍ୟାଚ୍ ବିଜୟର ଖୁସି ଗୋଟିଏ ଦିନରେ ମଉଳିଗଲା। କୋଟି କୋଟି ଭାରତୀୟଙ୍କ ଆଶା ଚୂର୍‌ମାର ହୋଇଗଲା। ଯେଉଁ ଷ୍ଟାଡିୟମରେ ପାକିସ୍ତାନକୁ ହରାଇବାପରେ ଭାରତର ବିଜୟ ଧ୍ୱଜା ଉଡ଼ିଥିଲା ସେହିଠାରେ ହିଁ ଦର୍ଶକଙ୍କ କୋଳାହଳ ନୀରବତାରେ ଛାଇଗଲା। ଦିନିକିଆ କ୍ରିକେଟ୍ ବିଶ୍ୱକପ୍ ଟ୍ରଫି ଜିତିବାର ପ୍ରତୀକ୍ଷା ପୁଣି ବଢ଼ିଲା। ରବିବାର ଅନୁଷ୍ଠିତ ଫାଇନାଲରେ ଅଷ୍ଟ୍ରେଲିଆ ନିକଟରୁ ପରାଜୟ କୋଟି କୋଟି କ୍ରିକେଟପ୍ରେମୀଙ୍କ ହୃଦୟରେ କ୍ଷତ ଭରିଦେଲା। ଅନ୍ୟପକ୍ଷରେ ୬ ଉଇକେଟ୍‌ରେ ବିଜୟ ସହ ୬ଷ୍ଠଥର ପାଇଁ ବିଶ୍ୱବିଜେତା ହେଲା ଅଷ୍ଟ୍ରେଲିଆ। ଟସ୍ ଜିତି ଫିଲ୍ଡିଂ ନେବାଠାରୁ ଆରମ୍ଭକରି ପ୍ୟାଟ୍ କୁମିନ୍ସଙ୍କ ଫିଲ୍ଡ ପ୍ଲେସିଂ ଏବଂ ବୋଲିଂ ପରିବର୍ତ୍ତନ ଆଦି ସବୁ ନିଷ୍ପତ୍ତି ମ୍ୟାଜିକ୍‌ପରି କାମ ଦେଲା। ବିରାଟ କୋହଲି ଓ ଲୋକେଶ ରାହୁଲଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ଭାରତ ୫୦ ଓଭରରେ ୨୪୦ ରନ୍‌କରି ଅଲ୍‌ଆଉଟ ହୋଇଥିଲା। ୨୪୧ ରନ୍ ବିଜୟ ଲକ୍ଷ୍ୟକୁ ଅଷ୍ଟ୍ରେଲିଆ ଟ୍ରାଭିସ୍ ହେଡ୍‌ଙ୍କ ଶତକ ସହାୟତାରେ ୪୩ ଓଭରରେ ୪ ଉଇକେଟ ହରାଇ ହାସଲ କରିନେଇଥିଲା। ଏଥିସହ ଲିଗ୍ ମ୍ୟାଚ୍ ପରାଜୟର ମଧୁର ପ୍ରତିଶୋଧ ନେଇଥିଲା ପ୍ୟାଟ୍ କୁମିନ୍ସଙ୍କ ଦଳ।

ପିଚ୍‌ର ପ୍ରକୃତିକୁ ପଢ଼ିଥିବା ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କୁମିନ୍ସ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଟିମ୍ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା କିନ୍ତୁ ବ୍ୟାଟିଂ ସପକ୍ଷରେ ଥିବା କହିଥିଲେ। ଅର୍ଥାତ୍ ଦୁଇ ଅଧିନାୟକ ଯାହା ଚାହୁଁଥିଲେ ତାହା ପାଇଥିଲେ। ଶୁବମନ ଗିଲ ମାତ୍ର ୪ ରନ୍ କରି ଆଉଟ୍ ହେବାରୁ କୁମିନ୍ସଙ୍କ ନିଷ୍ପତ୍ତି ଠିକ୍ ଲାଗିଥିଲା। ମାତ୍ର ରୋହିତ ଓ ବିରାଟ କୋହଲିଙ୍କ ଯୋଡ଼ି ଦ୍ୱିତୀୟ ଉଇକେଟରେ ୩୨ ବଲ୍‌ରୁ ୪୬ ରନ୍ ସଂଗ୍ରହ କରିବାରୁ ଭାରତ ସ୍କୋର ପାୱାର ପ୍ଳେ୧୦ ଓଭରରେ ୮୦ରେ ପହଞ୍ଚିଯାଇଥିଲା। ତେଣୁ ରୋହିତ ମଧ୍ୟ ନିଜ ନିଷ୍ପତ୍ତିରେ ଠିକ୍‌ଥିବା ଅନୁଭବ ହୋଇଥିଲା। ମାତ୍ର ୧୦ମ ଓଭରରେ ରୋହିତ (୪୭ ରନ୍, ୩୧ ବଲ, ୪ ଚୌକା, ୩ ଛକା) ଓ ୧୧ତମ ଓଭରରେ ଶ୍ରେୟସ ଆୟର (୪) ଆଉଟ ହେବାରୁ ଭାରତକୁ ୪ ବଲ୍ ବ୍ୟବଧାନରେ ଡବଲ୍ ଝଟ୍‌କା ଲାଗିଥିଲା। କୋହଲି ଓ ଲୋକେଶ ରାହୁଲ ☞ପୃଷ୍ଠା-୬



ଟ୍ରଫି ସହ ଦିନିକିଆ କ୍ରିକେଟ୍ ବିଶ୍ୱକପ୍ ବିଜୟୀ ଅଷ୍ଟ୍ରେଲିଆ ଦଳ।

# ଭାରତରେ ସାଇବର ଅପରାଧ ଅଧିକ

**ବେଙ୍ଗାଲୁରୁ,୧୯।୧୧(ପି.ଟି.)**

ବିଶ୍ୱରେ ଘଟୁଥିବା ହାରାହାରି ସାଇବର ଅପରାଧ ତୁଳନାରେ ଭାରତରେ ଏହା ପାଖାପାଖି ୨ ଗୁଣ ବୋଲି ନ୍ୟାଶନାଲ ସାଇବରସିକ୍ୟୁରିଟି କୋଅର୍ଡିନେଟର ଏମ୍.ୟୁ. ନାୟାର ରବିବାର କହିଛନ୍ତି। ସିନର୍ଜିଆ କନ୍‌କ୍ଲେଭ୍ ୨୦୨୩ରେ ‘ଆଲାଇନିଂ ଟେକ୍‌ନୋଲୋଜିଜ୍ ଟୁ ଫ୍ୟୁଚର କନ୍‌ଫ୍ଲିକ୍ଟସ୍’ ଉପରେ ଉଦ୍‌ବୋଧନ ଦେଇ ନାୟାର କହିଛନ୍ତି, ଗତ ୧୦ ମାସରେ ହାରାହାରି ରାନ୍‌ସମ୍‌ୱେର ଆଟାକ୍ ପାଖାପାଖି ୧.୫୪ ବିଲିୟନ ଡଲାର ଉପରେ ହୋଇଛି, ଯାହାକି ୨୦୨୨ ପରଠାରୁ ଦୁଇଗୁଣ। ଏଭଳି ଅପରାଧ ମଧ୍ୟରୁ ଅଧିକାଂଶର ରିପୋର୍ଟ ହେଉ ନ ଥିବାରୁ ଉଲ୍ଲେଖ ହୋଇଥିବା ପେମେଣ୍ଟ ପ୍ରକୃତ ସାଇବର ଠକେଇ ତୁଳନାରେ ଯଥେଷ୍ଟ କମ୍ ବୋଲି ସେ କହିଛନ୍ତି। ଗତ ୬ ମାସରେ ହାରାହାରି ୨,୧୨୭ ଥର ସାଇବର ଘଟଣା ଘଟିଥିବା ଭାରତୀୟ ସାଇବରସ୍ପେସ୍ ଦେଖିବାକୁ ପାଇଛି। ବିଶ୍ୱ ସ୍ତରରେ ଏହା ହାରାହାରି ☞ପୃଷ୍ଠା-୬




# ସୁରକ୍ଷା ବଳୟ ଭାଙ୍ଗିଲେ ପାଲେଷ୍ଟାଇନ୍ ସମର୍ଥକ



**ଅହମଦାବାଦ,୧୯।୧୧(ପି.ଟି)**

ରବିବାରର ଫାଇନାଲ ମ୍ୟାଚ୍ ଅବସରରେ ପାଲେଷ୍ଟାଇନକୁ ସମର୍ଥନ କରୁଥିବା ଜଣେ ଦର୍ଶକ ସୁରକ୍ଷା କର୍ଡନ ଭାଙ୍ଗି ପଡ଼ିଆ ମଧ୍ୟକୁ ପ୍ରବେଶ କରିଥିଲେ। ପ୍ରଥମ ଇନିଂସର ଡ୍ରିଙ୍କ୍ସ ବ୍ରେକ ସମୟରେ ଏହି ଘଟଣା ଘଟିଥିଲା। ମୂଳତଃ ଚାଇନିଜ୍-ଫିଲିପାଇନ୍ସ ଜନ୍ମିତ ଏହି ଅଷ୍ଟ୍ରେଲୀୟ ନାଗରିକ ଜଣକ ବିରାଟ କୋହଲିଙ୍କୁ ଆଲିଙ୍ଗନ କରିବାକୁ ପ୍ରୟାସ କରିଥିଲେ। ଫ୍ରି ପାଲେଷ୍ଟାଇନ୍(ପାଲେଷ୍ଟାଇନକୁ ମୁକ୍ତକର)ସ୍ଲୋଗାନ ଲେଖା ଥିବା ଟି-ଶାର୍ଟ ପିନ୍ଧିବା ସହିତ ତୁଟିକୁ ପାଲେଷ୍ଟାଇନ୍ ଜାତୀୟ ପତାକା ରଙ୍ଗରେ ରଙ୍ଗାଇଥିଲେ ଯୁବକ। ଏହି ଯୁବକଙ୍କ ☞ପୃଷ୍ଠା-୬

# ଶେନିସ୍ ପାଲାସିଓସ୍ ମିସ୍ ୟୁନିଭର୍ସ

**ନୂଆଦିଲ୍ଲୀ,୧୯।୧୧**



ସମସ୍ତ ୮୩ ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ଚଳିତବର୍ଷର ବ୍ରହ୍ମାଣ୍ଡ ସୁନ୍ଦରୀ ହେବାର ଗୌରବ ଲାଭ କରିଛନ୍ତି କେନ୍ଦ୍ରୀୟ ଆମେରିକୀୟ ରାଷ୍ଟ୍ର ନିକାରାଗୁଆର ଶେନିସ୍ ପାଲାସିଓସ୍। ଏଲ୍ ସଲ୍‌ଭାଡୋର୍‌ର ସାନ୍ ସଲଭାଡୋରସ୍ଥିତ ଜୋସେ ଆଡୋଲ୍‌ଫୋ ପିନେଡା ଏରେନାରେ ଶନିବାର ରାତିରେ ଆୟୋଜିତ ମିସ୍ ୟୁନିଭର୍ସ ପିଜେଣ୍ଟର ୭୨ତମ ସଂସ୍କରଣରେ ସେ ଏହି ମର୍ଯ୍ୟାଦାଜନକ ମୁକୁଟ ହାସଲ କରିଛନ୍ତି। ଲାଟିନ୍ ଆମେରିକାର ଅନ୍ୟତମ ଗରିବ ଦେଶ ନିକାରାଗୁଆ ପ୍ରଥମ ଥର ପାଇଁ ଅନ୍ତର୍ଜାତୀୟ ସୁନ୍ଦରୀ ପ୍ରତିଯୋଗିତା (ମିସ୍ ୟୁନିଭର୍ସ ୨୦୨୩)ରେ ସଫଳତା ପାଇଛି। ଶେନିସ୍ ପାଲାସିଓସ୍‌ଙ୍କୁ ବିଜୟୀ ଘୋଷଣା କରାଯାଇଥିବାବେଳେ ମିସ୍ ଥାଇଲାଣ୍ଡ ଆଣ୍ଟୋନିଆ ପୋର୍‌ସିଲ୍ଡ ଏବଂ ମିସ୍ ଅଷ୍ଟ୍ରେଲିଆ ମୋରାୟା ୱିଲ୍‌ସନ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ରନର-ଅପ୍ ହୋଇଛନ୍ତି। ପାଲାସିଓସ୍‌ଙ୍କୁ ୨୦୨୨ର ମିସ୍ ୟୁନିଭର୍ସ ତଥା ଆମେରିକୀୟ ☞ପୃଷ୍ଠା-୬

**ଆଜିର ସମ୍ପାଦକୀୟ** ଦାୟିତ୍ୱହୀନତାକୁ ଦଣ୍ଡ ନାହିଁ



"ଦେବତାମାନଙ୍କ ଅପେକ୍ଷା ଅସୁରମାନେ ବେଶି ବଳବାନ୍। କାରଣ ଭଗବାନ୍‌ଙ୍କ ସଙ୍ଗେ ସେମାନଙ୍କର ସର୍ତ୍ତ ହୋଇଛି ଯେ, ସେହିମାନେ ହିଁ ଭଗବାନ୍‌ଙ୍କ କ୍ରୋଧ ଆଉ ଶତ୍ରୁତା ସମ୍ମୁଖରେ ଠିଆହେବେ। ସହ୍ୟ ମଧ୍ୟ କରିବେ ତାଙ୍କର ଭାର। ଦେବତାମାନେ କେବଳ ଭଗବାନ୍‌ଙ୍କ ପ୍ରେମ ଗ୍ରହଣ କରିପାରିଲେ– ତାଙ୍କର ସୁନ୍ଦରତର ଆନନ୍ଦର ସୁଖକର ଭାର। **–ଶ୍ରୀଅରବିନ୍ଦ**

# ଦାୟିତ୍ୱହୀନତାକୁ ଦଣ୍ଡ ନାହିଁ

ଭାରତ ସୁପରପାୱାର ହେବ ବୋଲି ନେତାମାନେ ବାରମ୍ବାର କହୁଛନ୍ତି। ଏହାର ଅର୍ଥନୀତି ଆଗାମୀ ଦିନରେ ୫ ଟ୍ରିଲିୟନ ଡଲାର ଛୁଇଁ ରେକର୍ଡ କରିବ ଏବଂ ବିଶ୍ୱରେ ଲାଗି ରହିଥିବା ଯୁଦ୍ଧକୁ ବନ୍ଦ କରିବାର କ୍ଷମତା ଭାରତର ଅଛି ବୋଲି ଗୋଟେ 'ଘୋ' ସୃଷ୍ଟି କରାଯାଉଛି। ହେଲେ ବାସ୍ତବତା ଦେଖିଲେ ନିରାଶ ହେବାକୁ ପଡୁଛି। ଏହାର ସଦ୍ୟ ବିଫଳତା ହେଉଛି ଉତ୍ତରାଖଣ୍ଡରେ ଭୁଶୁଡ଼ିପଡ଼ିଥିବା ନିର୍ମାଣାଧୀନ ସିଲ୍‌କିୟାରା ଟନେଲରେ ୮ ଦିନ ଧରି ଫସି ରହିଥିବା ୪୧ ଶ୍ରମିକଙ୍କୁ ଉଦ୍ଧାର କରାଯାଇପାରୁ ନାହିଁ। ଉଦ୍ଧାରକାରୀ ଦଳ କହୁଛନ୍ତି ଯେ, ସବୁ ଶ୍ରମିକ ନିରାପଦରେ ଅଛନ୍ତି ଏବଂ ସେମାନଙ୍କ ନିକଟକୁ ଖାଦ୍ୟ, ଔଷଧ ଆଦି ପଠାଯାଉଛି। ୭ ଦିନ ଟନେଲ ଭିତରେ ଫସି ରହିଥିବା ଶ୍ରମିକମାନେ ନିଶ୍ଚିତ ଭାବେ ଶାରୀରିକ ଓ ମାନସିକ ଦୃଷ୍ଟିରୁ ଦୁର୍ବଳ ହୋଇଯିବା ସ୍ୱାଭାବିକ। ଡ୍ରିଲିଂ କରାଯାଇ ସେମାନଙ୍କୁ ଉଦ୍ଧାର କରିବା ସକାଶେ ଯେଉଁ ପଦ୍ଧତି ଅବଲମ୍ବନ କରାଯାଉଛି, ସେଥିରେ ମାଟି ଧସି ସ୍ଥିତି ଆହୁରି ସଙ୍ଗୀନ ହେଉଥିବାରୁ ଉକ୍ତ କାର୍ଯ୍ୟ କିଛି ସମୟ ବନ୍ଦ ରଖାଯାଇଥିଲା। ଇନ୍ଦୋରରୁ ଦ୍ୱିତୀୟ ମେଶିନ ଆସିବା ପରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଥିବା କୁହାଯାଉଛି। ଇତିମଧ୍ୟରେ ଥାଇଲାଣ୍ଡର ଉଦ୍ଧାରକାରୀ ଦଳର ବିଶେଷଜ୍ଞଙ୍କ ପରାମର୍ଶ ନିଆଯାଉଛି। ତଥାପି ଏ ଦିଗରେ କୌଣସି ଅଗ୍ରଗତି ଘଟିଥିବା ଭଳି ମନେ ହେଉନାହିଁ।

ଅନ୍ୟ ଦେଶରେ ଏଭଳି ଦୁର୍ଘଟଣା ଘଟିଲେ ପୃଥିବୀର ସବୁ ବିଶେଷଜ୍ଞ ତତ୍‌କ୍ଷଣାତ୍ ସାହାଯ୍ୟ କରିବା ପାଇଁ ବୈଷୟିକ ଜ୍ଞାନ ଓ ସରଞ୍ଜାମ ପହଞ୍ଚାଇ ଦିଅନ୍ତି। ଆଜିର ନୂତନ ଭାରତ ନିଜକୁ ଏଭଳି ସ୍ଥିତିରେ ପକାଇଲାଣି ଯେଉଁଥିରେ କୌଣସି ଦୁର୍ଘଟଣା ଘଟିଲେ ସେଥିରେ ସାହାଯ୍ୟର ହାତ ବଢ଼ାଇବା ପାଇଁ କେହି ନାହିଁ। ମନେପଡ଼େ କେରଳରେ ପ୍ରବଳ ବନ୍ୟା ବେଳେ କେନ୍ଦ୍ର ସରକାର ଯେଉଁଭଳି ଭାବେ ବାହ୍ୟ ସାହାଯ୍ୟକୁ ଅଗ୍ରାହ୍ୟ କରିଦେଇଥିଲେ। ସେହି ନିଷ୍ପତ୍ତି ପଛରେ ମାନସିକତା ଥିଲା ଯେ କେରଳ ଏକ ବାମପନ୍ଥୀ ଶାସିତ ରାଜ୍ୟ ଏବଂ ସେଠାରେ ସାହାଯ୍ୟ ପହଞ୍ଚିବାରେ କେନ୍ଦ୍ରରେ ଶାସନ କରୁଥିବା ଭାଜପା କୌଣସି ଭାବେ ସହଯୋଗ କରିବ ନାହିଁ। ଏବେ ଉତ୍ତରାଖଣ୍ଡରେ ଭାଜପା ସରକାର ଥିବାବେଳେ କୌଣସି ଦେଶରୁ ସାହାଯ୍ୟ ଆସୁନାହିଁ। ହୁଏତ ଥରେ ବନ୍ଦ କରିଦେଲେ ପୁନର୍ବାର ସେହି ଦ୍ୱାର ଖୋଲିବା ସହଜ ହୁଏ ନାହିଁ। ସେହି ଗରିବ ଶ୍ରମିକ ମରିଗଲେ ମଧ୍ୟ ଆମ ଦେଶରେ ଧର୍ମଗୁରୁମାନେ ତାଙ୍କର ଲୀଳା ବନ୍ଦ କରିବେ ନାହିଁ କିମ୍ବା ଦେଶରେ ପ୍ରଚାର ହେଉଥିବା ବିଭିନ୍ନ ଅସତ୍ୟକୁ ରୋକିବା ପାଇଁ କାହାରି ଇଚ୍ଛା ନାହିଁ। ଅପରପଟେ ଆମ ନିଜ ଦକ୍ଷତାରେ କୌଣସି ଉନ୍ନତି ଦେଖିବାକୁ ମିଳୁନାହିଁ।

> **ଈଶ୍ୱରବିଶ୍ୱାସୀ ହେବାକୁ ଖୁଣି ହେବ ନାହିଁ। କିନ୍ତୁ ନିଜର ଦାୟିତ୍ୱ ପାଳନ ନ କରି ହାତ ଟେକି ଦେଲେ କୌଣସି ଅଲୌକିକତା କାମ ଦେଇ ନ ଥାଏ। ତାହା ସମ୍ଭବପର ହେଉଛି କାରଣ ଆମ ଦେଶରେ ଦାୟିତ୍ୱହୀନତା ପାଇଁ କୌଣସି ଦଣ୍ଡ ନାହିଁ।**

ଉତ୍ତରାଖଣ୍ଡର ବିଭିନ୍ନ ଅଞ୍ଚଳ କ୍ଷଣଭଙ୍ଗୁର ଓ ଅଧିକାଂଶ ସମୟରେ ଭୂସ୍ଖଳନ ଘଟିଥାଏ। ତେଣୁ ସେଠାରେ ନିର୍ମାଣ କାର୍ଯ୍ୟକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇ ସମ୍ଭାବ୍ୟ ବିପଦକୁ ମୁକାବିଲା କରିବା ସକାଶେ ବିକଳ୍ପ ବ୍ୟବସ୍ଥା କରାଯାଇନାହିଁ। ଏପରି କି ଟନେଲ ନିର୍ମାଣ କ୍ଷେତ୍ରରେ କିଛି ଦୂରତାରେ ନିରାପଦ ପ୍ରସ୍ଥାନ ବାଟ ରହିବା କଥା। ତାହା ମଧ୍ୟ କରାଯାଇ ନାହିଁ। ଏଭଳି ସ୍ଥଳେ ଇଞ୍ଜିନିୟରିଂ ଓ ଡ୍ରିଲିଂ କାର୍ଯ୍ୟରେ ନିୟୋଜିତ ଦଳର ମୁଖ୍ୟ ଆଦେଶ ଜୈନ କହିଛନ୍ତି, ସେ ଜୈନ ଧର୍ମରେ ଦୀକ୍ଷିତ। ସେ ସବୁ କିଛି ଈଶ୍ୱରଙ୍କ ଉପରକୁ ଛାଡ଼ି ଦେଇଛନ୍ତି। ଏବେ ଧର୍ମ ବାହାନାରେ ଦାୟିତ୍ୱ ଏଡ଼ାଇଯିବା ଏକ ସାଧାରଣ କାର୍ଯ୍ୟ ହୋଇଗଲାଣି। ଏହା କେବଳ ଉଦ୍ଧାର ଦାୟିତ୍ୱରେ ଥିବା ଆଦେଶ ଜୈନ୍‌ଙ୍କ ପାଖରେ ସୀମିତ ନୁହେଁ, ଦଙ୍ଗା ବେଳେ ପୋଲିସଠାରୁ ଆରମ୍ଭ କରି ସାଧାରଣ ନାଗରିକ ମଧ୍ୟ ଏହିଭଳି ଦାୟିତ୍ୱହୀନ ଆଭିମୁଖ୍ୟ ପ୍ରଦର୍ଶନ କରି ଗୌରବାନ୍ୱିତ ହେଉଛନ୍ତି। ଆଦେଶ ଜୈନ୍ ଏପରି ମାରାତ୍ମକ ବିବୃତି କାହିଁକି ନ ଦେବେ ? ଉତ୍ତରାଖଣ୍ଡ ହେଉଛି ଭାଜପା ଶାସିତ ରାଜ୍ୟ ଏବଂ ଟନେଲ ଦୁର୍ଘଟଣା ସପ୍ତାହେ ବିତିଯିବା ପରେ ୧୯ ନଭେମ୍ବରରେ ଆଇସିସି ପୁରୁଷ ବିଶ୍ୱକପ୍ କ୍ରିକେଟ ଖେଳ ନିଶାଠାରୁ ଏହି ଦେଶ ପାଇଁ ଅନ୍ୟ କୌଣସି ଦାୟିତ୍ୱ ଅଧିକ ଗୁରୁତ୍ୱ ଧାରଣ କରେ ନାହିଁ। ଏଇଟି ହେଉଛି ଭାରତୀୟଙ୍କ ଦୋଷ। କୌଣସି ସମସ୍ୟାର ମୁକାବିଲା ପାଇଁ ସାଧନ ଯୋଗାଡ଼ ନ କରି ଏବଂ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିବାରେ ବିଫଳ ହେଲେ, ସବୁକିଛି ଭଗବାନଙ୍କ ଉପରେ ଛାଡ଼ି ଦିଅନ୍ତି। ଈଶ୍ୱରବିଶ୍ୱାସୀ ହେବାକୁ ଖୁଣି ହେବ ନାହିଁ। କିନ୍ତୁ ନିଜର ଦାୟିତ୍ୱ ପାଳନ ନ କରି ହାତ ଟେକି ଦେଲେ କୌଣସି ଅଲୌକିକତା କାମ ଦେଇ ନ ଥାଏ। ତାହା ସମ୍ଭବପର ହେଉଛି କାରଣ ଆମ ଦେଶରେ ଦାୟିତ୍ୱହୀନତା ପାଇଁ କୌଣସି ଦଣ୍ଡ ନାହିଁ।

ଏହି ପରିପ୍ରେକ୍ଷୀରେ ଆଉ ଯେଉଁ ବିଷୟଟି ଅନେକଙ୍କୁ ବିଷମ ଲାଗୁଛି, ତାହା ହେଲା ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କ ଚରିତ୍ର। ଗୋଟେ ଟନେଲ ଧସି ଯାଇ ଦେଶର ବିଭିନ୍ନ ପ୍ରାନ୍ତରୁ ସେଠାରେ କାର୍ଯ୍ୟ କରୁଥିବା ୪୧ ଜଣ ଶ୍ରମିକ ଜୀବନ ସହ ସଂଘର୍ଷ କରୁଥିବା ବେଳେ ଧାମି ମଧ୍ୟପ୍ରଦେଶ ଯାଇ ନିର୍ବାଚନ ପ୍ରଚାରରେ ମାତିଥିଲେ। ଏହା ହେଉଛି ବିପଦରେ ପଡ଼ିଥିବା ଲୋକଙ୍କ ପ୍ରତି ନେତୃତ୍ୱ ନେଉଥିବା ବ୍ୟକ୍ତିଙ୍କ ବେଖାତିର ବୋଲି କୁହାଯାଇପାରେ।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 3 | 1 | | | | | |
| 4 | 8 | | | | | | 3 | |
| | | | | 6 | | | 4 | 9 |
| | 2 | | 6 | | | | | 7 |
| | | | 5 | | | | | |
| | | 6 | 7 | | | | | 8 |
| 6 | | | 2 | | | | | 4 |
| 5 | 9 | | | | 8 | | | 3 |
| | | 7 | | | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 8 | 6 | 4 | 9 | 7 | 2 | 3 |
| 2 | 4 | 7 | 1 | 5 | 3 | 9 | 6 | 8 |
| 6 | 9 | 3 | 8 | 2 | 7 | 5 | 4 | 1 |
| 3 | 2 | 9 | 4 | 7 | 1 | 8 | 5 | 6 |
| 8 | 6 | 1 | 2 | 9 | 5 | 4 | 3 | 7 |
| 4 | 7 | 5 | 3 | 6 | 8 | 2 | 1 | 9 |
| 9 | 3 | 6 | 5 | 8 | 2 | 1 | 7 | 4 |
| 7 | 5 | 4 | 9 | 1 | 6 | 3 | 8 | 2 |
| 1 | 8 | 2 | 7 | 3 | 4 | 6 | 9 | 5 |

ଗତକାଲିର ଉତ୍ତର

# ଖଣିରେ ପୋତି ହୋଇ ନ ଯାଆନ୍ତୁ ଆଦିବାସୀ



ବିଚିତ୍ର ବିଶ୍ୱାଳ

ଯେଉଁଠି ପାହାଡ଼, ଜଙ୍ଗଲ, ଝରଣା ଅଛି, ସେଠି ଆଦିବାସୀମାନେ ଅଛନ୍ତି। ଆଦିବାସୀମାନଙ୍କ ଜୀବନ, ଜୀବିକା ଓ ସଂସ୍କୃତି ପାହାଡ଼, ଜଙ୍ଗଲ ଓ ଝରଣା ସହିତ ଓତପ୍ରୋତ ଭାବେ ଜଡ଼ିତ। କିନ୍ତୁ ଦୁର୍ଭାଗ୍ୟର ବିଷୟ , ପ୍ରଚଳିତ ବିକାଶ ଧାରାରେ ପାହାଡ଼, ଜଙ୍ଗଲ ଓ ଝରଣା ଆଦିବାସୀଙ୍କ ପାଇଁ ଅଭିଶାପରେ ପରିଣତ ହେଉଥିବାର ଦେଖିବାକୁ ମିଳୁଛି। ଦକ୍ଷିଣ ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଥିବା ପାହାଡ଼ର ପେଟ ଭିତରେ ପ୍ରଚୁର ଖଣିଜ ପଦାର୍ଥ ଯଥା ବକ୍ସାଇଟ୍ ଓ ଲୁହାପଥର ଆଦି ଗଚ୍ଛିତ ଅଛି। ସେହି ବକ୍ସାଇଟ୍ ଉପରେ ବହୁରାଷ୍ଟ୍ରୀୟ କଂପାନୀଙ୍କ ଆଖି ଲାଖି ରହିବା ସ୍ୱାଭାବିକ। କିନ୍ତୁ ଯେଉଁଟା ଅସ୍ୱାଭାବିକ, ତାହା ହେଉଛି ଗୋଟିଏ ଜନକଲ୍ୟାଣକାରୀ ଦେଶର ଗଣତାନ୍ତ୍ରିକ ଶାସକ ସେହି ପାହାଡ଼ ଉପରେ ଓ ଜଙ୍ଗଲ ଭିତରେ ରହୁଥିବା ଆଦିବାସୀ ସମାଜକୁ ମୂଳରୁ ଓପାଡ଼ି ଦେଇ ବହୁରାଷ୍ଟ୍ରୀୟ କଂପାନୀକୁ ଖଣି ଖୋଳିବାକୁ ଅନୁମତି ଦେଇଦେବା। ନିୟମଗିରିର କଞ୍ଚା ଘା' ଶୁଖିବା ପୂର୍ବରୁ ପୁଣି ଥରେ ରାୟଗଡ଼ା ଜିଲାର କାଶିପୁର ବ୍ଲକ୍‌ରେ ସିଜିମାଳିରେ ଖଣି ଖନନର ଅନୁମତି ଦିଆଯାଇଛି, ଯାହା ଉକ୍ତ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କର ଜୀବନ ଓ ଜୀବିକାକୁ ସଙ୍କଟ ମଧ୍ୟକୁ ଠେଲିଦେଇଛି। ଯେଉଁ ଆଦିବାସୀମାନେ ଶାନ୍ତିପୂର୍ଣ୍ଣ ଭାବେ ବସବାସ କରିବାକୁ ନେଇ ବେଶ୍ ପରିଚିତ, ସେମାନଙ୍କ ମନ ଭିତରେ ଆଜି ଜୀବନ ଓ ଜୀବିକା ହରେଇବାର ଭୟ ପଶିଯାଇଛି। କେଉଁ ମୁହୂର୍ତ୍ତରେ ଖଣି ଯେ ସେମାନଙ୍କ ଜୀବନ ଓ ଜୀବିକାକୁ ଗିଳି ଦେବ, ତାକୁ ନେଇ ସେମାନଙ୍କର ଚିନ୍ତାର ଶେଷ ନାହିଁ। ଦ୍ୱିତୀୟ ଚିନ୍ତାର ବିଷୟ ହେଉଛି, କଂପାନୀ ପାଇଁ ଖଣି ଖୋଳିବାର ରାସ୍ତାକୁ ସୁଗମ କରିବା ଲାଗି ଖୋଦ୍ ସରକାର ଓ ପୋଲିସ୍ ବାହିନୀ ନିରୀହ ଆଦିବାସୀଙ୍କ ଉପରେ ଜୁଲମ କରିବାର ଅଭିଯୋଗ ଆସୁଛି। ପ୍ରସ୍ତାବିତ ଖଣି ଅଞ୍ଚଳ ସୁଙ୍ଗେର, କଣ୍ଟାମାଳ ଆଦି ଗାଁରୁ ରାତିଅଧିଆ ଗିରଫଦାରି ଆରମ୍ଭ ହୋଇଛି। ନିଜ ଜୀବନ ଜୀବିକାକୁ ରକ୍ଷା କରିବା ପାଇଁ ଖଣି ଖନନକୁ ବିରୋଧ କରୁଥିବା ନିରୀହ ଆଦିବାସୀମାନେ ପୋଲିସ୍ ଡରରେ ଲୁଚି ଲୁଚି ଜଙ୍ଗଲରେ ବୁଲୁଛନ୍ତି। ସେମାନଙ୍କର ମୁଖ୍ୟ ଅପରାଧ ସେମାନେ ନିଜ ଭିଟାମାଟି ତଥା ପାହାଡ଼ ଜଙ୍ଗଲରୁ ବିସ୍ଥାପିତ ହେବାକୁ ରାଜି ନାହାନ୍ତି। କିନ୍ତୁ ଗଣତାନ୍ତ୍ରିକ ଶାସନରେ ଲୋକମାନଙ୍କର ଅରାଜି କ'ଣ ସରକାରଙ୍କ ପାଇଁ ମହତ୍ତ୍ୱ ରଖେ ? ପରିଣାମ ଭବିଷ୍ୟତ କହିବ। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରସ୍ତାବିତ ଖଣି ଅଞ୍ଚଳରେ ଯାହା ପରିସ୍ଥିତି ହୋଇଛି, ସେଥିରୁ ବୁଝାପଡୁଛି ସରଳ ନିରୀହ ଆଦିବାସୀ ଗୋଟିଏ ପଟେ ଥିବା ବେଳେ ଆର ପଟେ ଅଛନ୍ତି ମିଲିଓନାୟାର ବହୁରାଷ୍ଟ୍ରୀୟ କମ୍ପାନୀ, ନିର୍ବାଚିତ ସରକାର ଓ ପ୍ରଶାସନ। ପୁନଶ୍ଚ ଦୁର୍ଭାଗ୍ୟର ବିଷୟ , ବିରୋଧୀ ଦଳମାନେ ମଧ୍ୟ କମ୍ପାନୀ ସାମ୍ନାରେ ଆଣ୍ଠୁ ପାତି ଦେଇ ଆଦିବାସୀଙ୍କ ସ୍ୱାର୍ଥ ବିରୋଧରେ ଯାଇ ଖଣି ଖନନକୁ ଖୋଲାଖୋଲି ସମର୍ଥନ କରୁଛନ୍ତି।



କଳାହାଣ୍ଡି ଜିଲାର ଥୁଆମୂଳ ରାମପୁର ବ୍ଲକ୍ ଓ ରାୟଗଡ଼ା ଜିଲାର କାଶିପୁର ବ୍ଲକ୍‌ସ୍ଥିତ ସିଜିମାଳି ପାହାଡ଼ରେ ୧୫୪୯.୦୨୨ ହେକ୍ଟର ଖଣି ଖନନ ପାଇଁ ବେଦାନ୍ତ କମ୍ପାନୀକୁ ଅନୁମତି ଦିଆଯାଇଛି। ବେଦାନ୍ତ ତରଫରୁ ମୈତ୍ରୀ ଇନ୍‌ଫ୍ରାଷ୍ଟ୍ରକ୍ଚର ଲିମିଟେଡ୍ କମ୍ପାନୀ ଖଣି ଖୋଳିବାର ଠିକା ପାଇଛି। କମ୍ପାନୀର ହିସାବ ଅନୁସାରେ ସିଜିମାଳି ପାହାଡ଼ରେ ସମୁଦାୟ ୨୨୦.୩୯ ମିଲିଅନ୍ ଟନ୍ ବକ୍ସାଇଟ୍ ଗଚ୍ଛିତ ଅଛି, ଯାହାକୁ ଚାରୋଟି ବ୍ଲକ୍‌ରେ ଭାଗ କରି ଖଣି ଖନନର ଯୋଜନା ରହିଛି। ପ୍ରଥମ ବ୍ଲକ୍‌ରେ ୭୬.୯୭ ମିଲିଅନ୍ ଟନ୍‌ର ବକ୍ସାଇଟ୍ ଖନନ ପାଇଁ ପ୍ରସ୍ତାବିତ ହୋଇଛି, ଯେଉଁଠି ଖନନ କାର୍ଯ୍ୟ ପ୍ରାୟ ପନ୍ଦର ବର୍ଷ ଧରି ଚାଲିବାର ସମ୍ଭାବନା ରହିଛି। କମ୍ପାନୀର ରିପୋର୍ଟ ଅନୁସାରେ ସିଜିମାଳି ପାହାଡ଼ଟି ପଥରଭରା ଏକ ଅଦରକାରୀ ଅଞ୍ଚଳ। କିନ୍ତୁ ବାସ୍ତବତା ଏହାଠାରୁ ବହୁତ ଭିନ୍ନ। ସିଜିମାଳି ଖଣି ଖନନ ହେଲେ କାଶିପୁର ବ୍ଲକ୍‌ର ସୁଙ୍ଗେର, ସିନ୍ଦୂରଘାଟି, ତଳଝିରି ଆଦି ପଞ୍ଚାୟତର ଅନେକ ଗ୍ରାମ ସହିତ ଥୁଆମୂଳ ରାମପୁର ବ୍ଲକ୍‌ର କିଛି ଗ୍ରାମ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ହେବ। ସିଜିମାଳି ପାହାଡ଼ରେ ସ୍ଥାନୀୟ ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନେ ପୁରୁଷ ପୁରୁଷ ଧରି ବିଭିନ୍ନ ପ୍ରକାର କ୍ଷୁଦ୍ରଶସ୍ୟ ଚାଷ କରି ନିଜ ଜୀବନ ଜୀବିକା ଚଳେଇ ଆସୁଛନ୍ତି। ସଂପ୍ରତି ରାଜ୍ୟ ସରକାର ଭୁବନେଶ୍ୱରଠାରେ ଅନ୍ତର୍ଜାତୀୟ କ୍ଷୁଦ୍ରଶସ୍ୟ ଉତ୍ସବ ପାଳନ କରିଛନ୍ତି। ଯେଉଁଠି ଆଦିବାସୀମାନଙ୍କ କ୍ଷୁଦ୍ରଶସ୍ୟକୁ ଭୂରି ଭୂରି ପ୍ରଶଂସା କରାଯିବା ସହିତ ତାହାକୁ ପ୍ରୋତ୍ସାହନ ଦେବା ପାଇଁ ଆଲୋଚନା ହୋଇଛି। ଜାତିସଂଘ ବି ଚଳିତବର୍ଷକୁ ଅନ୍ତର୍ଜାତୀୟ କ୍ଷୁଦ୍ରଶସ୍ୟ ବର୍ଷ ଭାବେ ନାମିତ କରିଛନ୍ତି। ବର୍ତ୍ତମାନ ଡାକ୍ତରମାନେ ସ୍ୱାସ୍ଥ୍ୟ ପାଇଁ କ୍ଷୁଦ୍ରଶସ୍ୟର ମହତ୍ତ୍ୱ ଉପରେ ବହୁତ ଗୁରୁତ୍ୱ ଦେଉଛନ୍ତି। ଯଦି ପ୍ରକୃତରେ ସମସ୍ତେ କ୍ଷୁଦ୍ରଶସ୍ୟ ପାଇଁ ଏତେ ଚିନ୍ତିତ, ତେବେ କ୍ଷୁଦ୍ରଶସ୍ୟ ନିୟମିତ ଭାବେ ଚାଷ ହେଉଥିବା ପାହାଡ଼, ଡଙ୍ଗର, ଗୁଡ଼ିଆ ଆଦିକୁ ଖଣି ଖୋଳିବା ପାଇଁ ଅନୁମତି ଦିଆଯାଉଛି କିପରି ? କାଶିପୁରର ସିଜିମାଳିରେ ବସବାସ କରୁଥିବା ଆଦିବାସୀମାନେ ପାହାଡ଼ରେ ମାଣ୍ଡିଆ, କାଙ୍ଗୁ, କୋଶଲା, ସୁଆଁ, ଜନା, ଗାଣ୍ଡିଆ, ମକା, ବାଜରା ଆଦି ବହୁତ ପ୍ରକାର କ୍ଷୁଦ୍ରଶସ୍ୟ ଚାଷ କରି ସେମାନଙ୍କ ପରିବାର ପ୍ରତିପୋଷଣ କରିଆସୁଛନ୍ତି। ଏହି ସବୁ କ୍ଷୁଦ୍ରଶସ୍ୟ ପୋଷକ ତତ୍ତ୍ୱରେ ଭରପୂର୍ ଥିବା ସହିତ ଏଗୁଡ଼ିକର ଜଳବାୟୁ ସହଣୀ ଶକ୍ତି ମଧ୍ୟ ଅଧିକ। ଆଜି ଜଳବାୟୁ ପରିବର୍ତ୍ତନ ଏକ ନିଶ୍ଚିତ ସତ୍ୟରେ ପରିଣତ ହୋଇଥିବା ବେଳେ ପାହାଡ଼ ଓ ଡଙ୍ଗରରେ ଚାଷ ହେଉଥିବା କ୍ଷୁଦ୍ରଶସ୍ୟ ହିଁ ଏକମାତ୍ର ସମାଧାନ ଭଳି ମନେହୁଏ। ଅଧିକ ବର୍ଷା ହେଉ କି କମ୍ ବର୍ଷା, କି ଅନିୟମିତ ବର୍ଷା, ହାଇବ୍ରିଡ୍, ହାଇ ୟିଲ୍‌ଡିଙ୍ଗ୍ ଧାନ ପରି କ୍ଷୁଦ୍ରଶସ୍ୟ ସମୂଳେ ବରବାଦ୍ ହୋଇଯାଏ ନାହିଁ। ଜଳବାୟୁ ବିରୋଧରେ ଲଢ଼ି କ୍ଷୁଦ୍ରଶସ୍ୟ ଆଦିବାସୀମାନଙ୍କୁ ଅମଳ ପ୍ରଦାନ କରିଥାଏ, ଯେଉଁଥିରେ ସେମାନଙ୍କ ପରିବାର ଚଳେ। ଆଦିବାସୀମାନେ ଜଙ୍ଗଲରୁ ଶତାଧିକ ପ୍ରକାରର ଖାଦ୍ୟ ଯଥା ଶାଗ, ଫଳ, ମୂଳ, କନ୍ଦା, ଛତୁ, କରଡ଼ି, କୋଳି ଆଦି ସଂଗ୍ରହ କରି ଖାଦ୍ୟ ଭାବେ ବ୍ୟବହାର କରିଥାଆନ୍ତି। ସିଜିମାଳି ଆଦିବାସୀଙ୍କୁ କେବଳ ଖାଦ୍ୟ ପ୍ରଦାନ କରୁନାହିଁ, ସେଠାରେ ବସବାସ କରୁଥିବା ଲୋକଙ୍କ ପାଇଁ ଏହା ହେଉଛି ଦେବତା। ସେମାନଙ୍କ ଦେବତାକୁ ଖୋଳି ଦେଲେ ସେମାନଙ୍କ ଛାତି କେମିତି ସହନ୍ତା ! ଆଦିବାସୀଙ୍କ ପାଇଁ ତାଙ୍କ ପାହାଡ଼ ହେଉଛି ଦେବତା। ଉପାସନା ସ୍ଥଳ। ତାକୁ ଖୋଳିଦେବା ଅର୍ଥ ତାଙ୍କ ଅସ୍ତିତ୍ୱକୁ ଉପାଡ଼ିଦେବା। ତା'ହେଲେ ଆମ ବିକଶିତ ଦେଶର ମାନଚିତ୍ରରେ କ'ଣ ଆମେ ଆଦିବାସୀଙ୍କୁ ରଖିବାକୁ ଚାହୁଁନାହୁଁ?

ଏକଦା ନିୟମଗିରିର ବକ୍ସାଇଟ୍ ପାଇଁ ଲାଳାୟିତ ଥିବା ବେଦାନ୍ତ କମ୍ପାନୀର ଖଣିଖୋଳା ସ୍ୱପ୍ନକୁ ସ୍ଥାନୀୟ ଡଙ୍ଗରିଆ କନ୍ଧ ଆଦିବାସୀମାନେ ଗ୍ରାମସଭା ମାଧ୍ୟମରେ ନିଜର ଅସହମତି ପ୍ରକାଶ କରି ଫସର ଫଟେଇ ଦେଇଥିଲେ। ନିୟମଗିରିର ଆଦିବାସୀମାନେ ବେଦାନ୍ତ ବିରୋଧରେ ଦୀର୍ଘ ଦିନ ଧରି ଲଢ଼େଇ ଲଢ଼ିବା ପରେ ସୁପ୍ରିମ୍‌କୋର୍ଟ ଗ୍ରାମସଭାର ଅନୁମତି ହେଲେ ହିଁ ଖଣି ଖୋଳାଯିବ ବୋଲି ନିର୍ଦ୍ଦେଶ ଦେଇଥିଲେ। ପରିଣାମ ବେଦାନ୍ତ ବିରୋଧରେ ଯାଇଥିଲା। ଆଜି ପୁଣି ଥରେ ବେଦାନ୍ତ ସିଜିମାଳି ଉପରେ ଆଖି ପକେଇଛି। କିନ୍ତୁ ସରକାର ଗ୍ରାମସଭାର ଅନୁମତି ନନେଇ ଖଣିଖୋଳାକୁ ଅନୁମୋଦନ ଦେଇଛନ୍ତି। ଯଦି ସରକାର ଶାନ୍ତିପୂର୍ଣ୍ଣ ବିକାଶ ପ୍ରକ୍ରିୟା ଚାହାନ୍ତି, ତେବେ ପ୍ରଥମେ ସେ ଗ୍ରାମସଭାର ଅନୁମତି ନେବା ଉଚିତ୍ ହୋଇଥାଆନ୍ତା।

କମ୍ପାନୀ ଓ ତା'ର ପ୍ରବକ୍ତାମାନେ ଯାହା କହୁଛନ୍ତି, ସିଜିମାଳି କେବଳ ଗୋଟେ ପାହାଡ଼, ତାହା ସେମାନଙ୍କ ଅଜ୍ଞାନତା। ସିଜିମାଳି କେବଳ ଗୋଟେ ପାହାଡ଼ ନୁହେଁ। ସିଜିମାଳି ଗୋଟେ ସଭ୍ୟତା, ଯାହା କେଉଁ ଆଦିମ କାଳରୁ ବର୍ତ୍ତମାନ ଯାଏ ଲମ୍ବି ଆସିଛି। ତାକୁ ଖୋଳିଦେଲେ ଝରଣା ଶୁଖିଯିବ। ଜଙ୍ଗଲ ମରିଯିବ। ଆଦିବାସୀଙ୍କ ଜୀବନ ଓ ଜୀବିକା ଉଜୁଡ଼ିଯିବ। ଖଣିର ଗର୍ଭରେ ଆଦିବାସୀମାନେ ପୋତି ହୋଇଯିବା କେବେ ବି ବିକାଶ ନୁହେଁ।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ: ୯୪୩୮୪୬୮୪୭୪**

# କିଏ ବୁଝେ ପିଲାମନ



ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ

ପାଠପଢ଼ାର ତାଗିଦା ଓ ମୋବାଇଲ ଫୋନର ବ୍ୟବହାରକୁ ନେଇ ଘରେ ବିରକ୍ତି ହେବାରୁ କଟକର ଜଣେ ବିଦ୍ୟାଳୟ ଛାତ୍ର ନିଜ ଜୀବନ ହାରିଛନ୍ତି। ଓଡ଼ିଶାରେ ଆମ ଦେଖିବା ଭିତରେ ଏହିପରି ଘଟଣା ନିୟମିତ ଭାବେ ପ୍ରାୟତଃ ଘଟୁଛି। ଅନେକ ସମୟରେ କିଛିଦିନ ପାଇଁ ଏ ଚର୍ଚ୍ଚା ଲାଗିରହିଥାଏ ପରେ ସବୁ ଠିକ୍‌ଠାକ୍ ଯେପରି ହୋଇଯାଏ। କଅଁଳ ମନରେ ପିଲାଟି ଭିତରେ ଜୀବନକୁ ଚିହ୍ନିବା ପୂର୍ବରୁ ସେମାନେ ଜୀବନକୁ ହାରି ଦେବା ପାଇଁ କାହିଁକି ନିଷ୍ପତ୍ତି ନେଉଛନ୍ତି ? ଦୋଷ କାହାର ? ଏବଂ ଦାୟିତ୍ୱ କାହାର ? ପିଲାମାନଙ୍କ ପାଇଁ ସବୁଠାରୁ ଉତ୍ତମ ତଥା ଶ୍ରେଷ୍ଠ ବନ୍ଧୁ ହେଉଛନ୍ତି ତାଙ୍କ ମା'ବାପା। ଯେତେବେଳେ ଘରୁ ଏବଂ ତା' ଆଖପାଖ ଦୁନିଆରୁ ପିଲାଟି ନିଜ ଲୋକଙ୍କଠାରୁ ଭଲ ବ୍ୟବହାର ପାଇ ନ ଥାଏ ସେ ଜୀବନ ହାରିବା ପାଇଁ ନିଷ୍ପତ୍ତି ନେଇଥାଏ।

ବର୍ତ୍ତମାନର ମୋବାଇଲ ଧରା ବ୍ୟସ୍ତ ସମୟ ଭିତରେ ଆପଣଙ୍କ ପିଲା ଏକା ଏକା ରହିବାକୁ ଚେଷ୍ଟା କରୁଛି କି? ବେଳେ ବେଳେ ଚୁପ୍‌ଚାପ୍, ଉଦାସ ଏହିପରି ମନୋଭାବ ତା'ର ଦେଖୁଛନ୍ତି କି? ସ୍କୁଲ ଛୁଟି ହେଲେ ଘର ଏହାରି ଭିତରେ ସେ ନିଜକୁ ବାନ୍ଧି ରଖିବା ପାଇଁ ଚେଷ୍ଟା କରୁଛି କି? ଯଦି ହଁ ତେବେ ଏହା ଅବୁଝା ନୁହେଁ ଯେ ସେ ନିଜର ବନ୍ଧୁଟିଏ ପାଇପାରୁନାହିଁ ଖୁସି, ସୁଖ, ଆନନ୍ଦକୁ ବାଣ୍ଟିବା ପାଇଁ। ତେବେ ଏହାକୁ ଛୋଟିଆ କଥା ଭାବନ୍ତୁ ନାହିଁ। କାରଣ ଏହା ପିଲାର ଶାରୀରିକ, ବୌଦ୍ଧିକ ଓ ସାମାଜିକ ଅଭିବୃଦ୍ଧିର ବାଧକ ନିଶ୍ଚୟ। ଏହିପରି ଉଦାସ ରହୁଥିବା ପିଲାଙ୍କ ହାବଭାବ ପରବର୍ତ୍ତୀ ସମୟ ପାଇଁ ଭଲ ହୋଇ ନ ଥାଏ। କାରଣ ପିଲାଟି ତା'ର ଜଣେ ବନ୍ଧୁ ପାଇଲେ ପ୍ରଥମତଃ ଏକଲାପଣକୁ ଦୂରେଇ ପାରିବ, ଦ୍ୱିତୀୟତଃ ତା' ମନକଥା ବାଣ୍ଟିପାରିବ ଆଉ ନିଜ ଜୀବନକୁ ନେଇ ସେ ଖୁବ୍ ଖୁସିରେ ଆଗେଇପାରିବ ମଧ୍ୟ। ବର୍ତ୍ତମାନର ସମୟରେ ଅନେକ ପିଲା ବାହାରକୁ ନ ଯାଇପାରି ପ୍ରାୟତଃ ଅନେକ ସମୟ ଘର ଭିତରେ ଆବଦ୍ଧ ହୋଇ ରହୁଥିବାରୁ ପିଲାଟିର ମାନସିକ, ଶାରୀରିକ ଓ ବୌଦ୍ଧିକ ସ୍ଥିତି ସମ୍ପର୍କରେ ଅନେକ ମା'ବାପା ଅଜଣା ଥାଆନ୍ତି। ତେବେ ବଡ଼ କଥା ହେଉଛି କୋମଳମତି ପିଲାଟିର ମନକୁ ବୁଝି ତା'ପାଇଁ କିଛି ସମୟ କାଢ଼ିଲେ ତାର କଅଁଳ ମନ ଆସନ୍ତା କାଲିର ଏକ ଉଜ୍ଜ୍ୱଳ ସମାଜ ପାଇଁ କ୍ଷେତ୍ର ଯେ ସୃଷ୍ଟି ନ କରିପାରିବ ତାହା କିଏ ବା ନ କହିବ ? ଅନେକ ସମୟରେ ପାରିବାରିକ ଝଡ଼ଝଞ୍ଜା,ମା'ବାପା ବା ଆତ୍ମୀୟ ସ୍ୱଜନଙ୍କ ଭିତରେ ମନାନ୍ତର, ମତାନ୍ତର ଏପରି ଅଘଟଣ ପିଲାମାନଙ୍କୁ ଯଥେଷ୍ଟ ଆଘାତ ଦେଇଥାଏ।

ଜୀବନର ପ୍ରାରମ୍ଭରୁ ଶିଶୁ, ପ୍ରକୃତି, ସମାଜ ଓ ପରିବେଶ ସହିତ ଓତପ୍ରୋତ ଭାବରେ ଜଡ଼ିତ ଥାଏ । ତା'ର ଭାଷା, ବ୍ୟବହାର, ଚାଲିଚଳଣ ଓ ସଦାଚାର ଶିକ୍ଷା କରିଥାଏ ପରିବାରରୁ ବିଶେଷତଃ ସମାଜ ତଥା ପରିବେଷ୍ଟନୀମାନଙ୍କଠାରୁ। ଗ୍ରାମାଞ୍ଚଳର ଶିଶୁଟିଏ ଶିକ୍ଷିତ ପରିବାର ଶିଶୁଠାରୁ ନିଶ୍ଚୟ ପୃଥକ ଓ ଭିନ୍ନ ଗୁଣର କେବଳ ପରିବେଶ ପାଇଁ । ଉପଯୁକ୍ତ ପରିବେଶ ଶିଶୁଟିକୁ ଉପଯୁକ୍ତ ମଣିଷ କରି ଗଢ଼ିତୋଳେ– ଏହା ସତ୍ୟ। ତେବେ ଶିଶୁ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବାକୁ ହେଲେ ଆବଶ୍ୟକ ଉପଯୁକ୍ତ ଶିକ୍ଷାର ପ୍ରସାର।

ପିଲାମାନଙ୍କର ସାମାଜିକ ବ୍ୟବହାର ଉପରେ ଧ୍ୟାନ ଦେଇ ତା'ର ମନ ଭିତରର ଲାଜକୁଳା ଗୁଣକୁ ପ୍ରଥମତଃ ଦୂରେଇବା ପାଇଁ ଚେଷ୍ଟା କରନ୍ତୁ। ସେହିପରି ପିଲାମାନଙ୍କୁ ଅନ୍ୟମାନଙ୍କ ସହ କଥାବାର୍ତ୍ତା ହେବା, ମିଳାମିଶା କରିବା ସର୍ବୋପରି ନିଜର ସମସ୍ୟା ଜଣାଇବା ଏହିପରି ଗୁଣକୁ ଶିଖାନ୍ତୁ। ମନେରଖନ୍ତୁ ପିଲାମାନଙ୍କୁ କେବେ ସେମାନଙ୍କର ଭାଇଭଉଣୀ ହୁଅନ୍ତୁ ବା ପଡ଼ୋଶୀ କିମ୍ବା ସେମାନଙ୍କ କ୍ଲାସ୍‌ମେଟ ସହ କସ୍ମିନକାଳେ ତୁଳନା କରନ୍ତୁ ନାହିଁ। ଏପରି କି ନିଜ ପିଲାଦିନର କୌଣସି ଘଟଣା କହି ପିଲାମାନଙ୍କ ଭିତରେ ତୁଳନାର ଚିତ୍ର ଦିଅନ୍ତୁ ନାହିଁ। ଏହା ଅପେକ୍ଷା ତାକୁ ବେଶ୍ ସ୍ୱାଭାବିକ ଓ ଖୋଲା ହୃଦୟର ଶିଖାନ୍ତୁ। ବନ୍ଧୁ ତିଆରି କରିବା, ନିଜ ସୁଖଦୁଃଖ ବାଣ୍ଟିବା, ସମସ୍ତଙ୍କ ସହିତ ମିଳିମିଶି ସଦ୍‌ଭାବର ସହ ବଞ୍ଚିବା ଏହି କଳା ହିଁ ପିଲାଟିକୁ ଶିକ୍ଷା ଦିଅନ୍ତୁ।



ପିଲାଟିର ମା'ବାପା ସେମାନଙ୍କର ରୋଲ୍ ମଡେଲ ହୁଅନ୍ତୁ। ସବୁବେଳେ ପିଲାମାନଙ୍କ ସାମ୍ନାରେ ନିଜେ ବେଶ୍ ଖୋଲା ଭାବେ ସମୟ ବିତାନ୍ତୁ। ପିଲାଟି ସାମାଜିକ ଭାବେ କାହା ସହିତ ନ ମିଶି ପାରୁଥିଲେ ତାକୁ ମନସ୍ତାତ୍ତ୍ୱିକ ଭାବେ ପ୍ରେରଣା ଦେଇ ତା'ର ସହପାଠୀ ବା ବନ୍ଧୁମାନଙ୍କ ସହ ମିଶିବାର ସୁଯୋଗ ସୃଷ୍ଟି କରନ୍ତୁ। ଅନେକ ମା' ବାପା ନିଜେ ଚୁପ୍‌ଚାପ ସ୍ୱଭାବର ହୋଇଥିବାରୁ ପିଲାମାନେ ଜନ୍ମରୁ ପ୍ରାୟତଃ ସେହି ଗୁଣକୁ ଆଦରି ଥାଆନ୍ତି। ତେଣୁ ପିଲାମାନଙ୍କୁ ସମୟ ଦିଅନ୍ତୁ। କେବଳ ମୋବାଇଲ, ପଇସା ବା ତାଙ୍କ ଆବଶ୍ୟକତା ଯୋଗାଇ ଦେଲେ ଆପଣ ପିଲାର କେବେ ହେଲେ ବନ୍ଧୁ ହୋଇପାରିବେ ନାହିଁ। କାରଣ ଛୋଟ ପିଲାଟି ଭିତରେ ଅନେକ ପ୍ରଶ୍ନ, ଅନେକ ଘଟଣାର ଉତ୍ତର ସେ ଖୋଜିଥାଏ। ଏପରି କ୍ଷେତ୍ରରେ ସେ ଜଣେ ପରାମର୍ଶ ପାଉଥିବା ବନ୍ଧୁଟି ଆବଶ୍ୟକ କରିଥାଏ, ଯେଉଁ କାର୍ଯ୍ୟଟି ବା ତା'ର ପ୍ରଥମ ବନ୍ଧୁ ଭାବେ ତା' ମା'ବାପା ରହିବେ। ଆଉ ଗୋଟିଏ ବଡ଼ କଥା ମନେରଖନ୍ତୁ, ଅନେକ ସମୟରେ ଶିଶୁ ଅବାଧ୍ୟ ହେଲେ ଆମେ ତାକୁ ବିଭିନ୍ନ ଭୟ ଦେଖାଇଥାଉ, ଏହାଫଳରେ ତା' ଉପରେ ମାନସିକ ଚାପ ପଡ଼ିଥାଏ । ଫଳରେ ଅନେକ ସମୟରେ ଶିଶୁ କୌଣସି କାର୍ଯ୍ୟ କରିବା ପୂର୍ବରୁ ନିଜର ସାହସ ହରାଇ ବସେ । ସେହିପରି ପିଲା ଭୁଲ୍ କରି ବସିଲେ ଆମେ ତାକୁ ମାଡ଼ ଦେଉ ଓ ଆଉ ଭୁଲ୍ ନ କରିବା ପାଇଁ ନିର୍ଦ୍ଦେଶ ଦେଉ । ତା'ଦ୍ୱାରା ପିଲା ଭୁଲ୍ କରେନି ସତ କିନ୍ତୁ ସେ ଆଉ ଠିକ୍ କରିବା ପାଇଁ ମଧ୍ୟ ଅଗ୍ରସର ହୁଏନାହିଁ ମନରେ ରହିଯାଏ ଭୟ ଆଶଙ୍କା । ଆପଣ କେବେ ଭୁଲିଯାଆନ୍ତୁ ନାହିଁ ପିଲାଟି ହେଉଛି ଆପଣଙ୍କର ପ୍ରତୀକ। ଆପଣଙ୍କ ଶାରୀରିକ ଓ ମାନସିକ ପ୍ରତିଫଳନର ସେ ଚିତ୍ର। ତେଣୁ ପିଲାଟିଦିନରୁ ହିଁ ତାକୁ ସତ୍‌ଶିକ୍ଷା ଓ ସତ୍‌ପରାମର୍ଶ ଦେବା ସହ ଉତ୍ତମ ଜୀବନ ଗଢ଼ିବା, ନିଜ ପଡ଼ୋଶୀ, ସମାଜ ଓ ରାଷ୍ଟ୍ର ପାଇଁ ସେବା ମନୋଭାବ ସୃଷ୍ଟି କରାଇବାର ପ୍ରାଥମିକ ଦାୟିତ୍ୱ ମା'ବାପାଙ୍କର। ମା'ବାପାମାନେ ନିଜେ ଆଗେ ସଦ୍‌ଗୁଣର ଅନୁଶୀଳନ କରି ପିଲାମାନଙ୍କୁ ସେହି ରାସ୍ତାରେ ଆଗେଇ ନେଲେ ପିଲାମାନେ ଉତ୍ତମ ବନ୍ଧୁ ପାଇପାରିବେ ଆଉ ଉତ୍ତମ ଜୀବନ ସେମାନଙ୍କ ଜୀବନ ଅଭିବୃଦ୍ଧି ବିକାଶର ଆଲୋକ ବର୍ତ୍ତିକା ସାଜିବ।

**ମୋ : ୯୪୩୭୧୨୪୦୭୪**

## ଏଇ ଭାରତରେ

ଡିଜିଟାଲ ଇଣ୍ଡିଆ ଯୋଜନା ଶୁଣିବାକୁ ଯେତିକି ଭଲ ଲାଗୁଛି ତାହାର କାର୍ଯ୍ୟାନ୍ୱୟନ ସେତିକି ହୋଇପାରୁନାହିଁ। ବହୁ ଗରିବ ଶ୍ରେଣୀର ଲୋକ ଏହାର ଉପଯୋଗ ସମ୍ପର୍କରେ ଅବଗତ ହୋଇପାରୁନାହାନ୍ତି। ସେମାନେ ବ୍ୟାଙ୍କ ଖାତା ଖୋଲିବା କିମ୍ବା ଟଙ୍କା ଦେଣନେଣ କ୍ଷେତ୍ରରେ ଅନଭିଜ୍ଞ। ଏଭଳି ସମସ୍ୟା ଦୂର କରିବାରେ ଗୁରୁଗାଁଓର କାଶିଭ ଜିନ୍ଦଲଙ୍କ ପ୍ରୟାସ ପ୍ରଶଂସନୀୟ। କାଶିଭ ଗ୍ରାମୀଣ ଗରିବ ଲୋକଙ୍କୁ ଆର୍ଥିକ ସାକ୍ଷର କରୁଛନ୍ତି ଏବଂ ଜାତୀୟ ସ୍ତରରେ ଲାଗୁ କରାଯାଇଥିବା ବିଭିନ୍ନ ଯୋଜନାରୁ ସେମାନେ କିଭଳି ଲାଭ ଉଠାଇପାରିବେ ସେ ସମ୍ପର୍କରେ ସେମାନଙ୍କୁ ଅବଗତ କରୁଛନ୍ତି। ସେ ଏବେ ସୁଦ୍ଧା ୩୦୦୦ ଅସହାୟ ତଥା ଗରିବ ଲୋକଙ୍କୁ ସାହାଯ୍ୟ କରିସାରିଲେଣି। ଏମାନଙ୍କ ମଧ୍ୟରେ ଅଛନ୍ତି ଘରେ କାମ କରୁଥିବା ବ୍ୟକ୍ତି, ଦିନମଜୁରିଆ ଏବଂ ବସ୍ ଓ ଟ୍ରକ୍ ଡ୍ରାଇଭର। ଏହିସବୁ କାମ ସେ 'ଇନ୍‌ଭେଷ୍ଟ ଦି ଚେଞ୍ଜ' ସଂସ୍ଥା ଦ୍ୱାରା କରୁଛନ୍ତି। ଏହାକୁ ସେ ୨୦୨୨ରେ ପ୍ରତିଷ୍ଠା କରିଥିଲେ। କାଶିଭ ଏଥିପାଇଁ ବିଭିନ୍ନ ସ୍ଥାନରେ ସେମିନାର ଆୟୋଜନ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ନଭେମ୍ବର ୧୯୯୮

- କେନ୍ଦ୍ରରେ କ୍ଷମତାସୀନ ଭାଜପା ମେଣ୍ଟ ସମନ୍ୱୟ କମିଟିରୁ ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀଙ୍କ ଇସ୍ତଫାକୁ ତୃଣମୂଳ କଂଗ୍ରେସ କମିଟିର ଅନୁମୋଦନ।
- ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ କେ.ସି. ପନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଟାସ୍କଫୋର୍ସ ରିପୋର୍ଟକୁ ଭିତ୍ତିକରି ଏକ ୩ ସ୍ତର ବିଶିଷ୍ଟ ଉଚ୍ଚ କ୍ଷମତାସମ୍ପନ୍ନ ଜାତୀୟ ନିରାପତ୍ତା ପରିଷଦ ଗଠିତ।
- ଭାରତ ଓ ପାନାମା ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ଉଲ୍ଲେଖନୀୟ ଅବଦାନ ପାଇଁ ଭାରତୀୟ ରାଷ୍ଟ୍ରଦୂତ ମିତ୍ର ସାଭେଦ୍ର ପୋଲୋଙ୍କୁ ଇନ୍ଦିରା ଗାନ୍ଧୀ ସ୍ମାରକୀ ପୁରସ୍କାର ପ୍ରଦାନ।

## ପାଠକ ଶ୍ରେଷ୍ଠ ବିଚାରକ

### ଶାଗୁଣା ବଂଶ ରକ୍ଷା କରାଯାଉ

ମହାଶୟ,

ପଚାଶଢ଼ା ମାଂସ ଖାଇ ପରିବେଶକୁ ସଫାସୁତରା ରଖିବା ସହିତ ପରିବେଶ ସନ୍ତୁଳନରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଶାଗୁଣା ବଂଶ ଲୋପ ପାଇବାରେ ଲାଗିଛି। ବିଶେଷକରି ପ୍ରାଣୀଙ୍କ ଚିକିତ୍ସାରେ ଡାଇକ୍ଲୋଫେନ୍ ବ୍ୟବହାର କରାଯାଉଥିବାରୁ ସେହି ପ୍ରାଣୀର ମୃତ୍ୟୁ ପରେ ତା'ର ମାଂସକୁ ଖାଇ ଶାଗୁଣାଗୁଡ଼ିକ ମୃତ୍ୟୁମୁଖରେ ପଡୁଛନ୍ତି। ଯଦ୍ଦ୍ୱାରା ପୂର୍ବଭଳି ଆକାଶରେ ଶାଗୁଣା ଆଉ ଦେଖିବା ପାଇଁ ମିଳୁନାହାନ୍ତି। ଅନ୍ୟପକ୍ଷେ ଫସଲରେ ସାର ଓ କୀଟନାଶକ ବ୍ୟବହାର ଏବଂ ବୁଲା କୁକୁର ଓ ବିଲୁଆଙ୍କୁ ବିଷାକ୍ତ ପଦାର୍ଥ ଦେଇ ମାରିଦିଆଯାଉଥିବା ଏବଂ ସେହି ମୃତ କୁକୁର, ବିଲୁଆଙ୍କୁ ଶାଗୁଣାମାନେ ଖାଉଥିବାରୁ ମୃତ୍ୟୁମୁଖରେ ପଡୁଛନ୍ତି। ଫଳରେ ପରିବେଶ ପ୍ରଦୂଷଣ ଅଧିକ ହେଉଛି। ଏଣୁ ଶାଗୁଣା ବଂଶର ରକ୍ଷା ପାଇଁ ଅଭିଯାନ ଆରମ୍ଭ କରାଯିବା ଆବଶ୍ୟକ। ସେମାନଙ୍କ ବଂଶ ରକ୍ଷା ପାଇଁ ଶାଗୁଣା ସଂରକ୍ଷଣ ପ୍ରଜନନ କେନ୍ଦ୍ର ଖୋଲାଯିବା ଉଚିତ। ଏତଦ୍ ବ୍ୟତୀତ ଶାଗୁଣାମାନେ ଏକ ବର୍ଷରେ ମାତ୍ର ଗୋଟିଏ ଅଣ୍ଡା ଦେଉଥିବା ଯୋଗୁ ସେମାନଙ୍କ ବଂଶ ବୃଦ୍ଧି ଘଟି ନ ଥାଏ। ଏଣୁ ପରିବେଶ ସନ୍ତୁଳନ ପାଇଁ ଶାଗୁଣା ବଂଶରକ୍ଷା କରିବାକୁ ପ୍ରତ୍ୟେକସ୍ତରରେ ଅଭିଯାନ ଆରମ୍ଭ କରାଯିବା ଆବଶ୍ୟକ।

**–ବିଷ୍ଣୁପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତଳେ ଉଭାହୋଇ କ୍ଲାନ୍ତ ପଥିକ ଏକ
ତ୍ରସ୍ତ ନୟନେ ନିରେଖୁଚି ତା'ର ଟେକ
ନିରେଖୁଚି ଏହି ପଥ ହେବ ବୋଲି ପାରି
ଅନ୍ତରମୟ ନିରାଶା ପୂରିଛି ଭାରି।
–(ଏହି ଯେ ପାହାଡ଼)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଭଦ୍ରକ ତ୍ୟାଗର ମାଟି: ଅତନୁ

## ଅଜୟ ନାୟକଙ୍କ ପୁସ୍ତକ 'ପାଦେ ଆଗକୁ' ଉନ୍ମୋଚିତ




ଅଜୟ ନାୟକଙ୍କ 'ପାଦେ ଆଗକୁ' ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

ଭୁବନେଶ୍ୱର,୧୯।୧୧
(ଶର୍ମିଷ୍ଠା ପାଣିଗ୍ରାହୀ)

ଭଦ୍ରକ ମାଟି ତ୍ୟାଗର ମାଟି। ଲେଖକ ଅଜୟ ନାୟକ ସେହି ମାଟିରେ ଖାପଖୁଆଇ ଏପର୍ଯ୍ୟନ୍ତ ଚାଲିବା ସବୁଠୁ ବଡ଼ କଥା। ନୂଆ କରି ରାଜନୀତିକୁ ଆସୁଥିବା ପିଲାଙ୍କଠାରେ ୪ରୁ ୫ବର୍ଷ ପରେ ଆଉ ଆତ୍ମୀୟତା ନ ଥାଏ। ମାତ୍ର ଅଜୟ ନାୟକ ଏହାର ବ୍ୟତିକ୍ରମ ବୋଲି ରବିବାର ଗୀତଗୋବିନ୍ଦ ସଦନଠାରେ ଭଦ୍ରକ ଜିଲା ସାଂସ୍କୃତିକ ସମ୍ମେଳନ 'ତ୍ୟାଗ ଭୂମି'ର ସଭାପତି ଅଜୟ ନାୟକଙ୍କ ପ୍ରବନ୍ଧ ପୁସ୍ତକ 'ପାଦେ ଆଗକୁ'ର ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏହା କହିଛନ୍ତି।

### ୫ଜଣ ପାଇଲେ 'ତ୍ୟାଗଭୂମି ସାହିତ୍ୟ ସମ୍ମାନ'

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତାଭାବେ 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଯୋଗଦେଇ କହିଛନ୍ତି, ଭଦ୍ରକ ତ୍ୟାଗଭୂମି। ଏହାକୁ କେହି ଅସ୍ୱୀକାର କରିବେ ନାହିଁ। ମାତ୍ର ଯେଉଁଠି ଆଜି ଏହି କାର୍ଯ୍ୟକ୍ରମ ଚାଲିଛି ଅର୍ଥାତ୍ ଭୁବନେଶ୍ୱର ହେଉଛି ଭୋଗଭୂମି। ତେଣୁ ଏଠାରେ ଯିଏ ଅଛନ୍ତି ସେମାନେ ଭୋଗ କରନ୍ତୁ। ସେ ନାୟକଙ୍କ ପୁସ୍ତକ ପଢ଼ିନାହାନ୍ତି, ତେଣୁ ପୁସ୍ତକ ଉପରେ ସେ କିଛି କହିବା ଠିକ୍ ହେବନାହିଁ। ବର୍ତ୍ତମାନ ଆମେ କେଉଁ ଯୁଗରେ ବଞ୍ଚୁଛେ ତାହାକୁ ନେଇ କହିଥିଲେ ଯେ, ନିକଟରେ ଦୀପାବଳି ଗଲା। ଏୟାର କ୍ୱାଲିଟି ଇଣ୍ଡେକ୍ସ ହିସାବରେ ଦିଲ୍ଲୀ ପରେ ତୃତୀୟ ସ୍ଥାନରେ ଭୁବନେଶ୍ୱର ପ୍ରଦୂଷିତ ସହର ଭାବେ ସ୍ଥାନ ପାଇଲା। ସେହିପରି ରାଜନୀତି ଆଉ ଜୀବନଠୁ ଦୂରେଇ କି ନାହିଁ। ବର୍ତ୍ତମାନ ସମସ୍ତଙ୍କ ଭିତରେ ପଶିଗଲାଣି। ଧର୍ମ ମାଧ୍ୟମରେ ଏହା ବେଶି ବ୍ୟାପ୍ତ ହେଉଛି। ହଜାରେ ବର୍ଷ ପରେ ଆମେ ନ ଥିବା, କିନ୍ତୁ ସେତେବେଳେ ଯେବେ ଗବେଷଣା ହେବ ପୁସ୍ତକ ହିଁ ଥିବ। ଚିନ୍ତାଧାରା ମଧ୍ୟ ରହିବ। ଗୋଟିଏ ଗୋଟିଏ ଲେଖା ଇଟା ସଦୃଶ, ଯାହା ଏକ କୋଠରିରେ ପରିଣତ ହେବ। ଲେଖକ ନାୟକ ଅଦ୍ୱିତୀୟ। ତାଙ୍କର ଏହି ପୁସ୍ତକଟି ମଧ୍ୟ ଏକ ଇଟା ଭାବେ ଭବିଷ୍ୟତକୁ ଦେଖାଉ ବୋଲି ସତପଥୀ ପ୍ରକାଶ କରିଥିଲେ। ବରେଣ୍ୟ ବକ୍ତା ପ୍ରଫେସର ଅଭିରାମ ବିଶ୍ୱାଳ କହିଲେ, 'ପାଦେ ଆଗକୁ' ପଢ଼ିବା ପରେ ଏକ କରୁଣ ମନୋରମ ବିଶ୍ୱାସ ଆସିବ ବୋଲି ମୁଁ ଆଶା କରୁଛି। ଲେଖକୀୟ ବକ୍ତବ୍ୟରେ ନାୟକ କହିଲେ, ଭଦ୍ରକର ଆଗାମୀ ପିଢ଼ିଙ୍କୁ ସଂସ୍କୃତି, ସାହିତ୍ୟ, ରାଜନୀତି ସବୁ ପରିପ୍ରେକ୍ଷୀରେ ଯୋଡ଼ିବାର ଚେଷ୍ଟା କରୁଛି ତ୍ୟାଗଭୂମି। ଏଥିସହ ସେ କିଭଳି ପରିସ୍ଥିତିରେ ଆଜି ଲେଖକ ହୋଇଛନ୍ତି ସେ ନେଇ ମଧ୍ୟ କହିଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ନଟବର ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁସ୍ତକର ପ୍ରକାଶିକା ତଥା ଲେଖକଙ୍କ ସ୍ତ୍ରୀ ଉଷାରାଣୀ ନାୟକ ଉପସ୍ଥିତ ଥିଲେ।

ଏହି ଅବସରରେ ଲେଖିକା ପ୍ରତିଭା ମହାରଥୀ, ସ୍ତମ୍ଭକାର ନିରଞ୍ଜନ ପାଢ଼ୀ, ସମାଜସେବୀ ତଥା ସ୍ତମ୍ଭଲେଖିକା ପ୍ରୀତିଛନ୍ଦା ଧଳ, ଗାଳ୍ପିକା ହିରଣ୍ମୟୀ ମିଶ୍ର, ପତ୍ରକାର ତଥା କବି ଶତ୍ରୁଜିତ ମିଶ୍ରଙ୍କୁ 'ତ୍ୟାଗଭୂମି ସାହିତ୍ୟ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ତିହିଡି ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ, ମନୋରମା ନାୟକ, ଶିକ୍ଷକନେତ୍ରୀ ଚାରୁଲତା ମହାପାତ୍ର, ଶିକ୍ଷୟିତ୍ରୀ ଜାନକୀ ପାଢ଼ୀ ମାନପତ୍ର ପାଠ କରିଥିଲେ। ସ୍ତମ୍ଭଲେଖକ ଡ. ବିଶ୍ୱରଞ୍ଜନ ଦାସ ଅତିଥି ପରିଚୟ ଓ ଅଧ୍ୟାପକ ଡ. ଅଭୟ କୁମାର ଦାସ ପୁସ୍ତକ ସମୀକ୍ଷା କରିଥିଲେ। ସଂଗଠନ ସମ୍ପାଦକ ସୁଧାକର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମ୍ପାଦକ ଅଧିବକ୍ତା ଗଦାଧର ବଳ ଧନ୍ୟବାଦ ଅର୍ପଣ କରିଥିଲେ। ଶିବବ୍ରତ ନାୟକ, କାନ୍ତିରଞ୍ଜିତା ନାୟକ, ଗାଳ୍ପିକ କୈଳାସ ବେହେରା, ନିରଞ୍ଜନ ବାରିକ, ବିସ୍ମୟବିହାରୀ ସାହୁ, ନୀଳମାଧବ ସେନାପତି, ବାବୁଲାଲ ଦାସ, ସୁବ୍ରତ ମିଶ୍ର, ତପନ କୁମାର ହାତୀ, ବିପ୍ଳବ ହୋତା, ମୁସ୍ତାକ ଗହ୍ୱର, ସେକ୍ ଅବଦୁଲ ଦୟାନ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଆଙ୍କୁ ଲାଭ ଦେବା ଆମ ପ୍ରାଥମିକତା: ଧର୍ମେନ୍ଦ୍ର

ଭୁବନେଶ୍ୱର,୧୯।୧୧(ସୁନିତ୍ ମିଶ୍ର)



କେନ୍ଦ୍ର ସରକାର ଓଡ଼ିଶାର ସ୍କୁଲ ଶିକ୍ଷାରୁ ଆରମ୍ଭକରି ଉଚ୍ଚଶିକ୍ଷା ଓ ଗବେଷଣା ପର୍ଯ୍ୟନ୍ତ ବହୁ ହଜାର କୋଟି ଟଙ୍କା ଦେଉଛନ୍ତି। ଏସବୁର ଲାଭ ଓଡ଼ିଆ ଭାଷା ଆଧାରରେ, ଓଡ଼ିଆ ଲୋକଙ୍କୁ ଏବଂ ବୃହତ୍ ସ୍ୱାର୍ଥରେ ମିଳୁ। ଏହା ଆମର ପ୍ରାଥମିକତା ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ରବିବାର ଭାରତୀୟ ଭାଷା ସଂସ୍ଥାନର ଭୁବନେଶ୍ୱର ଲକ୍ଷ୍ମୀସାଗରସ୍ଥିତ ପୂର୍ବାଞ୍ଚଳ ଭାଷା କେନ୍ଦ୍ରରେ ପ୍ରଶାସନିକ ଓ ଶୈକ୍ଷିକ ଭବନ, ଛାତ୍ରାବାସ ଏବଂ ଅତିଥି ଭବନର ଉଦ୍‌ଘାଟନ କରିବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ବିଗତ ଦିନରେ ଓଡ଼ିଶାରେ ଆଇଆଇଏମ୍ ସମ୍ବଲପୁର, ଆଇଜର ବ୍ରହ୍ମପୁର, ଏସ୍‌ଡିଆଇ ଭୁବନେଶ୍ୱର ଭଳି ଅନେକ ଶିକ୍ଷାନୁଷ୍ଠାନ ଗଢ଼ି ଉଠିଛି। କେନ୍ଦ୍ର ସଂସ୍କୃତ ବିଶ୍ୱବିଦ୍ୟାଳୟର ପୁରୀ ସଦାଶିବ କ୍ୟାମ୍ପସରେ ଶନିବାର ୧୦୦ କୋଟି ଟଙ୍କାର କାମ ପାଇଁ ଶିଳାନ୍ୟାସ ହୋଇଛି। କେନ୍ଦ୍ର ସରକାରଙ୍କ ସହଯୋଗରେ ଭୁବନେଶ୍ୱର ପୂର୍ବାଞ୍ଚଳ ଭାଷା କେନ୍ଦ୍ରର ନବକଳେବର ହୋଇଯାଇଛି। ଆଜିର ଲୋକାର୍ପିତ ବିକାଶମୂଳକ ପ୍ରକଳ୍ପଗୁଡ଼ିକ ଓଡ଼ିଆ ଭାଷା ସମେତ ଶାନ୍ତାଳି, ବଙ୍ଗାଳୀ, ମୈଥିଳି ଭାଷା ପ୍ରଶିକ୍ଷଣ ସୁବିଧାକୁ ବ୍ୟାପକ କରିବାରେ ସହାୟକ ହେବ। ଏହା ଏକ ସାରସ୍ୱତ କ୍ଷେତ୍ର ତିଆରି ହେବ। ଏଠାରେ ଏକ ସ୍ଥାୟୀ ଅଡିଟୋରିୟମ ନିର୍ମାଣ କରିବା ପାଇଁ ମଧ୍ୟ ଭାରତ ସରକାର ସହଯୋଗୀ ହେବେ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଓଡ଼ିଆ ଭାଷାକୁ ଲୋକାଦୃତ କରିବା ତଥା ନୂଆପିଢ଼ି ପାଖରେ ପହଞ୍ଚାଇବା ପାଇଁ ଆସନ୍ତା ଡିସେମ୍ବରରେ ସବୁ ସ୍କୁଲ ଏବଂ କଲେଜରେ ଓଡ଼ିଆ ଭାଷାକୁ ନେଇ ବିଶେଷ ଧରଣର ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତାର ଆୟୋଜନ କରିବା ପାଇଁ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ଏବଂ ଭାରତୀୟ ଭାଷା ସଂସ୍ଥାନକୁ ପ୍ରସ୍ତାବ ଦେଇଛନ୍ତି। ଭାରତୀୟ ଭାଷା ପରସ୍ପରର ପରିପୂରକ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିପୂର୍ଣ୍ଣ ରାଷ୍ଟ୍ରୀୟ ଶିକ୍ଷା ନୀତିରେ ଭାଷାକୁ ଏକ ବିଷୟ ଭାବରେ ନୁହେଁ, ବରଂ ଯେ କୌଣସି ବିଷୟକୁ ମାତୃଭାଷାରେ ଶିକ୍ଷା ଦେବା ଉପରେ ପ୍ରାଥମିକତା ଦିଆଯାଇଛି। ପିଲାମାନେ ପ୍ରାରମ୍ଭିକ ଅବସ୍ଥାରେ କହୁଥିବା ଏବଂ ଶୁଣୁଥିବା ଭାଷାରେ ପାଠ ପଢ଼ିଲେ ସେମାନଙ୍କର ଅନୁସନ୍ଧାନ, ତର୍କ ଓ ବିଶ୍ଳେଷଣ କରିବାର କ୍ଷମତା ବୃଦ୍ଧି ପାଇଥାଏ। ଓଡ଼ିଆ ପିଲାମାନେ ମାତୃଭାଷାରେ ପାଠ ପଢ଼ିଲେ ଉତ୍କଳ ଗୌରବ ମଧୁବାବୁ, ସାରଳା ଦାସ, ପଠାଣି ସାମନ୍ତ ହୋଇ ବିଶ୍ୱରେ ନାଁ କରିବେ ବୋଲି ସେ କହିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ଭାଷା ଗବେଷଣାକୁ ପ୍ରୋତ୍ସାହନ ଦେବା ଦିଗରେ ସିଆଇଆଇଏଲ, ମହୀଶୂର ଏବଂ ଏନସିଇଆରଟି ମଧ୍ୟରେ ଏକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି।

# ଉପବାଚସ୍ପତି ନିର୍ବାଚନ: ଆଜି ନାମାଙ୍କନ

ଭୁବନେଶ୍ୱର,୧୯।୧୧(ସୁନିତ୍ ମିଶ୍ର)

ବିଧାନସଭା ଶୀତକାଳୀନ ଅଧିବେଶନ ମଙ୍ଗଳବାର ଠାରୁ ଆରମ୍ଭ ହେବ। ଏହି ଅଧିବେଶନ ଡିସେମ୍ବର ୩୦ ପର୍ଯ୍ୟନ୍ତ ଚାଲିବ। ତେବେ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଏହା ଶେଷ ଅଧିବେଶନ ହୋଇପାରେ ବୋଲି ଅନେକ ମତ ଦେଉଛନ୍ତି। ଯଦି ବାସ୍ତବରେ ଏହା ହୁଏ ତେବେ ଏହି ଅଧିବେଶନ ବହୁ ଗୁରୁତ୍ୱ ରଖିବ। ତେଣୁ ଶାସକ ଦଳକୁ ଗୃହରେ ଘେରିବା ଲାଗି ବିରୋଧୀ ଏଥର ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇପାରନ୍ତି। ତେବେ ୩ ଦଳ ସେମାନଙ୍କ ବିଧାୟକ ଦଳ ବୈଠକରେ କେଉଁସବୁ ପ୍ରସଙ୍ଗ ଉଠାଇବେ ସେନେଇ ଚୂଡାନ୍ତ କରିବେ। ଶାସକ ଦଳ ପକ୍ଷରୁ ବିରୋଧୀଙ୍କୁ ଘେରିବା ଲାଗି ରଣନୀତି ପ୍ରସ୍ତୁତ କରାଯିବ। ତେବେ ବିରୋଧୀ ଭାଜପା ପକ୍ଷରୁ ସୋମବାର ଅପରାହ୍ଣ ୪ଟା ସମୟରେ ଦଳର ରାଜ୍ୟ କାର୍ଯ୍ୟାଳୟ ଠାରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ସେହିପରି କଂଗ୍ରେସ ବିଧାୟକ ଦଳ ବୈଠକ ମଙ୍ଗଳବାର ଦ୍ୱିପହର ସମୟରେ ଅନୁଷ୍ଠିତ ହେବ।

**ଦିନକ ପରେ ବିଧାନସଭା**

- **ଆଜି ଭାଜପା, ମଙ୍ଗଳବାର ବିଜେଡି, କଂଗ୍ରେସର ବିଧାୟକ ଦଳ ବୈଠକ**
- **ଚାଷୀ ଆତ୍ମହତ୍ୟାକୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ କରିବେ ବିରୋଧୀ**

ବିଜେଡି ବିଧାୟକ ଦଳ ବୈଠକ ମଧ୍ୟ ୨୧ ତାରିଖ ସକାଳ ୧୦ଟା ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ଅନ୍ୟପକ୍ଷରେ ଅଧିବେଶନ ଆରମ୍ଭ ଦିନ ୯ଟା ୩୦ ମିନିଟ୍‌ରେ ଉପବାଚସ୍ପତି ପଦ ଲାଗି ନିର୍ବାଚନ ସମୟ ରଖାଯାଇଥିବା ବେଳେ ସୋମବାର ନାମାଙ୍କନ ଦାଖଲ ଲାଗି ସ୍ଥିର ହୋଇଛି। ତେବେ ବିଧାନସଭାର ଆସନ ସଂଖ୍ୟା ଦୃଷ୍ଟିରୁ ଦେଖିଲେ ଏହି ପଦ ଲାଗି ବିରୋଧୀ ପ୍ରାର୍ଥୀ ଦେଇ ନ ପାରନ୍ତି। ଯେପରି ଗତ ବାଚସ୍ପତି ନିର୍ବାଚନ ବେଳେ ଦେଖିବାକୁ ମିଳିଥିଲା।

ତେବେ ଏହି ଅଧିବେଶନରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଗୃହରେ ବିରୋଧୀ ଉଠାଇବେ ବୋଲି କହିଛନ୍ତି। ଭାଜପା କହିଛି ଯେ, ଚାଷୀ ଆତ୍ମହତ୍ୟା ଏବେକାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପାଲଟିଛି। ଚାଷୀ ସମସ୍ୟା,ବହୁ କେନ୍ଦ୍ର ଯୋଜନା ରାଜ୍ୟ ସରକାର ଲାଗୁ ନ କରିବା, ଆଇନ ଶୃଙ୍ଖଳା ପରିସ୍ଥିତି, ମୋ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ଦଳୀୟ ଚିହ୍ନର ବ୍ୟବହାର, ରାଜ୍ୟରେ ଦୁର୍ନୀତି ବଢିଚାଲିବା ଆଦି ପ୍ରସଙ୍ଗରେ ଶାସକ ଦଳ ଗୃହରେ ଘେରିବେ ବୋଲି କହିଛି।

ସେହିପରି କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି ଯେ, ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି, ଚାଷୀ ସମସ୍ୟା, ଧାନମଣ୍ଡିରୁ ଧାନ ନ ଉଠିବା, ଚାଷୀ ଆତ୍ମହତ୍ୟା, ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ନିୟମକୁ ଅଣଦେଖା କରାଯିବା, ପଞ୍ଚାୟତ ପ୍ରତିନିଧିମାନଙ୍କ କ୍ଷମତା ହରଣ ଆଦି ପ୍ରସଙ୍ଗରେ ଗୃହରେ ଶାସକ ଦଳକୁ ଘେରାଯିବ ବୋଲି ସେ କହିଛନ୍ତି।

# ବାପାଙ୍କୁ ପିଟି ହତ୍ୟା

## ୨ ପୁଅ ଗିରଫ

ବଡ଼ସାହି, ୧୯।୧୧
(ଦୀପକ ବୁଗୁଡେଇ)

ବାପାଙ୍କୁ ପିଟି ପିଟି ମାରି ଦେଇଛନ୍ତି ୨ ପୁଅ। ଶନିବାର ରାତିରେ ଏଭଳି ଘଟଣା ଘଟିଛି ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ଦୁର୍ଗାପୁର ପଞ୍ଚାୟତର ଆସକନ୍ଦ ଗ୍ରାମରେ। ମୃତକ ହେଲେ ସାମ ସିଂ(୬୦)। ପୋଲିସ ସାମଙ୍କ ମଝିଆ ପୁଅ ରବୀନ୍ଦ୍ର (୨୫) ଓ ସାନପୁଅ ଅନିଲ (୨୦)ଙ୍କୁ ରବିବାର ଗିରଫ କରିଛି। ସାମଙ୍କ ବଡ଼ପୁଅ ଲୁବିନଙ୍କ ଅଭିଯୋଗକ୍ରମେ ବଡ଼ସାହି ଥାନାରେ ମାମଲା (ନଂ.୪୧୩/୨୩) ରୁଜୁ କରାଯାଇଛି। ଲୁବିନଙ୍କ ଅଭିଯୋଗ ଅନୁଯାୟୀ, ରାତିରେ ତାଙ୍କ ବାପା ନିଶାଗ୍ରସ୍ତ ଅବସ୍ଥାରେ ଘରକୁ ଫେରି ପାଟିତୁଣ୍ଡ କରିଥିଲେ। ଏଥିରେ ରାଗିଯାଇ ରବୀନ୍ଦ୍ର ଓ ଅନିଲ ବାପାଙ୍କୁ ମାଡ଼ ମାରିଥିଲେ। ଲୁବିନ ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ସେମାନେ ଆକ୍ରମଣ କରିଥିଲେ। ସେ ଘଟଣାସ୍ଥଳରୁ ପଳାଇଥିବା ବେଳେ ତାଙ୍କ ବାପାଙ୍କର ମୃତ୍ୟୁ ଘଟିଥିଲା। ଏପରିକି ମୃତଦେହକୁ କିରାସିନ ଢାଳି ପୋଡ଼ି ଦେବାକୁ ସେମାନେ ଉଦ୍ୟମ କରିଥିଲେ।

# ପୋଖରୀରେ ବୁଡ଼ି ୨ ଭଉଣୀଙ୍କ ମୃତ୍ୟୁ

ହିଞ୍ଜିଳିକାଟୁ/ଶେରଗଡ଼,୧୯।୧୧
(ଦ୍ୱିତୀକୃଷ୍ଣ ପଣ୍ଡା/ ସୂର୍ଯ୍ୟନାରାୟଣ ଦାଶ)

ଗଞ୍ଜାମ ଜିଲା ହିଞ୍ଜିଳି ଥାନା କାର୍ତ୍ତିପୁର ଗ୍ରାମରେ ରବିବାର ସକାଳେ ପୋଖରୀରେ ବୁଡି ୨ ନାବାଳିକା ଭଉଣୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କବିସୂର୍ଯ୍ୟନଗର ଥାନା ଜରଡ଼ ଗ୍ରାମର ଅବକାଶ ରାଉତଙ୍କ କନ୍ୟା ରୋଶନୀ (୧୦) ଓ ସନ୍ଧ୍ୟାରାଣୀ (୭)। ପ୍ରକାଶ ଯେ, ପାରିବାରିକ କଳହ ଯୋଗୁ ଅବକାଶଙ୍କ ସ୍ତ୍ରୀ ଓ ଦୁଇ ଝିଅ ଅଜାଘର କାର୍ତ୍ତିପୁର ଗ୍ରାମରେ ରହି ଆସୁଥିଲେ। ରବିବାର ସନ୍ଧ୍ୟା ଓ ରୋଶନୀ ଗାଧୋଇବା ପାଇଁ ଅଜା ନାର୍ସୁ ପୋଲାଇଙ୍କ ସହ ପୋଖରୀକୁ ଯାଇଥିଲେ। ଦୁଇ ଭଉଣୀଙ୍କୁ ଗାଧୋଇଦେବା ପରେ ସେମାନଙ୍କୁ ପୋଖରୀ କୂଳରେ ଛିଡ଼ା କରି ଅଜା ପୋଷାକ ସଫା କରିବା ପାଇଁ ପୋଖରୀକୁ ଯାଇଥିଲେ। ଅଜାଙ୍କ ଅଜାଣତରେ ପୁଣି ଥରେ ଦୁଇ ଭଉଣୀ ଗାଧୋଇବା ପାଇଁ ପୋଖରୀକୁ ପଶିଯାଇଥିଲେ। ଫଳରେ ପାଣିରେ ବୁଡିଯାଇଥିଲେ। ଲୁଗା ସଫା ପରେ ପୋଖରୀ ନିକଟରେ ୨ ନାତୁଣୀ ନ ଥିବା ଦେଖି ଅଜା ଘରକୁ ଫେରିଥିଲେ। ଘରେ ସେମାନଙ୍କୁ ନ ପାଇ ଗ୍ରାମବାସୀଙ୍କ ସହାୟତାରେ ପୋଖରୀରେ ଖୋଜାଖୋଜି କରିଥିଲେ। ପରେ ପୋଖରୀରୁ ଗ୍ରାମବାସୀ ଦୁଇ ଭଉଣୀଙ୍କୁ ବାହାର କରିଥିଲେ। ସେତେବେଳକୁ ସେମାନଙ୍କର ମୃତ୍ୟୁ ହୋଇସାରିଥିଲା। ହିଞ୍ଜିଳି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପଠାଇଛି।


## ସମ୍ବଲପୁର-ବନାରସ ଦ୍ୱି-ସାପ୍ତାହିକ ଏକ୍ସପ୍ରେସ୍ ର ସେବା ବିଶାଖାପାଟଣା ପର୍ଯ୍ୟନ୍ତ ସଂପ୍ରସାରଣ

ଟ୍ରେନ୍ ନଂ **18311/18312** ସମ୍ବଲପୁର-ବନାରସ ଦ୍ୱି-ସାପ୍ତାହିକ ଏକ୍ସପ୍ରେସ୍ ର ସେବା ବିଶାଖାପାଟଣା ପର୍ଯ୍ୟନ୍ତ ସଂପ୍ରସାରଣ କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଅଛି । ଟ୍ରେନ୍‌ଗୁଡ଼ିକର ସଂପ୍ରସାରିତ ଅଂଶର ନିୟମିତ ସେବା ତା.**22.11.2023**ରିଖ ରେ ବିଶାଖାପାଟଣା ଠାରୁ ଏବଂ ତା.**23.11.2023**ରିଖ ରେ ବନାରସ ଠାରୁ ଆରମ୍ଭ ହେବ । ଉପରୋକ୍ତ ଟ୍ରେନ୍‌ଗୁଡ଼ିକର ସଂପ୍ରସାରିତ ଅଂଶର ସମୟସୂଚୀ, ଚଳାଚଳ ଦିବସ ନିମ୍ନ ପ୍ରଦତ୍ତ ଅନୁସାରେ ଅଟେ :

ସଂପ୍ରସାରିତ ଅଂଶର ସମୟସୂଚୀ

| ଟ୍ରେନ୍ ନଂ. 18311 ବିଶାଖାପାଟଣା-ବନାରସ ଦ୍ୱି-ସାପ୍ତାହିକ ଏକ୍ସପ୍ରେସ୍ | | ↓ ଷ୍ଟେସନ ↑ | ଟ୍ରେନ୍ ନଂ. 18312 ବନାରସ-ବିଶାଖାପାଟଣା ଦ୍ୱି-ସାପ୍ତାହିକ ଏକ୍ସପ୍ରେସ୍ | |
|---|---|---|---|---|
| ଆଗମନ | ପ୍ରସ୍ଥାନ | | ଆଗମନ | ପ୍ରସ୍ଥାନ |
| (ମଙ୍ଗଳ,ଶୁକ୍ର) | 0420 | ବିଶାଖାପାଟଣା | 1930 | (ରବି, ବୁଧ) |
| 0450 | 0452 | କୋଟଭାଲସା | 1833 | 1835 |
| 0520 | 0522 | ବିଜୟନଗରମ୍ | 1805 | 1807 |
| 0608 | 0610 | ବୋବିଲି | 1713 | 1715 |
| 0630 | 0632 | ପାର୍ବତୀପୁରମ୍ | 1650 | 1652 |
| 0713 | 0715 | ରାୟଗଡ଼ା | 1610 | 1612 |
| 0812 | 0814 | ମୁନିଗୁଡ଼ା | 1445 | 1447 |
| 0916 | 0918 | କେସିଙ୍ଗା | 1335 | 1337 |
| 0935 | 0945 | ଟିଟିଲାଗଡ଼ | 1305 | 1315 |
| 1035 | 1037 | ବଲାଙ୍ଗିର | 1205 | 1207 |
| 1135 | 1137 | ବରଗଡ ରୋଡ଼ | 1110 | 1112 |
| 1255 | 1305 | ସମ୍ବଲପୁର | 1015 | 1025 |
| 1400 | 1405 | ଝାରସୁଗୁଡା | 0920 | 0925 |
| 0925 | (ସୋମ, ଗୁରୁ) | ବନାରସ | (ସୋମ, ଗୁରୁ) | 1500 |

ଦ୍ରଷ୍ଟବ୍ୟ:- ସମ୍ବଲପୁର-ବନାରସ-ସମ୍ବଲପୁର ମଧ୍ୟରେ ଏହି ଟ୍ରେନ୍‌ର ରହଣୀ ସମୟ ଏବଂ ଷ୍ଟପେଜ୍ ଅପରିବର୍ତ୍ତିତ ରହିବ ।



ପୂର୍ବ ତଟ ରେଳପଥ
PR-790/O/23-24


# ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ଜେପି ଦାସଙ୍କ ପରଲୋକ

ଭୁବନେଶ୍ୱର, ୧୯।୧୧
(ଅସମାପିକା ସାହୁ)



ବିଶିଷ୍ଟ ହୃଦରୋଗ ବିଶେଷଜ୍ଞ ଡା. ଯଦୁନାଥ ପ୍ରସାଦ ଦାସଙ୍କ ରବିବାର ପରଲୋକ ହୋଇଛି। ତାଙ୍କୁ ୯୧ବର୍ଷ ହୋଇଥିଲା। ସେ ଅସୁସ୍ଥ ହୋଇପଡିବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ୧୯୩୩ ଅଗଷ୍ଟ ୫ରେ ଖୋର୍ଦ୍ଧାରେ ଜନ୍ମ ଗ୍ରହଣ କରିଥିବା ସ୍ୱର୍ଗତ ଡା. ଦାସ କଟକ ସହରରେ ରହି ପାଠପଢ଼ିଥିଲେ। ରାଣୀହାଟ ହାଇସ୍କୁଲରୁ ମାଟ୍ରିକ ଓ ରେଭେନ୍‌ଶା କଲେଜରୁ ଆଇଏସ୍‌ସି ପଢ଼ିଥିଲେ। ୧୯୫୬ରେ କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜରୁ ଏମ୍‌ବିବିଏସ୍ ଶେଷ କରିବା ପରେ ବିଦେଶରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ଭେଲୋରସ୍ଥିତ ଖ୍ରୀଷ୍ଟିୟାନ୍ ମେଡିକାଲ କଲେଜରୁ ହୃଦ୍‌ରୋଗ ଉପରେ ଡକ୍ଟରେଟ୍ ଅଫ୍ ମେଡିସିନ୍ ବା ଡିଏମ୍(କାର୍ଡିଓଲୋଜି) ପରୀକ୍ଷାରେ ସେ ଉତ୍ତୀର୍ଣ୍ଣ ହୋଇଥିଲେ। ଷାଠିଏ ଦଶକ ଶେଷସୁଦ୍ଧା ପୂର୍ବଭାରତର ସେ ଏକମାତ୍ର ଡିଏମ୍ ଡିଗ୍ରୀଧାରୀ କାର୍ଡିଓଲୋଜିଷ୍ଟ ଥିଲେ। ସେ ଜେପି ଦାସ ନାମରେ ଲୋକପ୍ରିୟ ଥିଲେ। ହୃଦ୍‌ରୋଗ ଚିକିତ୍ସା କ୍ଷେତ୍ରରେ ତାଙ୍କର ବିଶେଷ ଅବଦାନ ଥିଲା। ଓଡ଼ିଶାରେ ହୃଦରୋଗ ଚିକିତ୍ସାର ପିତାମହ ରୂପେ ପରିଚିତ ଡା. ଦାସ ୧୯୭୦ରେ ଏସ୍‌ସିବି ମେଡିକାଲ କଲେଜରେ ହୃଦରୋଗ ବିଭାଗ ପ୍ରତିଷ୍ଠା କରିବା ସହିତ ସେଠାରେ ପ୍ରଥମ ପ୍ରଫେସର ରୂପେ କାର୍ଯ୍ୟନିର୍ବାହ କରିଥିଲେ। ତାଙ୍କ କାର୍ଯ୍ୟକାଳ ଭିତରେ ଏସ୍‌ସିବି ମେଡିକାଲ କଲେଜରେ ପ୍ରଥମ ଆଇସିୟୁ ପ୍ରତିଷ୍ଠା ହେବା ସହ ଶରୀରରେ ପେସ୍‌ମେକର ଖଞ୍ଜିବା କାମ ଆରମ୍ଭ ହୋଇଥିଲା। ଏଥିସହ ପ୍ରଥମଥର ଏସ୍‌ସିବି ମେଡିକାଲ କଲେଜରେ ଡିଏମ୍(କାର୍ଡିଓଲୋଜି) ଶିକ୍ଷାଦାନ ବ୍ୟବସ୍ଥା ମଧ୍ୟ ଆରମ୍ଭ ହୋଇଥିଲା। ହୃଦ୍‌ରୋଗ ଚିକିତ୍ସା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ସେ ବହୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି। କାର୍ଡିଓଲୋଜି ସୋସାଇଟି ଅଫ୍ ଇଣ୍ଡିଆ ପକ୍ଷରୁ ତାଙ୍କୁ ଲାଇଫ୍‌ଟାଇମ ଆଚିଭମେଣ୍ଟ ଆୱାର୍ଡ ଦିଆଯାଇଛି। ଏଥିସହିତ ସ୍ୱର୍ଗତ ଡା. ଦାସ ଜଣେ ଚିତ୍ରଶିଳ୍ପୀ ମଧ୍ୟ ଥିଲେ।




## ସଂକ୍ଷେପରେ

### ମାତାପିତାଙ୍କୁ ନିର୍ଯାତନା ଦେଇ ତଡ଼ିଦେଲେ

#### ୨ କି.ମି. ଚାଲି ଥାନାର ଦ୍ୱାରସ୍ଥ ହେଲେ ବୃଦ୍ଧ ଦମ୍ପତି

**ଗୋପ, ୧୯।୧୧ (ଭାରତୀ ଭୂଷଣ ଉପାଧ୍ୟାୟ):**

ବୃଦ୍ଧ ମାତାପିତାଙ୍କୁ ନିର୍ଯାତନା ଦେଇ ପୁଅବୋହୂ ଘରୁ ତଡ଼ିଦେବା ପରେ ସେମାନେ ଦୀର୍ଘ ଦୁଇ କିଲୋମିଟର ଚାଲି ଚାଲି ନ୍ୟାୟ ପାଇଁ ଗୋପ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ଅଭିଯୋଗ ଉପରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେଇଛି। ସୂଚନା ଅନୁଯାୟୀ, ଗୋପ ଗଣେଶ୍ୱରପୁର ଅଞ୍ଚଳର ବି. ନାୟକ (୬୫)ଙ୍କର ଦୁଇପୁଅ ଅଛନ୍ତି। ପୁଅ ଦୁହେଁ ବିବାହିତ। ସମ୍ପୃକ୍ତ ବୃଦ୍ଧ ଦମ୍ପତି ପାଳିକରି ଦୁଇ ପୁଅଙ୍କ ନିକଟରେ ରହିଥାନ୍ତି। ସେମାନେ ଜଣେ ପୁଅ ନିକଟରେ କିଛି ଦିନ ରହିବା ପରେ ଅନ୍ୟ ଜଣେ ପୁଅ ପାଖରେ ରହୁଥିଲେ। ତେବେ ରବିବାର ସକାଳେ ଏହି ବୃଦ୍ଧ ଦମ୍ପତିଙ୍କୁ ଖାଇବାକୁ ନ ଦେଇ ଘରୁ ତଡ଼ି ଦିଆଯିବାରୁ ଦୁହେଁ ବଡ଼ କଷ୍ଟରେ ଚାଲି ଚାଲି ଗୋପ ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀ ମହେଶ୍ୱର ସେଠୀ କହିଛନ୍ତି, ଏଭଳି ଅଭିଯୋଗ ମିଳିଛି ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପଦକ୍ଷେପ ନିଆଯାଉଛି।

### ଦୁଇ ପରିବାରକୁ ଆକ୍ରମଣ ଘଟଣା: ଆଉ ଜଣେ ଗିରଫ

ଭୁବନେଶ୍ୱର, ୧୯।୧୧ (ସୂର୍ଯ୍ୟକାନ୍ତ ବେହେରା) ଦୀପାବଳିରେ ଦୁଇ ପରିବାରକୁ କମେଣ୍ଟ ମାରିବା ସହ ସଂଘବଦ୍ଧ ଭାବେ ବିୟର ବୋତଲ ଓ ଲୁହାରଡ୍‌ରେ ଆକ୍ରମଣ ଘଟଣାରେ ଫେରାର ଥିବା ଆଉ ଜଣେ ଅଭିଯୁକ୍ତଙ୍କୁ ଖାରବେଳନଗର ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ୟୁନିଟ-୪ରେ ରହୁଥିବା ଇନ୍‌ଫୋସିଟି ଅଞ୍ଚଳର ଶକ୍ତିସ୍ୱରୂପ ମହାନ୍ତି। ପୂର୍ବରୁ ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଆହୁରି ଏକାଧିକ ଫେରାର ଅଛନ୍ତି। ଏହି ଆକ୍ରମଣରେ ୩ ଜଣ ଆହତ ହୋଇଥିଲେ। ଅଭିଯୋଗକାରୀ ଅମ୍ରିତାଂଶୁ ଦତ୍ତଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ପାଇଁ ପୋଲିସ ଉଦ୍ୟମ ଚଳାଇଛି।

# ପ୍ରତିଶ୍ରୁତି ପରେ କାମକୁ ଫେରିଲେ ସଫେଇ କର୍ମଚାରୀ

ଭୁବନେଶ୍ୱର, ୧୯। ୧୧ (ବନ୍ଦନା ସେଠୀ)

ଦୁର୍ବ୍ୟବହାର କରିଥିବା କର୍ପୋରେଟରଙ୍କ ସ୍ୱାମୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବିରେ ରବିବାର ମଧ୍ୟ ଅଟଳ ରହିଥିଲେ ସଫେଇ କର୍ମଚାରୀ। ମେୟର ଓ ବିଏମ୍‌ସି ଅଧିକାରୀଙ୍କ ବୁଝାଶୁଝା ପରେ ବି ସେମାନେ କିଛି ଶୁଣି ନ ଥିଲେ। ଶନିବାର ୧୭ଟି ୱାର୍ଡରେ କାମ ବନ୍ଦ ଥିବାବେଳେ ରବିବାର ୱାର୍ଡ ନଂ. ୯, ୧୬, ୫୪, ୫୯, ୫୫, ୬୫, ୪୪, ୨୫, ୬୦, ୬୧, ୬୭ ସମେତ ମୋଟ ୪୭ଟି ୱାର୍ଡର ସଫେଇ କର୍ମଚାରୀ ଆନ୍ଦୋଳନରେ ସାମିଲ ହୋଇ କାମ ବନ୍ଦ କରିଥିଲେ। ଫଳରେ ଦୁଇଦିନ ଧରି ସହରର ଏସବୁ ୱାର୍ଡରେ ଆବର୍ଜନା ପଡି ରହିଥିବା ଦେଖିବାକୁ ମିଳିଥିଲା। ତେବେ ଘଟଣାକୁ ଗୁରୁତର ସହ ନେଇ ମେୟର ସୁଲୋଚନା ଦାସ ଏବଂ କମିଶନର ବିଜୟ ଅମୃତା କୁଲାଙ୍ଗେ ନିଜେ ଯାଇ ସଫେଇ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ସହଦେବ ନାୟକ ଏବଂ ଅନ୍ୟ କର୍ମଚାରୀଙ୍କ ସହ



ସଫେଇ କର୍ମଚାରୀଙ୍କ ସହ ମେୟର ସୁଲୋଚନା ଦାସ ଆଲୋଚନା କରୁଛନ୍ତି।

ଆଲୋଚନା କରିଥିଲେ। ଆଇନ ତା' ବାଟରେ ଯିବ ଓ ପୁନର୍ବାର ଏଭଳି ଘଟଣା ନ ଘଟିବା ପାଇଁ ଦୃଷ୍ଟି ଦିଆଯିବ ବୋଲି ସେମାନେ କହିଥିଲେ। ଅପରପକ୍ଷେ ଅତିରିକ୍ତ ଏସିପି ସଫେଇ କର୍ମଚାରୀଙ୍କ ସହିତ ଆଲୋଚନା କରି ଖୁବ୍‌ଶୀଘ୍ର ତଦନ୍ତ କରାଯିବ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ବିଏମ୍‌ସି ଓ ପୋଲିସ ପକ୍ଷରୁ ପ୍ରତିଶ୍ରୁତି ପାଇବା ପରେ ରବିବାର ରାତିରେ ସଫେଇ କର୍ମଚାରୀମାନେ କାମ ଆରମ୍ଭ କରିଥିବା ସଂଘର ସାଧାରଣ ସମ୍ପାଦକ ନାୟକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୱାର୍ଡ ନଂ. ୬୩ରେ ସଫେଇ ସଂସ୍ଥା ଆୱାରଲ୍ୟାଣ୍ଡ ଅଧୀନରେ କାମ କରୁଥିବା ୩ଜଣ ବୟସ୍କ ବ୍ୟକ୍ତିଙ୍କୁ କାମରୁ ଛଟେଇ କରାଯାଇଥିଲା। ଏହାକୁ ବିରୋଧ କରିବା ସହ ସହଦେବ ସମ୍ପୃକ୍ତ ସଂସ୍ଥାର ସୁପରଭାଇଜର ସହ କଥା ହେଉଥିବାବେଳେ ସ୍ଥାନୀୟ କର୍ପୋରେଟରଙ୍କ ସ୍ୱାମୀ ଲିଙ୍ଗା ଛୋଟରାୟ ହଠାତ୍ ସେଠାକୁ ଆସି ସହଦେବଙ୍କୁ ତାଗିଦ୍ କରିବା ସହ ଅଶାଳୀନ ଭାଷାରେ ତାଙ୍କ ସହ ଉପସ୍ଥିତ ସଫେଇ କର୍ମଚାରୀଙ୍କୁ ଗାଳି କରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହେବା ସହ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥିତି ବିଗିଡିବା ପରେ ଖବର ପାଇ ପୋଲିସ

#### ଆଜିଠୁ ୪୭ଟି ୱାର୍ଡରେ ସ୍ୱାଭାବିକ ହେବ ସଫେଇ

ସେଠାରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ପରେ ସଫେଇ କର୍ମଚାରୀଙ୍କ ପକ୍ଷରୁ ଏନେଇ ଖଣ୍ଡଗିରି ଥାନାରେ ଏତଲା ଦିଆଯାଇଥିଲା। ଏଥିସହ ଲିଙ୍ଗା ଛୋଟରାୟଙ୍କୁ ଗିରଫ ଦାବିରେ ଥାନା ଘେରାଉ କରିଥିଲେ। ତେବେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ଏହାକୁ ବିରୋଧ କରି ସଫେଇ କର୍ମୀମାନେ ୨ଦିନ ଧରି ଆନ୍ଦୋଳନକୁ ଓହ୍ଲାଇବା ସହ କାମ ବନ୍ଦ କରିଦେଇଥିଲେ। ଫଳରେ ସମ୍ପୃକ୍ତ ୱାର୍ଡଗୁଡ଼ିକରେ ଅଳି ଉଠିପାରି ନ ଥିଲା। ୱାର୍ଡରେ ତେବେ ସହରରେ ଆବର୍ଜନା ପରିଚାଳନାକୁ ନେଇ ବିଏମ୍‌ସି ବାରମ୍ବାର ସମାଲୋଚନାର ଶିକାର ହେଉଥିବାବେଳେ ସଫେଇ କର୍ମଚାରୀଙ୍କ ଏଭଳି ଆନ୍ଦୋଳନ ବିଏମ୍‌ସିର ମୁଣ୍ଡବିନ୍ଧା ପାଲଟିଛି।

### ୨୫ରେ ସୁରତରଙ୍ଗର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୧୯।୧୧
(ଶର୍ମିଷ୍ଠା ପାଣିଗ୍ରାହୀ)

ଅନୁଷ୍ଠାନ ସୁର ତରଙ୍ଗର ୩୦ତମ ବାର୍ଷିକ ଉତ୍ସବ ଆସନ୍ତା ୨୫ ତାରିଖରେ ସୂଚନା ଭବନଠାରେ ଅନୁଷ୍ଠିତ ହେବ। ଚଳିତବର୍ଷ ଉଦୀୟମାନ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀଙ୍କୁ ସୁରତରଙ୍ଗ ଶୀର୍ଷ ସମ୍ମାନ-୨୦୨୩ ପ୍ରଦାନ କରାଯିବ। ପୁରସ୍କାର ବାବଦକୁ ମାନପତ୍ର, ଅଙ୍ଗବସ୍ତ୍ର ଏବଂ ଅର୍ଥରାଶି ପ୍ରଦାନ କରାଯିବ। ଏହି ଅବସରରେ ବଲିଉଡର ମହାନ ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ସ୍ୱର୍ଗତ ବାପି ଲାହାରିଙ୍କ ଉଦ୍ଦେଶ୍ୟରେ ସମର୍ପିତ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ 'ଦିଲ ମେ ହୋ ତୁମ' ପ୍ରେକ୍ଷାଳୟକୁ ଋଦ୍ଧିମନ୍ତ କରିବ। କାର୍ଯ୍ୟକ୍ରମରେ ବାପି ଲାହାରିଙ୍କ ନିର୍ଦ୍ଦେଶିତ ତଥା କଣ୍ଠନିଶୃତ ବଛା ବଛା ସଙ୍ଗୀତକୁ ଓଡ଼ିଶାର ସ୍ୱନାମଧନ୍ୟ କଣ୍ଠଶିଳ୍ପୀମାନେ ପରିବେଷଣ କରିବେ। ଏହାସହିତ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଅନୁଷ୍ଠାନର ସଭାପତି ସମୀର ମହାନ୍ତି ଓ ମୁଖ୍ୟ ସଂଯୋଜକ ପ୍ରିୟରଞ୍ଜନ ମହାନ୍ତି ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

## ରାଜଧାନୀରେ 'ଅର୍ଗାନେଲ ଫାର୍ମ୍ସ'ର ଦ୍ୱିତୀୟ ଆଉଟ୍‌ଲେଟ୍



ଭୁବନେଶ୍ୱର, ୧୯।୧୧
(ଅସମାପିକା ସାହୁ)

ଭୁବନେଶ୍ୱର ସୂର୍ଯ୍ୟନଗରଠାରେ ଅର୍ଗାନିକ୍ ଫୁଡ୍ ବ୍ରାଣ୍ଡ 'ଅର୍ଗାନେଲ ଫାର୍ମ୍ସ'ର ଦ୍ୱିତୀୟ ଆଉଟ୍‌ଲେଟ୍ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ଏଲିନା ସାମନ୍ତରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଫାର୍ମରେ ରସାୟନମୁକ୍ତ ଏବଂ ପାରମ୍ପାରିକ ପଦ୍ଧତିରେ ଉଚ୍ଚ ଗୁଣବତ୍ତାଯୁକ୍ତ ଖାଦ୍ୟଶସ୍ୟ ଏବଂ ପନିପରିବା ଉତ୍ପାଦନ ସହ ବିକ୍ରି ହେଉଛି। ଏଠାରେ ୨ଶହରୁ ଊର୍ଦ୍ଧ୍ୱ ଲୋକ କାର୍ଯ୍ୟ କରୁଛନ୍ତି ବୋଲି ଅର୍ଗାନେଲ ଫାର୍ମ୍ସର ପ୍ରତିଷ୍ଠାତା ପୁନମ୍ ମହାପାତ୍ର କହିଛନ୍ତି।

## ଶାନ୍ତି ଫେରାଇ ଆଣିବାକୁ ନିବେଦନ



ବୈଠକରେ ସ୍ଥାନୀୟ ଜନପ୍ରତିନିଧି, ବରିଷ୍ଠ ନାଗରିକଙ୍କ ସହ ଡିସିପି ପ୍ରତୀକ ସିଂ ।

ଭୁବନେଶ୍ୱର,୧୯।୧୧
(ସତ୍ୟଜିତ୍ ରାଉତ)

#### ପଦ୍ମକେଶରୀପୁରରେ ପୋଲିସ ବୈଠକ

ଗୋଷ୍ଠୀ ସଂଘର୍ଷ ପରଠାରୁ ରାଜଧାନୀ ଉପକଣ୍ଠ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ କଳାରାହାଙ୍ଗ ଗ୍ରାମପଞ୍ଚାୟତ ପଦ୍ମକେଶରୀପୁର ଦୀର୍ଘଦିନ ଧରି ଅଶାନ୍ତ ରହିଛି। ଗାଁରେ ଶାନ୍ତି ଫେରାଇ ଆଣିବାକୁ ପୋଲିସ ଓ ପ୍ରଶାସନ ପକ୍ଷରୁ ପ୍ରୟାସ ଜାରି ରହିଛି। ରବିବାର ଗାଁରେ କମିଶନରେଟ୍ ପୋଲିସ ପକ୍ଷରୁ ବୈଠକ ବସି ଶାନ୍ତି ବଜାୟ ରଖିବାକୁ ଲୋକଙ୍କୁ ନିବେଦନ କରାଯାଇଛି। ଏହି ବୈଠକରେ ଗାଁର ମଝି ସାହି ଓ ତଳ ସାହିର ଶତାଧିକ ଲୋକେ ଉପସ୍ଥିତ ଥିଲେ। ଡିସିପି ପ୍ରତୀକ ସିଂ ଲୋକମାନଙ୍କୁ ଭାଇଚାରା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ସ୍ଥାନୀୟ କର୍ପୋରେଟର, ସରପଞ୍ଚ ଓ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଅକ୍ଟୋବର ୨୬ ବିଳମ୍ବିତ ରାତିରେ ଦୁଇ ସାହିର ଲୋକ ମୁହାଁମୁହିଁ ହୋଇଥିଲେ। ଏହି ସଂଘର୍ଷରେ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ପୃଥକ ମାମଲାରେ ପୋଲିସ ଉଭୟ ପକ୍ଷରୁ ମୋଟ ୧୩୧ ଜଣଙ୍କୁ ଗିରଫ କରିଥିଲା।

## ବିଶ୍ୱ ଶୌଚାଳୟ ଦିବସ ଅବସରରେ ସଚେତନତା

ଭୁବନେଶ୍ୱର, ୧୯।୧୧ (ବନ୍ଦନା ସେଠୀ)

ପ୍ରତ୍ୟେକ ବ୍ୟକ୍ତି ପାଇଖାନା ବ୍ୟବହାର କରିବା, ବ୍ୟକ୍ତିଗତ ପରିଚ୍ଛନ୍ନତା ପ୍ରତି ଧ୍ୟାନ ଦେବା ସହିତ ବସ୍ତିକୁ ସରସ ସୁନ୍ଦର କରିବା ପାଇଁ ଚେଷ୍ଟା କରାଯିବା ଉଚିତ୍ ବୋଲି ବିଶ୍ୱ ଶୌଚାଳୟ ଦିବସ ପାଳନ ଅବସରରେ ମତ ପ୍ରକାଶ ପାଇଛି। ଆକ୍ସନ ଏଡ୍ ଓ ସିସିଡବ୍ଲ୍ୟୁଡିର ମିଳିତ ସହଯୋଗରେ ରବିବାର ୱାର୍ଡ ନଂ. ୧୪ ଅନ୍ତର୍ଗତ ପଣ୍ଡାପାର୍କଠାରେ ବିଶ୍ୱ ଶୌଚାଳୟ ଦିବସ ପାଳନ ସହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୟଙ୍ଗ୍ ଅର୍ବାନ ୱିମେନ ଫୋରମ୍‌ର ପ୍ରତିନିଧି ଯୋଗଦେଇ ବ୍ୟକ୍ତିଗତ ପରିଚ୍ଛନ୍ନତା ଓ ସ୍ୱାସ୍ଥ୍ୟ ସମ୍ବନ୍ଧରେ ନିଜର ମତ ରଖିଥିଲେ। କାର୍ଯ୍ୟକ୍ରମକୁ ସବିତା ରାଉତ, ସରସ୍ୱତୀ ପରିଡ଼ା ଓ ଲକି ମହଲା ପରିଚାଳନା କରିଥିଲେ।

## ଗୁରୁତର ରୋଗୀଙ୍କୁ ରକ୍ତ ଦେଲେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ

ଭୁବନେଶ୍ୱର, ୧୯।୧୧
(ଅସମାପିକା ସାହୁ)

ଜଣେ ଗୁରୁତର ରୋଗୀଙ୍କ ପାଇଁ ଦେବଦୂତ ସାଜିଛନ୍ତି ୧୦୮ ଆମ୍ବୁଲାନ୍ସର କର୍ମଚାରୀ। ଘଟଣାନୁଯାୟୀ, ପ୍ୟାରୀ ବିବି(୪୫ବର୍ଷ) ନାମ୍ନୀ ଜଣେ ମହିଳା ଗୁରୁତର ରକ୍ତହୀନତା ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ହଠାତ ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ଡାକ୍ତର ତୁରନ୍ତ ଓ' ପଜିଟିଭ୍ ବ୍ଲଡ୍ ଗ୍ରୁପ୍‌ର ରକ୍ତ ଯୋଗାଡ଼ କରିବା ପାଇଁ ରୋଗୀଙ୍କ ସମ୍ପର୍କୀୟଙ୍କୁ ପରାମର୍ଶ ଦେଇଥିଲେ। କିନ୍ତୁ ଏହି ସମୟରେ ରକ୍ତ ଯୋଗାଡ଼ କରି ନ ପାରି ରୋଗୀଙ୍କ ସମ୍ପର୍କୀୟମାନେ ହତାଶ ହୋଇପଡ଼ିଥିଲେ। ଠିକସମୟରେ ୧୦୮ ଆମ୍ବୁଲାନ୍ସର ଇଏମ୍‌ଟି ପ୍ରସନ୍ନଜିତ ମହାନ୍ତି ଏହା ଜାଣିବା ପରେ ସହାୟତା ପାଇଁ ଆଗେଇ ଯାଇଥିଲେ। ତାଙ୍କର ବ୍ଲଡଗ୍ରୁପ୍ ମଧ୍ୟ ଓ'ପଜିଟିଭ ଥିଲା। ତେଣୁ ସେ ତୁରନ୍ତ ରକ୍ତ ଦାନ କରିଥିଲେ। ଆମ୍ବୁଲାନ୍ସ କର୍ମଚାରୀଙ୍କ ଏଭଳି ମାନବିକତା ପାଇଁ ରୋଗୀଙ୍କୁ ଏକ ନୂଆ ଜୀବନ ମିଳିପାରିଛି। ଏଥିପାଇଁ ସର୍ବସାଧାରଣରେ ତାଙ୍କୁ ଖୁବ୍ ପ୍ରଶଂସା ମଧ୍ୟ କରାଯାଇଛି।

## ସାକ୍ଷୀଗୋପାଳଙ୍କ ଦର୍ଶନ କଲେ ହବିଷିଆଳି

ସାକ୍ଷୀଗୋପାଳ, ୧୯।୧୧(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ମହାକାର୍ତ୍ତିକରେ ଶ୍ରୀକ୍ଷେତ୍ର ନିଳାଦ୍ରୀ ସତସଙ୍ଗ ଭକ୍ତମଣ୍ଡଳୀ ଏବଂ ହବିଷ୍ୟାଳିମାନେ ରବିବାର ସନ୍ଧ୍ୟାରେ ସାକ୍ଷୀଗୋପାଳ ଠାକୁରଙ୍କ ଦର୍ଶନ କରିଛନ୍ତି। ଶ୍ରଦ୍ଧାଳୁମାନେ ନାମକୀର୍ତ୍ତନ କରି ମନ୍ଦିରରେ ପ୍ରଶେ କରିବା ସହ ଫୁଲ ତୁଳସୀମାଳ ଠାକୁରଙ୍କୁ ଲାଗିକରି ପୂଜାର୍ଚ୍ଚନା କରିଥିଲେ। ବେଢ଼ା ପରିକ୍ରମା କରି ତୁଳସୀ ଚଉରା ନିକଟରେ ବସି କାର୍ତ୍ତିକ ମାହାତ୍ମ୍ୟ, ଗୀତଗୋବିନ୍ଦ, ରାଧାଦାମୋଦର ଷ୍ଟକମ୍ ପାଠ କରିଥିଲେ। ଶ୍ରୀକ୍ଷେତ୍ର ଫେରିବା ସମୟରେ ସାକ୍ଷୀଗୋପାଳଙ୍କ ପ୍ରିୟଭୋଗ ଡାଲିମ୍ବ ଗଜା ଲଡ୍ଡୁ, ସରପୁଲି, କେଳି ଓ ଲିଆରେ ପ୍ରସ୍ତୁତ ଛତୁଭୋଗ ନେଇଥିବା ଦେଖିବାକୁ ମିଳିଥିଲା। ପବିତ୍ର କାର୍ତ୍ତିକ ମାସରେ ପ୍ରଭୁ ସାକ୍ଷୀଗୋପାଳଙ୍କୁ ଦର୍ଶନ କରିବା ବିଧେୟ ବୋଲି ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା ଉପସ୍ଥିତ ଭକ୍ତମଣ୍ଡଳୀଙ୍କୁ ସୂଚନା ଦେଇଥିଲେ। ପଣ୍ଡିତ ସ୍ୱର୍ଗତ ସଦାଶିବ ରଥଶର୍ମାଙ୍କ ସମୟରୁ ନୀଳାଦ୍ରି ସତସଙ୍ଗ ଭକ୍ତମଣ୍ଡଳୀ ଅଁଳାନବମୀ ପୂର୍ବରୁ ସାକ୍ଷୀଗୋପାଳ ଠାକୁରଙ୍କ ଦର୍ଶନ ପାଇଁ ପ୍ରତିବର୍ଷ ଏଠାକୁ ଆସୁଛନ୍ତି।

## ୨୬ ପ୍ରକଳ୍ପ ଜାତୀୟ ବିଜ୍ଞାନ କଂଗ୍ରେସ ପାଇଁ ମନୋନୀତ

ଭୁବନେଶ୍ୱର,୧୯।୧୧
(ଅନୁରାଧା ମହାରଣା)

#### ରାଜ୍ୟସ୍ତରୀୟ ଶିଶୁ ବିଜ୍ଞାନ କଂଗ୍ରେସ ଉଦ୍‌ଯାପିତ

ଡୁନ ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ ଚାଲିଥିବା ୩୧ତମ ରାଜ୍ୟସ୍ତରୀୟ ଶିଶୁ ବିଜ୍ଞାନ କଂଗ୍ରେସ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପିଲାଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରା ସୃଷ୍ଟି କରିବା ଏହି ବିଜ୍ଞାନ କଂଗ୍ରେସର ଲକ୍ଷ୍ୟ ବୋଲି ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବୈଜ୍ଞାନିକ ତଥା ଓଡ଼ିଶା ଶିଶୁ ବିଜ୍ଞାନ କଂଗ୍ରେସର ଅଧ୍ୟକ୍ଷ ଡ. ରଣସିଂହ ନିର୍ମଳେନ୍ଦ୍ର ରାୟ କହିଛନ୍ତି। ସ୍କୁଲର ଚେୟାରମ୍ୟାନ ଶରତ ଚନ୍ଦ୍ର ରାଉତରାୟ, ଭାଇସ୍ ଚେୟାରମ୍ୟାନ ବିଶ୍ୱଜିତ ସିଂହ ରାଉତରାୟ, ଶିଶୁ ବିଜ୍ଞାନ କଂଗ୍ରେସର ମୁଖ୍ୟ ସଂଯୋଜିକା କବିତା ରାୟ, ଯୁଗ୍ମ ସଂଯୋଜକ ସୁନୀଲ କୁମାର ରଥ ପ୍ରମୁଖ ଯୋଗ ଦେଇଥିଲେ। ସ୍କୁଲ ଉପାଧ୍ୟକ୍ଷ ପ୍ରଦୀପ କୁମାର ରାୟ, ଶିଶୁ ବିଜ୍ଞାନ କଂଗ୍ରେସ ସଂଗଠନର ସମ୍ପାଦକ ସତ୍ୟବ୍ରତ ସ୍ୱାଇଁ, ରାଜ୍ୟ ଶୈକ୍ଷିକ ସଂଯୋଜକ ଅରୁଣ କୁମାର ପତି ସହଯୋଗ କହିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ଏହି ରାଜ୍ୟସ୍ତରୀୟ ଶିଶୁ ବିଜ୍ଞାନ କଂଗ୍ରେସରୁ ମନୋନୀତ ୨୬ଟି ପ୍ରକଳ୍ପ ଡିସେମ୍ବର ୨୭ରୁ ୩୧ ପର୍ଯ୍ୟନ୍ତ ହେବାକୁ ଥିବା ଜାତୀୟ ସ୍ତରୀୟ ବିଜ୍ଞାନ କଂଗ୍ରେସରେ ପ୍ରଦର୍ଶିତ ହେବ। ଏଥିରେ ୨ଟି ଶ୍ରେଷ୍ଠ ବିବେଚିତ ବିଜ୍ଞାନ ପ୍ରକଳ୍ପ ଜାନୁୟାରୀ ୩ରୁ ୭ ମଧ୍ୟରେ ଜଳନ୍ଧରସ୍ଥିତ ଲଭ୍‌ଲୀ ପ୍ରଫେଶନାଲ ୟୁନିଭର୍ସିଟିରେ ହେବାକୁ ଥିବା ଭାରତୀୟ ବିଜ୍ଞାନ କଂଗ୍ରେସରେ ସ୍ଥାନ ପାଇବ ବୋଲି ସୂଚନା ଦିଆଯାଇଛି।




ଡୁନ ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ ଚାଲିଥିବା ୩୧ତମ ରାଜ୍ୟସ୍ତରୀୟ ଶିଶୁ ବିଜ୍ଞାନ କଂଗ୍ରେସର ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ।

## 'ଏକ ଦେଶ : ଏକ ନିର୍ବାଚନ' ଗଣତନ୍ତ୍ରର ଚିତ୍ର ବଦଳାଇଦେବ

ଭୁବନେଶ୍ୱର, ୧୯। ୧୧ (ବନ୍ଦନା ସେଠୀ)

#### ସତ୍ୟବ୍ରତ ପାଣିଗ୍ରାହୀଙ୍କୁ 'ବରେନ୍ଦ୍ରକୃଷ୍ଣ ଧଳ ସ୍ମାରକୀ ସମ୍ମାନ'



'ଏକ ଦେଶ, ଏକ ନିର୍ବାଚନ' ଏକ ସାହସିକ ପ୍ରସ୍ତାବ। ଏହାଦ୍ୱାରା ଭାରତୀୟ ଗଣତନ୍ତ୍ରର ଚିତ୍ର ବଦଳିଯାଇପାରେ ଓ ଜାତୀୟ ରାଜନୈତିକ ପରିବେଶ ପ୍ରଭାବିତ ହୋଇପାରେ। କିନ୍ତୁ ଏହାକୁ ଜାତୀୟ ସହମତି ଭିତ୍ତିରେ କାର୍ଯ୍ୟକାରୀ କରାଯିବା ଉଚିତ ବୋଲି ରାଜ୍ୟସଭା ସଦସ୍ୟ ସୁଜିତ କୁମାର କହିଛନ୍ତି। ରବିବାର ବରେନ୍ଦ୍ରକୃଷ୍ଣ ଧଳ ସ୍ମାରକୀ ନ୍ୟାସ ଆନୁକୂଲ୍ୟରେ ରେଡ୍‌କ୍ରସ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁଜିତ କହିଲେ, ଏହାଦ୍ୱାରା ଦେଶରେ ନିର୍ବାଚନ ବ୍ୟୟ ୫୦ ପ୍ରତିଶତ ହ୍ରାସ ପାଇବ। ଏଥିସହ ସରକାରୀ ନୀତି ନିର୍ଦ୍ଧାରଣରେ ସୁବିଧା, ସ୍ୱଚ୍ଛତା ପାଳନ, ଭୋଟରଙ୍କ ଆଗ୍ରହ ଓ ଉତ୍ସାହ ବୃଦ୍ଧିର ସମ୍ଭାବନା ରହିଛି ବୋଲି ସେ କହିଥିଲେ। ବିଶିଷ୍ଟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ସନ୍ଦୀପ ସାହୁ କହିଲେ, 'ଏକ ଦେଶ : ଏକ ନିର୍ବାଚନ' ଭାରତୀୟ ଗଣତନ୍ତ୍ରର ସଂଘୀୟ ବ୍ୟବସ୍ଥା ଉପରେ କୁଠାରାଘାତ କରିବ। ଗୋଟିଏ ସମୟରେ ନିର୍ବାଚନ ହେଲେ ପାଣିପାଗ, ଇଭିଏମ୍ ମେଶିନ, ପୋଲିସ ସୁରକ୍ଷା ବଳ, ଆଞ୍ଚଳିକ ଦଳଗୁଡ଼ିକର ପ୍ରଭାବ ଇତ୍ୟାଦି କାରଣରୁ ବହୁ ଅସୁବିଧା ଉପୁଜିବ ବୋଲି ସେ ମତ ଦେଇଥିଲେ। ଉଦ୍‌ଘାଟକ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଏପରି କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିବା ସହିତ ଭବିଷ୍ୟତରେ ଟ୍ରଷ୍ଟ ଅଧିକ କ୍ରିୟାଶୀଳ ହେବ ବୋଲି ଆଶା କରିଥିଲେ। ଟ୍ରଷ୍ଟ ପକ୍ଷରୁ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ସମ୍ପୃକ୍ତ ପ୍ରସଙ୍ଗ ଉପରେ ବୌଦ୍ଧିକ ବିତର୍କର ଆବଶ୍ୟକତା ରହିଛି ବୋଲି ଦର୍ଶାଇଥିଲେ। ଏଥିସହ ସ୍ୱର୍ଗତ ବରେନ୍ଦ୍ରକୃଷ୍ଣଙ୍କ ବହୁମୁଖୀ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଢେଙ୍କାନାଳସ୍ଥିତ ଭାରତୀୟ ଜନ ସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି)ରୁ ଉତ୍ତୀର୍ଣ୍ଣ ଛାତ୍ର ସତ୍ୟବ୍ରତ ପାଣିଗ୍ରାହୀଙ୍କୁ ଚଳିତବର୍ଷର 'ବରେନ୍ଦ୍ରକୃଷ୍ଣ ଧଳ ସ୍ମାରକୀ ସମ୍ମାନ' ପ୍ରଦାନ କରାଯାଇଥିଲା। ଟ୍ରଷ୍ଟ ପକ୍ଷରୁ ସିଦ୍ଧାର୍ଥ ଧଳଙ୍କ ସହ ଅତିଥିମାନେ ତାଙ୍କୁ ୧୦ ହଜାର ଟଙ୍କାର ଅର୍ଥରାଶି, ମାନପତ୍ର ଓ ଅଙ୍ଗବସ୍ତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। କବି ସୂର୍ଯ୍ୟ ମିଶ୍ର ସ୍ୱାଗତ ଭାଷଣ, ଶିକ୍ଷାବିତ୍ ସବିତା ପଟ୍ଟନାୟକ ମାନପତ୍ର ପାଠ ଓ ଲେଖିକା ପ୍ରୀତିଛନ୍ଦା ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

**ସାରସ୍ୱତ ସମ୍ବର୍ଦ୍ଧନା ଉତ୍ସବ**

କଣ୍ଟାପଡା, (ସୁରନାରାୟଣ ସାହୁ)- ଅତଶପୁରସ୍ଥିତ ଫକୀର ମୋହନ ମଣ୍ଡପଠାରେ ନିଆଳି କୈବର୍ତ୍ତ ମହାସଂଘ ସୌଜନ୍ୟରେ ସାରସ୍ୱତ ସମ୍ବର୍ଦ୍ଧନା ଉତ୍ସବ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ନିଆଳି କୈବର୍ତ୍ତ ମହାସଂଘ ସଭାପତି ବେଣୁଧର ବେହେରାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଣ୍ଟାପଡା ବରିଷ୍ଠ ନାଗରିକ ମଞ୍ଚ ସଭାପତି ବ୍ରଜ କିଶୋର ପ୍ରଧାନ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଦିଗମ୍ବର ଭୋଳ, ସମ୍ମାନିତ ଅତିଥି ଭାବେ ବିପିନ ବେହେରା, ସବିତା ପ୍ରଧାନ, ସୂର୍ଯ୍ୟମଣି ବେହେରା ଯୋଗଦେଇଥିଲେ। ଏହି ଅବସରରେ ବରିଷ୍ଠ ନାଗରିକଙ୍କ ସମେତ କଳାକାର ଓ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କିଶୋର ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଜି ଆସିବ ନାକ୍ ଟିମ୍: ସଜେଇ ହୋଇଛି ରେଭେନ୍ସା

## ୩ ଦିନ ଧରି ଚାଲିବ ଯାଞ୍ଚ ପ୍ରକ୍ରିୟା

**କଟକ,୧୯।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)**



ସୁନ୍ଦର କଳାକୃତିରେ ଝଲସୁଛି ରେଭେନ୍ସା ବିଶ୍ୱବିଦ୍ୟାଳୟ କ୍ୟାମ୍ପସ। ବିଭିନ୍ନ ଲାବ୍‌ରେ ଅଗ୍ନି ନିର୍ବାପକ ବ୍ୟବସ୍ଥା, ପାଚେରି ଏବଂ କାନ୍ଥଗୁଡିକରେ ଚିତ୍ରାଙ୍କନ କରାଯାଇଛି। ରକ୍ଷଣାବେକ୍ଷଣର ଅଭାବରୁ ଅବହେଳିତ ଅବସ୍ଥାରେ ଥିବା ରାଜ୍ୟର ପ୍ରଥମ କ୍ୟାମ୍ପସ କମ୍ୟୁନିଟି ରେଡିଓ 'ରେଭେନ୍ସା ରେଡ଼ିଓ ୯୦.୪ ଏଫ୍' ଏବେ ନୂଆ ରୂପ ନେଇଛି। ନ୍ୟାଶନାଲ ଆସେସ୍‌ମେଣ୍ଟ ଆଣ୍ଡ୍ ଆକ୍ରିଡେଶନ କାଉନସିଲ (ନାକ୍) ଟିମ୍‌ର ସଦସ୍ୟମାନେ ସୋମବାର ରେଭେନ୍ସା ବିଶ୍ୱବିଦ୍ୟାଳୟ ଗସ୍ତ କରି ଯାଞ୍ଚ କରିବେ। ଏଥିପାଇଁ ସଜେଇ ହୋଇଛି ବିଶ୍ୱବିଦ୍ୟାଳୟ। ବିଶ୍ୱବିଦ୍ୟାଳୟ ପକ୍ଷରୁ ରବିବାର ପ୍ରସ୍ତୁତି ଶେଷ ହୋଇଛି। ବିଶ୍ୱବିଦ୍ୟାଳୟକୁ ଦୀର୍ଘ ୬ବର୍ଷ ପରେ ନାକ୍ ଟିମ୍ ଆସିବ। ନଭେମ୍ବର ୨୦, ୨୧ ଓ ୨୨ ତାରିଖ ୩ଦିନ ଧରି ବିଶ୍ୱବିଦ୍ୟାଳୟରେ ଏହି ଟିମ୍ ଯାଞ୍ଚ କରିବ। ଏଥିପାଇଁ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ବିଶ୍ୱବିଦ୍ୟାଳୟ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶେଷ ହୋଇଛି। ବିଶେଷକରି ନୂତନ ଭାବେ ଅଧିକ ୫୦ଟି ସ୍ମାର୍ଟ କ୍ଲାସ୍‌ରୁମ୍ ବ୍ୟବସ୍ଥା କରାଯାଇଛି। ସେହିପରି ରେଭେନ୍ସା ରେଡ଼ିଓ ବିଲ୍ଡିଂକୁ ମରାମତି କରାଯାଇଛି। ଦୀର୍ଘଦିନ ଧରି ବନ୍ଦ ରହିଥିବା ହେରିଟେଜ୍ ହଲ୍‌ର ନବୀକରଣ କରାଯାଇଛି। ଏକାଡେମିକ ଏବଂ ପ୍ରଶାସନିକ ସ୍ତରରେ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ଶେଷ ହୋଇଛି।

ସୂଚନାଥାଉ କି, ୨୦୧୬ ଡିସେମ୍ବର ୧୦ ତାରିଖରୁ ରେଭେନ୍ସାର ନାକ୍ ମାନ୍ୟତାର ବୈଧତା ଶେଷ ହୋଇଛି। ପୁଣିଥରେ ମାନ୍ୟତା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନାକ୍ ନିକଟରେ ଆବେଦନ କରିଥିଲେ। ପରିଦର୍ଶନ ବାବଦକୁ ପ୍ରାୟ ୬ ଲକ୍ଷ ଟଙ୍କା ରେଭେନ୍ସା କର୍ତ୍ତୃପକ୍ଷ ଦାଖଲ କରିଛନ୍ତି। ଏହାପରେ ନାକ୍ କର୍ତ୍ତୃପକ୍ଷ ନଭେମ୍ବର ୨୦ରେ ଆସିବାକୁ ଚୂଡାନ୍ତ ନିଷ୍ପତ୍ତି ନେଇଥିଲେ। ନାକ୍ ଟିମ୍ ପକ୍ଷରୁ କରାଯିବାକୁ ଥିବା ସର୍ଭେରେ ପୁରାତନ ଛାତ୍ରୀଛାତ୍ରମାନଙ୍କୁ ସାମିଲ କରାଯିବ। ଏଥିପାଇଁ ସମସ୍ତ ବିଭାଗର କେତେଜଣ ପୁରାତନ ଛାତ୍ରୀଛାତ୍ରଙ୍କୁ ଆସନ୍ତା ୨୧ ତାରିଖରେ ବିଶ୍ୱବିଦ୍ୟାଳୟକୁ ଆସିବା ନିମନ୍ତେ ନିମନ୍ତ୍ରଣ କରାଯାଇଛି। କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ଏନେଇ ପୁରାତନ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଛନ୍ତି। ସେମାନେ ବିଶ୍ୱବିଦ୍ୟାଳୟରେ ପାଠପଢା କ୍ଷେତ୍ରରେ ଗତ ବର୍ଷଗୁଡିକରେ ମିଳୁଥିବା ସୁବିଧା ସୁଯୋଗ ବିଷୟରେ ନାକ୍ ଟିମ୍ ସଦସ୍ୟଙ୍କୁ ଜଣାଇବେ। ସେହିପରି ପଶ୍ଚିମ ଛାତ୍ରାବାସ ପୁରାତନ ଅନ୍ତେବାସୀମାନେ ଗୋଟିଏ ଇ-ରିକ୍ସା ପ୍ରଦାନ କରିଥିବାବେଳେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଦୁଇଟି ଇ-ରିକ୍ସା କ୍ରୟ କରାଯାଇଛି। ପୂର୍ବରୁ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ହଷ୍ଟେଲରୁ କ୍ଲାସ୍‌ରୁମ୍‌କୁ ଯିବାବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ହେଲେ ଏବେ ଏହି ଇ-ରିକ୍ସା ସାହାଯ୍ୟରେ ସେମାନେ କ୍ୟାମ୍ପସରେ ଯାତାୟାତ କରିପାରିବେ।

### ବିଶ୍ୱବିଦ୍ୟାଳୟରେ ପ୍ରଥମ ଶିଳା ଉଦ୍ୟାନ

ରାଜ୍ୟର ପ୍ରଥମ ଶିଳା ଉଦ୍ୟାନ ରେଭେନ୍ସାରେ ଦେଖିବାକୁ ମିଳିବ। ବିଶ୍ୱବିଦ୍ୟାଳୟର ଜିଓଲୋଜି ବିଭାଗରେ ରହିଛି ପ୍ରାଚୀନ ଶିଳା, ଯାହାକୁ ବିଭାଗର ଗବେଷଣା କରୁଥିବା ପ୍ରାଧ୍ୟାପକ, ବିଦ୍ୟାର୍ଥୀମାନେ ଦେଶ ଏବଂ ରାଜ୍ୟର ବିଭିନ୍ନ ସ୍ଥାନରୁ ସଂଗ୍ରହ କରିଛନ୍ତି। ଏହି ପଥରଗୁଡିକ ନେଇ ଏକ ସଂଗ୍ରହାଳୟ କରାଯାଇଛି। ଯାହାର ନାମ ଦିଆଯାଇଛି 'ଶିଳା ଉଦ୍ୟାନ' ବା 'ରକ୍ ଗାର୍ଡେନ'। ଏହି ସଂଗ୍ରହାଳୟକୁ ବଗିଚାରେ ପରିଣତ କରାଯାଇଛି। ଏହା ରାଜ୍ୟର ପ୍ରଥମ ଏବଂ ଏକମାତ୍ର ଶିଳା ଉଦ୍ୟାନ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି।

# ଟଙ୍କା, ପର୍ସ ଫେରାଇ ମହାନତା ଦେଖାଇଲେ ଛାତ୍ର



**ଚୌଦ୍ୱାର,୧୯।୧୧(ଆଶୁତୋଷ ଦାସ)**

ଚୌଦ୍ୱାର ଅଞ୍ଚଳର ଜଣେ ଛାତ୍ର ମହାନତା ଦେଖାଇ ରାସ୍ତାରୁ ପାଇଥିବା ଟଙ୍କା ଭର୍ତ୍ତି ପର୍ସକୁ ହଜାଇଥିବା ଯୁବକଙ୍କୁ ଫେରାଇଛନ୍ତି। ଛାତ୍ର ଜଣକ ହେଲେ ଚୌଦ୍ୱାର ଅଞ୍ଚଳର ନଗେଶ କୁମାର ମୁଦୁଲି। ସେ ଗତ ୧୭ ତାରିଖରେ କଟକ ବୋଷ କଲେଜ ନିକଟରୁ ଏକ ପର୍ସ ପାଇଥିଲେ। ସେଥିରେ କିଛି ଟଙ୍କା, ଦୁଇଟି ଏଟିଏମ୍ କାର୍ଡ ଓ କାଗଜପତ୍ର ଥିଲା। ହେଲେ ସେଥିରେ ନାମ ଓ ଠିକଣା ନ ଥିବାରୁ ପର୍ସଟି କାହାର ଜାଣିବା ତାଙ୍କ ପକ୍ଷରେ ସମ୍ଭବ ହୋଇ ନ ଥିଲା। ତେବେ ନଗେଶ ସମ୍ପୃକ୍ତ ବ୍ୟାଙ୍କକୁ ଯାଇ ଏଟିଏମ୍ କାର୍ଡ ଯାଞ୍ଚ କରାଇବାରେ ତାହା କଟକ ଶିଖରପୁର ଅଞ୍ଚଳର ଅତିଶ କୁମାର ମହାନ୍ତିଙ୍କର ବୋଲି ଜଣାପଡ଼ିଥିଲା। ପରେ ସେ ଏ ସମ୍ପର୍କରେ ଚୌଦ୍ୱାର ଥାନାକୁ ଜଣାଇଥିଲେ। ବ୍ୟାଙ୍କରୁ ଆଣିଥିବା ଫୋନ୍ ନମ୍ବରରେ ଯୋଗାଯୋଗ କରି ଆଇଆଇସି ବିଶ୍ୱରଞ୍ଜନ ସାହୁଙ୍କ ଉପସ୍ଥିତିରେ ପର୍ସରେ ଥିବା ୯୬୮୬ଟଙ୍କା, ଏଟିଏମ୍ କାର୍ଡକୁ ସେ ଅତିଶଙ୍କୁ ହସ୍ତାନ୍ତର କରିଥିଲେ। ତାଙ୍କର ଏହି ମହାନତା ପାଇଁ ସ୍ଥାନୀୟ ଅଞ୍ଚଳର ବହୁ ନାଗରିକ ତାଙ୍କୁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଜାଲ୍ କବଲାର ଯାଞ୍ଚ ଆରମ୍ଭ

**କଟକ ସଦର,୧୯।୧୧(ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକ ଅଧୀନ ୨୩ଟି ପଞ୍ଚାୟତକୁ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ଯୋଜନାରେ ୧୧ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଏଥିପାଇଁ ବିଭାଗୀୟ ତତ୍ତ୍ୱାବଧାନରେ କାର୍ଯ୍ୟ ଆରମ୍ଭ ହୋଇଛି। ମାତ୍ର କିଛି ପଞ୍ଚାୟତରେ ଜମିବାଡି କାଗଜପତ୍ର ଭାବରେ ଜାଲ୍ କବଲା ବ୍ଲକ କାର୍ଯ୍ୟାଳୟରେ ଦାଖଲ କରାଯାଇଥିଲା। ଏହି କବଲାର ବୈଧତା ସମ୍ପର୍କରେ ଯାଞ୍ଚ ଆରମ୍ଭ ହୋଇଛି। କାରଣ ୩୦/୪୦ ବର୍ଷ ତଳେ ବିଭିନ୍ନ ଅନୁଷ୍ଠାନକୁ କେତେଜଣ ବଦାନ୍ୟ ବ୍ୟକ୍ତି ଜମି ଦାନକରି କବଲା କରିଥିଲେ। ଇତିମଧ୍ୟରେ ଦୀର୍ଘ ବର୍ଷ ବିତି ଯାଇଥିଲେ ସୁଦ୍ଧା କବଲା ବଳରେ ଜମିର ଦାଖଲ ଖାରଜ (ମ୍ୟୁଟେଶନ) କରାଯାଇପାରୁନାହିଁ। କାରଣ କବଲାରେ ଉଲ୍ଲେଖ ଥିବା ଖାତା ଓ ପ୍ଲଟ୍ ନମ୍ବର ଠିକ୍ ନାହିଁ। ୨୦୧୮ରେ ଏଭଳି କବଲା ଦାଖଲ କରି ଆମ ଗାଁ, ଆମ ବିକାଶ ଯୋଜନାରେ କାର୍ଯ୍ୟାଦେଶ ଦିଆଯାଇଥିଲା। ବିଶେଷକରି ଧରିଣା, ବାରଦା, ଯଶପଡ଼ା, ପ୍ରହରାଜପୁର ଆଦି ପଞ୍ଚାୟତରେ ଏଭଳି ଜାଲ୍ କବଲା ବ୍ୟବହାର କରାଯାଇଥିବା ଜଣାପଡିଥିଲା। ସୂଚନା ଅଧିକାର ଆଇନ ବଳରେ ପତ୍ରସଂଖ୍ୟା ୩୨୧୭/୨୨।୧୦।୨୦୨୨ରେ ମିଳିଥିବା କବଲାର କପିରୁ ଜାଲ୍ ବୋଲି ଜଣାପଡିଥିଲା। ନୂଆ ବିଡିଓ ରୁମାନା ଜାଫ୍ରୀ ଯାଞ୍ଚ ଆଦେଶ ଦେଇଥିବାରୁ ସବୁ କିଛି ସ୍ପଷ୍ଟ ହୋଇଯିବ ବୋଲି ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଏହାଛଡା ନିର୍ମାଣ ପୂର୍ବରୁ ଜମିର ଜିଓ ଟ୍ୟାଗ କରାଯିବ। ଫଳରେ ପ୍ଲଟ୍ ନମ୍ବର ଏବଂ କିସମ ସହ ମାଲିକଙ୍କ ନାମ ଅନ୍‌ଲାଇନ୍‌ରେ ଆପେ ଆପେ ଆସିଯିବ।

### ଶିବିରରୁ ୨୦୩ ୟୁନିଟ୍ ରକ୍ତ ସଂଗ୍ରହ

**ଖୁଣ୍ଟୁଣୀ, ୧୯।୧୧ (ସଚ୍ଚିଦାନନ୍ଦ ପଣ୍ଡା)**

ଓଡ଼ିଶା ମୋ ପରିବାର ଏବଂ ଜୀବନ ବିନ୍ଦୁ ଆନୁକୂଲ୍ୟରେ ରବିବାର ଘଣ୍ଟିଖାଲ ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁପ୍ରିମ୍‌କୋର୍ଟର ଯୁବ ଆଇନଜୀବୀ ତଥା ସାମାଜିକ କର୍ମୀ ଆଦିତ୍ୟ ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଓଡ଼ିଶାରେ ରକ୍ତ ଅଭାବରୁ ଯେପରି କାହାର ମୃତ୍ୟୁ ନ ଘଟେ, ସେଥିପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଆସିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଆଠଗଡ଼ ନିର୍ବାଚନମଣ୍ଡଳୀରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରଚେଷ୍ଟାରେ ବ୍ୟାପକ ରକ୍ତଦାନ ଶିବିର କରାଯାଇପାରିଛି। ଏହି ଅବସରରେ ଘଣ୍ଟିଖାଲ ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ୨୦୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ୩ ନମ୍ବର ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ଘଣ୍ଟିଖାଲ ସରପଞ୍ଚ ସୁଜାତା ମଞ୍ଜରୀ ରାଉତରାୟ, ସମିତି ସଭ୍ୟା ରେଣୁବାଳା ପ୍ରଧାନ, ସନ୍ତୋଷ କୁମାର ବେହେରା, ସୁବାସ ଚନ୍ଦ୍ର ବିଶ୍ୱାଳ, ଲକ୍ଷ୍ମୀଧର ମହାନ୍ତି, ସରୋଜ ସ୍ୱାଇଁ, ପ୍ରଣବାନନ୍ଦ ପ୍ରଧାନ, ରବୀନ୍ଦ୍ର ବରାଳ, ଜାନକୀଲତା ନାଏକ ଓ କିରଣବାଳା ଶତପଥୀ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଆଠଗଡ଼ ଜୀବନ ବିନ୍ଦୁ ସଂଯୋଜକ ରାକେଶ ଦାସ, ପ୍ରଦୀପ୍ତ ଦାସ, ଶିଶିର ପ୍ରସାଦ ମାନସିଂହ, ଶାମା ପ୍ରସାଦ ପଣ୍ଡାଙ୍କ ସମେତ ଅନ୍ୟମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



ସାଂସ୍କୃତିକ ଅନୁଷ୍ଠାନ ମହ୍ଲାର ପକ୍ଷରୁ ମହାନଦୀ ବିହାରସ୍ଥିତ ମହିଳା ମହାବିଦ୍ୟାଳୟ ଖେଳପଡିଆରେ ରୌପ୍ୟଜୟନ୍ତୀ ସମାରୋହର ରବିବାର ଉଦ୍‌ଯାପନୀ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# 'ଗଣମାଧ୍ୟମ ପ୍ରତିନିଧି ସତ୍ୟ, ନିରପେକ୍ଷ ଖବର ପରିବେଷଣକୁ ଗୁରୁତ୍ୱ ଦିଅନ୍ତୁ'

**ମଙ୍ଗୁଳି-ଜଗତପୁର/ ଚୌଦ୍ୱାର,୧୯।୧୧ (ମାନସ ସାମଲ/ଆଶୁତୋଷ ଦାସ)**

## 'ଫୁଲ ବଉଳବେଣୀ'ର ୭ମ ସ୍ୱନକ୍ଷତ୍ର ଉତ୍ସବ

ଟାଙ୍ଗୀ-ଚୌଦ୍ୱାର ଆଞ୍ଚଳିକ ପେସାଦାର ସାମ୍ବାଦିକ ସଂଘର ମୁଖପତ୍ର 'ଫୁଲ ବଉଳବେଣୀ'ର ୭ମ ସ୍ୱନକ୍ଷତ୍ର ଉତ୍ସବ ଚୌଦ୍ୱାର ଗାନ୍ଧୀଛକସ୍ଥିତ ପୌର ଟାଉନ୍‌ହଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଦୀପକ କୁମାର ମଙ୍ଗରାଜଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚୌଦ୍ୱାର-କଟକ ନିର୍ବଚନମଣ୍ଡଳୀର ବରିଷ୍ଠ ଭାଜପା ନେତା ସନ୍ତୋଷ କୁମାର ମହାନ୍ତି ଯୋଗଦେଇ କହିଥିଲେ, ଗଣମାଧ୍ୟମ ପ୍ରତିନିଧିମାନେ ସତ୍ୟ ଓ ନିରପେକ୍ଷ ଖବର ପରିବେଷଣକୁ ଗୁରୁତ୍ୱ ଦିଅନ୍ତୁ। ଏଥିରେ ମୁଖ୍ୟବକ୍ତା ଭାବେ ଆଇନଜୀବୀ ବରଦା ପ୍ରସନ୍ନ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଇନ୍ଦ୍ରାଣୀପାଟଣା ଭାଜପା ମଣ୍ଡଳ ସଭାପତି ଜୟନ୍ତ କୁମାର ସ୍ୱାଇଁ, ଚୌଦ୍ୱାର-କଟକ ବିଧାୟକଙ୍କ ପ୍ରତିନିଧି ବିଷ୍ଣୁଚରଣ ପରିଡ଼ା, ଭାଜପା କଟକ ଜିଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, ବିରଜା ପ୍ରସାଦ ରାଉତ, ପ୍ରକାଶ ଚନ୍ଦ୍ର ବଡ଼ଜେନା, ଅଶୋକ ମହାନ୍ତି ଓ ଆଇନଜୀବୀ ତାପସ କୁମାର ନାୟକ ଯୋଗଦେଇଥିଲେ। ସଂଘ ସମ୍ପାଦକ ଅଜିତ୍ କୁମାର ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିମାନେ ମୁଖପତ୍ର ଉନ୍ମୋଚନ କରିଥିବାବେଳେ ଗଣମାଧ୍ୟମ ପ୍ରତିନିଧି ଓ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘ ଉପସଭାପତି ସୁଧାକର ମହାପାତ୍ର, ସାଧାରଣ ସମ୍ପାଦକ ଏସ୍.କେ. ଜାଭେଦ, ଉପଦେଷ୍ଟା ପଦ୍ମଲାଭ ବରାଳ, ଲୋକନାଥ ମାଝୀ, ରୁଦ୍ରାଶିଷ ନାଥ, କ୍ଷେତ୍ରବାସୀ ବରାଳ, ହେମନ୍ତ କୁମାର ରାଉତ, ସୁରେନ୍ଦ୍ର ସାହୁ, ପ୍ରଦୀପ ରାଜ, ରତନ ବାରିକ, ବିଶ୍ୱଜିତ୍ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଖବରଦାତା ମାନସ କୁମାର ସାମଲ, ମିର୍ଜା ନସୀମ ବେଗ୍ ଓ ସରୋଜ କୁମାର ବଡ୍ରା ଉପସ୍ଥିତ ଥିଲେ।



ଚୌଦ୍ୱାର ପୌର ଟାଉନ୍‌ହଲ୍‌ରେ ଅନୁଷ୍ଠିତ ସ୍ୱନକ୍ଷତ୍ର ଉତ୍ସବରେ ଅତିଥିମାନେ ମୁଖପତ୍ର ଉନ୍ମୋଚନ କରୁଛନ୍ତି।

# ହିନ୍ଦୀ ପ୍ରବାସୀ ସଂଘର ଛଟ୍ ପୂଜା

**କଟକ, ୧୯।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)**

ହିନ୍ଦୀ ପ୍ରବାସୀ ସଂଘ ପକ୍ଷରୁ ରବିବାର ଅପରାହ୍ନରେ ଛଟ୍ ପୂଜା ଅନୁଷ୍ଠିତ ହୋଇଯାଇଛି। ମହିଳାମାନେ ଉପବାସ ରହି ଏହି ପୂଜା କରିଥିଲେ। ସୋମବାର ପ୍ରାତଃ ୫ଟାରେ ସୂର୍ଯ୍ୟଙ୍କୁ ଜଳାର୍ଘ୍ୟ କରି ଉପବାସ ଭଙ୍ଗ କରିବେ। ହିନ୍ଦୀ ପ୍ରବାସୀ ସଂଘ ପକ୍ଷରୁ ଯୋବ୍ରା ତତ୍ତ୍ୱବଟ ଘାଟରେ ଏହି ପୂଜା କରାଯାଇଥିଲା। ସଂଘ ସଭାପତି ଶିବଶଙ୍କର ଠାକୁର, କାର୍ଯ୍ୟକାରୀ ସଭାପତି ସଞ୍ଜୟ କୁମାର ଠାକୁର, ସାଧାରଣ ସମ୍ପାଦକ ଶ୍ରୀରାମ ପାଣ୍ଡେ, ଯୁଗ୍ମ ସମ୍ପାଦକ ରାମମୂର୍ତ୍ତି ତିୱାରୀ, ସଙ୍ଗଠନ ସମ୍ପାଦକ କିଶନ କୁମାର ସିଂହଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୫ ହଜାରରୁ ଉର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ। ଏଥିରେ ଅତିଥି ଭାବରେ ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, କର୍ପୋରେଟର ଝିଲିରାଣୀ ବିହାରୀ, ପ୍ରଳୟା ବେଉରା, ଇଂ. ସୁବ୍ରତ ଘଡ଼ାଇ ଯୋଗଦେଇଥିଲେ।

# ଡା. ଜେପି ଦାସଙ୍କ ବିୟୋଗରେ ବିଧାୟକଙ୍କ ଶୋକ

**କଟକ,୧୯।୧୧(ଶିଲ୍ପା ପ୍ରିୟଦର୍ଶିନୀ)**

ବିଶିଷ୍ଟ ହୃଦ୍‌ରୋଗ ବିଶେଷଜ୍ଞ ଡା. ଯଦୁନାଥ ପ୍ରସାଦ ଦାସଙ୍କ ବିୟୋଗରେ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କ ଅତ୍ୟନ୍ତ ଘନିଷ୍ଠ ଥିଲା ଓ ପାରିବାରିକ ସମ୍ପର୍କ ମଧ୍ୟ ଥିଲା। ତାଙ୍କର ଦେହାନ୍ତ ମୋ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ମୋକିମ ଶୋକବାର୍ତ୍ତାରେ ଜଣାଇବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ସୂଚନାଯୋଗ୍ୟ, ଯଦୁନାଥ ଅସୁସ୍ଥ ହୋଇପଡିବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।



କାଠଯୋଡି ନଦୀ ଦେବୀଗଡାଠାରେ ବିହାରୀ ସମାଜ ପକ୍ଷରୁ ଅନୁଷ୍ଠିତ ଛଟ୍‌ପୂଜାରେ ମଙ୍ଗଳ ମନାସୀ ଜଣେ ମହିଳାଙ୍କ ମଥାରେ ଅନ୍ୟ ଜଣେ ମହିଳା ସିନ୍ଦୂର ପିନ୍ଧାଉଛନ୍ତି।

# ମା', ପୁଅଙ୍କୁ ହାଣି ଟଙ୍କା, ଅଳଙ୍କାର ଲୁଟ୍

**ମଙ୍ଗୁଳି-ଜଗତପୁର,୧୯।୧୧(ମାନସ ସାମଲ)**

ଟାଙ୍ଗୀ ଥାନା ଅଧୀନ ମଣିଆ ଗ୍ରାମର ରମେଶ ମଲ୍ଲିକଙ୍କ ଘରେ ଶନିବାର ୫ ଜଣ ଦୁର୍ବୃତ୍ତ ପଶି ଡକାୟତି କରିଛନ୍ତି। ଏଥିସହ ତାଙ୍କ ପରିବାରର ୫ ଜଣ ସଦସ୍ୟଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଛନ୍ତି। ଏଥିରେ ରମେଶଙ୍କ ସ୍ତ୍ରୀ ଓ ପୁଅ ଗୁରୁତର ହୋଇଛନ୍ତି। ଚିକିତ୍ସା ଲାଗି ସେମାନଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ରମେଶଙ୍କ ଘରେ ଶନିବାର ଅପରାହ୍ନରେ ହଠାତ୍ ଦୁର୍ବୃତ୍ତମାନେ ପଶି ମା' ଓ ପୁଅଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ଏହି ସମୟରେ ପରିବାରର ସଦସ୍ୟମାନେ ସେମାନଙ୍କୁ ପ୍ରତିରୋଧ କରିଥିଲେ। ହେଲେ ଦୁର୍ବୃତ୍ତମାନେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଘରେ ଥିବା ସମସ୍ତ ଟଙ୍କା, ସୁନା ରୁପା ଓ ରମେଶଙ୍କ ସ୍ତ୍ରୀ ପିନ୍ଧିଥିବା ଅଳଙ୍କାରକୁ ଲୁଟିନେଇ ଫେରାର ହୋଇଯାଇଥିଲେ। ପରେ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ରମେଶଙ୍କ ସ୍ତ୍ରୀ ଓ ପୁଅଙ୍କୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ। ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ଏ ନେଇ ରମେଶ ଅଭିଯୋଗ କରିବା ପରେ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ସଂହତି ଦିବସ ଶାନ୍ତି, ପ୍ରେମ, ଭ୍ରାତୃତ୍ୱର ବାର୍ତ୍ତା ଦିଏ

**ଫୁଲନଖରା,୧୯।୧୧(ସତ୍ୟରଞ୍ଜନ ଦାସମହାପାତ୍ର)**

ଇନ୍ଦିରା ଗାନ୍ଧୀ ସ୍ମୃତି ପରିଷଦ ପକ୍ଷରୁ ପାହାଳ ଥାନା ଅନ୍ତର୍ଗତ ନଖରାସ୍ଥିତ ପଦ୍ମାକ୍ଷେତ୍ରଠାରେ ଜାତୀୟ ସଂହତି ଦିବସ ରବିବାର ପାଳିତ ହୋଇଯାଇଛି। ପରିଷଦର ସଭାପତି କେଦାର ନାଥ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସର୍ବଭାରତୀୟ ଶିକ୍ଷା ସମାଜ ସଭାପତି ପ୍ରଫେସର ଯୁଧିଷ୍ଠିର ଖଟୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ଉତ୍ସବ ଭାରତବାସୀଙ୍କୁ ଏକ ସୂତ୍ରରେ ବାନ୍ଧି ରଖିବା ସହ ଶାନ୍ତି, ପ୍ରେମ ଏବଂ ଭ୍ରାତୃତ୍ୱର ବାର୍ତ୍ତା ପ୍ରଦାନ କରିଥାଏ। ସାମାଜିକ କର୍ମୀ ବ୍ରହ୍ମାନନ୍ଦ ସାହୁ, ସୁରେଶ ଚନ୍ଦ୍ର ମହାନ୍ତି, ଗଗନ ବିହାରୀ ସ୍ୱାଇଁ, ସରୋଜ କୁମାର ପଣ୍ଡା, ପ୍ରତୀକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ, ହେଲେନ ମହାନ୍ତି, ଉର୍ମିଳା ଭୋଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବଂଶୀଧର ଭୋଳ ଧନ୍ୟବାଦ ଦେଇଥିଲେ।

# ବାଲିଯାତ୍ରା ପ୍ରସ୍ତୁତି: ଦୋଳି ନିର୍ମାଣ ଆରମ୍ଭ

**କଟକ,୧୯।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)**

ଆସନ୍ତା ୨୭ ତାରିଖରେ କଟକ ବାଲିଯାତ୍ରା। ଏଥିପାଇଁ ବାଲିଯାତ୍ରା ପଡିଆରେ ପ୍ରସ୍ତୁତି କାର୍ଯ୍ୟ ଜୋର୍‌ସୋର୍‌ରେ ଆଗେଇ ଚାଲିଛି। ରବିବାରଠାରୁ ଦୋଳି ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଛି। ବ୍ୟବସାୟୀମାନେ ବାଲିଯାତ୍ରା ପଡିଆରେ ପ୍ଲଟ୍ ଅନୁଯାୟୀ ଦୋଳି ପ୍ରସ୍ତୁତ କରୁଛନ୍ତି। ସେହିପରି କଟକ ଇନ୍ କଟକ ପରିସରରେ ଗ୍ରାମ୍ୟ ପରିବେଶ ନେଇ ଆରମ୍ଭ ହୋଇଛି ସାଜସଜ୍ଜା। ସେଠାରେ ଅଙ୍ଗନୱାଡି କେନ୍ଦ୍ର, ସ୍କୁଲ, ପୋଖରୀ, ମିଶନ ଶକ୍ତି ଗୃହ ଭଳି ବିଭିନ୍ନ ପ୍ରତିକୃତି ଲଗାଯାଉଛି। ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ମଞ୍ଚ ନିର୍ମାଣ କାର୍ଯ୍ୟ ଜାରି ରହିଛି। ମିଶନ ଶକ୍ତି ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍ଏଚ୍‌ଜି)ର ମହିଳାଙ୍କ ନିମନ୍ତେ ଷ୍ଟଲ ବନ୍ଧା ସରିଲାଣି। ଜିଲାପାଳ ନରହରି ସେଠୀ ବାଲିଯାତ୍ରା ପଡିଆ ବୁଲି ଏହି ସବୁ ଅଗ୍ରଗତି କାର୍ଯ୍ୟର ସମୀକ୍ଷା କରିଛନ୍ତି। ବାଲିଯାତ୍ରା ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ ହେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ବଳକା ଥିବା ପ୍ଲଟ୍‌ଗୁଡିକ ଆବଣ୍ଟନ ନିମନ୍ତେ ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଛି। ବାରବାଟୀ ଷ୍ଟାଡିୟମ ନିକଟ ବାରବାଟୀ ପ୍ୟାଲେସଠାରେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ବ୍ୟବସାୟୀମାନେ ପଞ୍ଜୀକରଣ କରିବେ। ପଞ୍ଜୀକରଣ ହୋଇଥିବା ପ୍ଲଟ୍ ଆସନ୍ତା ୨୧ ଓ ୨୨ ତାରିଖରେ ନିଲାମ ହେବ ବୋଲି ସୂଚନା ମିଳିଛି।



# 'ସ୍ୱାଧୀନତା ସଂଗ୍ରାମରେ ଅମିତାଭଙ୍କ ଭୂମିକା ଅତୁଳନୀୟ'

**କଟକ,୧୯।୧୧ (କାର୍ତ୍ତିକ ସାହୁ)**

ସରଳା ଦେବୀ-ଭାଗୀରଥି ମହାପାତ୍ର ଟ୍ରଷ୍ଟ ଓ ଅଳକା ଆଶ୍ରମ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ସ୍ୱାଧୀନତା ସଂଗ୍ରାମୀ ଅମିତାଭ ମହାପାତ୍ରଙ୍କ ୧୦୨ତମ ଜୟନ୍ତୀ ସ୍ୱରାଜ ଆଶ୍ରମଠାରେ ରବିବାର ପାଳିତ ହୋଇଯାଇଛି। ଏହାକୁ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ବୀରକିଶୋର ମିଶ୍ର ଉଦ୍‌ଘାଟନ କରିଥିଲେ। ଟ୍ରଷ୍ଟ ସଭାପତି ନିରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ବିଧାୟକ ଇଂ. ମହମ୍ମଦ ମୋକିମ କହିଥିଲେ, ସଂଗ୍ରାମୀମାନଙ୍କୁ ଉଚିତ୍ ସମ୍ମାନ ଦେବା ଆମର ପରମ କର୍ତ୍ତବ୍ୟ। ସମ୍ମାନିତ ଅତିଥି ତଥା ଟ୍ରଷ୍ଟଦ୍ୱୟର ମୁଖ୍ୟ ପୃଷ୍ଠପୋଷକ ଇଂ. ପ୍ରଭାକର ସ୍ୱାଇଁ ବକ୍ତବ୍ୟରେ ଅମିତାଭଙ୍କ ସଂଗ୍ରାମୀ ପରିବାରର ନିଃସ୍ୱାର୍ଥପର ସେବା ଓ ଆଦର୍ଶ ଅତୁଳନୀୟ ବୋଲି କହିଥିଲେ। ଗାନ୍ଧୀ ସ୍ମାରକନିଧିର ଟ୍ରଷ୍ଟି ବିଶ୍ୱଜିତ ରାୟ ସ୍ୱାଧୀନତା ସଂଗ୍ରାମରେ ଅମିତାଭ ମହାପାତ୍ରଙ୍କ ଉଲ୍ଲେଖନୀୟ ଭୂମିକା ଥିଲା ବୋଲି କହିଥିଲେ। ଗ୍ରନ୍ଥକାର ଡ. ସତ୍ୟ ରାୟ କହିଥିଲେ, ଅମିତାଭ ବାବୁ ଜଣେ ଉତ୍ସର୍ଗୀକୃତ ଦେଶଭକ୍ତ ଥିଲେ। ଏହି ଅବସରରେ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ରମାକାନ୍ତ ମହାନ୍ତି ଏବଂ ଆଶ୍ରୟ -ଦି ସେଲ୍‌ଟରର ସମ୍ପାଦିକା ସୁଜାତା ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଇନଜୀବୀ ଅସିତ୍ କୁମାର ଜେନା ଓ ନୂପୁର ଦତ୍ତ ମାନପତ୍ର ପାଠ କରିଥିଲେ। ନିୟମିତ ଶ୍ରୋତା ପୁରସ୍କାର ସ୍ନେହଲତା ପାଣିଙ୍କୁ ପ୍ରଦାନ କରାଯାଇଥିଲା। ବିଶ୍ୱମିତ୍ରା ମିଶ୍ର ଅତିଥି ପରିଚୟ, ପରିଚାଳନା ଟ୍ରଷ୍ଟି ଲକ୍ଷ୍ମୀପ୍ରକାଶ ମହାପାତ୍ର ବିବରଣୀ ପାଠ ଓ ଜଗନ୍ନାଥ ମହାନ୍ତି ଧନ୍ୟବାଦ ଦେଇଥିଲେ। ଅନ୍ୟତମ ଟ୍ରଷ୍ଟି କବିତା ମହାପାତ୍ର, ଜ୍ଞାନରଞ୍ଜନ ସାମନ୍ତରାୟ, ବିଶ୍ୱଜିତ୍ ପାଣିଙ୍କ ସମେତ କାର୍ଯ୍ୟନିର୍ବାହୀ ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ।



ସ୍ୱାଧୀନତା ସଂଗ୍ରାମୀ ଅମିତାଭ ମହାପାତ୍ରଙ୍କ ଜୟନ୍ତୀ ଉତ୍ସବରେ ଆଇନଜୀବୀ ରମାକାନ୍ତ ମହାନ୍ତି ଓ ସୁଜାତା ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ସଂକ୍ଷେପରେ**

## ରାଧାକୃଷ୍ଣ ସୋସିଓ କଲ୍‌ଚରାଲ ଆଣ୍ଡ ଦରିଦ୍ର ନାରାୟଣ ସେବାସଂଘର ବାର୍ଷିକୋତ୍ସବ

ଯାଁଳା,୧୯।୧୧(ବୁଲା ବାରିକ)

ରାଧାକୃଷ୍ଣ ସୋସିଓ କଲ୍‌ଚରାଲ ଆଣ୍ଡ ଦରିଦ୍ର ନାରାୟଣ ସେବାସଂଘର ୩୩ତମ ବାର୍ଷିକ ଉତ୍ସବ ରବିବାର ଜଟଣୀ ବ୍ଲକ ଗଙ୍ଗପଡ଼ାସ୍ଥିତ ମା' ବାଟଭୁଆଶୁଣୀ ମନ୍ଦିର ପ୍ରଗଣାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୁରୀ, ଭୁବନେଶ୍ୱର, ଜଟଣୀ ଓ ଖୋର୍ଦ୍ଧା ଅଞ୍ଚଳର ଶତାଧିକ ଗରିବ ଲୋକଙ୍କୁ ବସ୍ତ୍ର, ଔଷଧ ଏବଂ ଖାଦ୍ୟ ବଣ୍ଟନ କରାଯାଇଥିଲା। ଏହି ଉତ୍ସବକୁ ଲଲାଟ କୁମାର ପୃଷ୍ଟି ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇଥିଲେ। ୧୫ଶହ ଗରିବ ଲୋକଙ୍କୁ ସେବାସଂଘର କର୍ମକର୍ତ୍ତା ଖାଦ୍ୟ ବଣ୍ଟନ କରିଥିଲେ। ଉତ୍ସବରେ ସମ୍ମାନିତ ଅତିଥିଭାବେ ମନ୍ମଥ ରାଉତରାୟ, ବିଜୟ କୁମାର ମହାରଥୀ, ନରହରି ଦାସ, ପ୍ରଦୀପ କୁମାର ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ।

## ଜଟଣୀରେ ଛଟ୍ ପର୍ବ

ଜଟଣୀ,୧୯।୧୧(ରବୀନ୍ଦ୍ର ନାଥ ମହାକୁଡ଼)

କାର୍ତ୍ତିକ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥି ଅବସରରେ ବିହାରୀ ଏବଂ ମାରୱାଡି ସମ୍ପ୍ରଦାୟ ପକ୍ଷରୁ ଶନିବାର ଜଟଣୀରେ ଛଟ୍ ପର୍ବ ପାଳିତ ହୋଇଯାଇଛି। ସ୍ଥାନୀୟ ହାଟବଜାର ପୋଖରୀ କୂଳରେ ରବିବାର ବ୍ରତଧାରୀ ମହିଳା ଓ ପୁରୁଷ ପୂଜାର୍ଚ୍ଚନା କରିବା ସହ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଥିଲେ। ଛଟ୍ ପର୍ବ ତଥା ବ୍ରତ ପାଳନ ପାଇଁ ମାନସିକ ମୁତାବକ ବିଭିନ୍ନ ଫଳଫୁଲ ଧରି ପୋଖରୀ କୂଳରେ ଏକତ୍ରିତ ହୋଇଥିଲେ ମହିଳାମାନେ। ଦୀର୍ଘ ଚାରିଦିନ ଧରି ପୂଜାର୍ଚ୍ଚନା ଏବଂ ବ୍ରତ ପାଳନ କରାଯାଉଥିବା ବେଳେ ପରିବାର ଏବଂ ସ୍ୱାମୀଙ୍କ ମଙ୍ଗଳ ମନାସି ଏହି ବ୍ରତ ପାଳନ କରିଥାନ୍ତି। ମୁଖ୍ୟତଃ ନିଃସନ୍ତାନ ମହିଳା ନିଷ୍ଠାର ସହିତ ବ୍ରତ ଧାରଣକରି ଛଟ୍ ମା'ଙ୍କ ପୂଜାର୍ଚ୍ଚନା କଲେ ସନ୍ତାନପ୍ରାପ୍ତି ହେବା ବିଶ୍ୱାସ ରହିଛି ବୋଲି ମଞ୍ଜୁ ଉପାଧ୍ୟାୟ କହିଛନ୍ତି। ବ୍ରତର ପ୍ରଥମ ଦିବସକୁ ନାହାୱା ଖାନା କୁହାଯାଉଥିବା ବେଳେ ପୂଜାରେ ବ୍ରତଧାରିଣୀମାନେ ସ୍ନାନକରି ଫଳ ଗ୍ରହଣ କରିଥାନ୍ତି। ଦ୍ୱିତୀୟ ଦିବସରେ ଖରଣା ପୂଜା ଅବସରରେ ବ୍ରତଧାରୀ ଘରେ ଖିରି, ପୁରି ଭୋଗ ଲଗାଇ ଗ୍ରହଣ କରିଥାନ୍ତି। ତୃତୀୟ ଦିବସର ବ୍ରତଧାରୀ ମହିଳା ଏବଂ ପୁରୁଷ ବିଭିନ୍ନ ନଦୀ ଏବଂ ପୋଖରୀ କୂଳରେ ଏକତ୍ରିତ ହୋଇ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରି ପରିବାରର ମଙ୍ଗଳ ମନାସିଥାନ୍ତି। ଅନ୍ତିମ ଦିବସ ପ୍ରାତଃ ସମୟରେ ପୋଖରୀ ଏବଂ ନଦୀକୂଳରେ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନକରି ପ୍ରସାଦସେବନ କରିବା ପରେ ବ୍ରତ ସମାପ୍ତ କରିଥାନ୍ତି। ଏହି ପୂଜା ସମୟରେ ବିହାରୀ ସମ୍ପ୍ରଦାୟର ସଦସ୍ୟମାନେ ବାଣ ଫୁଟାଇ ପୋଖରୀ ଏବଂ ନଦୀକୂଳରେ ଖୁସି ମନାଇଥିବା ଦେଖିବାକୁ ମିଳିଛି।

## ଶିକ୍ଷାବିତ୍ ଯମେଶ୍ୱର କହଲସିଂହଙ୍କ ପରଲୋକ

ଖୋର୍ଦ୍ଧା,୧୯।୧୧(ପ୍ରଭାତ ପାଣିଗ୍ରାହୀ)

ବିଶିଷ୍ଟ କବି ତଥା ଶିକ୍ଷାବିତ୍ ଯମେଶ୍ୱର କହଲସିଂହଙ୍କ ଭୁବନେଶ୍ୱରର ଏକ ଘରୋଇ



ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ତାଙ୍କୁ ୭୮ ବର୍ଷ ହୋଇଥିଲା। ସେ ଗତ କିଛିଦିନ ଧରି ଅସୁସ୍ଥ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ ରତିକାନ୍ତ, ନିଶିକାନ୍ତ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଶିକ୍ଷା, ସାରସ୍ୱତ ଓ ସାଂସ୍କୃତିକ କ୍ଷେତ୍ରରେ ଖୋର୍ଦ୍ଧା ନିକଟ ଲୋକିପୁର ଗାଁରେ ଜନ୍ମିତ ଯମେଶ୍ୱରଙ୍କ ଅବଦାନ ଅତୁଳନୀୟ। କାଇପଦର ଉଚ୍ଚ ବିଦ୍ୟାଳୟର ଆଦର୍ଶ ପ୍ରଧାନ ଶିକ୍ଷକ ଭାବେ ପରିଚିତ ଥିଲେ। ଗୀତିକବିତା 'ବର୍ଷା-ବସନ୍ତ-ବୈଶାଖ', 'ସାଗର ସଙ୍ଗମ', 'ଫୁଲ ଫୁଟିବାର ବେଳ' ଆଦି ବହୁ ପୁସ୍ତକ ସେ ରଚନା କରିଛନ୍ତି। ନିର୍ମାଲ୍ୟ-ସ୍ୱାଗତିକା, ଧରଣୀଧର ସାହିତ୍ୟ ସଂସଦ ଆଦି ସାରସ୍ୱତ ଅନୁଷ୍ଠାନ ପ୍ରତିଷ୍ଠା କରିଥିଲେ। ଭାଷା, ସାହିତ୍ୟର ପ୍ରଚାର, ପ୍ରସାର ସହ ପୂଜ୍ୟପୂଜା ଦିଗରେ ତାଙ୍କ କାର୍ଯ୍ୟ ବେଶ୍ ପ୍ରଶଂସନୀୟ। ବହୁ ସାମାଜିକ ଅନୁଷ୍ଠାନ ସହ ସେ ଜଡ଼ିତ ଥିଲେ। ତାଙ୍କ ବିୟୋଗରେ ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ, ପ୍ରାଧ୍ୟାପକ ଗୋପାଳ ଦାସ, ସାହିତ୍ୟିକ ଜ୍ଞାନରଞ୍ଜନ ଦାଶ, ଡ. ପ୍ରମୋଦ ଚନ୍ଦ୍ର ଦାଶ, କବି ରାଜକିଶୋର ପାଣିଗ୍ରାହୀ, ତ୍ରିଲୋଚନ ଦାଶଙ୍କ ସମେତ ବହୁ ବ୍ୟକ୍ତି ଶୋକପ୍ରକାଶ କରିଛନ୍ତି।

# ଶ୍ରମିକଙ୍କ ବିକାଶ, ସହଭାଗିତାକୁ ଗୁରୁତ୍ୱ



ଶ୍ରମିକଙ୍କୁ ଆର୍ଥିକ ସହାୟତା ଶିବିରରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଅତିଥି ଏବଂ ଅନ୍ୟମାନେ।

**ଶ୍ରମିକଙ୍କୁ ଆର୍ଥିକ ସହାୟତା ଶିବିର**

- ୨୨୬ ଜଣଙ୍କୁ ୧କୋଟି ୨୮ଲକ୍ଷ ପ୍ରଦାନ
- ନୂତନ ପଞ୍ଜୀକୃତ ୨୪୧ ଜଣଙ୍କୁ କାର୍ଡ ବଣ୍ଟନ

ଖୋର୍ଦ୍ଧା,୧୯।୧୧(ପ୍ରଭାତ ପାଣିଗ୍ରାହୀ)

ଯୁଗ୍ମ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ଭୁବନେଶ୍ୱର ଆନୁକୂଲ୍ୟରେ ପଞ୍ଜୀକୃତ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅନ୍ତର୍ଗତ ଏକ ସହାୟତା ଶିବିର ସ୍ଥାନୀୟ ଜୟୀ ରାଜଗୁରୁ ଭବନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ପଞ୍ଜୀକୃତ ୮୭ ଶ୍ରମିକଙ୍କ ଉତ୍ତରାଧିକାରୀ, ମନୋନୀତ ବ୍ୟକ୍ତିଙ୍କୁ ମୃତ୍ୟୁକାଳୀନ ଓ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ବାବଦରେ ୮୯ଲକ୍ଷ ୧୫ହଜାର ଟଙ୍କା, ବିବାହକାଳୀନ ସହାୟତା ବାବଦରେ ୭୦ଜଣଙ୍କୁ ୩୪ ଲକ୍ଷ ୨୫ ହଜାର, ଶିକ୍ଷା ସହାୟତା ବାବଦରେ ୬୭ ଜଣଙ୍କୁ ୪ଲକ୍ଷ ୪୦ହଜାର, ପ୍ରସବକାଳୀନ ସହାୟତା ବାବଦରେ ୨ଙ୍କୁ ୨୦ହଜାର ଟଙ୍କା ପ୍ରଦାନ କରାଯାଇଛି। ମୋଟ୍ ୨୨୬ ଜଣଙ୍କୁ ୧ କୋଟି ୨୮ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ଏଥିସହିତ ନୂତନ ଭାବେ ପଞ୍ଜୀକୃତ ୨୪୧ ଜଣଙ୍କୁ କାର୍ଡ ବଣ୍ଟନ କରାଯାଇଛି। ଏହି ଶିବିରରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ କୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ଶ୍ୱେତାସ୍ନିଗ୍ଧା ମିଶ୍ର, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଣବ କୁମାର ପାତ୍ର, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂ, ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ମୁକ୍ତା ଉପଦେଷ୍ଟା ଇସ୍ମିତା ସାହୁ, ଜଟଣୀ ପୌରାଧ୍ୟକ୍ଷ ଅନନ୍ତ ବେହେରା, ପ୍ରକାଶ ସାମନ୍ତରାୟ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଶ୍ରମିକମାନଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ସେମାନଙ୍କ ବିକାଶ ଲାଗି ସରକାରଙ୍କ ଆର୍ଥିକ ସହାୟତା ଏକ ଯୁଗାନ୍ତକାରୀ ପଦକ୍ଷେପ। ଅଧିକରୁ ଅଧିକ ଶ୍ରମିକ ଏଥିରେ ପଞ୍ଜୀକୃତ ହେବାସହ ଏହି ଯୋଜନାର ସୁଯୋଗ ନେବା ପାଇଁ ଅତିଥିମାନେ ମତପ୍ରକାଶ କରିଥିଲେ। ଖୋର୍ଦ୍ଧା ପ୍ରଭାଗୀୟ ଶ୍ରମ ଆୟୁକ୍ତ ଅଜୟ କୁମାର ପ୍ରଧାନ ଅତିଥି ପରିଚୟ, ସ୍ୱାଗତ ଭାଷଣ ସହ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସହକାରୀ ଶ୍ରମ ଅଧିକାରୀ ଚନ୍ଦନ ମାଝି, ଲମ୍ବୋଦର ରାଉତ, ପ୍ରଜ୍ଞାପାରମିତା ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ବାହାରେ ଶୌଚ କରିବା ଏକ ସାମାଜିକ ବ୍ୟାଧି



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

ବୋଲଗଡ଼,୧୯।୧୧(ଦେବବ୍ରତ ହୋତା)

ସ୍ୱଚ୍ଛ ଭାରତ ଗଠନ କରିବା ପାଇଁ ଘରେ ଘରେ ପାଇଖାନା ବ୍ୟବହାର କରିବାକୁ ଆହ୍ୱାନ ଦିଆଯାଇଛି। ସରକାର ସ୍ୱଚ୍ଛ ଭାରତ ଯୋଜନାରେ କୋଟି କୋଟି ଟଙ୍କା ଯୋଗାଇ ଦେଉଛନ୍ତି। ଏହାକୁ ସଫଳ ରୂପାୟନ କରିବାକୁ ସମସ୍ତଙ୍କ ସହଯୋଗ ଲୋଡ଼ା। ପ୍ରଶାସନ ଏ ଦିଗରେ ଦୃଢ଼ ସଙ୍କଳ୍ପ ନେବା ଜରୁରୀ। ବୋଲଗଡ଼ ବ୍ଲକ ସଭାଗୃହରେ ପଞ୍ଚାୟତିରାଜ ବିଭାଗ ଦ୍ୱାରା ଏକ ବୈଠକ ହୋଇଥିଲା। ବିଡିଓ ଶରତ କୁମାର ମଳିକଙ୍କ ଅଧ୍ୟକ୍ଷତାରେ ବ୍ଲକ ଅଧ୍ୟକ୍ଷା ହୁଲାସ ପ୍ରଧାନ, ଏବିଡିଓ ଡ. ରତିକାନ୍ତ ମିଶ୍ର, ଜିଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ ପ୍ରମୁଖ ଯୋଗଦେଇ ବାହାରେ ଶୌଚ କରିବା ଏକ ସାମାଜିକ ବ୍ୟାଧି ଏବଂ ପରିବେଶ ପାଇଁ କ୍ଷତିକାରକ ବୋଲି ବକ୍ତବ୍ୟ ରଖିଥିଲେ। ବିଆର୍‌ସିସି ଆକାଶ ରାଉତ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସମସ୍ତ ନିର୍ବାଚିତପ୍ରତିନିଧି, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ଗ୍ରାମ ରୋଜଗାର ସେବକ ଓ ଅନ୍ୟ କର୍ମଚାରୀ ଯୋଗଦେଇଥିଲେ। ପ୍ରତି ଘରେ ଶୌଚାଳୟ ନିର୍ମାଣ କରିବାକୁ ସଂକଳ୍ପ ନେଇଥିଲେ। ଗ୍ରାମପଞ୍ଚାୟତ ଅଧିକାରୀ କାମଦେବ ନାୟକ ଧନ୍ୟବାଦ ଦେଇଥିଲେ।



ଛଟ୍ ପୂଜା ଅବସରରେ ରବିବାର ଜଟଣୀରେ ବିହାରୀ ଓ ମାରୱାଡି ସମ୍ପ୍ରଦାୟ ମହିଳାମାନେ ପୂଜାର୍ଚ୍ଚନା କରୁଛନ୍ତି।

## ଧର୍ମପରାୟଣା ମହିଳାଙ୍କ ପରଲୋକ

ଟାଙ୍ଗୀ,୧୯।୧୧(ରଘୁନାଥ ସାହୁ)

ଟାଙ୍ଗୀ ଦୁର୍ଗାଚରଣ ଚିଲିକା କଲେଜର ପୂର୍ବତନ ଅଧ୍ୟକ୍ଷ ତଥା ଚାନ୍ଦପୁର ଶ୍ରୀ ସତ୍ୟସାଇ ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ଡ. ବିରଞ୍ଚି ନାରାୟଣ ପାତ୍ରଙ୍କ ସହଧର୍ମିଣୀ ଅନୁରାଧା ପାତ୍ରଙ୍କର ରବିବାର ପୂର୍ବାହ୍ନରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଅସୁସ୍ଥ ଥିବାରୁ ଚିକିତ୍ସିତ ହେଉଥିଲେ। ସେ ଧର୍ମପରାୟଣା ମହିଳା ଭାବେ ଅଞ୍ଚଳରେ ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ବ୍ୟକ୍ତି ଓ ସାଇ ଭକ୍ତ ପହଞ୍ଚି ଶେଷଦର୍ଶନ କରିଥିଲେ। ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ସିଦ୍ଧାର୍ଥ ମୁଖାଗ୍ନି ଦେଇଥିଲେ।

## ବିଜେଡିର ସାଙ୍ଗଠନିକ ବୈଠକ



ବିଜୁ ମହିଳା ଜନତା ଦଳ ଉପସଭାପତି ବାସନ୍ତୀ ମହାପାତ୍ର ଉଦ୍‌ବୋଧନ ଦେଉଛନ୍ତି।

ନିରାକାରପୁର,୧୯।୧୧(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା କୁହୁଡ଼ି ପଞ୍ଚାୟତରେ ରାଜ୍ୟ ବିଜୁ ମହିଳା ଜନତା ଦଳ ଉପସଭାପତି ବାସନ୍ତୀ ମହାପାତ୍ରଙ୍କ ନେତୃତ୍ୱରେ ବିଜେଡିର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ବିପିନ ଉଦୟସିଂହ, ଅନାଦି ବିଶ୍ୱାଳ, ମାଧବ ପ୍ରଧାନ, ସୁବ୍ରତ ପ୍ରଧାନ, ପ୍ରଦୀପ ମହାରଣା ପ୍ରମୁଖ ଅତିଥିଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ପ୍ରତି ଘରେ ପହଞ୍ଚାଇବା ପାଇଁ ମତପ୍ରକାଶ କରିଥିଲେ। ଦଳ ତଥା ସଙ୍ଗଠନକୁ ମଜଭୁତ କରିବାକୁ ଉପସ୍ଥିତ କର୍ମୀମାନେ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ବର୍ଷେ ପରେ ବି ତଦନ୍ତ ବାଟବଣା

ଖୋର୍ଦ୍ଧା,୧୯।୧୧(ପ୍ରଭାତ ପାଣିଗ୍ରାହୀ)

**ମାଟିତଳୁ ଯୁବକଙ୍କ ଗଳିତ ମୃତଦେହ ଜବତ ଘଟଣା**

- ହତ୍ୟା ପରେ ପୋତି ଦିଆଯାଇଥିବା ସନ୍ଦେହ
- ପରିଚୟ ଖୋଜୁଛି ପୋଲିସ

୨୦୨୨ ନଭେମ୍ବର ୧୭ରେ ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ବେଙ୍ଗଟାଙ୍ଗୀ ଆମ୍ବତୋଟାର ମାଟିତଳୁ ପୋଲିସ ଜଣେ ଯୁବକଙ୍କ ଗଳିତ ମୃତଦେହ ଜବତ କରିଥିଲା। ତାଙ୍କୁ ହତ୍ୟାପରେ ମାଟିରେ ପୋତି ଦିଆଯାଇଥିବା ପୋଲିସ ସନ୍ଦେହ କରିଥିଲା। ପୋତାଯାଇଥିବା ସ୍ଥାନରେ ଦାନାଦାର, ଲୁଣ ପ୍ୟାକେଟ, ରାସାୟନିକ ପଦାର୍ଥ ପଡ଼ିଥିବା ବେଳେ କିଛିଦୂରରୁ ମଦ ବୋତଲ ଜବତ ହୋଇଥିଲା। ତେଣୁ ପ୍ରମାଣ ନଷ୍ଟ ଲାଗି ଏହାକୁ ବ୍ୟବହାର କରାଯାଇଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁକରି ମୃତଦେହର ଏଫ୍‌ଏମ୍‌ଟି ପାଇଁ ଭୁବନେଶ୍ୱର ଫରେନ୍‌ସିକ ଲାବ୍‌କୁ ପଠାଇଥିଲା। ଏହି ଘଟଣାକୁ ଏକ ବର୍ଷ ବିତିଯାଇଥିଲେ ମଧ୍ୟ ଏଯାବତ୍ ପୋଲିସ ଏହି ଘଟଣାର ଟେର୍ ପାଇନାହିଁ।

ମୃତଦେହ ଜବତ ହୋଇଥିବା ଆମ୍ବତୋଟା ଏକ ନିଛାଟିଆ ସ୍ଥାନ ହୋଇଥିବାରୁ ସନ୍ଧ୍ୟାହେଲେ ଏଠାକୁ କେହି ଆସନ୍ତି ନାହିଁ। ଏପରିକି ସେହି ସମୟରେ କୌଣସି ଯୁବକ ନିଖୋଜ ଥିବା ନେଇ ଖବର ନ ଥିଲା। ତେଣୁ ଉଦ୍ଧାର ମୃତଦେହ ବାହାର ଅଞ୍ଚଳର ହୋଇଥିବା ଚର୍ଚ୍ଚା ହୋଇଥିଲା। ଉଦ୍ଧାର ଯୁବକଙ୍କ ଉଚ୍ଚତା ୫ରୁ ୬ ଫୁଟ ହୋଇଥିବା ବେଳେ ଶରୀର ଓଜନ ମଧ୍ୟ ରହିଥିଲା। ଗାତ ଖୋଳି ପୋତାଯାଇଥିବାରୁ ଏଥିରେ ଏକାଧିକଙ୍କ ସମ୍ପୃକ୍ତି ରହିଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଥିଲା। ଅନ୍ୟପଟେ ଜଗତ୍‌ସିଂହପୁର ଜିଲାର ନାଉଗାଁ ଥାନା ଅଞ୍ଚଳର ଜଣେ ନିଖୋଜ ଯୁବକଙ୍କ ସହ ଏଠାରୁ ଉଦ୍ଧାର ହୋଇଥିବା ମୃତଦେହର ତାଳମେଳ ରହିଥିବା ପୋଲିସ ବିଶେଷ ସୂତ୍ରରୁ ଜାଣିବାକୁ ପାଇଛି। ତେବେ ତଦନ୍ତ ଜାରି ରହିଥିବା କହି ପୋଲିସ ଘଟଣାକୁ ଏଡ଼ାଇ ଚାଲିଛି। ସୂଚନାଥାଉ କି, ନଭେମ୍ବର ୧୭ ସକାଳେ ଆମ୍ବତୋଟାରେ କେତେଜଣ ଗ୍ରାମବାସୀ ବୁଲାବୁଲି କରିବା ସମୟରେ ମାଟି ଉପରେ ଏକ ହାତ ପାପୁଲି ଦେଖିବାକୁ ପାଇଥିଲେ। ଖବରପାଇ ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଥିଲା। ଏହାର ଚାରିପଟେ ଦଉଡ଼ି ବାନ୍ଧି ବ୍ୟାରିକେଡ୍ କରାଯାଇଥିଲା। ପୋଲିସ ରାତିସାରା ସେଠାରେ ଜଗି ରହିଥିଲା। ତା'ପରଦିନ ପୂର୍ବାହ୍ନ ସାଢ଼େ ୧୧ଟାରେ ପ୍ରଥମେ ସଦର ଏସ୍‌ଡିପିଓ ଦିଲୀପ ଦାସ, ଟାଉନ ଥାନାଧିକାରୀ ତାରିକ ଅହମ୍ମଦ, ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର ସହ ତତ୍କାଳୀନ ଖୋର୍ଦ୍ଧା ତହସିଲଦାର ଈପସିତ୍ ସାହୁଙ୍କ ଉପସ୍ଥିତିରେ ସ୍ଥାନୀୟ ଲୋକଙ୍କ ସହାୟତାରେ ମାଟି ଖୋଳିଥିଲେ। ୩ଟା ଘଣ୍ଟାର ପରିଶ୍ରମ ପରେ ୪ ଫୁଟ ତଳୁ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଥିଲା। ପରେ ଏସ୍‌ପି ସିଦ୍ଧାର୍ଥ କଟାରିଆ ପହଞ୍ଚି ଘଟଣାର ଛାନ୍‌ଭିନ୍ କରିଥିଲେ। ସାଇଣ୍ଟିଫିକ୍ ଟିମ୍ ଦାନାଦାର ଓ କେମିକାଲ ଯୁକ୍ତ ମାଟି ସଂଗ୍ରହ କରିଥିଲା। ଏହି ଘଟଣାର ପର୍ଦ୍ଦାଫାଶ ପାଇଁ ସେହି ସମୟରେ ସଦର ଏସ୍‌ଡିପିଓଙ୍କ ନେତୃତ୍ୱରେ ୪ଟି ଟିମ୍ ଗଠନ ହୋଇଥିଲା। ଏହି ଟିମ୍ ତଦନ୍ତ ଆରମ୍ଭ କରିଥିଲା। ତେବେ ଏହାର ତଦନ୍ତ କେତେବାଟ ଗଲା ତାହା ଏବେବି ରହସ୍ୟଘେରରେ ରହିଛି। ସଦର ଏସ୍‌ଡିପିଓ ଦିଲୀପ ଦାସ କହିଛନ୍ତି, ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଛି।

## ପରୋପକାରୀ ଥିଲେ ବିଶ୍ୱନାଥ

ଟାଙ୍ଗୀ/ଗମ୍ଭାରୀମୁଣ୍ଡା,୧୯।୧୧
(ରଘୁନାଥ ସାହୁ/ଦିଲୀପ ସ୍ୱାଇଁ)

ବଉଳାବନ୍ଧ ପଞ୍ଚାୟତର ଇଚ୍ଛାପୁରଠାରେ ସମାଜସେବୀ ବିଶ୍ୱନାଥ ସ୍ୱାଇଁଙ୍କ ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ମୃତି ସଂସଦର ସଭାପତି ଡା. ମଧୁସୂଦନ ସେନାପତିଙ୍କ ଅଧ୍ୟକ୍ଷତା ଏବଂ ସମ୍ପାଦକ ପ୍ରମୋଦ ସ୍ୱାଇଁଙ୍କ ସଂଯୋଜନାରେ ସାରସ୍ୱତ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଗୋଦାବରୀଶ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ନୃସିଂହ ଚରଣ ପ୍ରଧାନ, ମୁଖ୍ୟବକ୍ତା ନାଟ୍ୟକାର ଭିକାରୀ ଚରଣ ପ୍ରଧାନ, ଅତିଥିଭାବେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ଦାସ, ବାଣପୁର ଏବିଇଓ ତଥା ସିଆର୍‌ସିସି ସନ୍ଧ୍ୟାରାଣୀ ହରିଚନ୍ଦନ, ଗଞ୍ଜାମର ବିରିପୁର ପୂର୍ଣ୍ଣଚନ୍ଦ୍ର ମର୍ଦ୍ଦରାଜ ସରକାରୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା, କୁମାଣ୍ଡୋଳ ଯୁବଜ୍ୟୋତି ହାଇସ୍କୁଲ ପ୍ରଧାନ ଶିକ୍ଷକ ଆଶିଷ କୁମାର ପତି, ଚିଲିକା ବ୍ଲକ ବିରିବାଡ଼ିସ୍ଥିତ ଶ୍ରୀଲୋକନାଥ ଦେବ ମାନସିଂହ ହାଇସ୍କୁଲର ପ୍ରଧାନ ଶିକ୍ଷକ କୁନା ମହନ୍ତ, ନାରୁଣୀସ୍ଥିତ ବ୍ରିଟି ବାର୍ଡ ଇଂଲିଶ ମିଡିୟମ୍ ସ୍କୁଲର ଅଧ୍ୟକ୍ଷ ସୁରେଶ ଦାଶ, ସାମ୍ବାଦିକ ସୁଧୀର ବେହେରା, ସାମ୍ବାଦିକ ସଂଗ୍ରାମ ରଣା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସଭା ଆରମ୍ଭ ପୂର୍ବରୁ ସଂସଦ ପକ୍ଷରୁ ସ୍ଥାନୀୟ ଗ୍ରାମ ସାହି ରାସ୍ତା ସଫେଇ କରାଯାଇଥିଲା। ଏହିଅବସରରେ ୨୫ ଜଣ ବୟୋଜ୍ୟେଷ୍ଠ ପୁରୁଷ ଓ ମହିଳାଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ଏଥିସହିତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ପାଲାଗାୟକ ଗୌରୀଶଙ୍କର ରଥଶର୍ମା, ପୂର୍ବତନ ପ୍ରଧାନ ଶିକ୍ଷକ ଭାଗୀରଥି ସ୍ୱାଇଁ ଓ ଲକ୍ଷ୍ମୀଧର ବେହେରାଙ୍କ ସହ ସଂକୀର୍ତ୍ତନ ଗାୟକ ଭଞ୍ଜକିଶୋର ବେହେରା, ଗୌରାଙ୍ଗ ଚରଣ ବିଶ୍ୱାଳ, ଭରତ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ମୃତି ସଂସଦ ପକ୍ଷରୁ ପୂର୍ବରୁ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶରତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ପରିମଳ ସଚେତନତା କାର୍ଯ୍ୟକ୍ରମ

ଗମ୍ଭାରୀମୁଣ୍ଡା,୧୯।୧୧(ଦିଲୀପ ସ୍ୱାଇଁ)

ବାଣପୁର ଗୋଦାବରୀଶ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ପରିମଳ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ପ୍ରଥମେ ମହାବିଦ୍ୟାଳୟ ମୁଖ୍ୟ ଫାଟକରୁ ପରିମଳ ସଂକ୍ରାନ୍ତୀୟ ସ୍ଲୋଗାନ ପ୍ରଦାନ କରି ବେଙ୍ଗରାଜ ପଲ୍ଲୀ ଗ୍ରାମରେ ପହଞ୍ଚି ସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ସଚେତନ କରାଇଥିଲେ। ଏହି ପରିମଳ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ବିନାୟକ ହୋତା, ଅଧ୍ୟାପକ ଆଦିତ୍ୟ ସାରଥି ବେଦମାତା, ଅଧ୍ୟାପିକା ସ୍ୱାଗତିକା ସାହୁ, ଅଧ୍ୟାପକ ଗୋଲକ କୁମାର ବେହେରା ମହାବିଦ୍ୟାଳୟ ପରିସରରେ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ବେଙ୍ଗରାଜ ପଲ୍ଲୀ ଗ୍ରାମଠାରେ ଅଧ୍ୟକ୍ଷ ହୋତା ଗ୍ରାମର ପିଲାମାନଙ୍କୁ ପରିମଳ ଲାଗି ଆବଶ୍ୟକ ଉପକରଣ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପୂର୍ବତନ କ୍ରୀଡ଼ା ଶିକ୍ଷକ ବୈରାଗୀ ଚରଣ ବଳ ଓ ପୂର୍ବତନ ପ୍ରାଣୀ ବିଜ୍ଞାନ ଡେମୋନ୍‌ଷ୍ଟ୍ରେଟର ଜୟନ୍ତୀ ଲାଲ ଚୌହାନ ଯୋଗଦେଇ ମତବ୍ୟକ୍ତ କରିଥିଲେ।




ପରିମଳ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଏବଂ ଛାତ୍ରୀଛାତ୍ରମାନେ।

# ପରିଶ୍ରମ କଲେ ସଫଳତା ମିଳିବ

ଖୋର୍ଦ୍ଧା,୧୯।୧୧(ପ୍ରଭାତ ପାଣିଗ୍ରାହୀ)



ଅତିଥିଙ୍କ ଗହଣରେ ଖେଳାଳି ଏବଂ ଅନ୍ୟମାନେ।

**ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ**

ଜାତୀୟସ୍ତରରେ ଉନ୍ନତମାନର ଖେଳାଳିଙ୍କୁ ତୃଣମୂଳସ୍ତରରୁ ପ୍ରସ୍ତୁତ ପାଇଁ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ପ୍ରଚେଷ୍ଟା ଜାରି ରଖିଛି। ଫାଓ ସହଯୋଗରେ ଶରଧାପୁର ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଶରଧାପୁର ଖେଳପଡ଼ିଆରେ ଚାଲିଥିବା ଦୁଇଦିନିଆ ଫୁଟବଲ ବାଳକ ବର୍ଗ ବୟସ ୧୩ ଓ ୧୫ ବର୍ଷ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ଖୋର୍ଦ୍ଧା ଓ ଜଟଣୀରୁ ପ୍ରାୟ ୩୫ ଜଣ ଅଂଶଗ୍ରହଣ କରିଥିଲେ। ଦୁଇଦିନ ଧରି ଏହି ବର୍ଗର ପିଲାମାନେ ଏଠାରେ ରହି ବିଭିନ୍ନ କୌଶଳ ଶିକ୍ଷାପ୍ରାପ୍ତ କରିଥିଲେ। ପୂର୍ବତଟ ରେଲ୍‌ୱେ କ୍ରୀଡ଼ା ବିଭାଗର କ୍ରୀଡ଼ା ସମ୍ପାଦକ ମହମ୍ମଦ ଜାକିରୁଦ୍ଦିନ ଏହି ପ୍ରଶିକ୍ଷଣ ବର୍ଗକୁ ଉଦ୍‌ଘାଟନ କରି ପିଲାଙ୍କୁ ଉତ୍ସାହିତ କରିଥିଲେ। ଅଭ୍ୟାସ ଜାରି ରଖିଲେ ଭବିଷ୍ୟତରେ ଜଣେ ଜଣେ ଉତ୍ତମ ଖେଳାଳି ହେବା ସହ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିପାରିବ ବୋଲି କହିଥିଲେ। ଏକାଧିକ ସଫଳ ଫୁଟ୍‌ବଲ ଖେଳାଳିଙ୍କ ଉଦାହରଣ ଦେଇ କହିଥିଲେ, ସଫଳତାର ଶୀର୍ଷରେ ପହଞ୍ଚିବାକୁ ହେଲେ କଠିନ ପରିଶ୍ରମ କରିବାକୁ ପଡ଼ିବ। ପିଲାଙ୍କୁ ଫାଓର ମୁଖ୍ୟ କୋଚ୍ କେଦାର ବରାଳ ଏବଂ ତାଙ୍କ ସହଯୋଗୀ ଦୁଇଦିନ ଧରି ବିଭିନ୍ନ ବିଷୟରେ ପ୍ରଶ୍ନୋତ୍ତର ଏବଂ ପ୍ରାକ୍ଟିକାଲ ସହ ଶାରୀରିକ ଅଭ୍ୟାସ ଏବଂ ଖେଳର ବିଭିନ୍ନ ଟେକ୍‌ନିକ୍ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ ଦିବସରେ ପିଲାଙ୍କ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ୍ ହୋଇଥିଲା। ଶେଷପର୍ଯ୍ୟନ୍ତ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ସ୍ଥାନୀୟ ଗ୍ରାମବାସୀ, କ୍ରୀଡ଼ାପ୍ରେମୀ ଉପସ୍ଥିତ ରହି ପିଲାଙ୍କୁ ଉତ୍ସାହିତ କରିଥିଲେ। ଏସ୍‌ଏସ୍‌ଏ ସଭାପତି ମହମ୍ମଦ ଇଦିରସ, ସମ୍ପାଦକ ଏସ୍.ଇ. ହୁଦା, ଯୁଗ୍ମ ସମ୍ପାଦକ ମୀନକେତନ ବଡ଼ଜେନାଙ୍କ ସମେତ ସଦସ୍ୟ ଏମ୍‌ଡି ରହେମାନତୁଲ୍ଲା, ଦୁଃଖିଶ୍ୟାମ ବେହେରା, ଏସ୍. ଶେଖ୍‌ୱାଲ ଅଲ୍ଲୀ, ଏମ୍. ଇଜାଜ୍ ହୁସେନ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପୁରୀ ଫଟୋ ଆଣ୍ଡ୍ ଭିଡିଓ ଟ୍ରେଡର୍ସ ଆସୋସିଏଶନର ୧୦ମ ବାର୍ଷିକ ଉତ୍ସବ

ପୁରୀ, ୧୯।୧୧ (ଅଜିତ୍ ମହାନ୍ତି)

ପୁରୀ ଫଟୋ ଆଣ୍ଡ୍ ଭିଡିଓ ଟ୍ରେଡର୍ସ ଆସୋସିଏଶନର ୧୦ମ ବାର୍ଷିକ ଉତ୍ସବ ଅର୍ବାନ ହାଟ ପରିସରରେ ପାଳିତ ହୋଇଯାଇଛି। ଏଥିରେ ଉପଜିଲାପାଳ ଭବତାରଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ମୁମ୍ବାଇ ଶାରୀ ଏକାଡେମୀର ନିର୍ଦ୍ଦେଶକ ହୃଦଗନ୍ଧା ମିଶ୍ର ଓ ଭୁବନେଶ୍ୱରସ୍ଥିତ ଓମ୍ ଟ୍ରୋନିକ୍ସ ନିର୍ଦ୍ଦେଶକ ଓମ୍ ଶର୍ମା, ମୁଖ୍ୟବକ୍ତା ଭାବେ ଭଦ୍ରକ ଫଟୋଗ୍ରାଫି ଆସୋସିଏଶନ ସଭାପତି ଚନ୍ଦ୍ରକାନ୍ତ ମହାନ୍ତି ମଞ୍ଚାସୀନ ଥିଲେ। ସମସ୍ତ ଜିଲାର ଫଟୋଗ୍ରାଫର ଓ ଭିଡିଓଗ୍ରାଫର ଉପସ୍ଥିତ ଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସଂଘର ସଭାପତି ମିଥୁନ କୁମାର ଜେନା ସଭାପତିତ୍ୱ କରିଥିଲେ। ସମ୍ପାଦକ ସୁକାନ୍ତ କୁମାର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଭ୍ୟ ଦେବେନ୍ଦ୍ର କୁମାର ନନ୍ଦ ଉତ୍ସବ ପରିଚାଳନା କରିଥିଲେ। ଉପସଭାପତି ଧନ୍ୟବାଦ ଦେଇଥିଲେ। ସହସମ୍ପାଦକ ରଜତ ରାମ, ଅଭିଷେକ ମହାନ୍ତି ଓ କୋଷାଧ୍ୟକ୍ଷ ସୂର୍ଯ୍ୟକାନ୍ତ ସ୍ୱାଇଁ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

### ଦୁର୍ନୀତି ହିଁ ପ୍ରଗତିର ବାଧକ

ପୁରୀ, ୧୯।୧୧ (ଅଜିତ ମହାନ୍ତି)

ପୁରୀ ସରକାରୀ ମହିଳା ମହାବିଦ୍ୟାଳୟ ଆନ୍ତଃଗୁଣବତ୍ତା ସେଲ୍ ପକ୍ଷରୁ ଦୁର୍ନୀତି ଓ ସ୍ୱଚ୍ଛତା ଶୀର୍ଷକ ବ୍ୟାଖ୍ୟାନ ଆୟୋଜିତ ହୋଇଯାଇଛି। ଏହାକୁ ଅଧ୍ୟକ୍ଷା ପ୍ରଫେସର ନିବେଦିତା ମିଶ୍ର ଉଦ୍‌ଘାଟନ କରି ଦୁର୍ନୀତି ବିରୋଧରେ ସଂଗ୍ରାମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଆଇକ୍ୟୁଏସ୍‌ସି ସଂଯୋଜକ ତଥା ଅଧ୍ୟାପକ ନେତ୍ରାନନ୍ଦ ଦାଶ ଯୋଗଦେଇ ରାଜ୍ୟ ସରକାରଙ୍କ ୫-ଟି ଅନୁସାରେ ଏହା ଆୟୋଜନ କରାଯାଇଥିବା କହିଥିଲେ। ଇଂଲିଶ ବିଭାଗ ମୁଖ୍ୟ ତଥା ପ୍ରଶାସନିକ ଅଧିକାରୀ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ସେଠୀ ଦୁର୍ନୀତି ସମାଜର ଶତ୍ରୁ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସନ୍ତୋଷ କୁମାର ମହାନ୍ତି ଯୋଗଦେଇ ଦୁର୍ନୀତି ହିଁ ପ୍ରଗତିର ବାଧକ ବୋଲି ପ୍ରକାଶ କରିଥିଲେ। ଆଇକ୍ୟୁଏସ୍‌ସି ଯୁଗ୍ମ ସଂଯୋଜକ ରାକେଶ ମିଶ୍ର, ପ୍ରଫେସର ପ୍ରମୋଦ ଷଡ଼ଙ୍ଗୀ, ସତ୍ୟସ୍ମିତା ବେହେରା, ପ୍ରଫେସର ନିହାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଫେସର ଡ. ରାକେଶ ମିଶ୍ର ଧନ୍ୟବାଦ ଦେଇଥିଲେ।

### ଏସ୍‌ସିଏସ୍ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

ପୁରୀ, ୧୯।୧୧ (ଅଜିତ୍ ମହାନ୍ତି)

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବାକୁ ଅଭିନନ୍ଦନିକା ପ୍ରତିଷ୍ଠାତା ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ଦାବି କରିଛନ୍ତି। ଏ ନେଇ ସେ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ବିଶିଷ୍ଟ ଜ୍ୟୋତିର୍ବିଦ ସାମନ୍ତ ଚନ୍ଦ୍ରଶେଖରଙ୍କ ନାମରେ ୧୯୪୪ ମସିହାରେ ଉକ୍ତ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହୋଇଥିଲା। ୧୯୯୦ରେ ଏହାକୁ ରାଜ୍ୟ ସରକାର ଅଗ୍ରଣୀ ମହାବିଦ୍ୟାଳୟ ଘୋଷଣା କରିଥିଲେ। ୧୯୯୯ରେ ଏହା ସ୍ୱୟଂଶାସିତ ମାନ୍ୟତା ଲାଭ କରିଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁବନ୍ଧିତ ଏହି ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଦ୍ୱାରା ଉତ୍କର୍ଷ କେନ୍ଦ୍ର ରୂପେ ମାନ୍ୟତା ପାଇଛି। ୨୦୧୭ରେ ନାକ୍ କମିଟି ଏହାକୁ ଏ ଗ୍ରେଡ୍ ପ୍ରଦାନ କରିଥିଲେ। ଏଠାରେ ସମ୍ପ୍ରତି ୪ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢୁଥିବାବେଳେ ୧୦ରୁ ଊର୍ଦ୍ଧ୍ୱ ବିଭାଗରେ ସ୍ନାତକୋତ୍ତର ସମେତ ଏମ୍‌ବିଏ, ବିଇଡି ଓ କମ୍ପ୍ୟୁଟର ବିଜ୍ଞାନ ପାଠ୍ୟକ୍ରମ ରହିଛି। ତେଣୁ ଏହି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବାକୁ ଦାବି କରାଯାଇଛି।

### ବିଶ୍ୱକପ୍ କ୍ରିକେଟ ଫାଇନାଲ ମ୍ୟାଚ୍‌କୁ ନେଇ ବେଟିଂ

ଅସ୍ତରଙ୍ଗ, ୧୯।୧୧ (ପ୍ରଦୀପ୍ତ କୁମାର ଦୀକ୍ଷିତ): ସୁପର ସଣ୍ଡେରେ ଭାରତ ବନାମ ଅଷ୍ଟ୍ରେଲିଆ ବିଶ୍ୱକପ୍ କ୍ରିକେଟ ଭାରତରେ ଆୟୋଜିତ ହେଉଥିବା ବେଳେ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ଯୁବକମାନେ ବିଭିନ୍ନ ଆପ୍‌ରେ କ୍ରିକେଟ ବେଟିଂ ଜୋରଦାର ହୋଇଛି। କିଏ ଜିତିବ ଓ କିଏ ହାରିବ, କେଉଁ ଦଳ କେତେ ରନ କରିବ ତାକୁ ନେଇ ବେଟିଂ ଲାଗୁଥିବା ଚର୍ଚ୍ଚା ବେଳେ କିଏ ମାଲାମାଲ ହେଉଛି ତ ପୁଣି କିଏ ଟଙ୍କା ହାରି ପଶ୍ଚାତାପ କରୁଛି। ଏଭଳି ଢଙ୍ଗରେ ଏବେ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳ ଯୁବକ ଆପ୍ ମାଧ୍ୟମରେ କ୍ରିକେଟ ବେଟିଂ ଜୋରଦାର ହେବାରେ ଲାଗିଛି।

# କ୍ଷୁଦ୍ର ବ୍ୟବସାୟୀଙ୍କୁ ଥଇଥାନ କରିପାରିନି ପ୍ରଶାସନ

ନିମାପଡା, ୧୯।୧୧ (ରଞ୍ଜନ ପଟ୍ଟନାୟକ):



ରାସ୍ତକଡରେ କ୍ଷୁଦ୍ର ବ୍ୟବସାୟୀମାନେ ବସି ବ୍ୟବସାୟ କରୁଛନ୍ତି ।

ତେଲଲୁଣ ସଂସାର ପାଇଁ ବାଜି ଲାଗିଛି ଜୀବନ। ଜୀବିକା ନିମନ୍ତେ ମରଣକୁ ବରଣ କରିବା ପାଇଁ ବାଧ୍ୟ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନିମାପଡ଼ାରେ। ଭୌଗୋଳିକ ଦୃଷ୍ଟିକୋଣରୁ ଦେଖିଲେ ନିମାପଡ଼ା ଭୁବନେଶ୍ୱର, ପୁରୀ ଏବଂ କୋଣାର୍କର ମଧ୍ୟବର୍ତ୍ତୀ ସ୍ଥଳରେ ଅବସ୍ଥିତ। ବର୍ତ୍ତମାନ ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଛି। ନିମାପଡ଼ା ବାଟଦେଇ ପ୍ରତ୍ୟହ ଶହଶହ ସଂଖ୍ୟାରେ ଗାଡ଼ିମୋଟର ଯିବାଆସିବା କରୁଛି। ହେଲେ ଏଠାରେ ବ୍ୟବସାୟୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଫଳରେ ସେମାନେ ମୁଖ୍ୟରାସ୍ତାକୁ ଅବରୋଧ କରି ବ୍ୟବସାୟ କରୁଛନ୍ତି । ସେହିପରି ଗ୍ରାହକମାନେ ମଧ୍ୟ ସ୍ଥାନ ଅଭାବରୁ ମୁଖ୍ୟରାସ୍ତା ଉପରେ ଗାଡ଼ି ମୋଟର ରଖିବା ଦ୍ୱାରା ରାସ୍ତା ଜାମ୍ ହୋଇଯାଉଛି ; ଯଦ୍ୱାରା ଏଠାରେ ଟ୍ରାଫିକ ସମସ୍ୟା ଉତ୍କଟ ରୂପ ଧାରଣ କରୁଛି। ଦୀର୍ଘ ୪୦ ବର୍ଷଧରି ଏହି ସମସ୍ୟା ଲାଗିରହିଛି । ୧୯୮୦ରେ ନିମାପଡ଼ାକୁ ରାଜ୍ୟ ସରକାର ବିଜ୍ଞାପିତ ଅଞ୍ଚଳ ପରିଷଦର ମାନ୍ୟତା ଦେଇଥିଲେ। କିନ୍ତୁ ସେ ସମୟରେ ସରକାର ପରିବା ବ୍ୟବସାୟୀଙ୍କ ସ୍ୱାର୍ଥ ପ୍ରତି ଆଖିବୁଜି ଦେଇଥିଲେ ; ଯାହାର ପ୍ରତିଫଳନ ଆଜି ଦେଖିବାକୁ ମିଳୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପରିବା ବ୍ୟବସାୟୀମାନେ ଯେଉଁଠି ବ୍ୟବସାୟ କରୁଛନ୍ତି ନିକଟରେ ରହିଛି କୁଶଭଦ୍ରା ନଦୀର ବ୍ରିଜ୍। ଦୈନିକ ଏହି ବାଟ ଦେଇ ଶହଶହ ଗାଡ଼ିମୋଟର ଯାତାୟାତ କରୁଛି । ଯଦି କୌଣସି କାରଣରୁ ଗାଡ଼ିର ବ୍ରେକ୍ ଫେଲ୍ ହୁଏ ତେବେ ଏଠାରେ ବଡ଼ ଧରଣର ଦୁର୍ଘଟଣା ଘଟିବା ନିଶ୍ଚିତ। ପୌର ପରିଷଦ ଏମାନଙ୍କଠାରୁ ଟିକସ ଆଦାୟ କରୁଛି ହେଲେ ଥଇଥାନ ପାଇଁ ଆଜିପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଉନାହିଁ । ବାରମ୍ବାର ଏମାନେ ସ୍ଥାୟୀ ସମାଧାନ ପାଇଁ ଯେତେ ଦାବି କଲେ ମଧ୍ୟ ପ୍ରତିକାର କରିବା ଦିଗରେ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏଭଳି ଅଭିଯୋଗ କରିଛନ୍ତି ବ୍ୟବସାୟୀ ପ୍ରଭାତ ସାହୁ, ତାପସ କୁମାର ସ୍ୱାଇଁ, ପ୍ରଶାନ୍ତ ମହାପାତ୍ର, କୈଳାଶ ବେହେରା ଏବଂ ଗୋପାଳ ସାହୁ। ନିମାପଡ଼ାରେ ଅଧିକାଂଶ ସରକାରୀ ଜାଗା ଜବରଦଖଲରେ ରହିଛି ; ଯାହାଫଳରେ ଏଭଳି ସମସ୍ୟା ଦେଖାଦେଇଛି। ତେବେ ଖୁବ୍‌ଶୀଘ୍ର ସ୍ଥାନ ନିରୂପଣ କରାଯାଇ କ୍ଷୁଦ୍ର ପରିବା ବ୍ୟବସାୟୀଙ୍କ ଥଇଥାନ ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ନଗରପାଳ ସସ୍ମିତା ସାହୁ କହିଛନ୍ତି।



ପୁରୀ ସହରର ବିହାରୀ ସମ୍ପ୍ରଦାୟର ମହିଳାମାନେ ରବିବାର ନରେନ୍ଦ୍ର ପୁଷ୍କରିଣୀ ପରିସରରେ ଛଟ୍ ପୂଜା ପାଳନ କରୁଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ସାକ୍ଷୀଗୋପାଳଙ୍କ ଦର୍ଶନ କଲେ ଭକ୍ତମଣ୍ଡଳୀ



ଶ୍ରୀକ୍ଷେତ୍ର ନୀଳାଦ୍ରି ସତସଙ୍ଗ ଭକ୍ତମଣ୍ଡଳୀ ପକ୍ଷରୁ ସଂକୀର୍ତ୍ତନ କରାଯାଉଛି ।

ସାକ୍ଷୀଗୋପାଳ, ୧୯।୧୧ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ମହାକାର୍ତ୍ତିକରେ ଶ୍ରୀକ୍ଷେତ୍ର ନିଳାଦ୍ରୀ ସତସଙ୍ଗ ଭକ୍ତମଣ୍ଡଳୀ ଏବଂ ହବିଷ୍ୟାଳିମାନେ ରବିବାର ସନ୍ଧ୍ୟାରେ ସାକ୍ଷୀଗୋପାଳ ଠାକୁରଙ୍କ ଦର୍ଶନ କରିଛନ୍ତି। ଶ୍ରଦ୍ଧାଳୁମାନେ ନାମକୀର୍ତ୍ତନ କରି ମନ୍ଦିରରେ ପ୍ରଶେ କରିବା ସହ ଫୁଲ ତୁଳସୀମାଳ ଠାକୁରଙ୍କୁ ଲାଗିକରି ପୂଜାର୍ଚ୍ଚନା କରିଥିଲେ। ବେଢ଼ା ପରିକ୍ରମା କରି ତୁଳସୀ ଚଉରା ନିକଟରେ ବସି କାର୍ତ୍ତିକ ମାହାତ୍ମ୍ୟ, ଗୀତଗୋବିନ୍ଦ, ରାଧାଦାମୋଦର ଷ୍ଟକମ୍ ପାଠ କରିଥିଲେ। ଶ୍ରୀକ୍ଷେତ୍ର ଫେରିବା ସମୟରେ ସାକ୍ଷୀଗୋପାଳଙ୍କ ପ୍ରିୟଭୋଗ ଡାଲିମ୍ବ ଗଜା ଲଡୁ, ସରପୁଲି, କେଳି ଓ ଲିଆରେ ପ୍ରସ୍ତୁତ ଛତୁଭୋଗ ନେଇଥିବା ଦେଖିବାକୁ ମିଳିଥିଲା। ପବିତ୍ର କାର୍ତ୍ତିକ ମାସରେ ପ୍ରଭୁ ସାକ୍ଷୀଗୋପାଳଙ୍କୁ ଦର୍ଶନ କରିବା ବିଧେୟ ବୋଲି ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା ଉପସ୍ଥିତ ଭକ୍ତମଣ୍ଡଳୀଙ୍କୁ ସୂଚନା ଦେଇଥିଲେ। ପଣ୍ଡିତ ସ୍ୱର୍ଗତ ସଦାଶିବ ରଥଶର୍ମାଙ୍କ ସମୟରୁ ନୀଳାଦ୍ରି ସତସଙ୍ଗ ଭକ୍ତମଣ୍ଡଳୀ ଅଁଳାନବମୀ ପୂର୍ବରୁ ସାକ୍ଷୀଗୋପାଳ ଠାକୁରଙ୍କ ଦର୍ଶନ ପାଇଁ ପ୍ରତିବର୍ଷ ଏଠାକୁ ଆସୁଛନ୍ତି।

### ବୈଦ୍ୟନାଥ ଦେବଙ୍କ ବାର୍ଷିକ ଜନ୍ମୋତ୍ସବ ପାଇଁ ପ୍ରସ୍ତୁତି

କଣାସ, ୧୯।୧୧ (ବିଭୂତି ଭୂଷଣ ତ୍ରିପାଠୀ):

କଣାସ ବଡ଼ାସ ଗ୍ରାମର ବାବା ବୈଦ୍ୟନାଥ ଦେବଙ୍କ ବାର୍ଷିକ ଉତ୍ସବ ପାଇଁ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ହାଡ଼ିବନ୍ଧୁ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ୨୦୨୪ ଫେବୃୟାରୀ ୧୪ରୁ ୧୮ତାରିଖ ପର୍ଯ୍ୟନ୍ତ ୬ଦିନ ଧରି ଏହି ଉତ୍ସବ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଉପସଭାପତି ସର୍ବେଶ୍ୱର ପ୍ରଧାନ, ସହସମ୍ପାଦକ ପ୍ରଦୀପ ପ୍ରଧାନ, ବଡ଼ାସ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ବଳରାମ ପଲାଇ ଓ ଟ୍ରଷ୍ଟର ସଦସ୍ୟମାନେ ଉପସ୍ଥିତ ଥିଲେ। ନବୀନ ଓଡ଼ିଶା ମାଧ୍ୟମରେ ନୂତନ ଭାବେ ନିର୍ମାଣ ହେବାକୁ ଥିବା କୋଠଘର ପାଇଁ ଆସିଥିବା ଅର୍ଥ ସମ୍ପର୍କରେ ବଳରାମ ପଲାଇ ସୂଚନା ଦେଇଥିଲେ। ଟ୍ରଷ୍ଟର ବରିଷ୍ଠ ସଦସ୍ୟ ଶ୍ରୀନିବାସ ପରିଡ଼ାଙ୍କ ଝିଅ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ପଞ୍ଚାୟତରେ ସର୍ବୋଚ୍ଚ ନମ୍ବର ରଖିଥିବାରୁ ଶ୍ରୀବୈଦ୍ୟନାଥ ଦେବ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ ସ୍ଥିର ହୋଇଥିଲା। ବୈଠକରେ ବଡ଼ାସ ଓ ବୈଦ୍ୟନାଥପାଟନା ଗ୍ରାମ୍ୟ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

### ରାସ୍ତା କାମ ଅଧାପନ୍ତରିଆ: ଘଟୁଛି ଦୁର୍ଘଟଣା

କଣାସ, ୧୯।୧୧ (ବିଭୂତି ଭୂଷଣ ତ୍ରିପାଠୀ):

ନୂଆଜଗନ୍ନାଥ ସଡ଼କର ଜଙ୍କିଆ ବଜାରଠାରୁ ଦୟାନଦୀ ବାମପାର୍ଶ୍ୱ ନଦୀବନ୍ଧ ରାସ୍ତା ଅଧାପନ୍ତରିଆ କାମ ହୋଇଥିବାରୁ ଦୈନନ୍ଦିନ ଦୁର୍ଘଟଣା ଘଟୁଛି। ଜଙ୍କିଆ ବଜାର ଠାରୁ ଗଡ଼ିଶାଗୋଦାକୁ ଯିବାପାଇଁ ମୁଖ୍ୟରାସ୍ତା ଦୟାନଦୀ ବାମପାର୍ଶ୍ୱ ନଦୀବନ୍ଧ ହୋଇଥିବାରୁ ଏହି ରାସ୍ତା ଉପରେ ଚଳାଚଳ ଲାଗି ଶହଶହ ଯାନବାହନ ଓ ପଥିକ ନିର୍ଭର କରନ୍ତି। ଠିକାଦାର ଏହି ରାସ୍ତାର ଢଳେଇ କାର୍ଯ୍ୟ ସାରିଦେଇଥିବା ବେଳେ ଢଳେଇର ଦୁଇପାର୍ଶ୍ୱ ମୁକୁଳା ରଖିଥିବାରୁ ଦୁର୍ଘଟଣା ଘଟୁଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଢଳେଇର ଦୁଇପାର୍ଶ୍ୱ ମୋରମ ଫିଲିଂ କରିବାପାଇଁ ଗଡ଼ିଶାଗୋଦାବାସୀଙ୍କ ପକ୍ଷରୁ ଦାବି ହେଉଛି।

# ପ୍ରଶାସନ ପକ୍ଷରୁ ହବିଷ୍ୟାଳିଙ୍କୁ ଶାଲ୍ ବଣ୍ଟନ



ପୁରୀ, ୧୯।୧୧ (ଅଜିତ ମହାନ୍ତି):

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ହବିଷ୍ୟାଳିମାନଙ୍କୁ ଶାଲ୍ ବଣ୍ଟନ କରାଯାଇଛି। ରବିବାର ପୂର୍ବାହ୍ନରେ ବୃନ୍ଦାବତୀ ନିବାସଠାରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଉପଜିଲାପାଳ ଭବତାରଣ ସାହୁ, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ହବିଷ୍ୟାଳି ମା'ମାନଙ୍କୁ ଶାଲ ବଣ୍ଟନ କରିବା ସହ ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ପରେ ବଗଲା ଧର୍ମଶାଳା, ଅକ୍ଷୟ ପାତ୍ର, ବାଗେଡିଆ ଧର୍ମଶାଳା ଓ ମୋଚିସାହି କଲ୍ୟାଣ ମଣ୍ଡପଠାରେ ରହୁଥିବା ହବିଷ୍ୟାଳି ମା'ମାନଙ୍କୁ ବରିଷ୍ଠ ଅଧିକାରୀମାନେ ଶାଲ୍ ବଣ୍ଟନ କରିଥିଲେ। ବିଭିନ୍ନ ହବିଷ୍ୟାଳି କେନ୍ଦ୍ରରେ ରହିବା, ବୃନ୍ଦାବତୀ ପୂଜା କରିବା, ଠାକୁର ଦର୍ଶନ କରିବା, ମହାପ୍ରସାଦ ସେବନ କରିବା ଓ ଭଜନ ପ୍ରବଚନ ଶୁଣିବାର ସୁବ୍ୟବସ୍ଥା ହୋଇଛି ବୋଲି ହବିଷ୍ୟାଳିମାନେ ମତ ଦେବା ସହ ହୁଳହୁଳି ଧ୍ୱନିରେ ଆଶୀର୍ବାଦ କରିଥିଲେ। 'ନିଜ ପରିବାର ଛାଡ଼ି ମାସକ ପାଇଁ ଆମେ ଆସିଛୁ। ଠାକୁର ଦର୍ଶନ କରୁଛୁ। ହବିଷ୍ୟାଳି କେନ୍ଦ୍ରରେ ଅଧିକାରୀ, କର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ ଏତେ ସୁନ୍ଦର ସେବା ଦେଉଛନ୍ତି ଯେ, ଆମେ ଘର ପରିବାର କଥା ଭୁଲିଯାଉଛୁ ବୋଲି ହବିଷ୍ୟାଳିମାନେ ନିଜ ପ୍ରତିକ୍ରିୟାରେ କହିଥିଲେ। ହବିଷ୍ୟାଳିମାନଙ୍କ ସୁସ୍ଥ ଓ ସୁରକ୍ଷିତ ରହଣି ସହ ଏକ ସୁଖଦ ଅନୁଭବ ନେଇ ନିଜ ଘରକୁ ପ୍ରତ୍ୟାବର୍ତ୍ତନ ପାଇଁ ମହାପ୍ରଭୁଙ୍କ ଶୁଖିଲା ପ୍ରସାଦ ପ୍ରଦାନର ବ୍ୟବସ୍ଥା କରାଯାଇଛି ବୋଲି ଅତିରିକ୍ତ ଜିଲାପାଳ ସାହୁ ସୂଚନା ଦେଇଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀମାନଙ୍କୁ ବ୍ୟାନିୟନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

**'ସୁନ୍ଦର ସେବା ପାଇ ପରିବାର କଥା ଭୁଲିଯାଉଛୁ'**

# ମାତାପିତାଙ୍କୁ ନିର୍ଯାତନା ଦେଇ ତଡ଼ିଦେଲେ

ଗୋପ, ୧୯।୧୧ (ଭାରତୀ ଭୂଷଣ ଉପାଧ୍ୟାୟ):

**୨ କି.ମି. ଚାଲି ଥାନାର ଦ୍ୱାରସ୍ଥ ହେଲେ ବୃଦ୍ଧ ଦମ୍ପତି**

ବୃଦ୍ଧ ମାତାପିତାଙ୍କୁ ନିର୍ଯାତନା ଦେଇ ପୁଅବୋହୂ ଘରୁ ତଡ଼ିଦେବା ପରେ ସେମାନେ ଦୀର୍ଘ ଦୁଇ କିଲୋମିଟର ଚାଲି ଚାଲି ନ୍ୟାୟ ପାଇଁ ଗୋପ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ଅଭିଯୋଗ ଉପରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେଇଛି। ସୂଚନା ଅନୁଯାୟୀ, ଗୋପ ଗଣେଶ୍ୱରପୁର ଅଞ୍ଚଳର ବି. ନାୟକ (୬୫)ଙ୍କର ଦୁଇପୁଅ ଅଛନ୍ତି। ପୁଅ ଦୁହେଁ ବିବାହିତ। ସମ୍ପୃକ୍ତ ବୃଦ୍ଧ ଦମ୍ପତି ପାଳିକରି ଦୁଇ ପୁଅଙ୍କ ନିକଟରେ ରହିଥାନ୍ତି। ସେମାନେ ଜଣେ ପୁଅ ନିକଟରେ କିଛି ଦିନ ରହିବା ପରେ ଅନ୍ୟ ଜଣେ ପୁଅ ପାଖରେ ରହୁଥିଲେ। ତେବେ ରବିବାର ସକାଳେ ଏହି ବୃଦ୍ଧ ଦମ୍ପତିଙ୍କୁ ଖାଇବାକୁ ନ ଦେଇ ଘରୁ ତଡ଼ି ଦିଆଯିବାରୁ ଦୁହେଁ ବଡ଼ କଷ୍ଟରେ ଚାଲି ଚାଲି ଗୋପ ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀ ମହେଶ୍ୱର ସେଠୀ କହିଛନ୍ତି, ଏଭଳି ଅଭିଯୋଗ ମିଳିଛି ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପଦକ୍ଷେପ ନିଆଯାଉଛି।

# ଜଳ ସମସ୍ୟା ନେଇ କୃଷକଙ୍କ ସହ ଆଲୋଚନା

ପୁରୀ, ୧୯।୧୧ (ଅଜିତ୍ ମହାନ୍ତି):

ପୁରୀ ଜିଲାରେ ଜଳସେଚନ ବ୍ୟବସ୍ଥା ଓ ବନ୍ୟା ନିୟନ୍ତ୍ରଣ ପାଇଁ ପଦକ୍ଷେପ ନିଆଯିବା ଦାବିରେ ନୀଳାଚଳ କୃଷକ ମହାସଂଘ ପକ୍ଷରୁ ଗତ ୮ ତାରିଖରେ ଜଳସେଚନ ବିଭାଜନର ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଅଧିକ୍ଷଣ ଯନ୍ତ୍ରୀ ଅମୀୟ କୁମାର ସେଠୀ ପ୍ରତିଶ୍ରୁତି ଦେବା ପରେ ଧାରଣାକୁ ସ୍ଥଗିତ ରଖାଯାଇଥିଲା। ସେହି ଅନୁଯାୟୀ ପରେ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଯନ୍ତ୍ରୀ ସେଠୀଙ୍କ ଅଧ୍ୟକ୍ଷତାରେ ମହାସଂଘ କର୍ମକର୍ତ୍ତାଙ୍କ ସହିତ ଆଲୋଚନା ହୋଇଥିଲା। ୨୦୧୯ ମାର୍ଚ୍ଚ ୧୬ରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ହୋଇଥିବା ନିଷ୍ପତ୍ତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମସ୍ତ କାର୍ଯ୍ୟ ସମ୍ବନ୍ଧରେ ମହାସଂଘକୁ ଅବଗତ କରାଇବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଅଧିକାରୀମାନେ ତାହା ମାନୁ ନ ଥିବାରୁ କର୍ମକର୍ତ୍ତା କ୍ଷୋଭ ପ୍ରକାଶ କରିଥିଲେ। ଚାଷୀ ଓ ଚାଷଜନିତ ସମସ୍ୟାର ସମାଧାନ ପାଇଁ ଜିଲାପାଳଙ୍କୁ ଜଣାଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଉନାହିଁ। ବୈଠକରେ ପୁରୀ ଓ ଡେଲାଙ୍ଗ ସବ୍‌ଡିଭିଜନ୍‌ର ଅତିରିକ୍ତ ୪୦ଟି କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ସମସ୍ତ କାର୍ଯ୍ୟ ୧ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି ସେଠୀ କହିଛନ୍ତି। ବୈଠକରେ ସାକ୍ଷୀଗୋପାଳ ଓ ଡେଲାଙ୍ଗ ଉପନିର୍ବାହୀ ଯନ୍ତ୍ରୀ ଇଂ. ତନୁଜା କିଶୋର ରାଉତ, ପିପିଲି ଉପନିର୍ବାହୀ ଯନ୍ତ୍ରୀ ଇଂ. ସଦାଶିବ ପ୍ରଧାନ, ପୁରୀ ଉପନିର୍ବାହୀ ଯନ୍ତ୍ରୀ ଇଂ. ଭାଗବତ ମଲ୍ଲିକ, ଆକଳନ ଅଧିକାରୀ ଇଂ. ଦେବଦତ୍ତ ଦାସ, ନୀଳାଚଳ କୃଷକ ମହାସଂଘର ଉପଦେଷ୍ଟା ମଣ୍ଡଳୀ ଅଧ୍ୟକ୍ଷ ନିରଞ୍ଜନ ମହାପାତ୍ର, ସଭାପତି ଗୋପୀନାଥ ମିଶ୍ର, ଉପସଭାପତି ପ୍ରକାଶ କୁମାର ନାୟକ, ଯୁଗ୍ମ ସମ୍ପାଦକ ଦୁଃଶାସନ ସ୍ୱାଇଁ, ସଙ୍ଗଠନ ଶ୍ୟାମସୁନ୍ଦର ନାୟକ, ପୁରୀ ସଦର ବ୍ଲକ୍ ସଭାପତି ଅରକ୍ଷିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରଧାନ ଶିକ୍ଷକଙ୍କ କ୍ଲଷ୍ଟରସ୍ତରୀୟ ବୈଠକ

ପିପିଲି, ୧୯।୧୧ (ଦୁର୍ଗାମାଧବ ମିଶ୍ର)

କ୍ଲଷ୍ଟରସ୍ତରୀୟ ୫ମ ମାସିକ ବୈଠକ ଶନିବାର ଗୋବିନ୍ଦପୁର କ୍ଲଷ୍ଟର ହରିଅନ୍ତା ପିୟୁପି ସ୍କୁଲରେ ସିଆର୍‌ସିସି ଚିନ୍ତାମଣି ଓଝାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମସ୍ତ ଏଲିମେଣ୍ଟାରି ସ୍କୁଲର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ସାହୁ, ସୀତା ନାୟକ, ମଧୁଛନ୍ଦା ମିଶ୍ର, କବିତା କୁମାରୀ ତ୍ରିପାଠୀ, ଶକ୍ତି ପ୍ରସନ୍ନ ମହାନ୍ତି, ସନ୍ଧ୍ୟାରାଣୀ ପାତ୍ର, ଲକ୍ଷ୍ମୀଧର ପ୍ରଧାନ, ଜୟନ୍ତୀ ଦାସ, ଜୟଲକ୍ଷ୍ମୀ ସ୍ୱାଇଁ, ଏଫ୍‌ଏଲ୍‌ଏନ୍ ଶିକ୍ଷକ ସୁମନ୍ତ ବେହେରା, ସୁନାମଣି ଦେଇ ପ୍ରମୁଖ ଯୋଗଦେଇଥିଲେ। ପୂର୍ବ ମାସ ବୈଠକର କାର୍ଯ୍ୟସୂଚୀ ସମୀକ୍ଷା କରାଯିବା ପରେ ଚଳିତ ମାସର ଏଜେଣ୍ଡା ଯଥା ମନିଟରିଂ ଅଫ୍ ଭେନ୍ୟୁ, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ, ଡିକୋଡିଂ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ୩ୟ, ୬ଷ୍ଠ ଓ ୯ମ ଶ୍ରେଣୀରେ ଅନୁଷ୍ଠିତ ହେବାକୁ ଯାଉଥିବା ଷ୍ଟେଟ୍ ଏଜୁକେଶନାଲ ଆଚିଭ୍‌ମେଣ୍ଟ ସର୍ଭେ ପରୀକ୍ଷାର ନମୁନା ପ୍ରଶ୍ନ ଆଲୋଚନା କରାଯାଇଥିଲା।

# କେକ୍ ମିକ୍ସିଂ ଉତ୍ସବ ପାଳିତ

ପୁରୀ, ୧୯।୧୧ (ଅଜିତ ମହାନ୍ତି)

ପ୍ରମୋଦ କନ୍‌ଭେନ୍‌ସନ ଏବଂ ପୁରୀ ବିଚ୍ ରିସର୍ଟଠାରେ ଖ୍ରୀଷ୍ଟମାସ ଉପଲକ୍ଷେ ଏକ କେକ୍ ମିକ୍ସିଂ ଉତ୍ସବ ପାଳନ କରାଯାଇଛି। ଏହି କେକ୍ ମିକ୍ସିଂ ଉତ୍ସବ ପ୍ରାୟ ୧୭ତମ ଶତାବ୍ଦୀ ଠାରୁ ପାଳିତ ହୋଇଆସୁଛି। କେକ୍ ପ୍ରସ୍ତୁତ ପାଇଁ ଆବଶ୍ୟକ ସାମଗ୍ରୀ ସହ ଶୁଖିଲା ଫଳ, କାଜୁ କିସ୍‌ମିସ୍, ଆଲମଣ୍ଡ ଲବଙ୍ଗ ଆଦି ମିଶାଯାଏ। ଏହି ମିଶ୍ରଣକୁ ଡିସେମ୍ବର ୨୫ ଖ୍ରୀଷ୍ଟମାସ ପର୍ଯ୍ୟନ୍ତ ରଖାଯାଏ। ଉକ୍ତ ଦିନ ଏହି ମିଶ୍ରଣରେ କେକ୍ ପ୍ରସ୍ତୁତ କରି ସମ୍ପର୍କୀୟମାନଙ୍କୁ ବଣ୍ଟନ କରାଯାଏ। ପ୍ରମୋଦ କନଭେନସନ୍ ଆଣ୍ଡ ବିଚ୍ ରିସୋର୍ଟ ପରିଚାଳକ ସୁକାନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପରିଚାଳନାରେ ମୁଖ୍ୟ ସହକାରୀ ସେଫ୍ ହିକମତ୍ ଖାନ୍ ଏବଂ ହୋଟେଲ କର୍ମଚାରୀ ସହଯୋଗ କରିଥିଲେ।



ଖ୍ରୀଷ୍ଟ ମାସ ପାଇଁ କେକ୍ ପ୍ରସ୍ତୁତ କରାଯାଉଛି ।

# 'ଉତ୍ତମ ରାଷ୍ଟ୍ର ନିର୍ମାଣ ସମାଜର ଦାୟିତ୍ୱ'

ଗୋପ, ୧୯।୧୧ (ଭାରତୀ ଭୂଷଣ ଉପାଧ୍ୟାୟ):




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

ରାଷ୍ଟ୍ର ହେଉଛି ଆମର ଜୀବନ ରେଖା। ଆମକୁ ଏଥିପ୍ରତି ଗୁରୁତ୍ୱ ଦେବାକୁ ପଡ଼ିବ। ଉତ୍ତମ ରାଷ୍ଟ୍ର ନିର୍ମାଣ କରିବା ସମାଜର ଦାୟିତ୍ୱ ବୋଲି ରବିବାର ଗୋପ ବାଲିପଡ଼ିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଓଡ଼ିଶା ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଧ୍ୟାପକ କ୍ଷୀରୋଦ କୁମାର ରାୟମହାପାତ୍ର କହିଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭାପତି ଦାମୋଦର ପାଢ଼ୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୋପ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଖଟୋଇ, ବିଦ୍ୱତ ପରିଷଦ ସଂଯୋଜକ ଶ୍ରୀଧର କୁମାର ପ୍ରହରାଜ, ସଙ୍କୁଳ ସଯୋଜକ ସଞ୍ଜୟ କୁମାର ପ୍ରଧାନ, ବାବୁଲି ମହାପାତ୍ର, ପୁରୀ ଜିଲା ଶିକ୍ଷା ବିକାଶ ସମିତି ନିରୀକ୍ଷକ ପ୍ରସନ୍ନ କୁମାର ମହାନ୍ତି, ପ୍ରଧାନ ଆଚାର୍ଯ୍ୟ ତୋଫାନ ଦଳାଇ ପ୍ରମୁଖ ଯୋଗଦେଇ ରାଷ୍ଟ୍ର କ'ଣ, ତା'ର କାର୍ଯ୍ୟଧାରା ଓ ମାନବବାଦ ଏବଂ ମହାପୁରୁଷମାନଙ୍କ ଚିନ୍ତାଧାରା ଉପରେ ଗୁରୁତ୍ୱ ଦେବାକୁ ଅନୁରୋଧ କରିଥିଲେ। ନିମାପଡ଼ା ସଙ୍କୁଳସ୍ତରୀୟ ବିଦ୍ୱତ ପରିଷଦରେ ଯୋଗଦେଇଥିବା ବିଶିଷ୍ଟ ବ୍ୟକ୍ତିମାନେ ସ୍ୱାଧୀନତା ପରେ ଭାରତ ଏକ ଦେଶରେ ପ୍ରଚଳିତ ହୋଇଥିବାବେଳେ ବହୁ ପୂର୍ବରୁ ରାଷ୍ଟ୍ର ନିର୍ମାଣ ହୋଇଥିବା ମତ ରଖିଥିଲେ। ଭାରତ ଏକ ହିନ୍ଦୁ ଧର୍ମାବଲମ୍ବୀ ରାଷ୍ଟ୍ର ସମୟରେ ଅଧିକାଂଶ ଭାଷାଭାଷୀ ଲୋକଙ୍କ ସଂଖ୍ୟା ବଢ଼ି ଚାଲିଛି ବୋଲି ଅନେକେ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସମ୍ପାଦକ ସତ୍ୟନାରାୟଣ ସେନାପତି, କମ୍ବୁପାଣି ମଲ୍ଲିକ୍, ମନୋରଞ୍ଜନ ତ୍ରିପାଠୀ, ତୃପ୍ତିମୟୀ ସାହୁ, ଅନନ୍ୟା ପ୍ରିୟଦର୍ଶିନୀ ପାତ୍ର, ବବିତା ପ୍ରଧାନ, ସୁଜାତା ମହାନ୍ତି, ଏସ୍. ପ୍ରିୟଦର୍ଶିନୀ ପ୍ରମୁଖ ପରିଚାଳନା କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୯।୧୧।୨୦୨୩

| | |
|---|---|
| ୧୦,୫୫,୩୨୪ ଟଙ୍କା | |
| ସୁନା | ୧.୯୫୦ ଗ୍ରାମ୍ |
| ରୁପା | ୧୧୪ ଗ୍ରାମ୍ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ର, ଓଡ଼ିଶା ଲେଖକ ସମବାୟ ସମିତି ପରିସର, ପୁରୁଣା ବସ୍‌ଷ୍ଟାଣ୍ଡ, ସନ୍ଧ୍ୟା ୬ଟା।
- ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ ପକ୍ଷରୁ ରାଗୋତ୍ସବ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା

- ୨୬ ତମ ବାର୍ଷିକ ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନର ପ୍ରସଙ୍ଗ, ଲଙ୍କା ଦହନ ଓ ସେତୁ ବନ୍ଧ ପ୍ରତିଷ୍ଠା, ନିକୁଞ୍ଜ ବିହାରୀ ମନ୍ଦିର ପରିସର, ରାତି ୭ଟା।

କଟକ

- ଭୁବନାନନ୍ଦ ଯାନ୍ତ୍ରିକ ବିଦ୍ୟାଳୟରେ ସେମିନାର, ବୋଷ୍ କ୍ୟାମ୍ପସ, ପୂର୍ବାହ୍ନ ୧୦ଟା ୧୫।
- ନାକ୍ ଟିମ୍ ପରିଦର୍ଶନ, ରେଭେନ୍‌ଶା କ୍ୟାମ୍ପସ, ସକାଳ ୯ଟା।
- ଭାଜପା ପକ୍ଷରୁ ଶୋଭାଯାତ୍ରା, ଦୋଳମୁଣ୍ଡାଇ ଛକ, ପୂର୍ବାହ୍ନ ୧୧ଟା।

# ଜାତୀୟ ସଂହତି ଏକତା ସୂତ୍ରରେ ବାନ୍ଧି ରଖିଛି

## ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ

ଭୁବନେଶ୍ୱର, ୧୯।୧୧(ଅସମାପିକା ସାହୁ)

ଯୁବକମାନେ ହେଉଛନ୍ତି ଦେଶର ଭବିଷ୍ୟତ। ଦେଶର ଏକତା, ସାର୍ବଭୌମତା ଓ ଜାତୀୟ ସଂହତି ବଜାୟ ରଖିବା ଦିଗରେ ଏକାଠି ହୋଇ କାର୍ଯ୍ୟ କଲେ ଦେଶର ପ୍ରଗତି ଶୀର୍ଷ ସ୍ତରରେ ପହଞ୍ଚିବ ବୋଲି ରାଜ୍ୟ ଇଲେକ୍ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା ତଥା ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ମତବ୍ୟକ୍ତ କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତି ଭୁବନେଶ୍ୱର ପକ୍ଷରୁ ରବିବାର ସୂଚନା ଭବନରେ ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ ପାଳିତ ହୋଇଥିଲା। ଉତ୍ସବରେ ମନ୍ତ୍ରୀ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଭାରତୀୟ ଜାତୀୟ ସଂହତି ଆମର ଗର୍ବ ଓ ଗୌରବ। ଆମ ଜାତୀୟ ସଂହତି ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଛି। ତେଣୁ ଜାତି, ଧର୍ମ, ବର୍ଣ୍ଣ ଓ ଭାଷା ଆଦି ସଂକୀର୍ଣ୍ଣ ଭାବନାରୁ ଉର୍ଦ୍ଧ୍ୱକୁ ଯାଇ ଆଗକୁ ବଢ଼ିପାରିଲେ ଏକ ନୂଆ ଭାରତବର୍ଷ ଗଠନ ସମ୍ଭବ ବୋଲି ସେ କହିଥିଲେ।



ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଙ୍କ ସହ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା।

ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ବିଧାୟକ ତଥା ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତିର ସଭାପତି ସୁରେଶ କୁମାର ରାଉତରାୟ ଇନ୍ଦିରା ଗାନ୍ଧୀଙ୍କ ବଳିଷ୍ଠ ନେତୃତ୍ୱ ଓ ଦେଶରେ ଶାନ୍ତି ବଜାୟ ରଖିବା ପାଇଁ ତାଙ୍କ ଉଦ୍ୟମ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ବିଶିଷ୍ଟ ଶିକ୍ଷାବିତ ତଥା ରାଜନୀତି ବିଜ୍ଞାନ ପ୍ରଫେସର ସୂର୍ଯ୍ୟ ନାରାୟଣ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଇନ୍ଦିରା ଗାନ୍ଧୀଙ୍କ ବୈଦେଶିକ ନୀତି ଓ ସାମାଜିକ ନ୍ୟାୟ ପ୍ରତିଷ୍ଠା ଦିଗରେ ତାଙ୍କ ଉଦ୍ୟମ ବିଷୟରେ ଆଲୋକପାତ କରିଥିଲେ। ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଭାବେ ତାଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱକୁ ଆଜି ବି କେହି ଭୁଲିପାରିବେ ନାହିଁ ବୋଲି ସେ କହିଥିଲେ। ଏହି ଅବସରରେ ଚିତ୍ତରଞ୍ଜନ ବିଶ୍ୱାଳଙ୍କ ଦ୍ୱାରା ଲିଖିତ ପୁସ୍ତକ 'ସ୍ୱପ୍ନ ନିରନ୍ତର' ଉନ୍ମୋଚିତ ହୋଇଥିବାବେଳେ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ପାଲା ଗାୟକ ଖଗେଶ୍ୱର ମାର୍ଥା ଏବଂ ସାଥୀ କଳାକାରଙ୍କ ଦ୍ୱାରା 'ଜାତୀୟ ସଂହତି' ଆଧାରିତ ପାଲା ପରିବେଷଣ କରାଯାଇଥିଲା। ବିଭାଗୀୟ ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ରନାଥ ପରିଡା ସ୍ୱାଗତ ଭାଷଣ ଓ ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତିର ସାଧାରଣ ସମ୍ପାଦକ ଅମିୟ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବକୁ ତନୁଜା ମହାନ୍ତି ସଂଚାଳନା କରିଥିଲେ।

# ସରିଲା କିଟ୍ ନହ୍ନିପରୀ ଆଞ୍ଚଳିକ ଅଡିଶନ



କିଟ୍ ନହ୍ନିପରୀ ଆଞ୍ଚଳିକ ଅଡିଶନରେ ଭାଗ ନେଇଥିବା ପ୍ରତିଯୋଗୀଙ୍କ ସହ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏବଂ ଅନ୍ୟମାନେ।

ଭୁବନେଶ୍ୱର, ୧୯।୧୧(ଅସମାପିକା ସାହୁ)

କିଟ୍ ନହ୍ନିପରୀ ଲିଟିଲ୍ ମିସ୍ ଇଣ୍ଡିଆର ୨୩ତମ ସଂସ୍କରଣ ପାଇଁ ଆଞ୍ଚଳିକ ଅଡିଶନ୍ ରବିବାର ଭୁବନେଶ୍ୱରଠାରେ ଶେଷ ହୋଇଛି। କିଟ୍ କ୍ୟାମ୍ପସ୍ ୭ରେ ହୋଇଥିବା ଏହି ଅଡିଶନ୍‌ରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୧୪ରୁ ୧୬ ବର୍ଷ ବୟସର ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଡିସେମ୍ବର ୨୬ ଓ ୨୭ରେ ଭୁବନେଶ୍ୱରରେ ଏହାର ଗ୍ରାଣ୍ଡ୍ ଫିନାଲେ ଅନୁଷ୍ଠିତ ହେବ। ତେବେ ଆଞ୍ଚଳିକ ଅଡିଶନ୍ କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ବିଚାରକ ଭାବେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ରତ୍ନ ପଦ୍ମା ରଶ୍ମିତା ଯାଜ୍ଞସେନୀ, ୨୦୨୨ ନହ୍ନିପରୀ ବିଜେତା

## ଡିସେମ୍ବର ୨୬, ୨୭ରେ ଗ୍ରାଣ୍ଡ୍ ଫିନାଲେ

ଅନନ୍ୟା ରାଉତରାୟ, ୨୦୧୬ ବିଜେତା ମୈତ୍ରୀ ମନାଲି ପ୍ରଧାନ ଯୋଗଦେଇଥିବା ବେଳେ କୋର୍ କମିଟି ସଦସ୍ୟ ରେଖାରାଣୀ ମିଶ୍ର, ସୋମା ମହାନ୍ତି, ମଳୟ ମହାପାତ୍ର ଓ ଡ.ଶ୍ରଦ୍ଧାଞ୍ଜଳିନାୟକ ପ୍ରମୁଖ ଉପସ୍ଥିତ ଥିଲେ।

କିଟ୍ ନହ୍ନିପରୀ ବିଜେତାଙ୍କ ପାଇଁ ମୋଟ ୪୧ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ରଖାଯାଇଛି। ନହ୍ନିପରୀ ଟାଇଟଲ୍ ବିଜେତାଙ୍କୁ ୩ଲକ୍ଷ ଟଙ୍କାର ପୁରସ୍କାର ରାଶି ମିଳିବ। ଏଥିସହ ସେ କିଟ୍‌ରେ ପାଠ ପଢ଼ିଲେ ଶହେ ପ୍ରତିଶତ ଫି' ଛାଡ଼ ଅର୍ଥାତ୍ ସର୍ବାଧିକ ୧୮ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫି' ଛାଡ଼ ହେବ। ପ୍ରଥମ ରନର୍ସ ଅପ୍‌ଙ୍କୁ ୧ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବା ସହ ସେ କିଟ୍‌ରେ ପାଠ ପଢ଼ିଲେ ସର୍ବାଧିକ ୯ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫି' ଛାଡ଼ କରାଯିବ। ଦ୍ୱିତୀୟ ରନର୍ସ ଅପ୍ ପାଇଁ ୫୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବା ସହ କିଟ୍‌ରେ ପଢ଼ିଲେ ସର୍ବାଧିକ ୯ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫି' ଛାଡ଼ କରାଯିବ। ସେହିପରି ପ୍ରତିଯୋଗିତାର ମିସ୍ ରାପୁଞ୍ଜେଲ୍, ମିସ୍ ଫଟୋଜେନିକ୍, ମିସ୍ ସେଲ୍‌ଫି (ଫେସ୍‌ବୁକ୍‌ରେ ସର୍ବାଧିକ ଲାଇକ୍), ମିସ୍ ଫେସନ୍ ଗାର୍ଲ, ମିସ୍ ୱାଇଜ୍‌କିଡ୍, ମିସ୍ ସିଣ୍ଡ୍ରେଲା, ମିସ୍ ଉର୍ବଶୀ, ମିସ୍ କ୍ୟାଟ୍‌ୱାକ୍, ମିସ୍ ମୋନାଲିସା ଏବଂ ମିସ୍ ଆକ୍ଟିଭ୍ ଆଦି ବର୍ଗରେ ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିଥିବା ପ୍ରତିଯୋଗୀଙ୍କ ପାଇଁ ମଧ୍ୟ ଆର୍ଥିକ ପୁରସ୍କାର ବ୍ୟବସ୍ଥା ରହିଥିବା କିଟ୍ ପକ୍ଷରୁ ସୂଚନା ଦିଆଯାଇଛି।

# କେନାଲକୁ ଖସିଲା କାର୍, ଚାଳକ ମୃତ



କଟକ ସଦର,୧୯।୧୧(ସୁଶାନ୍ତ କୁମାର ଜେନା)

ବିରିବାଟି-କଇଜଙ୍ଗା ମାଛଗାଁ କେନାଲ ବନ୍ଧ ରାସ୍ତାର ଅଥଙ୍ଗା ନିକଟରେ ଏକ କାର୍ ଶନିବାର ବିଳମ୍ବିତ ରାତିରେ ଭାରସାମ୍ୟ ହରାଇ କେନାଲ ଭିତରକୁ ଓଲଟି ପଡିଥିଲା। କାର୍‌ଟି ବହୁ ସମୟ ଧରି ପାଣିରେ ବୁଡି ରହିବାରୁ ଚାଳକଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ରବିବାର ସକାଳେ କନ୍ଦରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟର ଦ୍ୱାରା କାର୍‌କୁ ପାଣିରୁ ବାହାର କରିଥିଲା। ସିଟ୍ ବେଲ୍ଟରେ ବାନ୍ଧି ହୋଇ ରହିଥିବା ଚାଳକଙ୍କ ମୃତଦେହକୁ କାର୍ ଭିତରୁ ବାହାର କରାଯାଇଥିଲା। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନାକୁ ପୋଲିସ ପଠାଇଥିଲା। ମୃତକ ଜଣକ ହେଲେ ଏହି ଥାନା ଅନ୍ତର୍ଗତ ସିଦ୍ଧେଶ୍ୱରପୁର ଗ୍ରାମର ଦୀପକ ବେହେରା(୨୯)। ଶନିବାର ବିଳମ୍ବିତ ରାତିରେ ଦୀପକ କାର (ନଂ.ଓଡ଼ି୦୫ବିଏନ୍-୬୬୪୪)ରେ ଘରକୁ ଫେରୁଥିବା ପରିବାର ଲୋକେ କହିଛନ୍ତି। ହେଲେ କାର ଭାରସାମ୍ୟ ହରାଇ କେନାଲ ଭିତରକୁ ଖସିପଡିଥିଲା। ରବିବାର ସକାଳେ ସ୍ଥାନୀୟ ଲୋକେ ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ।

# ଆଜି ଶ୍ରୀମନ୍ଦିରରେ ବଡ଼ ଠାକୁରଙ୍କ ହରିହର ବେଶ

**ପୁରୀ, ୧୯।୧୧(ଅଜିତ ମହାନ୍ତି):** ଶ୍ରୀମନ୍ଦିରରେ ସୋମବାର ବଡ଼ଠାକୁର ପ୍ରଭୁ ବଳଭଦ୍ର ହରିହର ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ଦାରୁବିଗ୍ରହମାନଙ୍କ ଅବକାଶ ନୀତି ସମ୍ପନ୍ନ ପରେ ବଡ଼ ଠାକୁରଙ୍କ ହରିହର ବେଶ ଆରମ୍ଭ ହେବ। ପୁଷ୍ପାଳକ ସେବକମାନେ ବଡ଼ଠାକୁରଙ୍କୁ ହରିହର ବେଶରେ ସଜ୍ଜିତ କରିବେ। ମହାପ୍ରଭୁ ଶ୍ରୀଜଗନ୍ନାଥ ରାଧାଦାମୋଦର ବେଶରେ ଦର୍ଶନ ଦେଉଥିବାବେଳେ ବଳଭଦ୍ର ହରିହର ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ବଡ଼ଠାକୁରଙ୍କୁ ହର ବା ଶିବ ବୋଲି ବିବେଚନା କରାଯାଉଥିବାବେଳେ ହରିଙ୍କ ସହ ହରଙ୍କ ଆତ୍ମୀୟତା ଏହି ବେଶରେ ପ୍ରକଟିତ ହୋଇଥାଏ। ଶାସ୍ତ୍ରରେ ମଧ ହରି ଓ ହର ଅଭିନ୍ନ ବୋଲି ପ୍ରମାଣ ରହିଛି। ହରିହର ବେଶରେ ହର ଏବଂ ହରି ଅଭିନ୍ନ ବୋଲି ଦର୍ଶାଇଥାଏ। ଏହି ବେଶରେ ବଡ଼ଠାକୁର ଅର୍ଦ୍ଧେକ କଳା ଏବଂ ଅର୍ଦ୍ଧେକ ଧଳା ବସ୍ତ୍ରରେ ଭୂଷିତ ହୋଇଥାନ୍ତି। ବଡ଼ଠାକୁର ୩୨ ପ୍ରକାରରୁ ଉର୍ଦ୍ଧ୍ୱ ସୁବର୍ଣ୍ଣ ଅଳଙ୍କାର ପରିଧାନ କରିବେ। ସୂଚନାଯୋଗ୍ୟ, କାର୍ତ୍ତିକ ଅମାବାସ୍ୟା ବା ଦୀପାବଳି ଅମାବାସ୍ୟା ପରଠାରୁ ଶୁକ୍ଳ ଦଶମୀ ମଧ୍ୟରେ ଯେଉଁ ସୋମବାର ପଡ଼େ ସେହିଦିନ ବଡ଼ଠାକୁରଙ୍କ ବାଡ଼ିରେ ହରିହର ବେଶ ଅନୁଷ୍ଠିତ ହୋଇଥାଏ।

# ଦୁଇଦିନ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୯।୧୧(ଅସମାପିକା ସାହୁ)

ରାଜ୍ୟର ବିଭିନ୍ନ ସ୍ଥାନରେ ଦୁଇଦିନ ବର୍ଷା ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସୋମବାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଜପତି, ଗଞ୍ଜାମ, ପୁରୀ, ଜଗତ୍‌ସିଂହପୁର, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜର କିଛି ସ୍ଥାନରେ ସ୍ୱଳ୍ପ ଧରଣର ବର୍ଷା ହେବାର ଆଶଙ୍କା ରହିଛି। ସେହିଭଳି ମଙ୍ଗଳବାର ଗଜପତି, ଗଞ୍ଜାମ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକର କିଛି ସ୍ଥାନ ଏବଂ ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, କଳାହାଣ୍ଡି, କଟକ ଓ ନବରଙ୍ଗପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଜୁନେସ୍


@ ଅଂଶୁମାନ୍


@ ସତ୍ୟଜିତ୍


@ ବିଷ୍ଣୁ


@ ରାକେଶ


@ ଶ୍ରୀନିବାସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଯନ୍ତ୍ର କେବେ ଚେତନାର ବିକଳ୍ପ ହୋଇପାରିବ ନାହିଁ

## ୧୦ଜଣ ପାଇଲେ 'ପେନ୍ ଇନ୍ ବୁକ୍ସ ଯୁବଲେଖକ ପୁରସ୍କାର'

ଭୁବନେଶ୍ୱର,୧୯।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବେ କବିତା ଲେଖିପାରୁଛି, ସାହିତ୍ୟ ରଚନା କରିପାରୁଛି। କିନ୍ତୁ ମୌଳିକତାର ବିକଳ୍ପ ନାହିଁ। ମଣିଷର ଚେତନାର ବିକଳ୍ପ ଭାବେ କେବେ ବି ଯନ୍ତ୍ର ଠିଆହୋଇ ପାରିବ ନାହିଁ ବୋଲି ବିଶିଷ୍ଟ କବି ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ କହିଛନ୍ତି। ରବିବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ୭ମ ପେନ ଇନ୍ ବୁକ୍ସ ଯୁବଲେଖକ ପୁରସ୍କାର ପ୍ରଦାନ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡ. ମଲ୍ଲିକ ଏହା କହିଛନ୍ତି। ମୁଖ୍ୟବକ୍ତା ଭାବେ ବରିଷ୍ଠ କଥାଶିଳ୍ପୀ ଭୀମ ପୃଷ୍ଟି ୪୦ ବର୍ଷ ତଳେ ଓଡ଼ିଶାର



ପୁରସ୍କୃତ ଯୁବ ଲେଖିକା ଲେଖକଙ୍କ ସହ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ଓ ଅତିଥିମାନେ।

ପ୍ରକାଶନ ଶିଳ୍ପର ସ୍ଥିତି ମନେପକାଇ କହିଲେ, ସେତେବେଳେ ଯୁବଲେଖକଙ୍କ ଲେଖା ପ୍ରକାଶିତ ବା ପୁରସ୍କୃତ ହେବାର ସୁଯୋଗ ଆଦୌ ନ ଥିଲା। ନୂଆ ଲେଖକଙ୍କୁ ପୁରସ୍କୃତ ଓ ପ୍ରକାଶିତ କରି ପେନ୍ ଇନ୍ ବୁକ୍ସ ଏକ ଅଭିନବ ଓ ଉଦାହରଣୀୟ ପଦକ୍ଷେପ ନେଇଛି।

ଏହି ଅବସରରେ ୪୦ ବର୍ଷରୁ କମ୍ ବୟସର ୧୦ଜଣ ଲେଖକଙ୍କୁ 'ପେନ୍ ଇନ୍ ବୁକ୍ସ ଯୁବଲେଖକ ପୁରସ୍କାର' ପ୍ରଦାନ କରାଯାଇଥିଲା। ଗଳ୍ପ ପାଣ୍ଡୁଲିପି 'ମୁଖା ମଣିଷ' ପାଇଁ ମମତାରାଣୀ ଦାଶ, ଉପନ୍ୟାସ ପାଣ୍ଡୁଲିପି 'ପ୍ରଣୟିନୀ' ପାଇଁ ସନ୍ତୋଷ କୁମାର ସାହୁ, ଉପନ୍ୟାସ ପାଣ୍ଡୁଲିପି 'ଶେଷହୀନ ଜିଜ୍ଞାସା' ପାଇଁ ପ୍ରିୟଦର୍ଶିନୀ ପୂରବୀ ମହାନ୍ତି, ଇଂଲିଶ ଗଳ୍ପ ପାଣ୍ଡୁଲିପି 'ମୋମେଣ୍ଟସ' ପାଇଁ ଅଭୀପ୍ସା ମହାନ୍ତି, କବିତା ପାଣ୍ଡୁଲିପି 'ସାଉଁଟା ଫୁଲ' ପାଇଁ ସୋମି ଧର, କବିତା ପାଣ୍ଡୁଲିପି 'ଈଶ୍ୱରଙ୍କ ସହ ଦିନେ' ପାଇଁ ପ୍ରଜ୍ଞା ପାରମିତା ମହାନ୍ତି, କବିତା ପାଣ୍ଡୁଲିପି 'ଉଚ୍ଛୁର ବିଜନେ' ପାଇଁ ପ୍ରତୀଚୀ ନନ୍ଦ, କବିତା ପାଣ୍ଡୁଲିପି 'ଚିତ୍ରଲେଖା ଓ ଅନ୍ୟାନ୍ୟ କବିତା' ପାଇଁ ରଶ୍ମିରେଖା ଦାସ, କବିତା ପାଣ୍ଡୁଲିପି 'ସଳିତା' ପାଇଁ ପ୍ରୀତିକ୍ରିଷ୍ଟା ସାହୁ ଓ କାବ୍ୟ ଉପନ୍ୟାସ ପାଣ୍ଡୁଲିପି 'ହ୍ୟାସ୍ଟାଗ ଜୀବନ' ପାଇଁ ସାଗରିକା ନାୟକ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏସବୁ ପାଣ୍ଡୁଲିପି ୨୦୨୪ରେ ହେବାକୁ ଥିବା ୮ମ ସଂସ୍କରଣ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ପୁସ୍ତକ ଆକାରରେ ପ୍ରକାଶ ପାଇବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୨ ମସିହା ୬ଷ୍ଠ ସଂସ୍କରଣ ପେନ୍ ଇନ୍ ବୁକ୍ସ ଯୁବଲେଖକ ପୁରସ୍କାର ପାଇଥିବା ୧୦ ପାଣ୍ଡୁଲିପି ମଧ ଏହି ଉତ୍ସବରେ ପୁସ୍ତକ ଆକାରରେ ପ୍ରକାଶ ପାଇଥିଲା। ଉତ୍ସବରେ ଅଧ୍ୟକ୍ଷତା କରି କଥାଶିଳ୍ପୀ ଶୁଭ୍ରାଂଶୁ ପଣ୍ଡା କହିଲେ, ପ୍ରସିଦ୍ଧି ପାଇଁ ଆତୁରତା ଓ ପ୍ରକାଶନର ମୋହ ସୃଜନଶୀଳତାକୁ ମାରିଦିଏ। ଏ ପୁରସ୍କାରକୁ ପ୍ରାପ୍ୟ ନ ଭାବି ଏକ ପ୍ରେରଣା ଭାବରେ ଗ୍ରହଣ କରି ଲେଖାଲେଖି ପ୍ରତି ଅଧିକ ଅନୁରକ୍ତ ହେବାକୁ ସେ ଯୁବ ଲେଖକମାନଙ୍କୁ ଆହ୍ୱାନ ଦେଇଥିଲେ। ବ୍ୟଙ୍ଗକବି ଡ. କୁଳାଙ୍ଗାର ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ କଥାଶିଳ୍ପୀ ତାପସ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ପୋଲିସ କମିଶନରଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

## ଶୁଭଲକ୍ଷ୍ମୀ ଆତ୍ମହତ୍ୟା ଘଟଣା

ଭୁବନେଶ୍ୱର,୧୯।୧୧
(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଟକ ରୋଡ଼ସ୍ଥିତ ଦୀପାଳି ହୋଟେଲ ଆଣ୍ଡ୍ ବାର୍‌ର ଏକ ରୁମ୍‌ରେ ଭଦ୍ରକର ଶୁଭଲକ୍ଷ୍ମୀ ସାହୁ (୧୮)ଙ୍କ ଆତ୍ମହତ୍ୟା ଘଟଣାକୁ ୩ ମାସରୁ ଊର୍ଦ୍ଧ୍ୱ ସମୟ ବିତିଛି। ଏହି ଘଟଣାରେ ଭୁବନେଶ୍ୱର-କଟକ ପୋଲିସ କମିଶନରଙ୍କୁ ୮ ସପ୍ତାହ ମଧ୍ୟରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ନିର୍ଦ୍ଦେଶ ଦେବା ସହ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଶୁଭଲକ୍ଷ୍ମୀ ଅଗଷ୍ଟ ୪ରେ ଉକ୍ତ ହୋଟେଲକୁ ଆସି ଦ୍ୱିତୀୟ ମହଲାରେ ଥିବା ୨୦୫ ନମ୍ବର ରୁମ୍‌ରେ ରହିବା ସମୟରେ ଓଢଣି ଦ୍ୱାରା ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଥିଲେ। ଏହି ଘଟଣାରେ ଶୁଭଲକ୍ଷ୍ମୀଙ୍କ ପୁରୁଷବନ୍ଧୁ ଓ ତାଙ୍କର ଜଣେ ଦାଦାଙ୍କୁ ଦାୟୀ କରାଯାଇଥିଲା। ଏନେଇ ଏନ୍‌ଏଚ୍‌ଆର୍‌ସି ନିକଟରେ ନ୍ୟାୟ ପାଇଁ ଲଢ଼େଇ ପରିବାର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଏତଲା ଦେଇଥିଲେ। ଏହି ସମ୍ବେଦନଶୀଳ ଘଟଣାରେ କମିଶନଙ୍କ ଟିମ୍ ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଶୁଭଲକ୍ଷ୍ମୀଙ୍କ ପରିବାରକୁ ନ୍ୟାୟ ଦେବାକୁ ସୁବ୍ରତ ତାଙ୍କ ଏତଲାରେ ଦର୍ଶାଇଥିଲେ।

# ଆଜି ଆସିବେ ରାଷ୍ଟ୍ରପତି

ବାରିପଦା (ନୀଳାଦ୍ରି ବିହାରୀ ଦଣ୍ଡପାଟ)/ରାଇରଙ୍ଗପୁର (ମାନସ ମହାନ୍ତି), ୧୯।୧୧

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ନିଜ ଜନ୍ମ ମାଟିକୁ ଦ୍ୱିତୀୟ ଥର ଆସୁଛନ୍ତି। ଦୁଇଦିନିଆ ମୟୂରଭଞ୍ଜ ଜିଲା ଗସ୍ତର ପ୍ରଥମ ଦିବସରେ ବାରିପଦା ଶହୀଦ ସ୍ମୃତି ଭବନରେ ସାନ୍ତାଳୀ ଲେଖକ ସମ୍ମିଳନୀ ଏବଂ କୁଳିଅଣା ବ୍ଲକସ୍ଥିତ ଏକଲବ୍ୟ ଆବାସିକ ବିଦ୍ୟାଳୟର ଶୁଭ ଉଦ୍‌ଘାଟନ କରିବେ। ଏନେଇ ଦୁଇଟି ସ୍ଥାନରେ ବ୍ୟାପକ ପ୍ରସ୍ତୁତି ଶେଷ ହୋଇ ରାଷ୍ଟ୍ରପତିଙ୍କ ଅପେକ୍ଷାରେ ଗସ୍ତସ୍ଥଳ ସଜେଇ ହୋଇଛି। ପୂର୍ବ ଥର ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଯେଉଁଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ଉଦ୍‌ବେଗ ପ୍ରକାଶ ପାଇଥିଲା, ସେହିଭଳି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି। ପ୍ରସ୍ତୁତିକୁ ନେଇ ଜିଲା ପ୍ରଶାସନ ଓ ସୁରକ୍ଷାକୁ ନେଇ ରାଜ୍ୟ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଶେଷ ହୋଇଛି।

ରାଷ୍ଟ୍ରପତିଙ୍କ ସ୍ୱାଗତ ପାଇଁ ଜନ୍ମମାଟି ସଜେଇ ହୋଇଛି। ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ କାର୍ଯ୍ୟକ୍ରମର ଚୂଡ଼ାନ୍ତ ପ୍ରସ୍ତୁତି ଶେଷ ହେବାରେ ଲାଗିଛି।

## ତ୍ରୁଟିର ପୁନରାବୃତ୍ତି ନ ହେବାକୁ ଚାଲିଛି ପ୍ରୟାସ


ବାରିପଦାସ୍ଥିତ ଶହୀଦ ସ୍ମୃତି ଭବନ ପଡ଼ିଆରେ ସନ୍ଧାନୀ କୁକୁର ଦ୍ୱାରା ଯାଞ୍ଚ କରାଯାଉଛି।

ବାରିପଦାର ରିଜର୍ଭ ପୋଲିସ ପଡ଼ିଆରେ ତିନୋଟି ଅସ୍ଥାୟୀ ହେଲିପ୍ୟାଡ୍ ନିର୍ମାଣ କରାଯାଇଛି। ଶନିବାର ଓ ରବିବାର ବାୟୁ ସେନାର ଅଧିକାରୀମାନେ ହେଲିପ୍ୟାଡ୍‌ର ଯାଞ୍ଚ କରିବା ସହ ଆନୁଷଙ୍ଗିକ ପଦକ୍ଷେପ ଗ୍ରହଣ କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତ ସ୍ଥଳୀଗୁଡ଼ିକ ରଙ୍ଗିନ ଭାବେ ସାଜସଜ୍ଜା କରାଯାଇଛି। ରାସ୍ତା, ଆଲୋକ, ପାନୀୟ ଜଳ ଓ ସୁରକ୍ଷା ବ୍ୟବସ୍ଥା ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ସୁରକ୍ଷା ଦାୟିତ୍ୱରେ ୩୩ ପ୍ଲାଟୁନ ଫୋର୍ସ ଓ ୨୦୦ରୁ ଊର୍ଦ୍ଧ୍ୱ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ସନ୍ଧାନୀ କୁକୁର ଓ ମେଟାଲ ଡିଟେକ୍ଟର ଦ୍ୱାରା ଯାଞ୍ଚ କରାଯାଇ ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି। ରାଷ୍ଟ୍ରପତି ହେବା ପରେ ପ୍ରଥମ ଥର ଜନ୍ମମାଟିକୁ ଆସି ବାରିପଦାସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଦୀକ୍ଷାନ୍ତ ଅଭିଭାଷଣ ଦେବା ସମୟରେ ୯ମିନିଟ ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ଦେଶର ପ୍ରଥମ ନାଗରିକଙ୍କ କାର୍ଯ୍ୟକ୍ରମରେ ଏଭଳି ସାଂଘାତିକ ତ୍ରୁଟିକୁ ନେଇ ବିଭିନ୍ନ ମହଲରୁ ନିନ୍ଦା କରାଯାଇଥିଲା। ଏପରି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଓ ପଦକ୍ଷେପ ଗ୍ରହଣ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଦାଣ୍ଡବୋଷସ୍ଥିତ ଅସ୍ଥାୟୀ ହେଲିପ୍ୟାଡ୍ ପରିସର, ପୂର୍ତ୍ତ ବିଭାଗର ଡାକବଙ୍ଗଳା, ରାଷ୍ଟ୍ରପତିଙ୍କ ନିଜ ବାସଭବନ, ଶହୀଦ ସ୍ମୃତି ଭବନ ଓ ଏକଲବ୍ୟ ଆବାସିକ ବିଦ୍ୟାଳୟରେ ବିଦ୍ୟୁତ୍ ବିଭ୍ରାଟ ନ ହେବା ପାଇଁ ଟିପିଏନ୍‌ଓଡିଏଲ୍‌ର ଉପରିସ୍ଥ ଅଧିକାରୀମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ତଦାରଖ କରିଛନ୍ତି। କାର୍ଯ୍ୟକ୍ରମ ସ୍ଥଳୀଗୁଡ଼ିକରେ ଉଚ୍ଚ କ୍ଷମତା ସମ୍ପନ୍ନ ଡିଜି (ଜେନେରେଟର) ବ୍ୟବସ୍ଥା କରାଯାଇଛି। ଗସ୍ତ ସମୟରେ କୌଣସି ତ୍ରୁଟି ନ ହେବା ପାଇଁ ପୂର୍ବାଞ୍ଚଳ ଆଇଜି ହିମାଂଶୁ ଲାଲ, ଏସ୍‌ପି ଏସ୍.ସୁଶ୍ରୀ, ଜିଲାପାଳ ବିନୀତ ଭରଦ୍ୱାଜ ଓ ଅତିରିକ୍ତ ଜିଲାପାଳ ଉପସ୍ଥିତ ରହି କାର୍ଯ୍ୟକ୍ରମର ସ୍ଥିତି ପରଖିବା ସହ ଯାଞ୍ଚ କରିଛନ୍ତି।

# ପଞ୍ଚଭୂତରେ ଲୀନ ହେଲେ ଶହୀଦ ଯବାନ ଈଶ୍ୱର

ଭବାନୀପାଟଣା/ତୁଣ୍ଡଲା, ୧୯।୧୧ (ଉତ୍ତମ କୁମାର ଦାଶ/ ଫିରୋଜ କୁମାର ଦାଶ)

ତ୍ରିପୁରା-ବାଂଲାଦେଶ ସୀମାନ୍ତ ଲଙ୍କାମୋରାରେ ଗତ ଶୁକ୍ରବାର ଶହୀଦ ହୋଇଥିଲେ ଓଡ଼ିଆ ବିଏସ୍‌ଏଫ୍ ଯବାନ ଈଶ୍ୱର ଚନ୍ଦ୍ର ଦୋରା। ରବିବାର ମଧ୍ୟାହ୍ନରେ ନିଜ ଜନ୍ମ ମାଟି କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡିରେ ପହଞ୍ଚିଥିଲା ତାଙ୍କ ପାର୍ଥିବ ଶରୀର। ଏହି ସମୟରେ ଗାଁରେ ଖେଳିଯାଇଥିଲା ଶୋକାକୁଳ ପରିବେଶ। ପରିବାରରେ ତାଙ୍କ ମା'ବାପା, ୨ ଭାଇ, ଭାଉଜ, ସ୍ତ୍ରୀ ଓ ତାଙ୍କ କୁନି ଝିଅ, ପରିବାରବର୍ଗ ଏବଂ ଆତ୍ମୀୟଙ୍କ କାନ୍ଦବୋବାଳିରେ ଫାଟିପଡିଥିଲା ଗାଁ। ପରେ ଗାଁ ମଶାଣିରେ ପୋଲିସର ଗାର୍ଡ ଅଫ୍ ଅନର୍ ସରିବା ପରେ ଶହୀଦ ଯବାନଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ଏହାପୂର୍ବରୁ ଅମାଠଛକଠାରେ କଳାହାଣ୍ଡି ଅତିରିକ୍ତ ଜିଲାପାଳ, ଅତିରିକ୍ତ ଏସପି, କେସିଙ୍ଗା ଏସ୍‌ଡିପିଓ, ତହସିଲଦାର, ଜିଲା ପରିଷଦ ଅଧ୍ୟକ୍ଷଙ୍କ ସମେତ ବିଭିନ୍ନ ଅଞ୍ଚଳର ଶହଶହ ଯୁବକ ଉପସ୍ଥିତ ରହି ତାଙ୍କ ପାର୍ଥିବ ଶରୀରକୁ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ୨୦୦୯ରେ ସେ ବିଏସ୍‌ଏଫ୍ ଯବାନ ଭାବେ ନିଯୁକ୍ତି ପାଇଥିଲେ। ପରିବାର କହିଲେ ତାଙ୍କର ସ୍ତ୍ରୀ, ୫ ବର୍ଷର ଝିଅ ଓ ମା', ବାପା, ୨ ଭାଇ, ଭାଉଜ ରହିଛନ୍ତି।

# ସୁଯୋଗ ମିଳିଲେ ପୁଣି ନିର୍ବାଚନ ଲଢ଼ିବି: ପ୍ରମିଳା ବିଶୋୟୀ

ବ୍ରହ୍ମପୁର, ୧୯।୧୧ (ନରସିଂହ ସାହୁ)


ପ୍ରମିଳା ବିଶୋୟୀ

ସୁଯୋଗ ମିଳିଲେ ଆଗାମୀ ଲୋକ ସଭା ନିର୍ବାଚନ ଲଢ଼ିବି ବୋଲି ଆସିକା ବିଜେଡି ଏମ୍‌ପି ପ୍ରମିଳା ବିଶୋୟୀ କହିଛନ୍ତି। ଏଥିପାଇଁ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟିକେଟ ପାଇଁ ସେ ଆବେଦନ କରିଥିବା ଦର୍ଶାଇଛନ୍ତି। ରବିବାର ବ୍ରହ୍ମପୁରରେ ଅନୁଷ୍ଠିତ ଗଞ୍ଜାମ ଜିଲା ସମବାୟ ସଂଘର କାର୍ଯ୍ୟକ୍ରମରେ ପ୍ରମିଳା ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଧରିତ୍ରୀ ପକ୍ଷରୁ ତାଙ୍କୁ ଆପଣ ଆଉ ନିର୍ବାଚନ ଲଢ଼ିବେ କି ନାହିଁ ବୋଲି ପଚାରିବାରୁ ନବୀନ ବାବୁ ତାଙ୍କୁ ପୁଣି ପ୍ରାର୍ଥୀ କରାଇବେ ବୋଲି ଆଶା ଥିବା କହିଥିଲେ। ଆପଣ ଗଣତନ୍ତ୍ରର ପବିତ୍ର ମନ୍ଦିର ଲୋକ ସଭାକୁ ନିର୍ବାଚିତ ହେବାର ୫ ବର୍ଷ ପୂରିବାକୁ ଯାଉଛି। ଏହି ସମୟ ମଧ୍ୟରେ କ'ଣ ଅନୁଭୂତି ହାସଲ କରିଛନ୍ତି ବୋଲି ଆଉ ଏକ ପ୍ରଶ୍ନର ଉତ୍ତରରେ ପ୍ରମିଳା କହିଥିଲେ ଅନେକ ବିଷୟ ଶିଖିଲି ଏବଂ ମହିଳା ତଥା ସ୍ୱୟଂ ସହାୟକ ଗୋଷ୍ଠୀର ସ୍ୱାର୍ଥ ସମ୍ବଳିତ କେତେକ ପ୍ରଶ୍ନ ମଧ୍ୟ ପଚାରିଥିଲି। ନବୀନ ବାବୁ ମୋ ପ୍ରତି ବିଶ୍ୱାସ ଓ ଆସ୍ଥା ପ୍ରକଟ କରି ପାର୍ଲାମେଣ୍ଟକୁ ଯିବାର ସୁଯୋଗ ଦେଇଥିବାରୁ ତାଙ୍କୁ ଅଶେଷ ଧନ୍ୟବାଦ ବୋଲି କହିବା ସହ କୃତଜ୍ଞତା ଜଣାଇଥିଲେ। ଆସିକା ଲୋକ ସଭା ନିର୍ବାଚନ ମଣ୍ଡଳୀର ବିକାଶ ଲାଗି ବିଭିନ୍ନ କାର୍ଯ୍ୟ କରିଥିବା ସେ କହିଥିଲେ।

ସୂଚନାଯୋଗ୍ୟ, ୨୦୧୯ ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ଚେରମାରିଆ ଗାଁର ତଥା ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରମିଳା ବିଶୋୟୀଙ୍କୁ ବିଜେଡି ପ୍ରାର୍ଥୀ କରି ଜାତୀୟ ରାଜନୀତିରେ ଚର୍ଚ୍ଚିତ ହୋଇଥିଲେ। ଏହା ଜିଲାବାସୀଙ୍କୁ ମଧ୍ୟ ଆଶ୍ଚର୍ଯ୍ୟ କରିଥିଲା। ପ୍ରମିଳା ଏମ୍‌ପି ହେବାରୁ ୭ଟି ଯାକ ବିଧାନସଭା ସେଗ୍‌ମେଣ୍ଟବାସୀଙ୍କ ବିଶ୍ୱାସ ଭାଜନ ହୋଇପାରିଛନ୍ତି।

# ମହିମାମୟ, ସୃଜନଶୀଳର ମାଟି ଢେଙ୍କାନାଳ

ଢେଙ୍କାନାଳ, ୧୯।୧୧ (ରତନ ନାୟାର)

## ପ୍ରତିଭା ରାୟଙ୍କୁ ସପ୍ତଶଯ୍ୟା ସମ୍ମାନ

ଢେଙ୍କାନାଳର ସାଂସ୍କୃତିକ ଅନୁଷ୍ଠାନ ଦେବାଂଶୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ୨ଦିନ ବ୍ୟାପୀ ଚାଲିଥିବା ସପ୍ତଶଯ୍ୟା ମହୋତ୍ସବ-୨୦୨୩ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଚଳିତବର୍ଷ ଅନୁଷ୍ଠାନ ପକ୍ଷରୁ ଜୀବନବ୍ୟାପୀ ସାଧନା ପାଇଁ ମର୍ଯ୍ୟାଦାପୂର୍ଣ୍ଣ ରାଜ୍ୟସ୍ତରୀୟ ସପ୍ତଶଯ୍ୟା ସମ୍ମାନ ବିଶିଷ୍ଟ ସାହିତ୍ୟିକା ପଦ୍ମଭୂଷଣ ଡ. ପ୍ରତିଭା ରାୟଙ୍କୁ ପ୍ରଦାନ କରାଯାଇଛି। ଏହି ଅବସରରେ ରାୟ କହିଛନ୍ତି, ମହିମାମୟ ସୃଜନଶୀଳର ମାଟି ଢେଙ୍କନାଳ। ଏହି ମାଟିରେ ଯେଉଁମାନେ ଜନ୍ମଗ୍ରହଣ କରିଛନ୍ତି, ସେମାନେ ଗର୍ବ ଅନୁଭବ କରିବା ଉଚିତ। ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଆଦିତ୍ୟ ବାହିନୀର ପ୍ରମୁଖ ପଣ୍ଡିତ ମାତୃପ୍ରସାଦ ମିଶ୍ର, ଅତିରିକ୍ତ ଡିଜି ଡ. ଲଳିତ ଦାସ, ସାମାଜିକ କର୍ମୀ ଡ. ବନ୍ଦନା ହରିଚନ୍ଦନ ଓ ସତ୍ୟବ୍ରତ ନାୟକ, ୟୁଏଲ୍ କମ୍ପାନୀର ୱାର୍କସ ମ୍ୟାନେଜର କ୍ଷୀରୋଦ କୁମାର ବେହେରା, ଚଳଚ୍ଚିତ୍ର ପ୍ରଯୋଜକ ରମେଶ ବାରିକ ଯୋଗ ଦେଇଥିଲେ। ଅନୁଷ୍ଠାନ ସଭାପତି ଶାନ୍ତି ମିଶ୍ର ଅଧ୍ୟକ୍ଷତା କରିଥିଲେ। ଚଳଚ୍ଚିତ୍ର ଅଭିନେତ୍ରୀ ଈଷା ବେବର୍ତ୍ତା, ଓଡ଼ିଶୀ ନୃତ୍ୟଶିଳ୍ପୀ ଦୀପ୍ତି ମିଶ୍ର, ପ୍ରୀତିନନ୍ଦା ରାଉତରାୟ, ଜୀବନବ୍ୟାପୀ ସାଧନା ପାଇଁ କଣ୍ଠଶିଳ୍ପୀ ଅନନ୍ଦିତା ଦାସ, ଚଳଚ୍ଚିତ୍ର ଅଭିନେତ୍ରୀ ପିଙ୍କି ପ୍ରଧାନ, ଆଲବମ ଅଭିନେତା ସୁରେଶ ପ୍ରସାଦ ରଥଙ୍କ ସମେତ ସ୍ୱପ୍ନାରାଣୀ ସିହ୍ନା, ରୋହିତ ପାତ୍ର, ସମୀକ୍ଷିକା ରୋଜାଲିନା ଦାସ, ଆଲବମ ନିର୍ଦ୍ଦେଶକ ରାଜ ନାରାୟଣ ପଣ୍ଡା, ସାମାଜିକ କର୍ମୀ ଅନ୍ନଦାପ୍ରଭା ରାୟ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଢେଙ୍କାନାଳର କଳାକାର ସଙ୍ଗୀତରେ ଗୋବିନ୍ଦ ଚନ୍ଦ୍ର, ନୃତ୍ୟରେ ପଦ୍ମା ବଡ଼ିଆ, ନାଟକରେ ଶତ୍ରୁଘ୍ନ ମାଟି, କ୍ରୀଡ଼ାରେ ରାନୁ ମହାନ୍ତି, ସଙ୍ଗୀତରେ ଶାଶ୍ୱତ ତ୍ରିପାଠୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ବିଶିଷ୍ଟ ସାହିତ୍ୟିକା ପଦ୍ମଭୂଷଣ ଡ. ପ୍ରତିଭା ରାୟଙ୍କୁ ସପ୍ତଶଯ୍ୟା ସମ୍ମାନ ପ୍ରଦାନ କରାଯାଉଛି।

# ଇନ୍ଦିରା ଗାନ୍ଧୀଙ୍କ ୧୦୬ତମ ଜୟନ୍ତୀ ପାଳିଲା କଂଗ୍ରେସ


ଭୁବନେଶ୍ୱର ଆଇଜି ପାର୍କସ୍ଥିତ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ କଂଗ୍ରେସ ନେତା ଓ କର୍ମୀମାନେ ପୁଷ୍ପାଞ୍ଜଳି ଅର୍ପଣ କରୁଛନ୍ତି।

ଭୁବନେଶ୍ୱର, ୧୯।୧୧ (ସୁନିତ୍ ମିଶ୍ର)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ପକ୍ଷରୁ ରବିବାର ଭୁବନେଶ୍ୱର କଂଗ୍ରେସ ଭବନଠାରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୧୦୬ ତମ ଜୟନ୍ତୀ ପାଳିତ ହୋଇଛି। ଏହି ଉପଲକ୍ଷେ ସକାଳେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳର ନେତୃବୃନ୍ଦ କଂଗ୍ରେସ ଭବନ ପରିସରରେ ଥିବା ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି। ଏହାପରେ ପିସିସି ପକ୍ଷରୁ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ପାର୍କ ସ୍ଥିତ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପିସିସି ସଭାପତିଙ୍କ ସମେତ ଅନ୍ୟ ନେତୃବୃନ୍ଦ ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି। ଏହି ଅବସରରେ ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତିର ଅଧ୍ୟକ୍ଷ ବିଧାୟକ ସୁରେଶ କୁମାର ରାଉତରାୟ ଓ ସାଧାରଣ ସମ୍ପାଦକ ଅମିୟ କୁମାର ପଟ୍ଟନାୟକଙ୍କ ଦ୍ୱାରା ଆୟୋଜିତ ଜୟନ୍ତୀ ଉତ୍ସବରେ ଯୋଗଦେଇ ପିସିସି ସଭାପତି କହିଛନ୍ତି ଯେ, ସ୍ୱର୍ଗତା ଇନ୍ଦିରା ଗାନ୍ଧୀ ଜଣେ ଏଭଳି ଦୃଢ଼ମନା ନେତ୍ରୀ ଥିଲେ ଯାହାଙ୍କୁ ସାରା ବିଶ୍ୱ ଲୌହ ମାନବୀ ଭାବେ ଜାଣିଥିଲେ। ସେ ପ୍ରଧାନମନ୍ତ୍ରୀ ସମୟରେ ବିଂଶସୂତ୍ରୀ କାର୍ଯ୍ୟକ୍ରମ, ବ୍ୟାଙ୍କ ଜାତୀୟକରଣ, ଗୋଳାବାରୁଦ କାରଖାନା ପ୍ରତିଷ୍ଠା ଭଳି ବହୁ କାର୍ଯ୍ୟକ୍ରମ କରିପାରିଥିଲେ ବୋଲି ସେ କହିଛନ୍ତି। ଶ୍ରଦ୍ଧାଞ୍ଜଳି ଜଣାଇ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଓ ପ୍ରସାଦ ହରିଚନ୍ଦନ, ପିସିସି ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ ପ୍ରମୁଖ ଇନ୍ଦିରାଜୀଙ୍କ ସ୍ମୃତିଚାରଣ କରିଥିଲେ। ଶେଷରେ ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ ଧନ୍ୟବାଦ ଅର୍ପଣ କରିଛନ୍ତି। ଏହି ଅବସରରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନଙ୍କୁ ପିସିସି ସଭାପତି ଜାତୀୟ ସଂକଳ୍ପ ପାଠ କରାଇଛନ୍ତି।

# ୨ ହାତୀଦାନ୍ତ ଜବତ: ୪ ଗିରଫ

ଠାକୁରମୁଣ୍ଡା(ତାରାକାନ୍ତ ପଟ୍ଟନାୟକ)/ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ), ୧୯।୧୧

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ରେଞ୍ଜ୍ ଅଞ୍ଚଳରୁ ହାତୀଦାନ୍ତ ଚୋରାଚାଲାଣ ସମୟରେ ବନ ବିଭାଗ ରବିବାର ଚଢ଼ାଉ କରି ୨ଟି ହାତୀଦାନ୍ତ ଜବତ କରିଛି। ଘଟଣାରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ କପ୍ତିପଦା ଥାନା ଅନ୍ତର୍ଗତ ପୋଡାଡ଼ିହା ଅଞ୍ଚଳ ହୁଡ଼ିସାହିର ନିତ୍ୟାନନ୍ଦ ସିଂ(୨୪), ଚାମୁରୁ ସିଂ(୨୩), ଖୁଲାଡି ଗ୍ରାମର ଲାଛୁ ସିଂ (୩୦) ଓ ମହୁଲଡ଼ିହା ଥାନା ଅନ୍ତର୍ଗତ ଡଙ୍ଗାଡ଼ିହା ଗ୍ରାମର ରାଜୁ ବାଙ୍କିରା (୨୭)। ଜବତ ଦାନ୍ତର ଓଜନ ୩ କିଗ୍ରା ୫୦୦ ଗ୍ରାମ ବୋଲି ରେଞ୍ଜ୍ ଅଧିକାରୀ କିଶୋର ପାଣିଗ୍ରାହୀ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡ ପୋଡ଼ାଡ଼ିହା ଅଞ୍ଚଳରୁ ହାତୀଦାନ୍ତ ଧରି ଚାଲାଣକାରୀମାନେ ଠାକୁରମୁଣ୍ଡା ଆଡକୁ ଯାଉଥିଲେ। କୌଣସି ସୂତ୍ରରୁ ସୂଚନା ପାଇ କରଞ୍ଜିଆ ଏସିଏଫ୍ ମଦନ ମୋହନ ମହାନ୍ତ, ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ କିଶୋର ପାଣିଗ୍ରାହୀ, କରଞ୍ଜିଆ ରେଞ୍ଜ୍ ଅଧିକାରୀ ପ୍ରଶାନ୍ତ ସ୍ୱାଇଁ, ଫରେଷ୍ଟର ପ୍ରଦୀପ କିଶୋର ହାଇବୁରୁ, ଚନ୍ଦ୍ରଭାନୁ ମହାନ୍ତ, ତପନ ମହାନ୍ତ, ନଳିନୀ ମହାନ୍ତ, ସୁରମୋହନ ବେହେରା, ଠାକୁର ଦାସ ହେମ୍ବ୍ରମ୍‌ଙ୍କ ସମେତ ବନକର୍ମଚାରୀମାନେ ଠାକୁରମୁଣ୍ଡା-ଉଦଳା ରାସ୍ତାର ଚମ୍ପାଝର ନିକଟ ଦିଲ୍ଲଗଞ୍ଜଠାରେ ଛକି ରହିଥିଲେ। ୩ ବାଇକ୍‌ରେ ୫ ଜଣ ହାତୀଦାନ୍ତ ଧରି ଆସୁଥିବା ବେଳେ ୪ ଜଣଙ୍କୁ କାବୁ କରି ଏକ ବ୍ୟାଗରୁ ୨ ଦାନ୍ତ ଜବତ କରିଥିଲେ। ଘଟଣାସ୍ଥଳରୁ ଜଣେ ଅଭିଯୁକ୍ତ ଚମ୍ପଟ ମାରିବାରେ ସକ୍ଷମ ହୋଇଥିଲେ। ଜବତ ବାଇକ୍ (ନଂ. ଓଆର ୦୧ ୟୁ ୩୭୫୪, ୦୯ କ୍ୟୁ ୭୨୨୪ ଓ ୧୧ ପି ୧୮୭୭)ଗୁଡିକୁ ଠାକୁରମୁଣ୍ଡା ରେଞ୍ଜ୍ କାର୍ଯ୍ୟାଳୟକୁ ଅଣାଯାଇଛି। ଅଧିକ ତଦନ୍ତ ନିମନ୍ତେ ଅଭିଯୁକ୍ତଙ୍କୁ କରଞ୍ଜିଆ ଡିଏଫ୍‌ଓଙ୍କ କାର୍ଯ୍ୟାଳୟକୁ ନିଆଯାଇଥିବା ସୂଚନା ମିଳିଛି।



ଜବତ ହାତୀଦାନ୍ତ (ବାମ)। ଗିରଫ ଅଭିଯୁକ୍ତ ଓ ବନ କର୍ମଚାରୀମାନେ।

## ପ୍ରଥମ ପୃଷ୍ଠାରୁ...

### ଅଷ୍ଟ୍ରେଲିଆ...

କ୍ରିଜ୍‌ରେ ଥିବା ପର୍ଯ୍ୟନ୍ତ ଭାରତର ବଡ଼ ସ୍କୋର ଆଶା ବଳବତ୍ତର ରହିଥିଲା। ମାତ୍ର ୪ର୍ଥ ଉଇକେଟରେ ୬୭ ରନ୍‌ର ଭାଗୀଦାରି ପରେ କୋହଲି ଦୁର୍ଭାଗ୍ୟଜନକ ଭାବେ କୁମିନ୍ସଙ୍କ ଶର୍ଟ ଅଫ୍ ଲେନ୍ଥ ବଲ୍‌କୁ ଡିଫେଣ୍ଡ କରିବାକୁ ଯାଇ କ୍ଲିନ୍‌ବୋଲ୍ଡ ହୋଇଯାଇଥିଲେ। କୋହଲିଙ୍କ ଆଉଟ୍‌ରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଦର୍ଶକରେ ଭରା ଷ୍ଟାଡିୟମ ନୀରବତାରେ ଛାଇଯାଇଥିଲା। ନିଜ ଆଉଟ୍‌କୁ ବିଶ୍ୱାସ କରିପାରି ନ ଥିଲେ ହେଁ କୋହଲି ଧୀରେଧୀରେ କ୍ରିଜ୍ ଛାଡ଼ିଥିଲେ। ଭାରତ ଏହିଠାରୁ ହିଁ ମୋମେଣ୍ଟମ୍ ହରାଇଥିଲା। ୬୩ଟି ବଲ୍‌ର ସମ୍ମୁଖୀନ ହୋଇଥିବା କୋହଲି ୪ ଚୌକା ସହାୟତାରେ ୫୪ ରନ୍ କରିଥିଲେ। ପରେ ଲୋକେଶ ରାହୁଲ ଅର୍ଦ୍ଧଶତକ (୬୬ ରନ) ହାସଲ କରିଥିଲେ ହେଁ ମିଡିଲ ଅର୍ଡର ଓ ଟେଲ୍ ଏଣ୍ଡରଙ୍କ ବିଫଳତା ଯୋଗୁ ଭାରତ ୨୪୦ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ସୂର୍ଯ୍ୟକୁମାର ଯାଦବ ଅତ୍ୟନ୍ତ ଦାୟିତ୍ୱହୀନ ଇନିଂସ୍ ଖେଳିଥିଲେ। ସ୍ପେଶାଲିଷ୍ଟ ବ୍ୟାଟରମାନେ ଆଉଟ୍ ହୋଇଯାଇଥିବାରୁ ଶେଷଭାଗରେ ସେ ସମସ୍ତ ଭାର ନିଜ କାନ୍ଧ ଉପରକୁ ନେଇ ଖେଳିବା ଆବଶ୍ୟକ ହେଉଥିଲା। ମାତ୍ର ସେ ତାହା ନ କରି ଷ୍ଟ୍ରାଇକ୍ ରୋଟେଟ୍ କରି ବୋଲରଙ୍କୁ ସମ୍ମୁଖଭାଗକୁ ଛାଡ଼ିଥିଲେ ଏବଂ ନିଜେ ଖରାପ ଶଟ୍ ଖେଳି ୨୮ ବଲ୍‌ରୁ ମାତ୍ର ୧୮ ରନ୍‌କରି ଆଉଟ୍ ହୋଇଥିଲେ। ଅଷ୍ଟ୍ରେଲିଆର ୭ ଜଣଯାକ ବୋଲର ଭଲ ବୋଲିଂ କରିଥିଲେ। କୁମିନ୍ସ ଓ ମିଚେଲ ଷ୍ଟାର୍କ ଟପ୍ ଅର୍ଡରକୁ କ୍ଷତି ପହଞ୍ଚାଇଥିବାବେଳେ ଜୋଶ୍ ହାଜେଲଉଡ୍ ମିଡିଲ ଅର୍ଡରର ଦୁଇ ଶ୍ରେଷ୍ଠ ଖେଳାଳି ରବୀନ୍ଦ୍ର ଜାଡେଜା ଓ ସୂର୍ଯ୍ୟକୁମାରଙ୍କୁ ପ୍ୟାଭିଲିୟନ ପଠାଇ ଭାରତର ବଡ଼ ସ୍କୋର ଆଶାରେ ଅଙ୍କୁଶ ଲଗାଇଥିଲେ। ଷ୍ଟାର୍କ ୩ଟି, କୁମିନ୍ସ ଓ ହାଜେଲଉଡ୍ ୨ଟି ଲେଖାଏ ଏବଂ ଦୁଇ ସ୍ପିନର ଗ୍ଲେନ୍ ମ୍ୟାକ୍ସୱେଲ ଓ ଆଡାମ ଜାମ୍ପା ଗୋଟିଏ ଲେଖାଏ ଉଇକେଟ ପାଇଥିଲେ। ମିଚେଲ ମାର୍ଶ ଓ ଟ୍ରାଭିସ ହେଡ୍ ଉଇକେଟ ପାଇ ନ ଥିଲେ ମଧ୍ୟ ୨ ଓଭର ଲେଖାଏ ପକାଇ ଯଥାକ୍ରମେ ମାତ୍ର ୫ ଓ ୪ ରନ୍ ବ୍ୟୟ କରିଥିଲେ।

୨୪୧ ରନ୍ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିଲା ଅଷ୍ଟ୍ରେଲିଆ। ମ୍ୟାଚ୍‌ର ଦ୍ୱିତୀୟ ଓଭରରେ ଡେଭିଡ୍ ୱାର୍ନର (୭)ଙ୍କୁ ଆଉଟ୍‌କରି ମହମ୍ମଦ ଶାମି ଭାରତୀୟ ଶିବିରରେ ଉତ୍ସାହ ଖେଳାଇ ଦେଇଥିଲେ। ମ୍ୟାଚ୍‌ର ୫ମ ଓ ୭ମ ଓଭରରେ ଅଷ୍ଟ୍ରେଲିଆକୁ ଡବଲ୍ ଝଟ୍‌କା ଦେଇଥିଲେ ଯଶପ୍ରୀତ୍ ବୁମ୍‌ରା। ସେ ମିଚେଲ ମାର୍ଶ (୧୫) ଓ ନିର୍ଭରଯୋଗ୍ୟ ଷ୍ଟିଭେନ ସ୍ମିଥ୍ (୪)ଙ୍କୁ ଆଉଟ କରିବାରୁ ୭ ଓଭର ଶେଷବେଳକୁ ଅଷ୍ଟ୍ରେଲିଆ ସ୍କୋର ୪୭/୩ ହୋଇ ଯାଇଥିଲା। ମାତ୍ର ଟ୍ରାଭିସ ହେଡ୍ ଓ ମାର୍ନସ ଲାବୁସେନ ଚତୁର୍ଥ ଉଇକେଟରେ ୧୯୨ ରନ୍‌ର ଭାଗୀଦାରି ଗଢ଼ି ଭାରତ ହାତରୁ ମ୍ୟାଚ୍ ଛଡ଼ାଇ ନେଇଥିଲେ। ଉପଯୁକ୍ତ ସମୟରେ ହେଡ୍ ହାସଲ କରିଥିଲେ କ୍ୟାରିୟରର ୫ମ ଦିନିକିଆ ଶତକ। ସେ ୧୨୦ ବଲ୍‌ରୁ ୧୫ ଚୌକା ଓ ୪ ଛକା ସହାୟତାରେ ୧୩୭ ରନ୍‌ର ମ୍ୟାଚ୍‌ବିଜୟୀ ଇନିଂସ୍ ଖେଳିଥିଲେ। ଲାବୁସେନ ୫୮ ରନ୍‌କରି ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରା ୨ଟି ଏବଂ ମହମ୍ମଦ ଶାମି ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ସୁରକ୍ଷା ବଳୟ ...

ନାମ ୱେନ୍ ଜନସନ୍। ଟି-ଶାର୍ଟର ସମ୍ମୁଖ ଭାଗରେ ଷ୍ଟପ୍ ବମ୍ବିଂ ପାଲେଷ୍ଟାଇନ ଲେଖା ଥିବା ବେଳେ ପଛ ପଟେ ଫ୍ରି ପାଲେଷ୍ଟାଇନ ଲେଖା ରହିଥିଲା। ସୁରକ୍ଷାକର୍ମୀ ପଡ଼ିଆ ମଧ୍ୟରେ ତାଙ୍କୁ ଅଟକାଇବା ପରେ ତାଙ୍କୁ ତୁରନ୍ତ ଗିରଫ କରାଯାଇଥିଲା। ଗିରଫ ପରେ ଯୁବକଙ୍କୁ ଚାନ୍ଦ ଖେଡା ଥାନାରେ ରଖାଯାଇଛି। କ୍ରିକେଟ ମ୍ୟାଚ୍ ସମୟରେ ରାଜନୈତିକ ସ୍ଲୋଗାନକୁ ଅପରାଧ ଭାବେ ବିବେଚନା କରାଯାଉଥିବା ବେଳେ ବିଦେଶୀ ନାଗରିକଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାହା ସ୍ପଷ୍ଟ ହୋଇ ନାହିଁ। ଇସ୍ରାଏଲ ଓ ପାଲେଷ୍ଟାଇନ୍ ଆତଙ୍କୀ ସଙ୍ଗଠନ ହମାସ୍ ମଧ୍ୟରେ ଅକ୍ଟୋବର ୭ ତାରିଖରୁ ଯୁଦ୍ଧ ଚାଲିଛି।

### ଭାରତରେ ସାଇବର ...

୧,୧୦୮ ଥର। ସାଇବରସ୍ପେସ୍‌ରେ ଏଭଳି କ୍ଷତିକାରକ କାର୍ଯ୍ୟକୁ ରୋକିବା ପାଇଁ ବାସ୍ତବରେ ସବୁ ଦେଶ ଏକାଠି ହେବାର ସମୟ ଆସିଥିବା ନାୟାର କହିଛନ୍ତି। ଜାତିସଂଘ ଏବଂ ଆଞ୍ଚଳିକ ଫୋରମ୍‌ଗୁଡ଼ିକ ଏ ଦିଗରେ ଅନେକ ପଦକ୍ଷେପ ନେଇଛନ୍ତି। ସାଇବରସ୍ପେସ୍ କୌଣସି ଦେଶ ମଧ୍ୟରେ ସୀମିତ ନ ଥିବାରୁ ଏହାର ସମାଧାନ ପାଇଁ ସମସ୍ତ ଦେଶର ମିଳିତ ଉଦ୍ୟମ ଆବଶ୍ୟକ। ସାଇବର ସୁରକ୍ଷା ସହ ସମ୍ପୃକ୍ତ ଚ୍ୟାଲେଞ୍ଜଗୁଡ଼ିକର ସମାଧାନ ପାଇଁ ଅନେକ ଅନ୍ତର୍ଜାତୀୟ ପଦକ୍ଷେପ ନିଆଗଲାଣି। ସେଥିରୁ ଉଲ୍ଲେଖନୀୟ ଉଦ୍ୟମ ହେଲା ଜାତିସଂଘର ସରକାରୀ ବିଶେଷଜ୍ଞମାନଙ୍କ ଗ୍ରୁପ୍ (ୟୁଏନ୍ ଜିଜିଇ)। ଜାତିସଂଘ ସାଧାରଣ ସଭା ଏହାକୁ ନିଯୁକ୍ତି ଦେଇଛି। ୨୦୨୧ରେ ୟୁଏନ୍ ଜିଜିଇ ଏକ ରିପୋର୍ଟ ଗ୍ରହଣ କରିଥିଲା, ଯାହାର ଅନ୍ତର୍ଜାତୀୟ ସାଇବର ସିକ୍ୟୁରିଟି ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଏହା ଅନ୍ତର୍ଜାତୀୟ ନିୟମ ଓ ସିଦ୍ଧାନ୍ତର ବିକାଶ କରିବା, ଅନ୍ତର୍ଜାତୀୟ ସହଯୋଗ ବଢ଼ାଇବା, ଜାତୀୟ ସାଇବର ସୁରକ୍ଷା ସାମର୍ଥ୍ୟକୁ ବଢ଼ାଇବା ପାଇଁ ସୁପାରିସ କରିଥିଲା। ଆପରାଧିକ ଉଦ୍ଦେଶ୍ୟରେ ବ୍ୟବହୃତ ଆଇସିଟିର ମୁକାବିଲା ପାଇଁ ବିସ୍ତୃତ ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜନ କରିବାରେ ଏକ ଅସ୍ଥାୟୀ କମିଟି ସହଯୋଗ କରୁଥିବା ନାୟାର କହିଛନ୍ତି।

### ଶେନିସ୍ ପାଲାସିଓସ୍ ...

ସୁନ୍ଦରୀ ଆର୍.ବୋନି ଗାବ୍ରିଏଲ୍ ଏହି ମୁକୁଟ ପିନ୍ଧାଇଥିଲେ। ରାଜଧାନୀ ମାନାଗୁଆ ନିବାସୀ ୨୩ ବର୍ଷୀୟା ପାଲାସିଓସ୍ ଜଣେ ମାନସିକ ସ୍ୱାସ୍ଥ୍ୟ ଆକ୍ଟିଭିଷ୍ଟ ଓ ଅଡିଓଭିଜୁଆଲ ପ୍ରଡ୍ୟୁସର। ସାଧାରଣତଃ କ୍ୟାମେରା ସାମ୍ନାକୁ ଆସୁ ନ ଥିବା ପାଲାସିଓସ୍ ବିଶ୍ୱର ଯେତେ ଅଧିକ ସମ୍ଭବ ସେତେ ସମସ୍ୟାର ସମାଧାନ କରିବାକୁ ଆଗ୍ରହ ପ୍ରକାଶ କରି ଏହି ପ୍ରତିଯୋଗିତାରେ ସାମିଲ ହୋଇଥିଲେ। ଏହି ଉଦ୍ୟମୀ ଯୁବତୀ ନିଜ ମା'ଙ୍କ ସ୍ନାକ୍ ବ୍ୟବସାୟରେ ନିୟୋଜିତ ରହି ବିଶ୍ୱବିଦ୍ୟାଳୟରେ ଯୋଗାଯୋଗ କାର୍ଯ୍ୟକ୍ରମଗୁଡ଼ିକରେ ସାମିଲ ହୋଇଥିଲେ। ଆର୍ଥିକ ସଙ୍କଟ ଯୋଗୁ ବ୍ୟବସାୟ ବହୁଳ ପ୍ରଭାବିତ ହେବା ପରେ ସେ ଦେଶର ଉତ୍ତର ଭାଗକୁ ଯାଇ ନିଜ ଜେଜେମା' ଓ ସାନଭାଇଙ୍କୁ ଆର୍ଥିକ ତଥା ମାନସିକ ସମର୍ଥନ ଦେଇଥିଲେ ବୋଲି ଏକ ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟରେ ଆୟୋଜକ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ମିସ୍ ୟୁନିଭର୍ସ ୨୦୨୩ ହେବା ପରେ ବର୍ତ୍ତମାନ ସେ ନିଜ ଉଦ୍‌ବିଗ୍ନତାରୁ ସୃଷ୍ଟ ମେଣ୍ଟାଲ ହେଲ୍‌ଥ ଉପରେ ଫୋକସ୍ କରିବେ। ପାଲାସିଓସ୍ କହିଛନ୍ତି, ଏହି ସମସ୍ୟାର ସମାଧାନକୁ ଗୁରୁତ୍ୱ ଦେଉ ନ ଥିବା ଏକ ଦେଶରୁ ସେ ଆସିଛନ୍ତି। ସେଠାରେ ସେ 'ଅଣ୍ଡରଷ୍ଟାଣ୍ଡ୍ ୟୋର ମାଇଣ୍ଡ' ନାମରେ ଏକ ଅଭିଯାନ ଆରମ୍ଭ କରିଛନ୍ତି। ନିଜ ଟେଲିଭିଜନ୍ ସେଗ୍‌ମେଣ୍ଟ୍‌ସରେ ସେ ମାନସିକ ଯତ୍ନ ବିଶେଷଜ୍ଞମାନଙ୍କ ସାକ୍ଷାତ୍‌କାର ନେଇଥାନ୍ତି। ଏହାବାଦ୍ ସେ ଏହି ଇଭେଣ୍ଟ ଏବଂ ଅନ୍ୟ ଦୃଶ୍ୟଶ୍ରାବ୍ୟ ପ୍ରକଳ୍ପଗୁଡ଼ିକର ମଧ୍ୟ ପ୍ରଯୋଜନା କରିଆସିଛନ୍ତି। ତାଙ୍କ ଜୀବନର ଲକ୍ଷ୍ୟ ହେଉଛି ନ୍ୟୁଜ୍‌ରୁମ୍ ପରିଚାଳନା ଏବଂ କଣ୍ଟେଣ୍ଟ ଓ ଅନ୍ତର୍ଜାତୀୟ କମର୍ସିଆଲ୍ସ ପ୍ରଯୋଜନା ଜରିଆରେ ମାନବ ଜାତିର ସେବା। ପାଲାସିଓସ୍ ଅବସର ସମୟରେ ବିରାଡ଼ି, କୁକୁରଙ୍କୁ ଉଦ୍ଧାର କରିଥାନ୍ତି। ଅନ୍ୟପକ୍ଷେ ଉକ୍ତ ପ୍ରତିଯୋଗିତାରେ ଭାରତରୁ ପ୍ରତିନିଧିତ୍ୱ କରିଥିବା ଶ୍ୱେତା ଶାରଦା ୨୦ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କ ମଧ୍ୟରେ ସ୍ଥାନିତ ହୋଇଛନ୍ତି। ୨୦୨୩ ମିସ୍ ୟୁନିଭର୍ସ ପାକିସ୍ତାନ ଏରିକା ରୋବିନ୍ ମଧ୍ୟ ଟପ୍ ୨୦ ତାଲିକାରେ ରହିଛନ୍ତି।

# ନାଟକ ଏଇ ଆମରି ଗାଁ ମଞ୍ଚସ୍ଥ

ଢେଙ୍କାନାଳ, ୧୯।୧୧ (ରତନ ନାୟାର)

ରାଜ୍ୟ ଅର୍ଥ ବିଭାଗ ସାଂସ୍କୃତିକ ସଂସଦର ୫୮ତମ ବାର୍ଷିକ ଉତ୍ସବ ରବୀନ୍ଦ୍ର ମଣ୍ଡପଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂସଦର ସଦସ୍ୟମାନଙ୍କ ଦ୍ୱାରା ନାଟକ ଏଇ ଆମରି ଗାଁ ମଞ୍ଚସ୍ଥ ହୋଇଥିଲା। ସାମ୍ପ୍ରତିକ ପରିସ୍ଥିତିରେ ନିଜର ଅସ୍ତିତ୍ୱ ହରାଇ ବସିଥିବା ଗାଁର ନିଛକ ଓ ବାସ୍ତବ ରୂପକୁ ଏହି ନାଟକ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ରଣଜିତ ପଟ୍ଟନାୟକଙ୍କ ଦ୍ୱାରା ରଚିତ ଏହି ନାଟକର ନିର୍ଦ୍ଦେଶନା ଅର୍ଥ ବିଭାଗ ଯୁଗ୍ମ ସଚିବ ମଳୟ କୁମାର ମହାନ୍ତି ଦେଇଥିବା ବେଳେ ସହ ନିର୍ଦ୍ଦେଶନା ଦେଇଥିଲେ ମାନସ କୁମାର ପରିଡା, ଅଭିଜିତ ଦାସ ଓ ଶୁଭଙ୍କର ସାହୁ। ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି, ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ଅତିରିକ୍ତ ଶାସନ ସଚିବ ଯାମିନୀ ଷଡଙ୍ଗୀ ସମ୍ମାନିତ ଅତିଥି ଓ ମୁଖ୍ୟବକ୍ତା ଭାବେ ଡାଇରେକ୍ଟର ବଜେଟ୍ ସତ୍ୟପ୍ରିୟ ରଥ ଯୋଗଦେଇଥିଲେ। ସଂସଦର କାର୍ଯ୍ୟକାରୀ ସଭାପତି ତରୁଣ କୁମାର ପାଲ, ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ପତି ଓ ଦିଲୀପ କୁମାର ଜ୍ୟୋତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଅର୍ଥ ବିଭାଗ ସାଂସ୍କୃତିକ ସଂସଦ ପକ୍ଷରୁ ନାଟକ ପରିବେଷଣ କରାଯାଉଛି।

## ସଂକ୍ଷେପରେ

### ଆଜିଠୁ ତିନିଦିନିଆ ରେଭେନ୍ସା ପରିଦର୍ଶନରେ ଆସିବ ନାକ୍ ଟିମ୍

କଟକ,୧୯।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)

ସୁନ୍ଦର କଳାକୃତିରେ ଝଲସୁଛି ରେଭେନ୍ସା ବିଶ୍ୱବିଦ୍ୟାଳୟ କ୍ୟାମ୍ପସ। ବିଭିନ୍ନ ଲାବ୍‌ରେ ଅଗ୍ନି ନିର୍ବାପକ ବ୍ୟବସ୍ଥା, ପାଚେରୀ ଏବଂ କାନ୍ଥଗୁଡିକରେ ଚିତ୍ରାଙ୍କନ କରାଯାଇଛି। ରକ୍ଷଣାବେକ୍ଷଣର ଅଭାବରୁ ଅବହେଳିତ ଅବସ୍ଥାରେ ଥିବା ରାଜ୍ୟର ପ୍ରଥମ କ୍ୟାମ୍ପସ କମ୍ୟୁନିଟି ରେଡିଓ 'ରେଭେନ୍ସା ରେଡ଼ିଓ ୯୦.୪ ଏଫ୍' ଏବେ ନୂଆ ରୂପ ନେଇଛି। ନ୍ୟାଶନାଲ ଆସେସ୍‌ମେଣ୍ଟ ଆଣ୍ଡ୍ ଆକ୍ରିଡେସନ କାଉନସିଲ (ନାକ୍) ଟିମ୍‌ର ସଦସ୍ୟମାନେ ସୋମବାର ରେଭେନ୍ସା ବିଶ୍ୱବିଦ୍ୟାଳୟ ଗସ୍ତ କରି ଯାଞ୍ଚ କରିବେ। ଏଥିପାଇଁ ସଜେଇ ହୋଇଛି ବିଶ୍ୱବିଦ୍ୟାଳୟ। ବିଶ୍ୱବିଦ୍ୟାଳୟ ପକ୍ଷରୁ ରବିବାର ପ୍ରସ୍ତୁତି ଶେଷ ହୋଇଛି। ବିଶ୍ୱବିଦ୍ୟାଳୟକୁ ଦୀର୍ଘ ୬ବର୍ଷ ପରେ ନାକ୍ ଟିମ୍ ଆସିବ। ନଭେମ୍ବର ୨୦, ୨୧ ଓ ୨୨ ତାରିଖ ୩ଦିନ ଧରି ବିଶ୍ୱବିଦ୍ୟାଳୟରେ ଏହି ଟିମ୍ ଯାଞ୍ଚ କରିବ। ଏଥିପାଇଁ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ବିଶ୍ୱବିଦ୍ୟାଳୟ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶେଷ ହୋଇଛି। ବିଶେଷକରି ନୂତନ ଭାବେ ଅଧିକ ୫୦ଟି ସ୍ମାର୍ଟ କ୍ଲାସ୍‌ରୁମ୍ ବ୍ୟବସ୍ଥା କରାଯାଇଛି। ସେହିପରି ରେଭେନ୍ସା ରେଡ଼ିଓ ବିଲ୍ଡିଂକୁ ମରାମତି କରାଯାଇଛି। ଦୀର୍ଘଦିନ ଧରି ବନ୍ଦ ରହିଥିବା ହେରିଟେଜ୍ ହଲ୍‌ର ନବୀକରଣ କରାଯାଇଛି। ଏକାଡେମିକ ଏବଂ ପ୍ରଶାସନିକ ସ୍ତରରେ ସମସ୍ତ ଅନୁସଙ୍ଗିକ କାର୍ଯ୍ୟ ଶେଷ ହୋଇଛି।

### ପୂର୍ବତନ ସରପଞ୍ଚ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଦୋଷୀ

**ଏମ୍‌ଜିଏନ୍‌ଆରଇଜିଏସ୍ ଦୁର୍ନୀତି ମାମଲା**

ମାଣିଆବନ୍ଧ, ୧୯।୧୧ (ଅଖିଳ କୁମାର ସାହୁ)

କଟକ ଜିଲା ବଡ଼ମ୍ବା ବ୍ଲକ ଅନ୍ତର୍ଗତ ସନ୍ତରାବାଳୀ ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍(ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା) କାର୍ଯ୍ୟରେ ହୋଇଥିବା ଦୁର୍ନୀତି ମାମଲାର ଫଇସଲା ହୋଇଛି। ରାଜ୍ୟ ଲୋକାଯୁକ୍ତ ଏହାର ବିଚାର କରି ଉକ୍ତ ପଞ୍ଚାୟତର ପୂର୍ବତନ ସରପଞ୍ଚ ରଜନୀବାଳା ବେହେରା, ସ୍ୱାମୀ ତଥା ଅବସରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଦେବରାଜ ବେହେରା ଓ ପୁଅ ମାନସ ରଞ୍ଜନ ବେହେରା ଏବଂ ତତ୍କାଳୀନ ବଡ଼ମ୍ବା ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜଗନ ମୋହନ ଦେବତାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତେବେ ଅନ୍ୟତମ ଅଭିଯୁକ୍ତ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଈଶ୍ୱରୀ ଚନ୍ଦ୍ର ପ୍ରଧାନଙ୍କ ଦେହାନ୍ତ ଯୋଗୁ ତାଙ୍କ ବିରୋଧରେ ମାମଲା ବନ୍ଦ ହୋଇଯାଇଛି। ଏମ୍‌ଜିଏନ୍‌ଆରଇଜିଏସ୍ ନାଁରେ ବିନିଯୋଗ ହୋଇଥିବା ସମସ୍ତ ଅର୍ଥ ରଜନୀବାଳା, ଦେବରାଜ ଓ ମାନସଙ୍କଠାରୁ ଆଦାୟ କରିବାକୁ ଲୋକାଯୁକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ତତ୍କାଳୀନ ଉଦ୍ୟାନ କୃଷି ଅଧିକାରୀ ଦେବତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଲୋକାଯୁକ୍ତ ସୁପାରିସ କରିଛନ୍ତି। ସୂଚନା ଅନୁଯାୟୀ, ୩୦ ଜୁନ ୨୦୧୭ରେ ପୂର୍ବତନ ସରପଞ୍ଚ ବେହେରା ଗ୍ରାମ ସଭାରେ ନିଜ କ୍ଷମତାର ଅପବ୍ୟବହାର କରିଥିଲେ। ଜବ୍ କାର୍ଡ ନ ଥିଲେ ମଧ୍ୟ ସେ ଉକ୍ତ ସଭାରେ ତାଙ୍କ ପରିବାର ନାମରେ କୌଶଳକ୍ରମେ ପ୍ରସ୍ତାବ ପାରିତ କରି ତତ୍କାଳୀନ ବଡ଼ମ୍ବା ସହକାରୀ ଉଦ୍ୟାନ କୃଷି ଅଧିକାରୀ ଦେବତାଙ୍କ ସହାୟତାରେ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ଆମ୍ବ ଓ କାଜୁଚାରା ରୋପଣ ନାମରେ ଅର୍ଥ ହଡ଼ପ କରିଥିଲେ। ଏନେଇ ରାଜ୍ୟ ଲୋକାଯୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଲୋକାଯୁକ୍ତ ସମସ୍ତ ସାକ୍ଷ୍ୟପ୍ରମାଣକୁ ଭିତ୍ତି କରି ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି।

### ଗାଡ଼ି ଧକ୍କାରେ ଯୁବକ ମୃତ

ଫୁଲନଖରା,୧୯।୧୧(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ-ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥର ପାହାଳ ନିକଟରେ ରବିବାର ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପାହାଳ ଥାନା ଅନ୍ତର୍ଗତ ନହରକଣ୍ଟା ଗ୍ରାମର ବଦ୍ରିନାଥ ପାତ୍ର (୩୫)। ସନ୍ଧ୍ୟାରେ ସେ ଚାଲି ଚାଲି ଯାଉଥିବାବେଳେ ପଛରୁ ତାଙ୍କୁ ଏକ ଗାଡ଼ି ଧକ୍କା ଦେଇଥିଲା। ସେ ତଳେ ପଡିଯିବାରୁ ଗାଡିଟି ତାଙ୍କୁ ଘୋଷାରି ନେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଜାତୀୟ ରାଜପଥ ଟ୍ରାଫିକ ଥାନା ପୋଲିସ ଓ ପାହାଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ପରେ ପାହାଳ ପୋଲିସ ତଦନ୍ତ ଚଳାଇଛି।

# ସୂର୍ଯ୍ୟଙ୍କୁ ଆରାଧନା କଲେ ବ୍ରତଧାରୀ





## ଛଟ୍ ପୂଜା ଲାଗି କୁଆଖାଇ କୂଳରେ ଭିଡ଼

ବାଲିଅନ୍ତା, ୧୯।୧୧(ନୀଳମାଧବ ସାହୁ)

ରାଜଧାନୀ ଉପକଣ୍ଠ କୁଆଖାଇ ନଦୀ କୂଳରେ ରବିବାର ସୂର୍ଯ୍ୟ ଷଷ୍ଠୀ ବ୍ରତ ବା ଛଟ୍ ପୂଜା ପାଳିତ ହୋଇଯାଇଛି। ବ୍ରତଧାରୀମାନେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଆରାଧନା କରିବା ସହିତ ଅର୍ଘ୍ୟ ଦେଇଥିଲେ। ରବିବାର ମଧ୍ୟାହ୍ନରୁ ନଦୀ କୂଳରେ ବସବାସ କରୁଥିବା ହିନ୍ଦୀ ଭାଷାଭାଷୀ ଲୋକଙ୍କ ଭିଡ଼ ହୋଇଥିଲା। ବିଶେଷକରି ବ୍ରତଧାରୀ ଶହ ଶହ ମହିଳାଙ୍କ ସୁଅ ଛୁଟିଥିଲା ନଦୀ କୂଳ ଅଭିମୁଖେ। ବ୍ରତଧାରୀ ମହିଳାମାନେ ନଦୀ କୂଳ ବାଲିରେ ଛଟ୍ ମା'ଙ୍କ ମୂର୍ତ୍ତି ନିର୍ମାଣ କରି ପୂଜାର୍ଚ୍ଚନା କରିଥିଲେ। ପରେ ବ୍ରତଧାରୀ ମହିଳା ଓ ପୁରୁଷମାନେ ନଦୀ ଭିତରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଆରାଧନା କରିବା ସହ ଅର୍ଘ୍ୟ ଦେଇଥିଲେ। ଦୀର୍ଘ ୨ ଘଣ୍ଟା ଧରି ନଦୀକୂଳରେ ପୂଜାର୍ଚ୍ଚନା ଚାଲିଥିଲା। ଶହ ଶହ ବ୍ରତଧାରୀ ମହିଳା ଓ ପୁରୁଷ ତଥା ସେମାନଙ୍କ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ନଦୀ କୂଳରେ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ସୂର୍ଯ୍ୟାସ୍ତ ପରେ ବ୍ରତଧାରୀମାନେ ଆଣିଥିବା ଭୋଗ ସାମଗ୍ରୀକୁ ନେଇ ଘରବାହୁଡ଼ା କରିଥିଲେ। ସାଧାରଣତଃ ପୁଅ ଓ ସ୍ୱାମୀଙ୍କ ମଙ୍ଗଳ ପାଇଁ ଏହି ବ୍ରତ ପାଳନ କରାଯାଇଥାଏ। ଏହି ପୂଜାରେ ଯାହା ମାନସିକ ରଖିଲେ ତାହା ଛଟ୍ ମା' ପୂରଣ କରିଥାନ୍ତି ଓ ପରିବାରରେ ସୁଖ ସମୃଦ୍ଧି ଆସିଥାଏ ବୋଲି ବ୍ରତ ରଖିଥିବା ରେଖା ପାଣ୍ଡେ ଓ ଶୈଳ ସିଂହ କହିଥିଲେ। ହାଇଟେକ୍ ଛକ ନିକଟରେ ଥିବା କାଳିଘାଟ ନଦୀ କୂଳରେ ଆୟୋଜିତ ଛଟ୍ ପୂଜା ଉତ୍ସବ ହିନ୍ଦୀ ବିକାଶ ମଞ୍ଚ ପକ୍ଷରୁ ପରିଚାଳନା କରାଯାଇଥିଲା। ଏଥିପାଇଁ ନଦୀ କୂଳରେ ଉଜ୍ଜ୍ୱଳ ଆଲୋକ ସହିତ ସଫେଇ, ଅସ୍ଥାୟୀ ଚେଞ୍ଜିଂ ରୁମ୍ ଓ ପୋଲିସ ବ୍ୟବସ୍ଥା କରାଯାଇଥିଲା ବୋଲି ମଞ୍ଚର ଉପସଭାପତି ଅରୁଣ ଗିରି କହିଛନ୍ତ। ସେହିପରି ପାଣ୍ଡରା ନିକଟ ହାଇଟେକ୍ ଇଞ୍ଜିନିୟରିଂ କଲେଜ ସମ୍ମୁଖ କୁଆଖାଇ ନଦୀ କୂଳରେ ରାଷ୍ଟ୍ର ସେବା ବିହାର ଛଟ୍ ପୂଜା ସମିତି ପକ୍ଷରୁ ଏହି ପୂଜା ପାଳନ କରାଯାଇଥିଲା।

# ବିଶ୍ୱାସ ପାଳିଲା ଛଟ୍ ପୂଜା



କୁଆଖାଇ କୂଳରେ ରବିବାର ଅନୁଷ୍ଠିତ ଛଟ୍ ପୂଜାରେ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ଓ ଅନ୍ୟମାନେ।

ଭୁବନେଶ୍ୱର,୧୯।୧୧(ଅନୁରାଧା ମହାରଣା)

ବିହାର ସୋସିଆଲ ୱେଲ୍‌ଫେୟାର ଆସିଷ୍ଟାନ୍ସ ସୋସାଇଟି(ବିଶ୍ୱାସ) ପକ୍ଷରୁ ୨୨ବର୍ଷ ଧରି ଭୁବନେଶ୍ୱରରେ ସୂର୍ଯ୍ୟଙ୍କ ଆରାଧନାର ପର୍ବ 'ଛଟ୍' ପର୍ବ ପାଳନ କରାଯାଉଛି। କାର୍ତ୍ତିକ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥି ରବିବାର ଅପରାହ୍ନରେ ବ୍ରତଧାରୀମାନେ କୁଆଖାଇଠାରେ ଅସ୍ତ ହେଉଥିବା ସୂର୍ଯ୍ୟଦେବତାଙ୍କୁ ଅର୍ଘ୍ୟ ଅର୍ପଣ କରି ପୂଜା ଆରମ୍ଭ କରିଛନ୍ତି। ଉଭୟ ମହିଳା ଓ ପୁରୁଷ ନିର୍ଜଳା ଉପବାସ ରଖି ପରିବାରର ମଙ୍ଗଳ କାମନା କରିଛନ୍ତି। ପୂର୍ବରୁ ଛଟ୍ ପୂଜା କମିଟି ପକ୍ଷରୁ ଭୁବନେଶର-କଟକ ଜାତୀୟ ରାଜପଥ ନିକଟବର୍ତ୍ତୀ ହଂସପାଳସ୍ଥିତ କୁଆଖାଇ ନଦୀ ପଠାରେ ଏହି 'ଛଟ୍' ପର୍ବର ଆୟୋଜନ କରାଯାଉଥିଲା। ମାତ୍ର ସୁରକ୍ଷା ଦୃଷ୍ଟିକୋଣରୁ ଚଳିତବର୍ଷ ପୂଜା କମିଟି ଦ୍ୱାରା ଜରିପାଟଣା ନୂଆ ବାଲିଯାତ୍ରା ପଡ଼ିଆସ୍ଥିତ କୁଆଖାଇ ନଦୀ ତଟରେ ଛଟ୍ ପୂଜାର ଆୟୋଜନ କରାଯାଇଥିବା ବିଶ୍ୱାସର ଉପସଭାପତି ଅଜୟ ବାହାଦୁର ସିଂହ କହିଛନ୍ତି। କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ସୁଶାନ୍ତ କୁମାର ରାଉତ ଓ ମେୟର ସୁଲୋଚନା ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ପୂଜାରେ ସାମିଲ ହୋଇଥିଲେ। ଚର୍ମରୋଗ, ଚକ୍ଷୁରୋଗ, ସ୍ୱାମୀଙ୍କ ଦୀର୍ଘାୟୁ କାମନା, ସନ୍ତାନପ୍ରାପ୍ତି ସହ ପରିବାର ମଙ୍ଗଳ ପାଇଁ ଏହି ପର୍ବ ପାଳନ କରାଯାଉଥିବାବେଳେ ଓଡ଼ିଶାରେ ପାରାଦୀପରୁ ପ୍ରଥମେ ଏହି ପର୍ବ ପାଳନ ଆରମ୍ଭ ହୋଇଥିବା କୁହାଯାଏ। ପରେ ରାଉରକେଲା ସହ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ପାଳନ କରାଯାଉଛି। ଓଡ଼ିଶାରେ ବସବାସ କରୁଥିବା ବିହାର, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ ଓ ଉତ୍ତରାଞ୍ଚଳ ଆଦି ରାଜ୍ୟର ବହୁ ଶ୍ରଦ୍ଧାଳୁ ଏଥିରେ ସାମିଲ ହୋଇଛନ୍ତି। ସ୍ୱଚ୍ଛିକି ଭୋଜନ ଗ୍ରହଣ ସହ ନିଷ୍ଠାର ସହ ଏହି ପୂଜା କଲେ ଛଟି ମାତା ମନସ୍କାମନା ପୂରଣ କରନ୍ତି ବୋଲି ବିଶ୍ୱାସ ରହିଛି।

# କର୍ନାଟକୀ, ହିନ୍ଦୁସ୍ତାନୀ ସଙ୍ଗୀତ ସହ ସିତାର ବାଦନ




ଭୁବନେଶ୍ୱର,୧୯।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

## 'ରାଗୋତ୍ସବ'ର ଦ୍ୱିତୀୟ ସନ୍ଧ୍ୟା

ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ଜେଏସ୍‌ଡବ୍ଲ୍ୟୁ ସହାୟତାରେ ରବୀନ୍ଦ୍ର ମଣ୍ଡପଠାରେ ଚାଲିଥିବା ତିନିଦିନିଆ 'ରାଗୋତ୍ସବ ୨୦୨୩'ର ରବିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। କର୍ନାଟକୀ ଏବଂ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ସହିତ ସିତାର ବାଦନ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ କର୍ନାଟକୀ ଶାସ୍ତ୍ରୀୟ ସଙ୍ଗୀତ ଗାୟକ ପନ୍ତୁଲା ରାମାଙ୍କ ଦ୍ୱାରା କର୍ନାଟକୀ ସଙ୍ଗୀତରୁ ଆରମ୍ଭ ହୋଇଥିଲା ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ। ପ୍ରଥମ ଅର୍ଘ୍ୟରେ ରାଗ ହିନ୍ଦୋଳମ ଏବଂ ଆଦିତାଳରେ କର୍ନାଟକୀ ଶାସ୍ତ୍ରୀୟ ସଙ୍ଗୀତର ବିଭିନ୍ନ ବିଭବକୁ ଉଚ୍ଚାଙ୍ଗ ସ୍ୱରରେ ଗାନ କରି ଉପସ୍ଥିତ ଶ୍ରୋତାମାନଙ୍କୁ ସ୍ତମ୍ଭୀଭୂତ କରିଦେଇଥିଲେ। ତାଙ୍କୁ ବେହେଲାରେ ଏମ.ଏସ.ଏନ. ମୂର୍ତ୍ତି, ମୃଦଙ୍ଗମ୍‌ରେ ଏମ. ୟେଦୁକୋଣ୍ଡାଲୁ ଏବଂ ତମ୍ବୁରାରେ କିରୀଟି ଦେବଗୁପ୍ତାପୁ ସହଯୋଗ କରିଥିଲେ। ଶେଷ ଉପସ୍ଥାପନାରେ ପ୍ରସିଦ୍ଧ ସିତାରବାଦିକା ସାହାନା ବାନାର୍ଜୀ ଓ ଯୁବ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ କଣ୍ଠଶିଳ୍ପୀ ରଚିରା କେଦାରଙ୍କ ପରିବେଷଣ ରହିଥିଲା। ସାହାନାଙ୍କ ଉପସ୍ଥାପନାରେ ରାଗର ଶୁଦ୍ଧତାକୁ ବଜାୟ ରଖିବା ସହିତ ନିଜର ବାଦନ ଶୈଳୀକୁ ପ୍ରସ୍ଫୁଟିତ ଢଙ୍ଗରେ ଦର୍ଶକଙ୍କ ପାଖେ ପହଞ୍ଚାଇଥିଲେ। ସେମାନଙ୍କ ସହ ତବଲାରେ ଉଜ୍ଜ୍ୱଳ ଭାରତୀ, ହାରମୋନିୟମରେ ଆକାଶ ରଞ୍ଜୀବ ବିଶ୍ୱାଳ ଏବଂ ତାନପୁରାରେ ସୁଦିପ୍ତା ମହାପାତ୍ର ଓ ସୁଚିସ୍ମିତା ନନ୍ଦ ଥିଲେ। ସନ୍ଧ୍ୟାରେ ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ସଭାପତି ଅରବିନ୍ଦ ବେହେରା, ଉପସଭାପତି ବିଦ୍ଧୁ ଭୂଷଣ ମହାନ୍ତି ଓ ସଚିବ କ୍ଷୀରୋଦ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ। ସଙ୍ଗୀତା ଗୋସାଇଁ କାର୍ଯ୍ୟକ୍ରମ ପରିଚାଳନା ଓ ସଂଯୋଜନାରେ ସହାୟତା କରିଥିଲେ ।

# ମାଆ, ପୁଅଙ୍କୁ ହାଣି ଟଙ୍କା, ଅଳଙ୍କାର ଲୁଟ୍

ମଙ୍ଗୁଳି-ଜଗତପୁର,୧୯।୧୧(ମାନସ ସାମଲ)

ଟାଙ୍ଗୀ ଥାନା ଅଧୀନ ମଣିଆ ଗ୍ରାମର ରମେଶ ମଲ୍ଲିକଙ୍କ ଘରେ ଶନିବାର ୫ ଜଣ ଦୁର୍ବୃତ୍ତ ପଶି ଡକାୟତି କରିଛନ୍ତି। ଏଥିସହ ତାଙ୍କ ପରିବାରର ୫ ଜଣ ସଦସ୍ୟଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଛନ୍ତି। ଏଥିରେ ରମେଶଙ୍କ ସ୍ତ୍ରୀ ଓ ପୁଅ ଗୁରୁତର ହୋଇଛନ୍ତି। ଚିକିତ୍ସା ଲାଗି ସେମାନଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ରମେଶଙ୍କ ମଲ୍ଲିକଙ୍କ ଘରେ ଶନିବାର ଅପରାହ୍ନରେ ହଠାତ୍ ଦୁର୍ବୃତ୍ତମାନେ ପଶି ମା' ଓ ପୁଅଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ଏହି ସମୟରେ ପରିବାରର ସଦସ୍ୟମାନେ ସେମାନଙ୍କୁ ପ୍ରତିରୋଧ କରିଥିଲେ। ହେଲେ ଦୁର୍ବୃତ୍ତମାନେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଘରେ ଥିବା ସମସ୍ତ ଟଙ୍କା ସୁନାରୁପା ଓ ରମେଶଙ୍କ ସ୍ତ୍ରୀ ପିନ୍ଧିଥିବା ଅଳଙ୍କାରକୁ ଲୁଟିନେଇ ଫେରାର ହୋଇଯାଇଥିଲେ। ପରେ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ରମେଶଙ୍କ ସ୍ତ୍ରୀ ଓ ପୁଅଙ୍କୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ। ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ଏ ନେଇ ରମେଶ ଅଭିଯୋଗ କରିବା ପରେ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଲଲାଟେନ୍ଦୁ ସାହୁଙ୍କ ୨ ପୁସ୍ତକ ଲୋକାର୍ପିତ



ଭୁବନେଶ୍ୱର,୧୯।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ସାହିତ୍ୟିକ ଲଲାଟେନ୍ଦୁ ସାହୁଙ୍କ ଉପନ୍ୟାସ 'ଘାଟମୁହାଁ ଡଙ୍ଗା' ଏବଂ ଗଳ୍ପ ସଙ୍କଳନ 'ଅପହୃତ କଲିଂ ବେଲ୍‌ର ସମାଧି' ରବିବାର ପାନ୍ଥନିବାସର କଳିଙ୍ଗ ସମ୍ମିଳନୀ କକ୍ଷରେ ଲୋକାର୍ପିତ ହୋଇଯାଇଛି। ଏହି ଅବସରରେ କଥାଶିଳ୍ପୀ ବିଭୂତି ପଟ୍ଟନାୟକ, ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ଏମ୍‌ପି ପ୍ରଶାନ୍ତ ନନ୍ଦ, ସୁଜିତ କୁମାର, କୃଷି ଉନ୍ନୟନ ସଚିବ ଅରବିନ୍ଦ କୁମାର ପାଢ଼ୀ, ପକ୍ଷୀଘର ପ୍ରକାଶନୀର ବନୋଜ ତ୍ରିପାଠୀ, ବିଶିଷ୍ଟ କଥା ଶିଳ୍ପୀ ଡ. ଅଜୟ ସ୍ୱାଇଁ ଏବଂ ଅଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମଧୁସ୍ମିତା ମହାନ୍ତି ମଞ୍ଚ ପରିଚାଳନା ଓ ଅଜୟ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉଭୟ ପୁସ୍ତକ ବର୍ତ୍ତମାନ ଆମଜାନରେ ଉପଲବ୍ଧ ବୋଲି ସୂଚନା ଦିଆଯାଇଛି।

# କବିତା ପୁସ୍ତକ 'ଭାନୁମତୀର ଗାଁ' ଲୋକାର୍ପିତ



ବାଲିପାଟଣା,୧୯।୧୧(ଅଭିମନ୍ୟୁ ନାୟକ)

ସରଦେଇପୁର ଡାକବଙ୍ଗଳାରେ କବି ପୂର୍ଣ୍ଣ ଚନ୍ଦ୍ର ମହାରଣାଙ୍କ କବିତା ପୁସ୍ତକ 'ଭାନୁମତୀର ଗାଁ' ଉନ୍ମୋଚନ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବିଶିଷ୍ଟ ସିନେ ଲେଖକ ଡ.ରଜନୀ ରଞ୍ଜନ, ବରିଷ୍ଠ ଶିଶୁସାହିତ୍ୟିକ ବଙ୍କିମ ନାୟକ, ଅଧିବକ୍ତା ସତୀଶ ରାୟ ଯୋଗଦେଇଥିଲେ। ଏହି ପୁସ୍ତକରେ ଓଡ଼ିଆ ସାମାଜିକ ସାଂସ୍କୃତିକ ଜୀବନର ଆଲେଖ୍ୟ ଉପରେ ଅତିଥିମାନେ କହିଥିଲେ। କବି ବିପିନ ମହାନ୍ତିଙ୍କ ସଂଯୋଜନାରେ ନାଟ୍ୟକାର ବିଜୟ ଦାସ, ସୋମନାଥ ସ୍ୱାଇଁ, ତନୟା ଶିଶୁଗୋସ୍ୱାମୀ, ଅଭିମନ୍ୟୁ ନାୟକ, କମଳିନୀ ମଲ୍ଲିକ, ଅରୁଣ ଚନ୍ଦ୍ର ମହାନ୍ତି, ସ୍ୱାତି ମହାପାତ୍ର, ଡ. ଭବାନୀ ଦାସ, ଡ.ମାଧବ ବେହୁରା, ଦିଲ୍ଲୀପ ବିଶ୍ୱାଳ, ଡ.କଲ୍ୟାଣ ପଣ୍ଡା ପ୍ରମୁଖ କବି ପୂର୍ଣଚନ୍ଦ୍ର ମହାରଣାଙ୍କ ବହିରୁ କବିତା ପାଠ କରିଥିଲେ। ପ୍ରାଚୀଧାରା ପତ୍ରିକାର ସମ୍ପାଦକ କବି ଭଗବାନ ସାହୁ ଧନ୍ୟବାଦ ଦେଇଥିଲେ।

# 'ଶୌଚାଳୟ ବ୍ୟବହାର ସହ ପରିଷ୍କାର ରଖ'

ଭୁବନେଶ୍ୱର, ୧୯। ୧୧ (ବନ୍ଦନା ସେଠୀ)

ଭୁବନେଶ୍ୱରକୁ ସମ୍ପୂର୍ଣ୍ଣ ବାହ୍ୟ ମଳମୁକ୍ତ ସହର ଭାବେ ସମଗ୍ର ଦେଶରେ ପରିଚିତ କରାଇବା ପାଇଁ ଯେଉଁ ପ୍ରୟାସ ଆରମ୍ଭ ହୋଇଥିଲା ତାହା ଏବେ ମଧ୍ୟ ଜାରି ରହିଛି। ବିଶ୍ୱ ଟଏଲେଟ ଦିବସ ଅବସରରେ ସମସ୍ତେ ପାଇଖାନାର ଠିକ୍ ବ୍ୟବହାର ସଂପର୍କରେ ଅବଗତ ହେବା ସହ ଯେଉଁମାନେ ପାଇଖାନା ବ୍ୟବହାର କରୁନାହାଁନ୍ତି, ସେମାନଙ୍କୁ ସଚେତନ କରାଇବାକୁ ମେୟର ସୁଲୋଚନା ଦାସ ଅନୁରୋଧ କରିଥିଲେ। ବିଶ୍ୱ ଶୌଚାଳୟ ଦିବସ ଅବସରରେ ସ୍ଥାନୀୟ ଏକ ହୋଟେଲରେ ସିଏଫ୍‌ଏଆର ଓ ବିଏମ୍‌ସିର ମିଳିତ ସହଯୋଗରେ ରବିବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ




ମେୟର ସୁଲୋଚନା ଦାସ ସ୍ୱୀକୃତି- ଟ୍ରାନ୍ସଜେଣ୍ଡର ଏସ୍‌ଏଚ୍‌ଜିକୁ ସମ୍ବର୍ଦ୍ଧିତ କରୁଛନ୍ତି।

ମୁଖ୍ୟ ଅତିଥି ଭାବେ ମେୟର ଯୋଗଦେଇ କହିଲେ, ଶୌଚାଳୟ ଯିବା ନିଶ୍ଚିତ ଏବଂ ଏହା ଏକ ପ୍ରାକୃତିକ ପ୍ରକ୍ରିୟା। ତେଣୁ, ସମସ୍ତେ ଶୌଚାଳୟ ବ୍ୟବହାର କରିବା ଆବଶ୍ୟକ। ଏଥିସହ ବ୍ୟବହାର କରିବା ପରେ ତାହାକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ଚପଲ ପିନ୍ଧି ଶୌଚାଳୟକୁ ଯିବା, ଜଳ ସଂରକ୍ଷଣ କରିବା, ଶୌଚାଳୟରୁ ଆସିବା ପରେ ହାତକୁ ଭଲ ଭାବେ ସାବୁନରେ ସଫା କରିବା ଆଦି ନିୟମଗୁଡ଼ିକୁ ନିଜେ ମାନିବା ସହ ପରିବାରର ଛୋଟ ଛୋଟ ପିଲାମାନଙ୍କୁ ଅଭ୍ୟସ୍ତ କରାଇବା। ଏହାଦ୍ୱାରା ଆମର ମର୍ଯ୍ୟାଦା ବୃଦ୍ଧି ପାଇଥାଏ ବୋଲି ମତ ଦେଇଥିଲେ। ଏହି ଅବସରରେ ପରିମଳ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ସଂଗଠନ ଓ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଅବସରପ୍ରାପ୍ତ ଗୃହ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ତଥା ଇଆଇସି ଭକ୍ତକବି ଦାସ, ଏସ୍‌ଏସ୍‌ଇପିଡି ଅଣ୍ଡର ସେକ୍ରେଟାରୀ ସନ୍ୟାସୀ ବେହେରା, ୟୁନିସେଫ ପ୍ରତିନିଧି ତଥା ପ୍ରୋଗ୍ରାମ ସ୍ପେସିଆଲିଷ୍ଟ ଓମ୍‌କାର ଓନିଏଲ ଖରେ, ସିଏଫ୍‌ଏଆରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅଖିଳା ଶିବଦାସ, ଟିଡବ୍ଲୁଟିର ପ୍ରତିଷ୍ଠାତା ମେଘନା ସାହୁ ପ୍ରମୁଖ ଯୋଗଦେଇଥିଲେ।




ବିପ୍ଲବୀ କବି ମନମୋହନ ମିଶ୍ର ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ରୋଟାରୀ ଭବନରେ ରବିବାର ଅନୁଷ୍ଠିତ ୨୪ତମ ସ୍ମୃତି ସନ୍ଧ୍ୟାରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।




ବିଶ୍ୱ ସ୍ମରଣ ଦିବସ ପାଳନ ଅବସରରେ ରବିବାର ଶଙ୍ଖଧ୍ୱନି ରାସ୍ତା ସୁରକ୍ଷା ସମିତି ଏବଂ ଓଡ଼ିଶା ରୋଡ୍ ସେଫ୍ଟି ସୋସାଇଟି ପକ୍ଷରୁ ସଡ଼କ ଦୁର୍ଘଟଣାରେ ମୃତକଙ୍କ ପାଇଁ ଜନପଥରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ଓ ସମବେଦନା କାର୍ଯ୍ୟକ୍ରମ।

## ଶ୍ରୀଭାରତୀ ସ୍କୁଲର ବାର୍ଷିକ ଉତ୍ସବ

କଟକ,(ଶିକ୍ଷା ପ୍ରିୟଦର୍ଶିନୀ)- ଶ୍ରୀଭାରତୀ ସ୍କୁଲର ବାର୍ଷିକ ଉତ୍ସବ ସାରଳା ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ରବି ରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୀଳଚକ୍ର ଅନୁଷ୍ଠାନର ସଭାପତି ନମିତା ପଣ୍ଡା, ସମ୍ମାନିତ ଅତିଥି ଭାବେ ଅଧାପିକା ତ୍ରିବେଣୀ ଭୋଳ, ମୁଖ୍ୟବକ୍ତା ଭାବେ ପ୍ରଫେସର ନିମାଇଁ ଚରଣ ପରିଜା ଯୋଗଦେଇଥିଲେ। ସମାଜ ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଓ ଗୁରୁ-ଶିଷ୍ୟଙ୍କ ସମ୍ପର୍କ ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ସିଂ ବାର୍ଷିକ ବିବରଣୀ ପାଠ, ଶିକ୍ଷକ ଦେବାଶିଷ ସିହ୍ନା ସ୍ୱାଗତ ଭାଷଣ ଓ ଶିକ୍ଷୟିତ୍ରୀ ବିଶ୍ୱବନ୍ଦିତା କର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସଂକ୍ଷେପରେ

### ବାଇକ୍ ଲୁଟେରାଙ୍କୁ କୋର୍ଟ ଚାଲାଣ

ନିଶ୍ଚିନ୍ତକୋଇଲି, ୧୯।୧୧ (ଅଶୋକ କୁମାର ମହାପାତ୍ର): ନିଶ୍ଚିନ୍ତକୋଇଲି ଥାନା ପୋଲିସ ଜଣେ ବାଇକ୍ ଲୁଟେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କେନ୍ଦ୍ରାପଡ଼ା କୁଦାନଗରୀ ଥାନା ତେନ୍ତୋଳ ଗ୍ରାମର ସୁକାନ୍ତ ପତି ଓରଫ ସନିଆ। ଏନେଇ ଥାନାରେ ମାମଲା (ନଂ. ୨୦୯/୨୩) ରୁଜୁ କରାଯାଇଛି। ସାଲେପୁର ଥାନା ରାମକୃଷ୍ଣପୁର ଗ୍ରାମପଞ୍ଚାୟତ ଦହପଡ଼ା ଗ୍ରାମର ହବିବୁର ରହେମାନ ଖାଁ ଓ ତାଙ୍କ ସ୍ତ୍ରୀଗତ ଶୁକ୍ରବାର ମଧ୍ୟାହ୍ନରେ ନିଶ୍ଚିନ୍ତକୋଇଲି ହାଟସ୍ଥିତ ତାରିଣୀ ମନ୍ଦିର ନିକଟରେ ଏକ ସିଡି ଡିଲକ୍ସ (ଓଡି ୦୫ବି ୩୧୬୪)ବାଇକ୍ ରଖି ପରିବା କିଣିବାକୁ ଯାଇଥିଲେ। ତେବେ ମାତ୍ର ୧୦ ମିନିଟ୍ ମଧ୍ୟରେ ସ୍ୱାମୀ-ସ୍ତ୍ରୀ ଦୁହେଁ ପରିବା କିଣି ଫେରିଥିଲେ ବି ସେମାନଙ୍କ ବାଇକ୍‌କୁ କୌଣସି ଦୁର୍ବୃତ୍ତ ଚୋରିକରି ନେଇଥିବା ଜାଣିବାକୁ ପାଇଥିଲେ। ଦୁହେଁ ବହୁ ସମୟ ଖୋଜାଖୋଜି କରିଥିଲେ ବି କୌଣସି ସନ୍ଧାନ ପାଇ ନ ଥିଲେ। ଶେଷରେ ହବିବୁର ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ କେନ୍ଦ୍ରାପଡା କୋରୁଆ ଥାନା ପୋଲିସ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ଧରିବା ସହ ଗାଡିକୁ ଜବତ କରି ନିଶ୍ଚିନ୍ତକୋଇଲି ଥାନା ପୋଲିସକୁ ହସ୍ତାନ୍ତର କରିଛି ବୋଲି ଥାନା ଆଇଆଇସି ଯୁଗଳ କିଶୋର ଦାସ ପ୍ରକାଶ କରିଛନ୍ତି।

### ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ବଡ଼ମ୍ବା, ୧୯।୧୧ (ମାୟାଧର ମଲ୍ଲିକ) ବଡ଼ମ୍ବାସ୍ଥିତ ମୋହନ ସୁବୁଦ୍ଧି ମହାବିଦ୍ୟାଳୟରେ ଓଡିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ଡ଼. ଶୁଚିସ୍ମିତା ମହାନ୍ତିଙ୍କ ଦିଗଦର୍ଶନରେ ୨ ଦିନ ଧରି ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ମହାବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ ଯୋଗ ଦେଇ ସରକାରଙ୍କ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଶନିବାର ଅନୁଷ୍ଠିତ ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବଡ଼ମ୍ବା ବ୍ଲକ ଅଧକ୍ଷ ରଘୁପତି ମହାନ୍ତି ଯୋଗ ଦେଇ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ଓ ଗୁଣାବଳୀ ପରିପ୍ରକାଶର ମାଧ୍ୟମ ହେଉଛି ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ବୋଲି କହିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ବିଶ୍ୱନାଥ ପଟ୍ଟନାୟକ, ଇଂଲିଶ୍ ବିଭାଗ ମୁଖ୍ୟ ମାନଗୋବିନ୍ଦ ପାତ୍ର, ଅଧ୍ୟାପିକା ଡ଼. ସୁବାସିନୀ ସାହୁ ଓ ଅଧ୍ୟାପକ ସୋମ୍ୟରଞ୍ଜନ ପରିଡା ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଅଧାପିକା ସରିତା ସାହୁ, ଅଧାପକ କରୁଣାକର ରାଉତଙ୍କ ସମେତ ସମସ୍ତ ଅଧାପିକା,ଅଧାପକ ଏହାକୁ ପରିଚାଳନାରେ ସହଯୋଗ କରିଥିଲେ।

### ବରାଳରେ କାଳୀପୂଜା

କଟକ ସଦର, ୧୯।୧୧ (ସୁଶାନ୍ତ କୁମାର ଜେନା) ୪୨ ମୌଜା ଥାନା ଅଧୀନ ବରାଳ ଗ୍ରାମର ନାରାୟଣୀ ବଜାର ପୂଜା ମଣ୍ଡପରେ ଶ୍ୟାମାକାଳୀଙ୍କ ପୂଜା ଧୁମ୍‌ଧାମ୍‌ରେ ପାଳନ କରାଯାଇଥିଲା। ରବିବାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ନିର୍ଦ୍ଦେଶକ ରବି ମିଶ୍ରଙ୍କ ନିର୍ଦ୍ଦେଶନାରେ ମା' ନାରାୟଣୀ ଡ୍ରାମାଟିକ କ୍ଲବ୍‌ର କଳାକାରଙ୍କ ଦ୍ୱାରା ଡ୍ରାମା ଅନୁଷ୍ଠିତ ହୋଇଥିଲା। ସେହିପରି ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହାକୁ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଉତ୍କଳ ବିକାଶ ପରିଷଦ ସଭାପତି ପ୍ରକାଶ ଚନ୍ଦ୍ର ସେଠୀ, ଡ. ଦେବଦତ୍ତ ନନ୍ଦ, ଶିକ୍ଷାବିତ୍ ମନୋଜ କୁମାର ନାୟକ, ସାମାଜିକ କର୍ମୀ ଆଲୋକ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଯାତ୍ରା ସ୍ୱର୍ଣ୍ଣମହଲର ପ୍ରଯୋଜକ କବିରାଜ ସ୍ୱାଇଁ, ଇଂ. ବିମଳ ଚନ୍ଦ୍ର, ସାମାଜିକ କର୍ମୀ ଅଭିମନ୍ୟୁ ସାହୁ, ବୈକୁଣ୍ଠ ଲେଙ୍କା, ଯୁବନେତା ମାନସ ଚୌଧୁରୀ, ରାମଚନ୍ଦ୍ର ଗୋଛାୟତ, ସଦର ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ବିଭୂତି ଭୂଷଣ ପରିଡା, ସରପଞ୍ଚ ବନମାଳୀ ବିହାରୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ଅଞ୍ଚଳର ସୁନାମଧନ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସୁରେନ୍ଦ୍ର ନାଥ ବେହେରା, ଆନନ୍ଦ ଚନ୍ଦ୍ର ବେଉରା, ଜଗଦୀଶ ତ୍ରିପାଠୀ, ବସନ୍ତ କୁମାର ବେଉରା, ରମେଶ ଚନ୍ଦ୍ର ବେଉରା ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାନେଇ ଆଶଙ୍କା

## ଲଳିତଗିରି ବାଳିକା କ୍ରିକେଟ ଟିମ୍

■ ୨ ଦିନ ଭିତରେ ପଦକ୍ଷେପ ନ ନେଲେ ଆନ୍ଦୋଳନ ଚେତାବନୀ


ବାଳିକା କ୍ରିକେଟ୍ ଟିମ୍‌ର ଖେଳାଳିମାନେ।

ମାହାଙ୍ଗା, ୧୯।୧୧ (ଯଯାତି ସିଂହ) ମାହାଙ୍ଗା ବ୍ଲକର ଲଳିତଗିରି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇ ସ୍ୱର୍ଣ୍ଣପଦକ ହାସଲ କରୁଥିବାବେଳେ ଏହି ବିଦ୍ୟାଳୟର ବାଳିକା କ୍ରିକେଟ ଟିମ୍ ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତାରୁ ବଞ୍ଚିତ ହେବା ନେଇ ଆଶଙ୍କା ଦେଖାଦେଇଛି। ଏନେଇ ଖେଳାଳି ଓ ଅଭିଭାବକମାନେ ଜିଲା ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନକୁ ଦାୟୀ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଏହି ବିଦ୍ୟାଳୟର ବାଳିକା କ୍ରିକେଟ ଟିମ୍ ଜୋନସ୍ତରୀୟ ଓ ବ୍ଲକସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରି ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛି। ଏନେଇ ଗତ ୧୦ ତାରିଖରେ ଜିଲା କ୍ରୀଡା ସଙ୍ଗଠନ ପକ୍ଷରୁ ସନ୍‌ଶାଇନ ପଡ଼ିଆରେ ଅନୁଷ୍ଠିତ ଜିଲାସ୍ତରୀୟ ମ୍ୟାଚରେ ଭାଗ ନେବାକୁ ସେମାନେ ଯାଇଥିଲେ। କିନ୍ତୁ ଉକ୍ତ ଦିନ ଅନ୍ୟ କୌଣସି ଟିମ୍ ସେଠାରେ ଯୋଗ ନ ଦେବାରୁ ଅପରାହ୍ନରେ ଲଳିତଗିରି ଟିମକୁ ଟ୍ରାଏଲ କରିବା ସହ ସମ୍ବଲପୁରରେ ହେବାକୁ ଥିବା ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାରେ ଭାଗ ନେବା ପାଇଁ କୁହାଯାଇଥିଲା। କିନ୍ତୁ ଅଦ୍ୟାବଧି ରାଜ୍ୟସ୍ତରୀୟ ଖେଳରେ ଭାଗ ନେବା ପାଇଁ ଜିଲା ବିଦ୍ୟାଳୟ କ୍ରୀଡା ସଙ୍ଗଠନ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ଫଳରେ ଖେଳାଳି ଓ ଅଭିଭାବକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଅନ୍ୟ କୌଣସି ଟିମ୍ ଆସି ନ ଥିବାରୁ ନିୟମ ଦୃଷ୍ଟିରୁ ସେମାନଙ୍କୁ ଚୟନ କରାଯିବା କଥା। ମାତ୍ର ଏପରି କରାଯାଉ ନଥିବାରୁ ଲଳିତଗିରି ଉଚ୍ଚ ବିଦ୍ୟାଳୟର ମହିଳା କ୍ରିକେଟ ଟିମ୍ ରାଜ୍ୟସ୍ତରୀୟ ମ୍ୟାଚ ଖେଳିବାରୁ ବଞ୍ଚିତ ହେବ ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ମାହାଙ୍ଗା ବ୍ଲକ ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନର ସମ୍ପାଦକ ପାର୍ଥସାରଥି ଦାସ କହିଛନ୍ତି, ଲଳିତଗିରି ବାଳିକା କ୍ରିକେଟ ଟିମକୁ ଜିଲା ପ୍ରତିଯୋଗିତାରେ ଭାଗ ନେବା ପାଇଁ ଆମେ ପଠାଇଥିଲୁ। କିନ୍ତୁ ସେଠାରେ ଉକ୍ତ ଦିନ ଅନ୍ୟ କୌଣସି ଟିମ୍ ଉପସ୍ଥିତ ନ ହେବାରୁ ଖେଳ ହୋଇ ପାରି ନ ଥିଲା। କେବଳ ଖେଳାଳିଙ୍କ ଟ୍ରାଏଲ ନିଆଯାଇଥିଲା। ସେମାନେ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଆମ ପାଖକୁ କୌଣସି ଚିଠି ଆସି ନାହିଁ ବୋଲି ଦାସ କହିଛନ୍ତି। ଏନେଇ ତୁରନ୍ତ କଟକ ଜିଲାପାଳ, ଜିଲା କ୍ରୀଡ଼ା ସଙ୍ଗଠନର ସମ୍ପାଦକ, କ୍ରୀଡ଼ା ସଚିବ, କ୍ରୀଡ଼ା ମନ୍ତ୍ରୀ ଓ ମାହାଙ୍ଗା ବିଧାୟକ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଲଳିତଗିରି କ୍ରିକେଟ ଟିମ୍ ଖେଳାଳିମାନେ ଦାବି କରିଛନ୍ତି। ୨ ଦିନ ମଧ୍ୟରେ ଏନେଇ ପଦକ୍ଷେପ ନିଆ ନଗଲେ ଗ୍ରାମବାସୀ ଓ ଅଭିଭାବକମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ଏହି ବିଦ୍ୟାଳୟର ଛାତ୍ରୀ ଦମୟନ୍ତୀ ଜେନା ଦୌଡ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରିଥିବାବେଳେ ରାଜ୍ୟ ୧୫ ବର୍ଷରୁ କମ୍ ମହିଳା କ୍ରିକେଟରେ ଛାତ୍ରୀ ଗାୟତ୍ରୀ ଖୁଣ୍ଟିଆ ରାଜ୍ୟ ପାଇଁ ମନୋନୀତ ହୋଇ ଡେରାଡୁନରେ ମ୍ୟାଚ ଖେଳୁଛନ୍ତି।

# କିଶୋର ଦାସଙ୍କୁ ସମବାୟ ସହଯୋଗୀ ସମ୍ମାନ


ଅତିଥିମାନେ କିଶୋର ଦାସଙ୍କୁ ସମ୍ମାନିତ କରୁଛନ୍ତି।

ଟିଗିରିଆ, ୧୯।୧୧ (ଜାଫର ଖାଁ) ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ମଦନମୋହନ ବୁଣାକାର ସହଯୋଗ ସମିତି ଓ ବୟନିକା ପରିଚାଳନା ପରିଷଦ ସଭ୍ୟ ଓ ଯୁବ ସମବାୟବିତ କିଶୋର ଚନ୍ଦ୍ର ଦାସଙ୍କୁ ରବିବାର ଜାତୀୟ ସମବାୟ ସପ୍ତାହ ଅବସରରେ ଓଡ଼ିଶା ସମବାୟ ସୁରକ୍ଷା ସଂଘ ତରଫରୁ ସମବାୟ ସହଯୋଗୀ ସମ୍ମାନ ୨୦୨୩ ପ୍ରଦାନ କରାଯାଇଛି।

କଟକ ଗାନ୍ଧୀ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ପ୍ରଭାତ କୁମାର କାନୁନ୍‌ଗୋ, ମୁଖ୍ୟବକ୍ତାଭାବେ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ଅକ୍ଷୟ କୁମାର ମହାନ୍ତି, ସମ୍ମାନିତ ଅତିଥିଭାବେ ବରିଷ୍ଠ ଖବରଦାତା ସତ୍ୟ ରାୟ, ଓଡ଼ିଶା ବୁଣାକାର ମହାସଂଘ ସଭାପତି ଶ୍ରୀଧର ବେହେରା, କଟକ ଜିଲା ଆଇନ ସହାୟତା ପ୍ରାଧିକରଣ (ଅଧିବକ୍ତା) ମହିମା ପ୍ରକାଶନ ସାହୁ ଓ କଟକ ମଣ୍ଡଳ ଉପନିବନ୍ଧକ ସମବାୟ ସମିତି ସମୂହ ଶିବ ପ୍ରସାଦ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ବୁଣାକାରଙ୍କୁ ନିୟମିତ କାମ ଯୋଗାଇବା ସହ ସେମାନଙ୍କ ଆର୍ଥିକ ଉନ୍ନତିରେ ସହାୟକ କରିଥିବାରୁ କିଶୋରଙ୍କୁ ଟ୍ରଫି, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା।



ଓଷ୍ଟା ପକ୍ଷରୁ ଅନୁଷ୍ଠିତ ବ୍ଲକ ସମ୍ପାଦକଙ୍କ କର୍ମଶାଳା ଓ ଆଲୋଚନାଚକ୍ରର ରବିବାର ଉଦ୍‌ଯାପନୀ ଦିବସରେ ସଂଘ କାର୍ଯ୍ୟାଳୟ ନିକଟରୁ ବାହାରିଥିବା ଶାନ୍ତି ଶୋଭାଯାତ୍ରା।

## ଗାଡ଼ି ଧକ୍କାରେ ଯୁବକ ମୃତ

ଫୁଲନଖରା, ୧୯।୧୧ (ସତ୍ୟରଞ୍ଜନ ଦାସମହାପାତ୍ର) କଟକ-ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥର ପାହାଳ ନିକଟରେ ରବିବାର ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପାହାଳ ଥାନା ଅନ୍ତର୍ଗତ ନହରକଣ୍ଟା ଗ୍ରାମର ବଦ୍ରିନାଥ ପାତ୍ର (୩୫)। ସନ୍ଧ୍ୟାରେ ସେ ଚାଲି ଚାଲି ଯାଉଥିବାବେଳେ ପଛରୁ ତାଙ୍କୁ ଏକ ଗାଡ଼ି ଧକ୍କା ଦେଇଥିଲା। ସେ ତଳେ ପଡିଯିବାରୁ ଗାଡିଟି ତାଙ୍କୁ ଘୋଷାରି ନେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଜାତୀୟ ରାଜପଥ ଟ୍ରାଫିକ ଥାନା ପୋଲିସ ଓ ପାହାଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ପରେ ପାହାଳ ପୋଲିସ ତଦନ୍ତ ଚଳାଇଛି।

# ଭୁବନେଶ୍ୱର ସରକାରୀ କ୍ରୀଡ଼ା ମହାବିଦ୍ୟାଳୟ ବିଜୟୀ


ଅତିଥିଙ୍କ ଗହଣରେ ବିଜୟୀ ଦଳର ଖେଳାଳିମାନେ।

## ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ମହିଳା ଖୋ ଖୋ ଟୁର୍ନାମେଣ୍ଟ ଉଦ୍‌ଯାପିତ

ବାଙ୍କୀ, ୧୯।୧୧ (ଜ୍ଞାନେନ୍ଦ୍ର ମୋହନ ମିଶ୍ର): ଶନିବାରଠାରୁ ଆରମ୍ଭ ହୋଇଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ମହିଳା ଖୋ ଖୋ ଟୁର୍ନାମେଣ୍ଟ ରବିବାର ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡିଆଠାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ସଭାପତିତ୍ୱ କରି ଖେଳାଳିମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ମୁଖ୍ୟଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ପ୍ରଫେସର କୀର୍ତ୍ତି ରଞ୍ଜନ ମଲ୍ଲିକ ଯୋଗଦେଇ କହିଥିଲେ, ଜାତୀୟସ୍ତରୀୟ ମହିଳା ଖୋ ଖୋ ଖେଳରେ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ରତା ରହିଛି। ତେଣୁ ମହିଳା ଖୋ ଖୋ ଦଳ ଭଲ କ୍ରୀଡ଼ା ପ୍ରଦର୍ଶନ କରି ଉତ୍କଳ ବିଶ୍ୱବିଦ୍ୟାଳୟର ନାମକୁ ଅକ୍ଷୁଣ୍ଣ ରଖିବ ବୋଲି ମଲ୍ଲିକ କହିଥିଲେ। ସମ୍ମାନିତ ଅତିଥିଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦର ସଦସ୍ୟ ପ୍ରଶାନ୍ତ କୁମାର ମହାନ୍ତି, ପ୍ରବୀର କୁମାର ନାୟକ ଓ ଚତୁର୍ଭୁଜ ଜେନା ପ୍ରମୁଖ ଯୋଗଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଉତ୍ସବରେ କ୍ରୀଡ଼ା କ୍ଲବର ଉପସଭାପତି ଅଧ୍ୟାପକ ଯୁଗଳ କିଶୋର ମଣ୍ଡଳ ଯୋଗଦେଇଥିବା ବେଳେ ଅନ୍ୟତମ ଉପସଭାପତି ଡ.ଶୈଳେନ୍ଦ୍ର ନାରାୟଣ ଦେଓ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଫାଇନାଲ୍‌ରେ ଭୁବନେଶ୍ୱରସ୍ଥ ସରକାରୀ କ୍ରୀଡ଼ା ମହାବିଦ୍ୟାଳୟର ମହିଳା ଖୋ ଖୋ ଦଳ ବିଜୟଲାଭ କରି ଟ୍ରଫି ହାସଲ କରିଥିବା ବେଳେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଖୋ ଖୋ ଦଳ ଉପବିଜେତା ହୋଇ ଅତିଥିମାନଙ୍କ ଠାରୁ ଟ୍ରଫି ଗ୍ରହଣ କରିଥିଲେ। ଖେଳକୁ କ୍ରୀଡ଼ା ଅଧ୍ୟାପକ ରବିନାରାୟଣ ପ୍ରଧାନ ପରିଚାଳନା କରିଥିବା ବେଳେ ଡ. ଅଭିମନ୍ୟୁ ରଣା, କ୍ରୀଡ଼ା ଶିକ୍ଷକ ନିରଞ୍ଜନ ସାହୁ, ଦିଲୀପ କୁମାର ସ୍ୱାଇଁ, ଜିତେନ୍ଦ୍ର ଦେଓ, ମୀନକେତନ ପଣ୍ଡା, କୁନମୁନ୍ ବେହେରା ଓ ଜଗନ୍ନାଥ ଦଳେଇ ସହଯୋଗ କରିଥିଲେ। ଶେଷରେ ପ୍ରଶାସନିକ ଅଧିକାରୀ ଡ. ନିରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ପୂର୍ବତନ ସରପଞ୍ଚ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଦୋଷୀ ସାବ୍ୟସ୍ତ

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି ମାମଲା

ମାଣିଆବନ୍ଧ, ୧୯।୧୧ (ଅଖିଳ କୁମାର ସାହୁ): କଟକ ଜିଲା ବଡ଼ମ୍ବା ବ୍ଲକ ଅନ୍ତର୍ଗତ ସନ୍ତରାବାଲୀ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା) କାର୍ଯ୍ୟରେ ହୋଇଥିବା ଦୁର୍ନୀତି ମାମଲାର ଫଇସଲା ହୋଇଛି। ରାଜ୍ୟ ଲୋକାୟୁକ୍ତ ଏହାର ବିଚାର କରି ଉକ୍ତ ପଞ୍ଚାୟତର ପୂର୍ବତନ ସରପଞ୍ଚ ରଜନୀବାଳା ବେହେରା, ସ୍ୱାମୀ ତଥା ଅବସରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଦେବରାଜ ବେହେରା ଓ ପୁଅ ମାନସ ରଞ୍ଜନ ବେହେରା ଏବଂ ତତ୍କାଳୀନ ବଡ଼ମ୍ବା ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜଗନ ମୋହନ ଦେବତାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତେବେ ଅନ୍ୟତମ ଅଭିଯୁକ୍ତ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଈଶ୍ୱରୀ ଚନ୍ଦ୍ର ପ୍ରଧାନଙ୍କ ଦେହାନ୍ତ ଯୋଗୁ ତାଙ୍କ ବିରୋଧରେ ମାମଲା ବନ୍ଦ ହୋଇଯାଇଛି। ଏମ୍‌ଜିଏନ୍‌ଆରଇଜିଏସ୍ ନାଁରେ ବିନିଯୋଗ ହୋଇଥିବା ସମସ୍ତ ଅର୍ଥ ରଜନୀବାଳା, ଦେବରାଜ ଓ ମାନସଙ୍କଠାରୁ ଆଦାୟ କରିବାକୁ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ତତ୍କାଳୀନ ଉଦ୍ୟାନ କୃଷି ଅଧିକାରୀ ଦେବତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଲୋକାୟୁକ୍ତ ସୁପାରିସ କରିଛନ୍ତି।

ସୂଚନା ଅନୁଯାୟୀ, ୩୦ ଜୁନ ୨୦୧୭ରେ ପୂର୍ବତନ ସରପଞ୍ଚ ବେହେରା ଗ୍ରାମ ସଭାରେ ନିଜ କ୍ଷମତାର ଅପବ୍ୟବହାର କରିଥିଲେ। ଜବ୍ କାର୍ଡ ନ ଥିଲେ ମଧ୍ୟ ସେ ଉକ୍ତ ସଭାରେ ତାଙ୍କ ପରିବାର ନାମରେ କୌଶଳକ୍ରମେ ପ୍ରସ୍ତାବ ପାରିତ କରି ତତ୍କାଳୀନ ବଡ଼ମ୍ବା ସହକାରୀ ଉଦ୍ୟାନ କୃଷି ଅଧିକାରୀ ଦେବତାଙ୍କ ସହାୟତାରେ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ଆମ୍ବ ଓ କାଜୁଚାରା ରୋପଣ ନାମରେ ଅର୍ଥ ହଡ଼ପ କରିଥିଲେ। ଏନେଇ ରାଜ୍ୟ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଲୋକାୟୁକ୍ତ ସମସ୍ତ ସାକ୍ଷ୍ୟପ୍ରମାଣକୁ ଭିତ୍ତି କରି ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି।

## ଶିକ୍ଷାବିତ୍ ଉମାନାଥଙ୍କ ସ୍ମୃତି ଚାରଣ ସଭା

ନିଶ୍ଚିନ୍ତକୋଇଲି, ୧୯।୧୧ (ଅଶୋକ କୁମାର ମହାପାତ୍ର) କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ସରପଡା ପଞ୍ଚାୟତ ଅନ୍ତର୍ଗତ ହନୁପୁରଠାରେ ଅସୁରେଶ୍ୱର ସୁଭଦ୍ରା ମହତାବ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ବିଶିଷ୍ଟ ଶିକ୍ଷାବିତ ଉମାନାଥ ମହନ୍ତଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଇଂ. ଆକାଶ ଭୂୟାଁ,ଆଇନଜୀବୀ ଗୋପାଳ ଚନ୍ଦ୍ର ଜେନା, ସାହିତ୍ୟିକ ଡ.ଗୋବିନ୍ଦ ଚନ୍ଦ୍ର ଭୂୟାଁ, ଫକୀର ଚରଣ ନାୟକ, ରାଜକିଶୋର ଜେନା, ଦେବେନ୍ଦ୍ରନାଥ ମଲିକ, ଅମିତାଭ ବେଉରିଆ, ମାଗୁଣି ଚରଣ ଲେଙ୍କା, ସନ୍ତୋଷ କୁମାର ପାତ୍ର, ଉର୍ମିଳା ବରାଳ, ରଜନୀକାନ୍ତ ବରାଳ ପ୍ରମୁଖ ଯୋଗଦେଇ ଉମାନାଥଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ।

## ସେମିଫାଇନାଲରେ ସୁରଜ ସ୍ପୋର୍ଟିଂ କ୍ଲବ



### ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

ନିଶ୍ଚିନ୍ତକୋଇଲି, ୧୯।୧୧ (ଅଶୋକ କୁମାର ମହାପାତ୍ର) ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ୪୯ ତମ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ପ୍ରଥମ କ୍ୱାର୍ଟର ଫାଇନାଲ ସୁରଜ ସ୍ପୋର୍ଟିଂ କ୍ଲବ କେନ୍ଦ୍ରାପଡା ଓ ମେହେନ୍ଦିପୁର ଜଗତ୍‌ସିଂହପୁର ମଧ୍ୟରେ ଖେଳାଯାଇଥିଲା। ଏଥିରେ ସୁରଜ ସ୍ପୋର୍ଟିଂ କ୍ଲବ କେନ୍ଦ୍ରାପଡା ୨-୦ ଗୋଲରେ ମେହେନ୍ଦିପୁର ଜଗତ୍‌ସିଂହପୁରକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଏହି ଖେଳକୁ ଇଂ ଚିତ୍ତରଞ୍ଜନ ସାହୁ ଉଦ୍‌ଘାଟନ କରିଥିଲେ। ଏମଡି ଜହୁର, ଟୁକୁନା ଭୋଇ ,ସେକ ହଇତ ଏହାକୁ ପରିଚାଳନା କରିଥିଲେ।

# 'ଏବେ ବି ସମସ୍ତଙ୍କ ହୃଦୟରେ ଇନ୍ଦିରା'

## ଇନ୍ଦିରା ଗାନ୍ଧୀଙ୍କ ୧୦୬ତମ ଜୟନ୍ତୀ ପାଳିତ


ଜୟନ୍ତୀ ସମାରୋହରେ ପିସିସି ସଭାପତି ଶରତ ପଟ୍ଟନାୟକ ଓ ଦଳୀୟ ନେତୃବୃନ୍ଦ।

ମାହାଙ୍ଗା/କଟକ ସଦର, ୧୯।୧୧ (ଯଯାତି ସିଂହ/ସୁଶାନ୍ତ କୁମାର ଜେନା): ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁହୁଣ୍ଡା ପଞ୍ଚାୟତସ୍ଥିତ କୁମୁଡ଼ାହାଟଠାରେ ମାହାଙ୍ଗା ବ୍ଲକ କଂଗ୍ରେସ କମିଟି ଓ ଇନ୍ଦିରା ଗାନ୍ଧୀ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ବିଶ୍ୱନେତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୧୦୬ତମ ଜୟନ୍ତୀ ପାଳିତ ହୋଇଯାଇଛି। ପିସିସି ଶୃଙ୍ଖଳା କମିଟି ସଦସ୍ୟ ତଥା ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ପିସିସି ସଭାପତି ଶରତ ପଟ୍ଟନାୟକ ଯୋଗଦେଇ ଭାରତର ଭୂତପୂର୍ବ ପ୍ରଧାନମନ୍ତ୍ରୀ ତଥା ବିଶ୍ୱନେତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ଜଣେ ବର୍ଷିୟାନ ମହୀୟସୀ ମହିଳା ବୋଲି ଅଭିହିତ କରିଛନ୍ତି। ସେ ଭାରତର ପ୍ରଧାନମନ୍ତ୍ରୀ ଥିବାବେଳେ ଭାରତ ପାଇଁ ଯେଉଁସବୁ କାର୍ଯ୍ୟ କରିଯାଇଛନ୍ତି ସେଥିଲାଗି ଏବେ ବି ସମସ୍ତଙ୍କ ହୃଦୟରେ ରହିଛନ୍ତି ବୋଲି କହିବା ସହ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ କଟକ ଜିଲା କଂଗ୍ରେସ କମିଟି ସଭାପତି ମାନସ ରଞ୍ଜନ ଚୌଧୁରୀ, ଅତିଥି ଭାବେ ଆଇନଜୀବୀ ପ୍ରବୀଣ କାନୁନ୍‌ଗୋ, ଆଇନଜୀବୀ ଭାସ୍କର ଚନ୍ଦ୍ର ବେହେରା, ମାହାଙ୍ଗା ବ୍ଲକ କଂଗ୍ରେସ କମିଟି ସଭାପତି ଅଲେଖ ପ୍ରସାଦ ସ୍ୱାଇଁ, ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ କମିଟି ସଭାପତି ରମାକାନ୍ତ ବେହେରା, ଆଇନଜୀବୀ ପ୍ରଦୀପ୍ତ ଭୂୟାଁ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସରୋଜ ପରିଡ଼ା, ଯୁବନେତା ଉତ୍ତମ କୁମାର ବେହେରା, ପ୍ରଦୀପ୍ତ ରାଉତରାୟ, ଚୈତନ୍ୟ ଚରଣ ପାଣି, ଦେବେନ୍ଦ୍ର ପରିଡ଼ା, ପ୍ରଶାନ୍ତ ଖଟୁଆ, ଅଶୋକ କର, ପୀର ପୃଷ୍ଟି, ବଟକୃଷ୍ଣ ନାୟକ, ଅରବିନ୍ଦ ପଣ୍ଡା, ବିଚିତ୍ରାନନ୍ଦ ରାଉତରାୟ, ସଚ୍ଚିନ୍ଦ୍ର ବାରିକ, ଲକ୍ଷ୍ମୀଧର ମଲିକ, ରମେଶ ଚନ୍ଦ୍ର ସାମଲ, ସମିତିସଭ୍ୟ ଲତିଫୁର ରହେମନ, ଶଶୀଭୂଷଣ ମହାନ୍ତି, ଜିତେନ୍ଦ୍ର ବେହେରା, ମଧୁସୂଦନ ମଲିକ, କପିଳ ଚନ୍ଦ୍ର ରଣା, ତ୍ରୈଲୋକ୍ୟ ବିହାରୀ ଦାସ, ପୀତବାସ ସେଠୀ, ଅମରେନ୍ଦ୍ର ଦାସ, ଉତ୍ସବ ପରିଡ଼ା, ସେକ୍ ବାଦଲ, ଦୁଃଶାସନ ନାୟକ, ରୀତାରାଣୀ ସାମଲ, ମାନସୀ ମଲିକ, ପୀତାମ୍ବର କର, ରଞ୍ଜିତ ବାରିକ, ଶଶାଙ୍କ ଶେଖର ଜେନା, ଦୀନବନ୍ଧୁ ସାହୁ, ସୁକାନ୍ତ ସାହୁ, ଗୌରାଙ୍ଗ ଜେନାଙ୍କ ସମେତ ହଜାର ହଜାର କଂଗ୍ରେସ କର୍ମୀ ଉପସ୍ଥିତ ରହିଥିଲେ। ଏହି ଅବସରରେ ସମାଜରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୭ ଜଣ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ମହେଶ୍ୱର ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସମ୍ପାଦକ ବିବେକାନନ୍ଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି କଟକ ସଦର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ରବିବାର ପରମହଂସଠାରେ ପାଳିତ ହୋଇଥିଲା। ବ୍ଲକ କଂଗ୍ରେସ କମିଟି ସଭାପତି ରାମଚନ୍ଦ୍ର ଗୋଛାୟତଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କଂଗ୍ରେସ କର୍ମୀମାନେ ଗାନ୍ଧୀଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଆଲୋଚନା କରିଥିଲେ। ଏହି ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ପରମହଂସ ପଞ୍ଚାୟତ କଂଗ୍ରେସ ସଭାନେତ୍ରୀ ବେବିନା ସାହୁ, କଟକ ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଉଗ୍ରସେନ ଭୂୟାଁ, ପ୍ରଭାତ କୁମାର ଖଟୁଆ, ନାଜମେର ହୁସେନ ଖାଁ, ଋଷି କାଣ୍ଡି, ବ୍ରହ୍ମାନନ୍ଦ ରାଉତ, ଶଙ୍କର ପଟ୍ଟନାୟକ, ଦିଲୀପ କୁମାର ସାମଲ, ରଞ୍ଜନ ନାୟକ, ମନା ଖାଁ, ଗୋଲାପ ଭୋଇ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ପ୍ରଦୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ପୁରୀ ଫଟୋ ଆଣ୍ଡ୍ ଭିଡିଓ ଟ୍ରେଡର୍ସ ଆସୋସିଏଶନର ୧୦ମ ବାର୍ଷିକ ଉତ୍ସବ

ପୁରୀ, ୧୯।୧୧ (ଅଜିତ୍ ମହାନ୍ତି)

ପୁରୀ ଫଟୋ ଆଣ୍ଡ୍ ଭିଡିଓ ଟ୍ରେଡର୍ସ ଆସୋସିଏଶନର ୧୦ମ ବାର୍ଷିକ ଉତ୍ସବ ଅର୍ବାନ ହାଟ ପରିସରରେ ପାଳିତ ହୋଇଯାଇଛି। ଏଥିରେ ଉପଜିଲାପାଳ ଭବତାରଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ମୁମ୍ବାଇ ଶାରୀ ଏକାଡେମୀର ନିର୍ଦ୍ଦେଶକ ହୃଦଗନ୍ଧା ମିସ୍ତ୍ରି ଓ ଭୁବନେଶ୍ୱରସ୍ଥିତ ଓମ୍ ଟ୍ରୋନିକ୍ସ ନିର୍ଦ୍ଦେଶକ ଓମ୍ ଶର୍ମା, ମୁଖ୍ୟବକ୍ତା ଭାବେ ଭଦ୍ରକ ଫଟୋଗ୍ରାଫି ଆସୋସିଏଶନ ସଭାପତି ଚନ୍ଦ୍ରକାନ୍ତ ମହାନ୍ତି ମଞ୍ଚାସୀନ ଥିଲେ। ସମସ୍ତ ଜିଲାର ଫଟୋଗ୍ରାଫର ଓ ଭିଡିଓଗ୍ରାଫର ଉପସ୍ଥିତ ଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସଂଘର ସଭାପତି ମିଥୁନ କୁମାର ଜେନା ସଭାପତିତ୍ୱ କରିଥିଲେ। ସମ୍ପାଦକ ସୁକାନ୍ତ କୁମାର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଭ୍ୟ ଦେବେନ୍ଦ୍ର କୁମାର ନନ୍ଦ ଉତ୍ସବ ପରିଚାଳନା କରିଥିଲେ। ଉପସଭାପତି ଧନ୍ୟବାଦ ଦେଇଥିଲେ। ସହସମ୍ପାଦକ ରଜତ ରାମ, ଅଭିଷେକ ମହାନ୍ତି ଓ କୋଷାଧ୍ୟକ୍ଷ ସୂର୍ଯ୍ୟକାନ୍ତ ସ୍ୱାଇଁ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

### ଦୁର୍ନୀତି ହିଁ ପ୍ରଗତିର ବାଧକ

ପୁରୀ, ୧୯।୧୧ (ଅଜିତ ମହାନ୍ତି)

ପୁରୀ ସରକାରୀ ମହିଳା ମହାବିଦ୍ୟାଳୟ ଆନ୍ତଃଗୁଣବତ୍ତା ସେଲ୍ ପକ୍ଷରୁ ଦୁର୍ନୀତି ଓ ସ୍ୱଚ୍ଛତା ଶୀର୍ଷକ ବ୍ୟାଖ୍ୟାନ ଆୟୋଜିତ ହୋଇଯାଇଛି। ଏହାକୁ ଅଧ୍ୟକ୍ଷା ପ୍ରଫେସର ନିବେଦିତା ମିଶ୍ର ଉଦ୍‌ଘାଟନ କରି ଦୁର୍ନୀତି ବିରୋଧରେ ସଂଗ୍ରାମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଆଇକ୍ୟୁଏସ୍‌ସି ସଂଯୋଜକ ତଥା ଅଧ୍ୟାପକ ନେତ୍ରାନନ୍ଦ ଦାଶ ଯୋଗଦେଇ ରାଜ୍ୟ ସରକାରଙ୍କ ୫-ଟି ଅନୁସାରେ ଏହା ଆୟୋଜନ କରାଯାଇଥିବା କହିଥିଲେ। ଇଂଲିଶ ବିଭାଗ ମୁଖ୍ୟ ତଥା ପ୍ରଶାସନିକ ଅଧିକାରୀ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ସେଠୀ ଦୁର୍ନୀତି ସମାଜର ଶତ୍ରୁ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସନ୍ତୋଷ କୁମାର ମହାନ୍ତି ଯୋଗଦେଇ ଦୁର୍ନୀତି ହିଁ ପ୍ରଗତିର ବାଧକ ବୋଲି ପ୍ରକାଶ କରିଥିଲେ। ଆଇକ୍ୟୁଏସ୍‌ସି ଯୁଗ୍ମ ସଂଯୋଜକ ରାକେଶ ମିଶ୍ର, ପ୍ରଫେସର ପ୍ରମୋଦ ଷଡ଼ଙ୍ଗୀ, ସତ୍ୟସ୍ମିତା ବେହେରା, ପ୍ରଫେସର ନିହାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଫେସର ଡ. ରାକେଶ ମିଶ୍ର ଧନ୍ୟବାଦ ଦେଇଥିଲେ।

### ଏସ୍‌ସିଏସ୍ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

ପୁରୀ, ୧୯।୧୧ (ଅଜିତ୍ ମହାନ୍ତି)

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବାକୁ ଅଭିନନ୍ଦନିକା ପ୍ରତିଷ୍ଠାତା ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ଦାବି କରିଛନ୍ତି। ଏ ନେଇ ସେ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ବିଶିଷ୍ଟ ଜ୍ୟୋତିର୍ବିଦ ସାମନ୍ତ ଚନ୍ଦ୍ରଶେଖରଙ୍କ ନାମରେ ୧୯୪୪ ମସିହାରେ ଉକ୍ତ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହୋଇଥିଲା। ୧୯୯୦ରେ ଏହାକୁ ରାଜ୍ୟ ସରକାର ଅଗ୍ରଣୀ ମହାବିଦ୍ୟାଳୟ ଘୋଷଣା କରିଥିଲେ। ୧୯୯୯ରେ ଏହା ସ୍ୱୟଂଶାସିତ ମାନ୍ୟତା ଲାଭ କରିଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁବନ୍ଧିତ ଏହି ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଦ୍ୱାରା ଉତ୍କର୍ଷ କେନ୍ଦ୍ର ରୂପେ ମାନ୍ୟତା ପାଇଛି। ୨୦୧୭ରେ ନାକ୍ କମିଟି ଏହାକୁ ଏ ଗ୍ରେଡ୍ ପ୍ରଦାନ କରିଥିଲେ। ଏଠାରେ ସମ୍ପ୍ରତି ୪ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢୁଥିବାବେଳେ ୧୦ରୁ ଊର୍ଦ୍ଧ୍ୱ ବିଭାଗରେ ସ୍ନାତକୋତ୍ତର ସମେତ ଏମ୍‌ବିଏ, ବିଇଡି ଓ କମ୍ପ୍ୟୁଟର ବିଜ୍ଞାନ ପାଠ୍ୟକ୍ରମ ରହିଛି। ତେଣୁ ଏହି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବାକୁ ଦାବି କରାଯାଇଛି।

### ବିଶ୍ୱକପ୍ କ୍ରିକେଟ ଫାଇନାଲ ମ୍ୟାଚକୁ ନେଇ ବେଟିଂ

ଅସ୍ତରଙ୍ଗ, ୧୯।୧୧ (ପ୍ରଦୀପ୍ତ କୁମାର ଦୀକ୍ଷିତ): ସୁପର ସଣ୍ଡେରେ ଭାରତ ବନାମ ଅଷ୍ଟ୍ରେଲିଆ ବିଶ୍ୱକପ୍ କ୍ରିକେଟ ଭାରତରେ ଆୟୋଜିତ ହେଉଥିବା ବେଳେ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ଯୁବକମାନେ ବିଭିନ୍ନ ଆପ୍‌ରେ କ୍ରିକେଟ ବେଟିଂ ଜୋରଦାର ହୋଇଛି। କିଏ ଜିତିବ ଓ କିଏ ହାରିବ, କେଉଁ ଦଳ କେତେ ରନ କରିବ ତାକୁ ନେଇ ବେଟିଂ ଲାଗୁଥିବା ଚର୍ଚ୍ଚା ବେଳେ କିଏ ମାଲାମାଲ ହେଉଛି ତ ପୁଣି କିଏ ଟଙ୍କା ହାରି ପଶ୍ଚାତାପ କରୁଛି। ଏଭଳି ଢଙ୍ଗରେ ଏବେ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳ ଯୁବକ ଆପ୍ ମାଧ୍ୟମରେ କ୍ରିକେଟ ବେଟିଂ ଜୋରଦାର ହେବାରେ ଲାଗିଛି।

# କ୍ଷୁଦ୍ର ବ୍ୟବସାୟୀଙ୍କୁ ଥଇଥାନ କରିପାରିନି ପ୍ରଶାସନ

ନିମାପଡ଼ା, ୧୯।୧୧ (ରଞ୍ଜନ ପଟ୍ଟନାୟକ):

ତେଲଲୁଣ ସଂସାର ପାଇଁ ବାଜି ଲାଗିଛି ଜୀବନ। ଜୀବିକା ନିମନ୍ତେ ମରଣକୁ ବରଣ କରିବା ପାଇଁ ବାଧ୍ୟ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନିମାପଡ଼ାରେ। ଭୌଗୋଳିକ ଦୃଷ୍ଟିକୋଣରୁ ଦେଖିଲେ ନିମାପଡ଼ା ଭୁବନେଶ୍ୱର, ପୁରୀ ଏବଂ କୋଣାର୍କର ମଧ୍ୟବର୍ତ୍ତୀ ସ୍ଥଳରେ ଅବସ୍ଥିତ। ବର୍ତ୍ତମାନ ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଛି। ନିମାପଡ଼ା ବାଟଦେଇ ପ୍ରତ୍ୟହ ଶହଶହ ସଂଖ୍ୟାରେ ଗାଡ଼ିମୋଟର ଯିବାଆସିବା କରୁଛି। ହେଲେ ଏଠାରେ ବ୍ୟବସାୟୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଫଳରେ ସେମାନେ ମୁଖ୍ୟରାସ୍ତାକୁ ଅବରୋଧ କରି ବ୍ୟବସାୟ କରୁଛନ୍ତି। ସେହିପରି ଗ୍ରାହକମାନେ ମଧ୍ୟ ସ୍ଥାନ ଅଭାବରୁ ମୁଖ୍ୟରାସ୍ତା ଉପରେ ଗାଡ଼ି ମୋଟର ରଖିବା ଦ୍ୱାରା ରାସ୍ତା ଜାମ୍ ହୋଇଯାଉଛି; ଯଦ୍ୱାରା ଏଠାରେ ଟ୍ରାଫିକ ସମସ୍ୟା ଉତ୍କଟ ରୂପ ଧାରଣ



ରାସ୍ତକଡରେ କ୍ଷୁଦ୍ର ବ୍ୟବସାୟୀମାନେ ବସି ବ୍ୟବସାୟ କରୁଛନ୍ତି।

କରୁଛି। ଦୀର୍ଘ ୪୦ ବର୍ଷଧରି ଏହି ସମସ୍ୟା ଲାଗିରହିଛି। ୧୯୮୦ରେ ନିମାପଡ଼ାକୁ ରାଜ୍ୟ ସରକାର ବିଜ୍ଞାପିତ ଅଞ୍ଚଳ ପରିଷଦର ମାନ୍ୟତା ଦେଇଥିଲେ। କିନ୍ତୁ ସେ ସମୟରେ ସରକାର ପରିବା ବ୍ୟବସାୟୀଙ୍କ ସ୍ୱାର୍ଥ ପ୍ରତି ଆଖିବୁଜି ଦେଇଥିଲେ; ଯାହାର ପ୍ରତିଫଳନ ଆଜି ଦେଖିବାକୁ ମିଳୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପରିବା ବ୍ୟବସାୟୀମାନେ ଯେଉଁଠି ବ୍ୟବସାୟ କରୁଛନ୍ତି ନିକଟରେ ରହିଛି କୁଶଭଦ୍ରା ନଦୀର ବ୍ରିଜ୍। ଦୈନିକ ଏହି ବାଟ ଦେଇ ଶହଶହ ଗାଡ଼ିମୋଟର ଯାତାୟାତ କରୁଛି। ଯଦି କୌଣସି କାରଣରୁ ଗାଡ଼ିର ବ୍ରେକ୍ ଫେଲ୍ ହୁଏ ତେବେ ଏଠାରେ ବଡ଼ ଧରଣର ଦୁର୍ଘଟଣା ଘଟିବା ନିଶ୍ଚିତ। ପୌର ପରିଷଦ ଏମାନଙ୍କଠାରୁ ଟିକସ ଆଦାୟ କରୁଛି ହେଲେ ଥଇଥାନ ପାଇଁ ଆଜିପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଉନାହିଁ। ବାରମ୍ବାର ଏମାନେ ସ୍ଥାୟୀ ସମାଧାନ ପାଇଁ ଯେତେ ଦାବି କଲେ ମଧ୍ୟ ପ୍ରତିକାର କରିବା ଦିଗରେ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏଭଳି ଅଭିଯୋଗ କରିଛନ୍ତି ବ୍ୟବସାୟୀ ପ୍ରଭାତ ସାହୁ, ତାପସ କୁମାର ସ୍ୱାଇଁ, ପ୍ରଶାନ୍ତ ମହାପାତ୍ର, କୈଳାଶ ବେହେରା ଏବଂ ଗୋପାଳ ସାହୁ। ନିମାପଡ଼ାରେ ଅଧିକାଂଶ ସରକାରୀ ଜାଗା ଜବରଦଖଲରେ ରହିଛି; ଯାହାଫଳରେ ଏଭଳି ସମସ୍ୟା ଦେଖାଦେଇଛି। ତେବେ ଖୁବ୍‌ଶୀଘ୍ର ସ୍ଥାନ ନିରୂପଣ କରାଯାଇ କ୍ଷୁଦ୍ର ପରିବା ବ୍ୟବସାୟୀଙ୍କ ଥଇଥାନ ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ନଗରପାଳ ସସ୍ମିତା ସାହୁ କହିଛନ୍ତି।



ପୁରୀ ସହରର ବିହାରୀ ସମ୍ପ୍ରଦାୟର ମହିଳାମାନେ ରବିବାର ନରେନ୍ଦ୍ର ପୁଷ୍କରିଣୀ ପରିସରରେ ଛଟ୍ ପୂଜା ପାଳନ କରୁଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ସାକ୍ଷୀଗୋପାଳଙ୍କ ଦର୍ଶନ କଲେ ହବିଷ୍ୟାଳି



ଶ୍ରୀକ୍ଷେତ୍ର ନୀଳାଦ୍ରି ସତସଙ୍ଗ ଭକ୍ତମଣ୍ଡଳୀ ପକ୍ଷରୁ ସଂକୀର୍ତ୍ତନ କରାଯାଉଛି।

ସାକ୍ଷୀଗୋପାଳ, ୧୯।୧୧ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ମହାକାର୍ତ୍ତିକରେ ଶ୍ରୀକ୍ଷେତ୍ର ନିଳାଦ୍ରୀ ସତସଙ୍ଗ ଭକ୍ତମଣ୍ଡଳୀ ଏବଂ ହବିଷ୍ୟାଳିମାନେ ରବିବାର ସନ୍ଧ୍ୟାରେ ସାକ୍ଷୀଗୋପାଳ ଠାକୁରଙ୍କ ଦର୍ଶନ କରିଛନ୍ତି। ଶ୍ରଦ୍ଧାଳୁମାନେ ନାମକୀର୍ତ୍ତନ କରି ମନ୍ଦିରରେ ପ୍ରଶେ କରିବା ସହ ଫୁଲ ତୁଳସୀମାଳ ଠାକୁରଙ୍କୁ ଲାଗିକରି ପୂଜାର୍ଚ୍ଚନା କରିଥିଲେ। ବେଢ଼ା ପରିକ୍ରମା କରି ତୁଳସୀ ଚଉରା ନିକଟରେ ବସି କାର୍ତ୍ତିକ ମାହାତ୍ମ୍ୟ, ଗୀତଗୋବିନ୍ଦ, ରାଧାଦାମୋଦର ଷ୍ଟକମ୍ ପାଠ କରିଥିଲେ। ଶ୍ରୀକ୍ଷେତ୍ର ଫେରିବା ସମୟରେ ସାକ୍ଷୀଗୋପାଳଙ୍କ ପ୍ରିୟଭୋଗ ଡାଲିମ୍ବ ଗଜା ଲଡୁ, ସରପୁଳି, କେଳି ଓ ଲିଆରେ ପ୍ରସ୍ତୁତ ଛତୁଭୋଗ ନେଇଥିବା ଦେଖିବାକୁ ମିଳିଥିଲା। ପବିତ୍ର କାର୍ତ୍ତିକ ମାସରେ ପ୍ରଭୁ ସାକ୍ଷୀଗୋପାଳଙ୍କୁ ଦର୍ଶନ କରିବା ବିଧେୟ ବୋଲି ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା ଉପସ୍ଥିତ ଭକ୍ତମଣ୍ଡଳୀଙ୍କୁ ସୂଚନା ଦେଇଥିଲେ। ପଣ୍ଡିତ ସ୍ୱର୍ଗତ ସଦାଶିବ ରଥଶର୍ମାଙ୍କ ସମୟରୁ ନୀଳାଦ୍ରି ସତସଙ୍ଗ ଭକ୍ତମଣ୍ଡଳୀ ଅଁଳାନବମୀ ପୂର୍ବରୁ ସାକ୍ଷୀଗୋପାଳ ଠାକୁରଙ୍କ ଦର୍ଶନ ପାଇଁ ପ୍ରତିବର୍ଷ ଏଠାକୁ ଆସୁଛନ୍ତି।

### ବୈଦ୍ୟନାଥ ଦେବଙ୍କ ବାର୍ଷିକ ଜନ୍ମୋତ୍ସବ ପାଇଁ ପ୍ରସ୍ତୁତି

କଣାସ, ୧୯।୧୧ (ବିଭୂତି ଭୂଷଣ ତ୍ରିପାଠୀ):

କଣାସ ବଡ଼ାସ ଗ୍ରାମର ବାବା ବୈଦ୍ୟନାଥ ଦେବଙ୍କ ବାର୍ଷିକ ଉତ୍ସବ ପାଇଁ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ହାଡ଼ିବନ୍ଧୁ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ୨୦୨୪ ଫେବୃୟାରୀ ୧୪ରୁ ୧୮ତାରିଖ ପର୍ଯ୍ୟନ୍ତ ୬ଦିନ ଧରି ଏହି ଉତ୍ସବ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଉପସଭାପତି ସର୍ବେଶ୍ୱର ପ୍ରଧାନ, ସହସମ୍ପାଦକ ପ୍ରଦୀପ ପ୍ରଧାନ, ବଡ଼ାସ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ବଳରାମ ପଲାଇ ଓ ଟ୍ରଷ୍ଟର ସଦସ୍ୟମାନେ ଉପସ୍ଥିତ ଥିଲେ। ନବୀନ ଓଡ଼ିଶା ମାଧ୍ୟମରେ ନୂତନ ଭାବେ ନିର୍ମାଣ ହେବାକୁ ଥିବା କୋଠଘର ପାଇଁ ଆସିଥିବା ଅର୍ଥ ସମ୍ପର୍କରେ ବଳରାମ ପଲାଇ ସୂଚନା ଦେଇଥିଲେ। ଟ୍ରଷ୍ଟର ବରିଷ୍ଠ ସଦସ୍ୟ ଶ୍ରୀନିବାସ ପରିଡ଼ାଙ୍କ ଝିଅ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ପଞ୍ଚାୟତରେ ସର୍ବୋଚ୍ଚ ନମ୍ବର ରଖିଥିବାରୁ ଶ୍ରୀବୈଦ୍ୟନାଥ ଦେବ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ ସ୍ଥିର ହୋଇଥିଲା। ବୈଠକରେ ବଡ଼ାସ ଓ ବୈଦ୍ୟନାଥପାଟନା ଗ୍ରାମ୍ୟ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

## ରାସ୍ତା କାମ ଅଧାପନ୍ତରିଆ: ଘଟୁଛି ଦୁର୍ଘଟଣା

କଣାସ, ୧୯।୧୧ (ବିଭୂତି ଭୂଷଣ ତ୍ରିପାଠୀ):

ନୂଆଜଗନ୍ନାଥ ସଡ଼କର ଜଙ୍କିଆ ବଜାରଠାରୁ ଦୟାନଦୀ ବାମପାର୍ଶ୍ୱ ନଦୀବନ୍ଧ ରାସ୍ତା ଅଧାପନ୍ତରିଆ କାମ ହୋଇଥିବାରୁ ଦୈନନ୍ଦିନ ଦୁର୍ଘଟଣା ଘଟୁଛି। ଜଙ୍କିଆ ବଜାର ଠାରୁ ଗଡ଼ିଶାଗୋଦାକୁ ଯିବାପାଇଁ ମୁଖ୍ୟରାସ୍ତା ଦୟାନଦୀ ବାମପାର୍ଶ୍ୱ ନଦୀବନ୍ଧ ହୋଇଥିବାରୁ ଏହି ରାସ୍ତା ଉପରେ ଚଳାଚଳ ଲାଗି ଶହଶହ ଯାନବାହନ ଓ ପଥିକ ନିର୍ଭର କରନ୍ତି। ଠିକାଦାର ଏହି ରାସ୍ତାର ଢଳେଇ କାର୍ଯ୍ୟ ସାରିଦେଇଥିବା ବେଳେ ଢଳେଇର ଦୁଇପାର୍ଶ୍ୱ ମୁକୁଳା ରଖିଥିବାରୁ ଦୁର୍ଘଟଣା ଘଟୁଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଢଳେଇର ଦୁଇପାର୍ଶ୍ୱ ମୋରମ ଫିଲିଂ କରିବାପାଇଁ ଗଡ଼ିଶାଗୋଦାବାସୀଙ୍କ ପକ୍ଷରୁ ଦାବି ହେଉଛି।

## ପ୍ରଶାସନ ପକ୍ଷରୁ ହବିଷ୍ୟାଳିଙ୍କୁ ଶାଲ୍ ବଣ୍ଟନ



ପୁରୀ, ୧୯।୧୧ (ଅଜିତ ମହାନ୍ତି):

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ହବିଷ୍ୟାଳିମାନଙ୍କୁ ଶାଲ୍ ବଣ୍ଟନ କରାଯାଇଛି। ରବିବାର ପୂର୍ବାହ୍ନରେ ବୃନ୍ଦାବତୀ ନିବାସଠାରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଉପଜିଲାପାଳ ଭବତାରଣ ସାହୁ, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ହବିଷ୍ୟାଳି ମା'ମାନଙ୍କୁ ଶାଲ ବଣ୍ଟନ କରିବା ସହ ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ପରେ ବଗଲା ଧର୍ମଶାଳା, ଅକ୍ଷୟ ପାତ୍ର, ବାଗେଡିଆ ଧର୍ମଶାଳା ଓ ମୋଚିସାହି କଲ୍ୟାଣ ମଣ୍ଡପଠାରେ ରହୁଥିବା ହବିଷ୍ୟାଳି ମା'ମାନଙ୍କୁ ବରିଷ୍ଠ ଅଧିକାରୀମାନେ ଶାଲ୍ ବଣ୍ଟନ କରିଥିଲେ। ବିଭିନ୍ନ ହବିଷ୍ୟାଳି କେନ୍ଦ୍ରରେ ରହିବା, ବୃନ୍ଦାବତୀ ପୂଜା କରିବା, ଠାକୁର ଦର୍ଶନ କରିବା, ମହାପ୍ରସାଦ ସେବନ କରିବା ଓ ଭଜନ ପ୍ରବଚନ ଶୁଣିବାର ସୁବ୍ୟବସ୍ଥା ହୋଇଛି ବୋଲି ହବିଷ୍ୟାଳିମାନେ ମତ ଦେବା ସହ ହୁଳହୁଳି ଧ୍ୱନିରେ ଆଶୀର୍ବାଦ କରିଥିଲେ। 'ନିଜ ପରିବାର ଛାଡ଼ି ମାସକ ପାଇଁ ଆମେ ଆସିଛୁ। ଠାକୁର ଦର୍ଶନ କରୁଛୁ। ହବିଷ୍ୟାଳି କେନ୍ଦ୍ରରେ ଅଧିକାରୀ, କର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ ଏତେ ସୁନ୍ଦର ସେବା ଦେଉଛନ୍ତି ଯେ, ଆମେ ଘର ପରିବାର କଥା ଭୁଲିଯାଉଛୁ ବୋଲି ହବିଷ୍ୟାଳିମାନେ ନିଜ ପ୍ରତିକ୍ରିୟାରେ କହିଥିଲେ। ହବିଷ୍ୟାଳିମାନଙ୍କ ସୁସ୍ଥ ଓ ସୁରକ୍ଷିତ ରହଣି ସହ ଏକ ସୁଖଦ ଅନୁଭବ ନେଇ ନିଜ ଘରକୁ ପ୍ରତ୍ୟାବର୍ତ୍ତନ ପାଇଁ ମହାପ୍ରଭୁଙ୍କ ଶୁଖିଲା ପ୍ରସାଦ ପ୍ରଦାନର ବ୍ୟବସ୍ଥା କରାଯାଇଛି ବୋଲି ଅତିରିକ୍ତ ଜିଲାପାଳ ସାହୁ ସୂଚନା ଦେଇଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀମାନଙ୍କୁ ବ୍ୟାନିୟନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

**'ସୁନ୍ଦର ସେବା ପାଇ ପରିବାର କଥା ଭୁଲିଯାଉଛୁ'**

# ମା'ବାପାଙ୍କୁ ନିର୍ଯାତନା ଦେଇ ତଡ଼ିଦେଲେ

**୨ କି.ମି. ଚାଲି ଥାନାର ଦ୍ୱାରସ୍ଥ ହେଲେ ବୃଦ୍ଧ ଦମ୍ପତି**

ଗୋପ, ୧୯।୧୧ (ଭାରତୀ ଭୂଷଣ ଉପାଧ୍ୟାୟ):

ବୃଦ୍ଧ ମାତାପିତାଙ୍କୁ ନିର୍ଯାତନା ଦେଇ ପୁଅବୋହୂ ଘରୁ ତଡ଼ିଦେବା ପରେ ସେମାନେ ଦୀର୍ଘ ଦୁଇ କିଲୋମିଟର ଚାଲି ଚାଲି ନ୍ୟାୟ ପାଇଁ ଗୋପ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ଅଭିଯୋଗ ଉପରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେଇଛି। ସୂଚନା ଅନୁଯାୟୀ, ଗୋପ ଗଣେଶ୍ୱରପୁର ଅଞ୍ଚଳର ବି. ନାୟକ (୬୫)ଙ୍କର ଦୁଇପୁଅ ଅଛନ୍ତି। ପୁଅ ଦୁହେଁ ବିବାହିତ। ସମ୍ପୃକ୍ତ ବୃଦ୍ଧ ଦମ୍ପତି ପାଳିକରି ଦୁଇ ପୁଅଙ୍କ ନିକଟରେ ରହିଆନ୍ତି। ସେମାନେ ଜଣେ ପୁଅ ନିକଟରେ କିଛି ଦିନ ରହିବା ପରେ ଅନ୍ୟ ଜଣେ ପୁଅ ପାଖରେ ରହୁଥିଲେ। ତେବେ ରବିବାର ସକାଳେ ଏହି ବୃଦ୍ଧ ଦମ୍ପତିଙ୍କୁ ଖାଇବାକୁ ନ ଦେଇ ଘରୁ ତଡ଼ି ଦିଆଯିବାରୁ ଦୁହେଁ ବଡ଼ କଷ୍ଟରେ ଚାଲି ଚାଲି ଗୋପ ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀ ମହେଶ୍ୱର ସେଠୀ କହିଛନ୍ତି, ଏଭଳି ଅଭିଯୋଗ ମିଳିଛି ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପଦକ୍ଷେପ ନିଆଯାଉଛି।

### ପ୍ରଧାନ ଶିକ୍ଷକଙ୍କ କ୍ଲଷ୍ଟରସ୍ତରୀୟ ବୈଠକ

ପିପିଲି, ୧୯।୧୧ (ଦୁର୍ଗାମାଧବ ମିଶ୍ର)

କ୍ଲଷ୍ଟରସ୍ତରୀୟ ୫ମ ମାସିକ ବୈଠକ ଶନିବାର ଗୋବିନ୍ଦପୁର କ୍ଲଷ୍ଟର ହରିଅନ୍ତା ପିୟୁପି ସ୍କୁଲରେ ସିଆର୍‌ସିସି ଚିନ୍ତାମଣି ଓଝାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମସ୍ତ ଏଲିମେଣ୍ଟାରି ସ୍କୁଲର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ସାହୁ, ସୀତା ନାୟକ, ମଧୁଛନ୍ଦା ମିଶ୍ର, କବିତା କୁମାରୀ ତ୍ରିପାଠୀ, ଶକ୍ତି ପ୍ରସନ୍ନ ମହାନ୍ତି, ସନ୍ଧ୍ୟାରାଣୀ ପାତ୍ର, ଲକ୍ଷ୍ମୀଧର ପ୍ରଧାନ, ଜୟନ୍ତୀ ଦାସ, ଜୟଲକ୍ଷ୍ମୀ ସ୍ୱାଇଁ, ଏଫ୍‌ଏଲ୍‌ଏନ୍ ଶିକ୍ଷକ ସୁମନ୍ତ ବେହେରା, ସୁନାମଣି ଦେଇ ପ୍ରମୁଖ ଯୋଗଦେଇଥିଲେ। ପୂର୍ବ ମାସ ବୈଠକର କାର୍ଯ୍ୟସୂଚୀ ସମୀକ୍ଷା କରାଯିବା ପରେ ଚଳିତ ମାସର ଏଜେଣ୍ଡା ଯଥା ମନିଟରିଂ ଅଫ୍ ଭେନ୍ୟୁ, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ, ଡିକୋଡ଼ିଂ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ୩ୟ, ୬ଷ୍ଠ ଓ ୯ମ ଶ୍ରେଣୀରେ ଅନୁଷ୍ଠିତ ହେବାକୁ ଯାଉଥିବା ଷ୍ଟେଟ୍ ଏଜୁକେଶନାଲ ଆଚିଭ୍‌ମେଣ୍ଟ ସର୍ଭେ ପରୀକ୍ଷାର ନମୁନା ପ୍ରଶ୍ନ ଆଲୋଚନା କରାଯାଇଥିଲା।

# ଜଳ ସମସ୍ୟା ନେଇ କୃଷକଙ୍କ ସହ ଆଲୋଚନା

ପୁରୀ, ୧୯।୧୧ (ଅଜିତ୍ ମହାନ୍ତି):

ପୁରୀ ଜିଲାରେ ଜଳସେଚନ ବ୍ୟବସ୍ଥା ଓ ବନ୍ୟା ନିୟନ୍ତ୍ରଣ ପାଇଁ ପଦକ୍ଷେପ ନିଆଯିବା ଦାବିରେ ନୀଳାଚଳ କୃଷକ ମହାସଂଘ ପକ୍ଷରୁ ଗତ ୮ ତାରିଖରେ ଜଳସେଚନ ବିଭାଜନର ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଅଧିକ୍ଷଣ ଯନ୍ତ୍ରୀ ଅମୀୟ କୁମାର ସେଠୀ ପ୍ରତିଶ୍ରୁତି ଦେବା ପରେ ଧାରଣାକୁ ସ୍ଥଗିତ ରଖାଯାଇଥିଲା। ସେହି ଅନୁଯାୟୀ ପରେ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଯନ୍ତ୍ରୀ ସେଠୀଙ୍କ ଅଧ୍ୟକ୍ଷତାରେ ମହାସଂଘ କର୍ମକର୍ତ୍ତାଙ୍କ ସହିତ ଆଲୋଚନା ହୋଇଥିଲା। ୨୦୧୯ ମାର୍ଚ୍ଚ ୧୬ରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ହୋଇଥିବା ନିଷ୍ପତ୍ତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମସ୍ତ କାର୍ଯ୍ୟ ସମ୍ବନ୍ଧରେ ମହାସଂଘକୁ ଅବଗତ କରାଇବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଅଧିକାରୀମାନେ ତାହା ମାନୁ ନ ଥିବାରୁ କର୍ମକର୍ତ୍ତା କ୍ଷୋଭ ପ୍ରକାଶ କରିଥିଲେ। ଚାଷୀ ଓ ଚାଷଜନିତ ସମସ୍ୟାର ସମାଧାନ ପାଇଁ ଜିଲାପାଳଙ୍କୁ ଜଣାଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଉନାହିଁ। ବୈଠକରେ ପୁରୀ ଓ ଡେଲାଙ୍ଗ ସବ୍‌ଡିଭିଜନ୍‌ର ଅତିରିକ୍ତ ୪୦ଟି କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ସମସ୍ତ କାର୍ଯ୍ୟ ୧ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି ସେଠୀ କହିଛନ୍ତି। ବୈଠକରେ ସାକ୍ଷୀଗୋପାଳ ଓ ଡେଲାଙ୍ଗ ଉପନିର୍ବାହୀ ଯନ୍ତ୍ରୀ ଇଂ. ତନୁଜା କିଶୋର ରାଉତ, ପିପିଲି ଉପନିର୍ବାହୀ ଯନ୍ତ୍ରୀ ଇଂ. ସଦାଶିବ ପ୍ରଧାନ, ପୁରୀ ଉପନିର୍ବାହୀ ଯନ୍ତ୍ରୀ ଇଂ. ଭାଗବତ ମଲ୍ଲିକ, ଆକଳନ ଅଧିକାରୀ ଇଂ. ଦେବଦତ୍ତ ଦାସ, ନୀଳାଚଳ କୃଷକ ମହାସଂଘର ଉପଦେଷ୍ଟା ମଣ୍ଡଳୀ ଅଧ୍ୟକ୍ଷ ନିରଞ୍ଜନ ମହାପାତ୍ର, ସଭାପତି ଗୋପୀନାଥ ମିଶ୍ର, ଉପସଭାପତି ପ୍ରକାଶ କୁମାର ନାୟକ, ଯୁଗ୍ମ ସମ୍ପାଦକ ଦୁଃଶାସନ ସ୍ୱାଇଁ, ସଙ୍ଗଠନ ଶ୍ୟାମସୁନ୍ଦର ନାୟକ, ପୁରୀ ସଦର ବ୍ଲକ୍ ସଭାପତି ଅରକ୍ଷିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# କେକ୍ ମିକ୍ସିଂ ଉତ୍ସବ ପାଳିତ

ପୁରୀ, ୧୯।୧୧ (ଅଜିତ ମହାନ୍ତି)

ପ୍ରମୋଦ କନ୍‌ଭେନ୍‌ସନ ଏବଂ ପୁରୀ ବିଚ୍ ରିସର୍ଟଠାରେ ଖ୍ରୀଷ୍ଟମାସ ଉପଲକ୍ଷେ ଏକ କେକ୍ ମିକ୍ସିଂ ଉତ୍ସବ ପାଳନ କରାଯାଇଛି। ଏହି କେକ୍ ମିକ୍ସିଂ ଉତ୍ସବ ପ୍ରାୟ ୧୭ତମ ଶତାବ୍ଦୀ ଠାରୁ ପାଳିତ ହୋଇଆସୁଛି। କେକ୍ ପ୍ରସ୍ତୁତ ପାଇଁ ଆବଶ୍ୟକ ସାମଗ୍ରୀ ସହ ଶୁଖିଲା ଫଳ, କାଜୁ କିସ୍‌ମିସ୍, ଆଲମଣ୍ଡ ଲବଙ୍ଗ ଆଦି ମିଶାଯାଏ। ଏହି ମିଶ୍ରଣକୁ ଡିସେମ୍ବର ୨୫ ଖ୍ରୀଷ୍ଟମାସ ପର୍ଯ୍ୟନ୍ତ ରଖାଯାଏ। ଉକ୍ତ ଦିନ ଏହି ମିଶ୍ରଣରେ କେକ୍ ପ୍ରସ୍ତୁତ କରି ସମ୍ପର୍କୀୟମାନଙ୍କୁ ବଣ୍ଟନ କରାଯାଏ। ପ୍ରମୋଦ କନଭେନସନ୍ ଆଣ୍ଡ ବିଚ୍ ରିସୋର୍ଟ ପରିଚାଳକ ସୁକାନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପରିଚାଳନାରେ ମୁଖ୍ୟ ସହକାରୀ ସେଫ୍ ହିକମତ୍ ଖାନ୍ ଏବଂ ହୋଟେଲ କର୍ମଚାରୀ ସହଯୋଗ କରିଥିଲେ।



ଖ୍ରୀଷ୍ଟ ମାସ ପାଇଁ କେକ୍ ପ୍ରସ୍ତୁତ କରାଯାଉଛି।

# 'ଉତ୍ତମ ରାଷ୍ଟ୍ର ନିର୍ମାଣ ସମାଜର ଦାୟିତ୍ୱ'

ଗୋପ, ୧୯।୧୧ (ଭାରତୀ ଭୂଷଣ ଉପାଧ୍ୟାୟ):

ରାଷ୍ଟ୍ର ହେଉଛି ଆମର ଜୀବନ ରେଖା। ଆମକୁ ଏଥିପ୍ରତି ଗୁରୁତ୍ୱ ଦେବାକୁ ପଡ଼ିବ। ଉତ୍ତମ ରାଷ୍ଟ୍ର ନିର୍ମାଣ କରିବା ସମାଜର ଦାୟିତ୍ୱ ବୋଲି ରବିବାର ଗୋପ ବାଲିପଡ଼ିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଓଡ଼ିଶା ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଧ୍ୟାପକ କ୍ଷୀରୋଦ କୁମାର ରାୟମହାପାତ୍ର କହିଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭାପତି ଦାମୋଦର ପାଢ଼ୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୋପ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଖଟୋଇ, ବିଦ୍ୱତ ପରିଷଦ ସଂଯୋଜକ ଶ୍ରୀଧର କୁମାର ପ୍ରହରାଜ, ସଙ୍କୁଳ ସଯୋଜକ ସଞ୍ଜୟ କୁମାର ପ୍ରଧାନ, ବାବୁଲି ମହାପାତ୍ର,




କାଯଜ୍ଞ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

ପୁରୀ ଜିଲା ଶିକ୍ଷା ବିକାଶ ସମିତି ନିରୀକ୍ଷକ ପ୍ରସନ୍ନ କୁମାର ମହାନ୍ତି, ପ୍ରଧାନ ଆଚାର୍ଯ୍ୟ ତୋଫାନ ଦଳାଇ ପ୍ରମୁଖ ଯୋଗଦେଇ ରାଷ୍ଟ୍ର କ'ଣ, ତା'ର କାର୍ଯ୍ୟଧାରା ଓ ମାନବବାଦ ଏବଂ ମହାପୁରୁଷମାନଙ୍କ ଚିନ୍ତାଧାରା ଉପରେ ଗୁରୁତ୍ୱ ଦେବାକୁ ଅନୁରୋଧ କରିଥିଲେ। ନିମାପଡ଼ା ସଙ୍କୁଳସ୍ତରୀୟ ବିଦ୍ୱତ ପରିଷଦରେ ଯୋଗଦେଇଥିବା ବିଶିଷ୍ଟ ବ୍ୟକ୍ତିମାନେ ସ୍ୱାଧୀନତା ପରେ ଭାରତ ଏକ ଦେଶରେ ପ୍ରଚଳିତ ହୋଇଥିବାବେଳେ ବହୁ ପୂର୍ବରୁ ରାଷ୍ଟ୍ର ନିର୍ମାଣ ହୋଇଥିବା ମତ ରଖିଥିଲେ। ଭାରତ ଏକ ହିନ୍ଦୁ ଧର୍ମାବଲମ୍ବୀ ରାଷ୍ଟ୍ର ସମୟରେ ଅଧିକାଂଶ ଭାଷାଭାଷୀ ଲୋକଙ୍କ ସଂଖ୍ୟା ବଢି ଚାଲିଛି ବୋଲି ଅନେକେ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସମ୍ପାଦକ ସତ୍ୟନାରାୟଣ ସେନାପତି, କମ୍ବୁପାଣି ମଲ୍ଲିକ୍, ମନୋରଞ୍ଜନ ତ୍ରିପାଠୀ, ତୃପ୍ତିମୟୀ ସାହୁ, ଅନନ୍ୟା ପ୍ରିୟଦର୍ଶିନୀ ପାତ୍ର, ବବିତା ପ୍ରଧାନ, ସୁଜାତା ମହାନ୍ତି, ଏସ୍. ପ୍ରିୟଦର୍ଶିନୀ ପ୍ରମୁଖ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଶନିଦେବଙ୍କ ୨୦ତମ ଗୀତା ଯଜ୍ଞ

**ଚାରିଛକ, ୧୯।୧୧ (ଶିଶିର ସ୍ୱାଇଁ) :**

ତୁଳସୀପୁର ପଞ୍ଚାୟତର ଶ୍ରୀକୋଇଲିଠାରେ ଶନିଦେବଙ୍କ ୨୦ତମ ବିଶ୍ୱଶାନ୍ତି ଗୀତା ଯଜ୍ଞ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଗ୍ରାମ ପୋଖରୀରୁ ଜଳ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଯଜ୍ଞରେ କର୍ତ୍ତା ଭାବେ ଗ୍ରାମର ଅକ୍ଷୟ କୁମାର ନାୟକ ବସିଥିବା ବେଳେ ପୂଜକ ଭାବେ ନିରଞ୍ଜନ ମହାପାତ୍ର ଓ ସହଯୋଗୀ ଘନଶ୍ୟାମ ମହାପାତ୍ର ପୂଜା କାର୍ଯ୍ୟ କରିଥିଲେ। ଏହି ଉତ୍ସବରେ ଅଭିରାମ ସେଠୀ, ଲକ୍ଷ୍ମୀଧର ସେଠୀ, ଅର୍ଜୁନ ସ୍ୱାଇଁ, ଶରତ ଦାସ, ନରେନ୍ଦ୍ର ସ୍ୱାଇଁ, ଦୀନବନ୍ଧୁ ବେହେରା ପ୍ରମୁଖ ଉପସ୍ଥିତ ରହି ସାହାଯ୍ୟ ସହଯୋଗ କରିଥିଲେ। ଉକ୍ତ ବାର୍ଷିକ ଉତ୍ସବରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଶ୍ରଦ୍ଧାଳୁମାନେ ଶନିଦେବଙ୍କ ଦର୍ଶନ କରିବା ସହିତ ପ୍ରସାଦ ସେବନ କରିଥିଲେ। ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

### ଗୀତା ଯଜ୍ଞ ପୂର୍ଣ୍ଣାହୁତି

**ସାକ୍ଷୀଗୋପାଳ, ୧୯।୧୧ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ):**

ପୂର୍ବବର୍ଷ ପରି କାର୍ତ୍ତିକ ଶୁକ୍ଳ ସପ୍ତମୀ ତିଥି ରବିବାର ଦିନ ସାକ୍ଷୀଗୋପାଳ ମନ୍ଦିର ଓ ଶ୍ରୀରାମ ମନ୍ଦିର ସମ୍ମୁଖରେ ଗୀତା ଯଜ୍ଞ ପୂର୍ଣ୍ଣାହୁତି ହୋଇଯାଇଛି। ପ୍ରାରମ୍ଭରେ ଘଟ ସ୍ଥାପନ ପଞ୍ଚଦେବ, ନବଗ୍ରହ, ମାତୃପୂଜା ସହ ଆହୁତି ପ୍ରଦାନ କରାଯାଇଛି। ଏଥିରେ ଗୋବିନ୍ଦ ମହାପାତ୍ର, ରବୀନ୍ଦ୍ର ଶତପଥୀ, ରବୀନ୍ଦ୍ର ଷଡ଼ଙ୍ଗୀ ଓ ବନ୍ଦନା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ପୂର୍ଣ୍ଣାହୁତି, ଆଳତି, ପୁଷ୍ପାଞ୍ଜଳି ସହ ପ୍ରସାଦ ସେବନ କରାଯାଇଥିଲା।

### ମା' କାଳୀଙ୍କ ବିସର୍ଜନ ଉତ୍ସବ, ବନ୍ଧୁମିଳନ

**ପୁରୀ, ୧୯।୧୧ (ଅଜିତ୍ ମହାନ୍ତି)**

ସ୍ୱର୍ଗଦ୍ୱାର ବ୍ୟବସାୟୀ ସଂଘର କାଳୀ ପୂଜା ଉତ୍ସବ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ପ୍ରତିମୂର୍ତ୍ତିକୁ ବାଲିସାହି ଓ ଶ୍ରୀମନ୍ଦିର ଦେଇ ଶୋଭାଯାତ୍ରାରେ ନିଆଯାଇ ସମୁଦ୍ରରେ ବିସର୍ଜନ କରାଯାଇଥିଲା। ସନ୍ଧ୍ୟାରେ ବାଲିସାହିସ୍ଥିତ ହିଙ୍ଗୁଳ ଜାଗା କଲ୍ୟାଣ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ସ୍ୱର୍ଗଦ୍ୱାର ବ୍ୟବସାୟୀ ସଂଘ ପକ୍ଷରୁ ସଂଘର ପୂର୍ବତନ ସଭାପତି ସ୍ୱର୍ଗତ ନାରାୟଣ ସାହୁଙ୍କୁ ମରଣୋତ୍ତର ଭାବେ ସ୍ୱର୍ଗଦ୍ୱାରଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ସମ୍ମାନ ତାଙ୍କ ପୁତ୍ର ସୁନୀଲ କୁମାର ସାହୁ ଓ ଅନିଲ କୁମାର ସାହୁ ଗ୍ରହଣ କରିଥିଲେ। ଅନୁଷ୍ଠାନର ବରିଷ୍ଠ କର୍ମକର୍ତ୍ତା ଓ ଅନ୍ୟମାନଙ୍କୁ ସମ୍ବର୍ଦ୍ଧନା ପରେ ସଙ୍ଗୀତ ପରିବେଷଣ ହୋଇଥିଲା। ଅନୁଷ୍ଠାନର ସଭାପତି ନୃସିଂହ ପ୍ରସାଦ ସାହୁ ଓ ସମ୍ପାଦକ ଚିତ୍ତରଞ୍ଜନ ପୃଷ୍ଟିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସର୍ବେଶ୍ୱର ପ୍ରଧାନ, ଆଶୁତୋଷ ସାହୁ, ଶ୍ୟାମସୁନ୍ଦର ସାହୁ, ଶ୍ରୀକାନ୍ତ ବେହେରା, କାଶୀନାଥ ସାହୁ, ଅସୀମ କୁମାର ଘୋଷ, ଦେବ କୁମାର ମଲ୍ଲିକ, ମନୋଜ କୁମାର ସାହୁ, ଜଗଦୀଶ ପ୍ରଧାନ, ଭଗବାନ ସାହୁ, ବ୍ରଜ କିଶୋର ସାହୁ, ଦୀପକ ସାହୁ, ଭଗବାନ ପାଢ଼ୀ, ଦେବାଶିଷ ମଲ୍ଲିକ, ଶିରୀଶ ଷେଣ୍ଡି, ପ୍ରଶାନ୍ତ ମହାନ୍ତି, ଗୋବିନ୍ଦ ପାତ୍ର, ସୁରଜ ପାତ୍ର, ଅଭିଜିତ ଦାଶ, ରବୀନ୍ଦ୍ର ସାହୁ, ରମେଶ ସାହୁ, ରାଜେଶ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ପ୍ରଚାରକ ଅନନ୍ତ ମିଶ୍ରଙ୍କୁ ଓଡ଼ିଆ ଜାତି ଭୁଲିବ ନାହିଁ'

**ପୁରୀ, ୧୯।୧୧ (ଅଜିତ ମହାନ୍ତି)**



ସମାରୋହରେ ଅତିଥିମାନେ 'ଅସ୍ତରାଗ' ପୁସ୍ତକକୁ ଉନ୍ମୋଚନ କରୁଛନ୍ତି ।

ପ୍ରଚାରକ ଅନନ୍ତ ମିଶ୍ର ସ୍ମୃତି ପରିଷଦ, ସତ୍ୟବାଦୀ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ପୁଣ୍ୟାତ୍ମା ପ୍ରଚାରକ ଅନନ୍ତ ମିଶ୍ରଙ୍କ ୧୪୦ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ରବିବାର ଜିଲା ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ସମାରୋହର ପ୍ରଥମ ଅଧିବେଶନରେ କବି ଭାରତୀଭୂଷଣ ଦାସଙ୍କ ସଂଯୋଜନାରେ ଉଦ୍‌ଘାଟକ ଭାବେ ପ୍ରଫେସର କାର୍ତ୍ତିକ କୁମାର ଦାସ ଓ ମୁଖ୍ୟ ଅତିଥି ଭାବେ କବି ମାନସ ରଞ୍ଜନ ମହାପାତ୍ର ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରଭାତ ଚନ୍ଦ୍ର ରଥ, ସମ୍ମାନିତ ଅତିଥି ଭାବେ କବି ନିରଦ ଚନ୍ଦ୍ର ଜେନା, କବି କାଶୀନାଥ ଖୁଣ୍ଟିଆ ଓ ପ୍ରତିମା ଷଡ଼ଙ୍ଗୀ ପ୍ରମୁଖ ମଞ୍ଚାସୀନ ଥିଲେ। ପରେ କବି ମନୋରମା ଆଚାର୍ଯ୍ୟ ଓ କବି କ୍ରିଷ୍ଣା ମହାପାତ୍ରଙ୍କ ସଂଯୋଜନାରେ ଶତାଧିକ କବି କବିତା ପାଠକରି ଅନନ୍ତଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଦ୍ୱିତୀୟ ଅଧିବେଶନରେ କବି ଦାମୋଦର ମହାନ୍ତିଙ୍କ ସଂଯୋଜନାରେ ସ୍ୱତନ୍ତ୍ର ଶାସନ ସଚିବ କବି ମଧୁସୂଦନ ଦାଶଙ୍କ ପୌରୋହିତ୍ୟରେ ପ୍ରାକ୍ତନ ମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଉଦ୍‌ଘାଟକ ଭାବେ ଯୋଗଦେଇ ଥିଲେ। ଅନନ୍ତଙ୍କୁ ଓଡିଆ ଜାତି ଭୁଲିନାହିଁ ଓ ତାଙ୍କ ନିଷ୍ଠାପର ସେବା ଅତୁଳନୀୟ ବୋଲି ତ୍ରିପାଠୀ କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରସାଦ ହରିଚନ୍ଦନ ଯୋଗଦେଇ କହିଥିଲେ, ଅନନ୍ତ ଥିଲେ ପଞ୍ଚସଖାଙ୍କ ଆବିଷ୍କାରକ। ତେଣୁ ତାଙ୍କ ପାଇଁ ଏକ ମଣ୍ଡପ ନିର୍ମାଣ କରାଗଲେ ପ୍ରକୃତ ପୂଜ୍ୟପୂଜା ହୋଇପାରିବ। ଅନ୍ୟତମ ଅତିଥି ଭାବେ ସଙ୍ଗଠକ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇ ଅନନ୍ତଙ୍କ ପ୍ରତି ଅବହେଳା ନେଇ କ୍ଷୋଭ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଡ. ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ ଯୋଗଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ହରପ୍ରସାଦ ଦାସଙ୍କୁ ସତ୍ୟବାଦୀ ସମ୍ମାନ, ଡ. ଭାଗବତ ଲେଙ୍କାଙ୍କୁ ସାହିତ୍ୟ ସୌରଭ, ଡ. ବିଦ୍ୟାଧର ବେହେରାଙ୍କୁ ସଂସ୍କୃତି ରତ୍ନ, ମାଗୁଣି ସାହୁଙ୍କୁ ବାୟକ ରତ୍ନ, ସୁଦର୍ଶନ ମହାପାତ୍ରଙ୍କୁ ଗାୟକ ରତ୍ନ, କୁଳମଣି ବିଶ୍ୱାଳଙ୍କୁ ବାଦ୍ୟରତ୍ନ, ଧର୍ମପଦ ପଲାଇଙ୍କୁ ଗୁରୁରତ୍ନ, କ୍ରିଷ୍ଣା ମହାପାତ୍ରଙ୍କୁ ଶିଶୁ ଗୌରବ, ଗୋମତୀ ପଣ୍ଡାଙ୍କୁ ଶିଶୁରତ୍ନ, କାମେଶ୍ୱର ଜେନାଙ୍କୁ ପାଇକସୂତ ଓ ସୁକାନ୍ତ ପାତ୍ରଙ୍କୁ ପାଇକରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରବନ୍ଧ ପ୍ରତିଯୋଗିତାରେ ୟୁଜିଏସ୍ କଲେଜ ଓ ବାଲୁକେଶ୍ୱର ହାଇସ୍କୁଲର ଛାତ୍ରୀଛାତ୍ରଙ୍କୁ ମେଧା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅତିଥିମାନେ ପଣ୍ଡିତ ବିଜୟ କୁମାର ଛାଟୋଇଙ୍କ 'ଅସ୍ତରାଗ' ଏବଂ 'ଆମ ଜହ୍ନମାମୁଁ' ପୁସ୍ତକକୁ ଉନ୍ମୋଚନ କରିଥିଲେ। କୈଳାଶ ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ, ସତ୍ୟବାଦୀ ଓ ଲିଙ୍ଗରାଜ କଳା ନିକେତନ, ପୁରୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଉପସଭାପତି ଡ. ହେମନ୍ତ କୁମାର ଛୋଟରାୟ ଧନ୍ୟବାଦ ଦେବା ପରେ ସଭାପତି ରବୀନ୍ଦ୍ରନାଥ ପଟ୍ଟନାୟକ ସଭା ସାଙ୍ଗ କରିଥିଲେ।

# ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲ୍ ତୃତୀୟ

## ରାଜ୍ୟସ୍ତରୀୟ ସୁରଭି

**ପିପିଲି, ୧୯।୧୧ (ଦୁର୍ଗାମାଧବ ମିଶ୍ର):**

ଭୁବନେଶ୍ୱରସ୍ଥିତ ୟୁନିଟ-୯ ବଏଜ୍ ହାଇସ୍କୁଲଠାରେ ରାଜ୍ୟସ୍ତରୀୟ ସୁରଭି ଓ ମିଲେଟ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ ନିଜର କଳା, ଜ୍ଞାନ ପ୍ରଦର୍ଶନ କରିଥିବାବେଳେ ପିପିଲି ବ୍ଲକ୍ ଦାଣ୍ଡମୁକୁନ୍ଦପୁରସ୍ଥିତ ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲ୍‌ର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଛାତ୍ରୀଛାତ୍ରୀମାନେ ସରକାରଙ୍କ ସଫଳ ଶିକ୍ଷାନୀତିକୁ ଗୀତିନାଟ୍ୟ ମାଧ୍ୟମରେ ପରିବେଷଣ କରି ଉକ୍ତ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରି ପିପିଲି ପାଇଁ ସୁନାମ ଆଣିଛନ୍ତି। ପ୍ରତିଯୋଗିତାର ଶେଷ ଦିନରେ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଯୋଗଦେଇ ଛାତ୍ରୀଛାତ୍ରଙ୍କ ପ୍ରଦର୍ଶନକୁ ପ୍ରଶଂସା କରିଥିଲେ। ଏଥିଲାଗି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ଷଡଙ୍ଗୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲ୍‌ର ପିଲାମାନେ ପୁରସ୍କାର ଗ୍ରହଣ କରୁଛନ୍ତି ।

# ଜିଲା ଟୁରିଷ୍ଟ ଗାଇଡ୍ ସଂଘର ସୁବର୍ଣ୍ଣ ଜୟନ୍ତୀ



ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

**ପୁରୀ, ୧୯।୧୧ (ଅଜିତ ମହାନ୍ତି):**

ପୁରୀ ଜିଲା ଟୁରିଷ୍ଟ ଗାଇଡ୍ ସଂଘର ସୁବର୍ଣ୍ଣ ଜୟନ୍ତୀ ସଂସ୍କୃତି ଭବନ ପରିସରରେ ପାଳିତ ହୋଇଯାଇଛି। ଏଥିରେ ସଂଘର ସଭାପତି ଶୁଭାଶିଷ ଖୁଣ୍ଟିଆ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ମୁଖ୍ୟ ବକ୍ତା ଭାବେ ସମାଜସେବୀ ଚକ୍ରଧର ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଖବରଦାତା ଜଗନ୍ନାଥ ବସ୍ତିଆ, ପୁରୀ ଅର୍ବାନ କୋଅପରେଟିଭ୍ ବ୍ୟାଙ୍କ ନିର୍ଦ୍ଦେଶକ ଅନିଲ କୁମାର ସାହୁ, ଭୁବନେଶ୍ୱର ଟୁରିଷ୍ଟ ଗାଇଡ କ୍ଲବ୍‌ର ସମ୍ପାଦକ ଲଳିତ ମୋହନ ପଣ୍ଡା, ଆଞ୍ଚଳିକ ପରିବହନ ଅଧିକାରୀ ରିବନ୍ ପଟ୍ଟନାୟକ, ସମାଜସେବୀ ରାକେଶ ଦାସ, ପୁରୀ ଟୁରିଷ୍ଟ ଅପରେଟର ସଂଘ ସଭାପତି ବସନ୍ତ କୁମାର ସାହୁ ଏବଂ ସମ୍ପାଦକ ଶରତ ଚନ୍ଦ୍ର ରାଉତରାୟ ପ୍ରମୁଖ ଯୋଗଦାନ କରିଥିଲେ। ସଂଘର ସାଧାରଣ ସମ୍ପାଦକ ଅକ୍ଷୟ କୁମାର ବ୍ରହ୍ମା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପର୍ଯ୍ୟଟକଙ୍କୁ ଅଧିକରୁ ଅଧିକ ସୁବିଧା ଯୋଗାଇ ଦିଆଯିବା ସହ ଅର୍ବାନହାଟଠାରେ ସୁଲଭ ଶୌଚାଳୟ ସ୍ଥାପନ କରିବା ପାଇଁ ମତ ପ୍ରକାଶ କରିଥିଲେ। ଏଥିସହ ଗାଇଡ୍‌ମାନଙ୍କ ପାଇଁ ସରକାରୀ ପେନସନ୍ ଓ ଇନ୍‌ସ୍ୟୁରାନ୍ସ ଯୋଗାଇବା ପାଇଁ ଅତିଥିମାନେ ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ କୋଣାର୍କ ଗାଇଡ ମହାସଂଘ ଓ ଭୁବନେଶ୍ୱର ଟୁର୍ ଗାଇଡ କ୍ଲବ୍‌ର ୨୨ ଜଣ ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ଯୁଗ୍ମ ସମ୍ପାଦକ ସବ୍ୟସାଚୀ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଘ ଉପସଭାପତି ବିଭୂତି ଭୂଷଣ ପ୍ରଧାନ, ସହସମ୍ପାଦକ ନୀଳକଣ୍ଠ ପ୍ରଧାନ, କୋଷାଧ୍ୟକ୍ଷ କାର୍ତ୍ତିକ କୁମାର ସାହୁ, କ୍ଷୀରୋଦ କୁମାର ସାହୁ, ବରିଷ୍ଠ ସଭ୍ୟ ମହେଶ୍ୱର ସାହୁ, ଭାଗିରଥି ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ନୃତ୍ୟଗୁରୁ ଅମିତ୍ କୁମାର ଚାଟାର୍ଜୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ୨୧, ୨୨ରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

**ପୁରୀ, ୧୯।୧୧ (ଅଜିତ ମହାନ୍ତି):**

ପୁରୀ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଚଳିତ ମାସ ୨୧ ଓ ୨୨ ତାରିଖରେ ଶରଧାବାଲିଠାରେ ଅନୁଷ୍ଠିତ ହେବ। ଏଥିରେ ୨୫ଟି ଷ୍ଟଲ ସହ ଦୈନିକ ୭୦୦ରୁ ଊର୍ଦ୍ଧ୍ୱ ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ହିତାଧିକାରୀଙ୍କ ମଧ୍ୟରେ ଆଲୋଚନାଚକ୍ର ଆୟୋଜନ କରାଯିବ ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ କହିଛନ୍ତି। ରବିବାର ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ମିଳିତ ସହଯୋଗରେ ୨ଦିନିଆ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାର ଆୟୋଜନ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ସାହୁ ଅଧ୍ୟକ୍ଷତା କରି ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ବିକାଶ ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି ବୋଲି କହିଥିଲେ। ଅନେକ ହିତାଧିକାରୀ ଏହାଦ୍ୱାରା ଉପକୃତ ହେବା ସହ ଆର୍ଥିକ ସମୃଦ୍ଧି ଲାଭ କରିଛନ୍ତି। ବିଭାଗର ବିବିଧ ଯୋଜନା, ସହାୟତା ଓ ସହଯୋଗ ସମ୍ପର୍କରେ ଜନସଚେତନତା ସୃଷ୍ଟି ସହ ଅଧିକରୁ ଅଧିକ ହିତାଧିକାରୀ ଯେପରି ଏହାଦ୍ୱାରା ଆକୃଷ୍ଟ ହୋଇ ଉପକୃତ ହେବେ ସେଥିପାଇଁ ଏ ମେଳାର ଆୟୋଜନ ବୋଲି ।ସ କହିଥିଲେ। ମୁଖ୍ୟ ଜିଲା ପ୍ରାଣୀ ସମ୍ପଦ ଅଧିକାରୀ ଡା. ଶରତ କୁମାର ବେହେରା ଏବଂ ଜିଲା ମତ୍ସ୍ୟ ସମ୍ପଦ ଅଧିକାରୀ ବିଭୂତି ରଞ୍ଜନ ରାଉତ ସମସ୍ତଙ୍କୁ ସ୍ୱାଗତ କରି ବିଶଦ ସୂଚନା ଦେଇ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ସମ୍ପର୍କରେ ଅଧିକ ସଚେତନତା ସୃଷ୍ଟି ଏହି ମେଳା ଦ୍ୱାରା ସହଜ ହୋଇପାରିବ ବୋଲି କହିଥିଲେ। ୪ଜଣ ଲେଖାଏ ଶ୍ରେଷ୍ଠ ହିତାଧିକାରୀଙ୍କୁ ଏହି ମେଳାରେ ସମ୍ବର୍ଦ୍ଧିତ କରାଯିବା ସହ ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ପ୍ରଦର୍ଶନୀ ମଧ୍ୟ କରାଯିବ। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଏଲ୍ଇଡି ସ୍କ୍ରିନ ମାଧ୍ୟମରେ ବିବିଧ ସୂଚନା ପ୍ରଦାନ କରାଯିବ ବୋଲି ସେ କହିଥିଲେ। ବୈଠକରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଅତିରିକ୍ତ ଜିଲା ପ୍ରାଣୀ ସମ୍ପଦ ଅଧିକାରୀ ଡା. ଜଗବନ୍ଧୁ ବେହେରା ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଅଗ୍ନି ବିପନ୍ନଙ୍କୁ ସତ୍ୟବାଦୀ ବିଧାୟକଙ୍କ ସହାୟତା

**ସାକ୍ଷୀଗୋପାଳ, ୧୯।୧୧ (ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)**

ସତ୍ୟବାଦୀ ବ୍ଲକ ଅଧୀନ ସାରଙ୍ଗଯୋଡ଼ି ପଞ୍ଚାୟତର ବମ୍ପାଳ ଗ୍ରାମରେ ଗତ ୧୫ ତାରିଖରେ ଘଟିଥିବା ଅଗ୍ନିକାଣ୍ଡରେ ବିପନ୍ନଙ୍କୁ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଶନିବାର ସାକ୍ଷାତ୍ କରିଛନ୍ତି। ତାଙ୍କୁ ସମବେଦନା ଜଣାଇବା ସହ ପ୍ରତ୍ୟେକ ବିପନ୍ନ ପରିବାରକୁ ୧୨ ହଜାର ଟଙ୍କା ହିସାବରେ ୩ ବିପନ୍ନଙ୍କୁ ୩୬ ହଜାର ଟଙ୍କାର ସହାୟତା ସହ ପାଲ, ବାସନକୁସନ ଓ ଲୁଗାପଟା ପ୍ରଦାନ କରିଥିଲେ। ବିଧାୟକଙ୍କ ସହିତ ସତ୍ୟବାଦୀ ତହସିଲଦାର ଜୟନ୍ତ ଜୟସିଂ, ଅତିରିକ୍ତ ତହସିଲଦାର ପ୍ରିୟଦର୍ଶୀ ରାଜେଶ ଓ ବଳପୁର ରାଜସ୍ୱ ନିରୀକ୍ଷକ ଉପସ୍ଥିତ ଥିଲେ।

### ଆତ୍ମରକ୍ଷା ପ୍ରଶିକ୍ଷଣ

**ପିପିଲି, ୧୯।୧୧ (ଦୁର୍ଗା ମାଧବ ମିଶ୍ର):**

ପିପିଲି ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦପୁର କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରେ ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଶେଷ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ପୁରୀ ଜିଲା ଶିକ୍ଷା ଅଧିକାରୀ, ପିପିଲି ବ୍ଲକ୍ ଶିକ୍ଷାଧିକାରୀଙ୍କ ଚିଠି ଅନୁଯାୟୀ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ ଶିବିରର ଉଦ୍ଦେଶ୍ୟ ହେଉଛି କୋମଳମତି ବାଳିକାମାନଙ୍କୁ ଆତ୍ମରକ୍ଷା କୌଶଳରେ ପାରଙ୍ଗମ କରିବା। ଗୋବିନ୍ଦପୁର କ୍ଲଷ୍ଟରର ସିଆରସିସି ଚିନ୍ତାମଣି ଓଝାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଥମ ପର୍ଯ୍ୟାୟରେ ଆରୁହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ବାଲୁଙ୍କେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଞ୍ଚଦିନ ଧରି ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଗୋବିନ୍ଦପୁର ନୋଡାଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ନୀଳକଣ୍ଠ ନୋଡାଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ପ୍ରଶିକ୍ଷଣ ଆରମ୍ଭ ହୋଇଯାଇଛି। ଉକ୍ତ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷିକା ସୁନୀତା ନାୟକ ଓ ଚିନ୍ମୟୀ ସାହୁ ପ୍ରଶିକ୍ଷାର୍ଥୀଙ୍କୁ ଆତ୍ମରକ୍ଷାର ବିଭିନ୍ନ କୌଶଳ ଶିକ୍ଷା ଦେଇ ଛାତ୍ରୀଙ୍କ ମନରେ ଉତ୍ସାହ ସୃଷ୍ଟି କରିବାରେ ସହାୟକ ହୋଇଛନ୍ତି।

# ଆଧ୍ୟାତ୍ମ ସାହିତ୍ୟ ଆସର


ସାହିତ୍ୟ ଆସରରେ ଯୋଗ ଦେଇଥିବା ଅତିଥିବୃନ୍ଦ ।

**ପୁରୀ, ୧୯।୧୧ (ଅଜିତ୍ ମହାନ୍ତି)**

ୟୁଥ୍ ହଷ୍ଟେଲ୍ ସଭାଗୃହରେ ରବିବାର ଅନୁରାଗ ସାହିତ୍ୟ ସଂଗୋଷ୍ଠୀ ତରଫରୁ ଆଧ୍ୟାତ୍ମ ସାହିତ୍ୟ ଆସର ଓ କବିତା ପାଠୋତ୍ସବ ବିଜୟଲକ୍ଷ୍ମୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶିବସୁନ୍ଦର ମିଶ୍ର ଅତିଥି ପରିଚୟ ଓ ସଭାକାର୍ଯ୍ୟ ସଂଯୋଜନା କରିଥିଲେ। ଅନାମ ଚନ୍ଦ୍ର ସାହୁ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ଣ୍ଣଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ମଞ୍ଜୁଶ୍ରୀ ମିଶ୍ର ଓ ପ୍ରାଚୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦିଲୀପ ସେନାପତି ଯୋଗଦେଇଥିଲେ। ଅତିଥିମାନେ କହିଥିଲେ, 'ଆଧ୍ୟାତ୍ମିକ ଚିନ୍ତନ ଏବଂ ଧାର୍ମିକ ଆଚରଣର ଶ୍ରେଷ୍ଠ କ୍ଷେତ୍ର ଶ୍ରୀକ୍ଷେତ୍ରର ରୀତିନୀତି ଅନନ୍ୟ। ଧାର୍ମିକ ମାସ କାର୍ତ୍ତିକର ଶୀତଳ ସ୍ପର୍ଶରେ ବୟସାଧିକ ବୃଦ୍ଧବୃଦ୍ଧାଙ୍କ ଶ୍ରୀକ୍ଷେତ୍ର ରହଣି ଭାରତରେ ଅନନ୍ୟ। ଏହି କ୍ଷେତ୍ରରେ ପଞ୍ଚ ସମ୍ପ୍ରଦାୟର ଉପାସକଗଣଙ୍କ ଉପସ୍ଥିତି ହିନ୍ଦୁଧର୍ମ ଦର୍ଶନରେ ଅନନ୍ୟ ଏକାତ୍ମ ପରମ୍ପରା ସୃଷ୍ଟି କରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରେ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। କ୍ରିଷ୍ଣା ମହାପାତ୍ର ଏବଂ ଅଧ୍ୟାପକ ସହଦେବ ସାହୁ ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ଡିସେମ୍ବର ୨୫ରୁ ମଙ୍ଗଳା କପ୍

**କାକଟପୁର, ୧୯।୧୧ (ଶୁଭଦର୍ଶନ ମିଶ୍ର):**

ମଙ୍ଗଳା କ୍ରିକେଟ କ୍ଲବ ଆନୁକୂଲ୍ୟରେ ପ୍ରତିବର୍ଷ ଭଳି ଚଳିତବର୍ଷ ପୁରୀ ଜିଲା କାକଟପୁରର ମା' ମଙ୍ଗଳା ମିନି ଷ୍ଟାଡିୟମଠାରେ ଡିସେମ୍ବର ୨୫ରୁ ଆୟୋଜିତ ହେବାକୁ ଯାଉଛି ୩୪ତମ ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ ଟୁର୍ନାମେଣ୍ଟ। ଏଥିପାଇଁ ରବିବାର ଆୟୋଜକ କ୍ଲବ ପକ୍ଷରୁ ଏକ ପ୍ରେସ୍‌ମିଟ ସ୍ଥାନୀୟ ଖୁଣ୍ଟିଆ କନଭେନ୍ସନଠାରେ ଅନୁଷ୍ଠିତ ହୋଇଯାଇଛି। ଏହା ଜାନୁୟାରୀ ୭ ତାରିଖରେ ଉଦ୍‌ଯାପନ ହେବ ବୋଲି କ୍ଲବର ସଭାପତି ପ୍ରଦୀପ୍ତ କୁମାର ଦୀକ୍ଷିତ ପ୍ରକାଶ କରିଛନ୍ତି। ଉକ୍ତ ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ଭାଗନେବାକୁ ଥିବାବେଳେ ଚାମ୍ପିୟନ ଦଳକୁ ୪୧ ହଜାର ୪୪୧ ଟଙ୍କା ଏବଂ ରନର୍ସ ଅପ୍ ଦଳକୁ ୨୧ ହଜାର ୨୨୧ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ଏଥିସହିତ ୩୦ ଓଭରବିଶିଷ୍ଟ ଉକ୍ତ ମ୍ୟାଚରେ ସମସ୍ତ ଖେଳାଳି ଧଳା ଡ୍ରେସ୍ ପରିଧାନ କରି ଖେଳିବେ ବୋଲି କ୍ଲବର ସମ୍ପାଦକ ଶୁଭ୍ରାଂଶୁ ଭୂଷଣ ଦୀକ୍ଷିତ ସୂଚନା ଦେଇଛନ୍ତି। ଏଥିରେ କ୍ଲବର ବରିଷ୍ଠ ଉପଦେଷ୍ଟା ତୁଷାର ରଞ୍ଜନ ଦୀକ୍ଷିତ, ମ୍ୟାନେଜର ଭାଗବତ ସ୍ୱାଇଁ, କୋଷାଧ୍ୟକ୍ଷ ଇଂ. ସୂର୍ଯ୍ୟକାନ୍ତ ଦୀକ୍ଷିତ, ସୁଶାନ୍ତ ଦାଶ, ସଞ୍ଜୟ ସାମଲ, କାକଟପୁର ପ୍ରେସ୍ କ୍ଲବର ସଭାପତି କମଳ ଲୋଚନ ଦୀକ୍ଷିତଙ୍କ ସମେତ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ।



ଖବରଦାତା ସମ୍ମିଳନୀରେ ଆୟୋଜକମାନେ ସୂଚନା ଦେଉଛନ୍ତି ।

# ଧରିତ୍ରୀ ମାତା ପାଇଁ 'ରବିବାର' କାର୍ଯ୍ୟକ୍ରମ

**ପିପିଲି, ୧୯।୧୧ (ଦୁର୍ଗା ମାଧବ ମିଶ୍ର):**

ସ୍ୱେଚ୍ଛାସେବୀ ସଙ୍ଗଠନ ବ୍ରହ୍ମ ଚେତନା ପରିଷଦ ଆନୁକୂଲ୍ୟରେ ଧରିତ୍ରୀ ମାତାକୁ ଆସନ୍ନ ବିପଦରୁ ସୁରକ୍ଷା ଦେବା ନିମନ୍ତେ ଧରିତ୍ରୀ ମାତା ପାଇଁ 'ରବିବାର' ନାମରେ ଏକ ସମୟୋପଯୋଗୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରବିବାର ପିପିଲି ବ୍ଲକ ଅଧୀନସ୍ଥ ଦାଣ୍ଡମୁକୁନ୍ଦପୁର ଶ୍ରୀ ଗୋପୀନାଥ ଦେବ ପୀଠରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ଦିର ଚତୁଃପାର୍ଶ୍ୱରେ ସଫେଇ କାର୍ଯ୍ୟ କରାଯିବା ସହ ନିକଟସ୍ଥ ପୁଷ୍କରିଣୀକୁ ସଫା କରାଯାଇଥିଲା। ପରେ ଗ୍ରାମରେ ବିଭିନ୍ନ ସ୍ଥାନରେ ଶତାଧିକ ଆମ୍ବ, ପଣସ, ଜାମୁ, ବଉଳ, ନିମ୍ବ ଆଦି ଚାରା ରୋପଣ କରାଯାଇଥିଲା। ଦାଣ୍ଡମୁକୁନ୍ଦପୁର ଯୁବ ଜ୍ୟୋତି କ୍ଲବ ଆନୁକୂଲ୍ୟରେ ଏକ ଜନ ସଚେତନତା ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ଏହି ଆଲୋଚନାରେ ପରିଷଦର ସମ୍ପାଦକ କବି ସୁକାନ୍ତ ଚନ୍ଦ୍ର ନନ୍ଦ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସବୁଜ କୋଠରି ପ୍ରଭାବ, ବିଶ୍ୱ ତାପାୟନ, ଜଳବାୟୁ ପରିବର୍ତ୍ତନ, ଦ୍ରୁତ ଜଙ୍ଗଲ କ୍ଷୟ, ପ୍ରଦୂଷିତ ଜଳରାଶି, ପଲିଥିନର ବହୁଳ ବ୍ୟବହାରର କୁପରିଣାମ ସମ୍ପର୍କରେ ଅବଗତ କରାଇ ଏହାର ପ୍ରତିବିଧାନ ନିମନ୍ତେ ସମ୍ମିଳିତ ପ୍ରଚେଷ୍ଟା ପାଇଁ ପ୍ରକୃତିପ୍ରେମୀଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଷଦର ସଭାପତି ସନ୍ତୋଷ କୁମାର ମିଶ୍ର, କୋଷାଧ୍ୟକ୍ଷ ହୃଷୀକେଶ ନନ୍ଦ, ସଭ୍ୟ ତ୍ରୈଲୋକ୍ୟ ନାଥ ମିଶ୍ର, ବୃକ୍ଷପ୍ରେମୀ ବିଶ୍ୱନାଥ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।



ଚାରା ରୋପଣ ଓ ସ୍ୱଚ୍ଛ ପରିବେଶ ପାଇଁ ସଚେତନତାର ବାର୍ତ୍ତା ଦିଆଯାଉଛି ।

# ଶୌଚାଳୟ ବ୍ୟବହାର, ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ

**କୋଣାର୍କ, ୧୯।୧୧ (ଜ୍ୟୋତିରାଜ ମହାନ୍ତି):**

ବିଶ୍ୱ ଶୌଚାଳୟ ଦିବସ ଅବସରରେ ବାଲିଦୋକାନସ୍ଥିତ ଉମାଶଙ୍କର ବିଦ୍ୟାଳୟ, ପୋବେଇ ଓ କୋଣାର୍କସ୍ଥିତ ଏରୁଡିଟେ ଷ୍ଟଡି ସର୍କଲ, କୋଣାର୍କ ପରିସରରେ ଓଡିଶାର ପ୍ରଥମ ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ନମସ୍କାର ଓ ୟୁଥ୍ ଫର ୱାଟର ପକ୍ଷରୁ ପାଳିତ ହୋଇଯାଇଛି ବିଶ୍ୱ ଶୌଚାଳୟ ଦିବସ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରଧାନ ଶିକ୍ଷକ ପ୍ରକାଶ ମୁଦୁଲି, ଶିକ୍ଷୟିତ୍ରୀ ସସ୍ମିତା ଦୀକ୍ଷିତ, କବିତା ବଳବନ୍ତ ରାୟ, ଇତିଶ୍ରୀ ଦାସ, ରେଡିଓ ନମସ୍କାରର ସଂଯୋଜିକା ଏସ୍. କାଜଲ, କାର୍ଯ୍ୟନିର୍ବାହୀ ଅଧିକାରୀ ରୋଜାଲିନ୍ ପ୍ରଧାନ, ଶିକ୍ଷକ ବରୁଣ କୁମାର ବାରିକ୍, ଜଟାଧାରୀ କାଣ୍ଡି, ଗୋପବନ୍ଧୁ ନାୟକ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଶୌଚାଳୟ ବ୍ୟବହାର, ସୁସ୍ଥ ଓ ନୀରୋଗ ଜୀବନଯାପନ, ସ୍ୱଚ୍ଛତା, ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ 'ଶୌଚାଳୟ ବ୍ୟବହାର କରିବା କାହିଁକି' ରେଡିଓ କାର୍ଯ୍ୟକ୍ରମ ପିଲାମାନଙ୍କୁ ଶୁଣାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୩୦୦ରୁ ଊର୍ଦ୍ଧ୍ୱ ପିଲା ଯୋଗଦେଇ ଶୌଚାଳୟ ବ୍ୟବହାର ସମ୍ପର୍କରେ ନିଜର ମତବ୍ୟକ୍ତ କରିଥିଲେ। ଏହିପରି ରେଡିଓ ନମସ୍କାରର ଅଭିନବ ପ୍ରୟାସ ଦ୍ୱାରା ଯୁବପିଢ଼ି ଆଗାମୀ ଦିନରେ ନିଜେ ସ୍ୱାଧୀନଭାବେ ମତବ୍ୟକ୍ତ କରିବାର ସୁଯୋଗ ପାଇବେ ଯାହା ସେମାନଙ୍କୁ ଭବିଷ୍ୟତରେ ସୁନ୍ଦର ନାଗରିକ ଭାବେ ଗଢି ତୋଳିବାରେ ସାହାଯ୍ୟ କରିବ ବୋଲି ରେଡିଓ ନମସ୍କାରର ଅଧ୍ୟକ୍ଷ ଏନ୍‌ଏ ଶାହା ଅନସାରୀ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବର୍ଷାରାଣୀ ବିଶ୍ୱାଳ, ପ୍ରିୟଙ୍କା ଲେଙ୍କା, ସୁଜିତ୍ ବେହେରା, ଶିକ୍ଷୟିତ୍ରୀ ସୁକାନ୍ତି ଭଞ୍ଜ, ମମତା ସେନାପତି ପ୍ରମୁଖ ପରିଚାଳନା କରିଥିଲେ।



ଶୌଚାଳୟ ବ୍ୟବହାର, ପରିବେଶ ସୁରକ୍ଷା ନିମନ୍ତେ ସଚେତନତା ସୃଷ୍ଟି କରାଯାଉଛି ।

**ଇମ୍ଫାଲରେ ୟୁଏଫ୍ଓ: ବିମାନବନ୍ଦର ବନ୍ଦ**

ଉତ୍ତରପୂର୍ବାଞ୍ଚଳ ରାଜ୍ୟ ମଣିପୁର ରାଜଧାନୀ ଇମ୍ଫାଲରେ ଅଜଣା ଉଡ଼ନ୍ତା ବସ୍ତୁ (ୟୁଏଫ୍ଓ) ଚିହ୍ନଟ ହେବା ପରେ ରବିବାର ସେଠାରେ ଥିବା ବିମାନବନ୍ଦରକୁ ସାମୟିକ ଭାବେ ବନ୍ଦ କରିଦିଆଯାଇଛି। ଇମ୍ଫାଲ ବିମାନବନ୍ଦରର ରନ୍‌ୱେ ନିକଟରେ ରବିବାର ଅପରାହ୍ନ ୨ଟାରେ ୟୁଏଫ୍ଓ ଦେଖାଯାଇଥିଲା। ତୁରନ୍ତ ସମସ୍ତ ଉଡ଼ାଣକୁ ବନ୍ଦ ରଖାଯିବା ସହ ଦୁଇଟି ବିମାନକୁ ଅନ୍ୟତ୍ର ଅବତରଣ ଲାଗି ପଠାଯାଇଥିଲା ଓ ୩ଟି ଉଡ଼ାଣକୁ ବିଳମ୍ବିତ କରାଯାଇଥିଲା।





ଅକ୍ଟୋବର ୭ରୁ ହମାସ୍ ଆତଙ୍କବାଦୀ ପଣବନ୍ଦୀ ରଖିଥିବା ୨୩୬ ଜଣଙ୍କୁ ଫେରାଇ ଆଣିବା ପାଇଁ ଇସ୍ରାଏଲ୍‌ରେ ଦାବି ହେଉଛି। ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତ୍ୟାନ୍ୟାହୁ ଏନେଇ ପଦକ୍ଷେପ ନେବାକୁ ଚାପ ପକାଇବା ସକାଶେ ଜେରୁଜେଲମ୍‌ରେ ଗଣବିକ୍ଷୋଭ।

# ୪ ଟ୍ରିଲିୟନ୍ ଡଲାର ଅର୍ଥନୀତି: ଜାଲ୍ ରିପୋର୍ଟ ଭାଇରାଲ

**ନୂଆଦିଲ୍ଲୀ,୧୯।୧୧**

୨୦୨୭ ସୁଦ୍ଧା ଭାରତର ଅର୍ଥନୀତିକୁ ୫ ଟ୍ରିଲିୟନ୍ ଆମେରିକୀୟ ଡଲାରରେ ପହଞ୍ଚାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲକ୍ଷ୍ୟ ରଖିଥିବାବେଳେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ୪ ଟ୍ରିଲିୟନ୍ ଡଲାର ଅତିକ୍ରମ କରିଥିବା ନେଇ କେତେକ ତଥ୍ୟ ଆଧାରରେ ପ୍ରସ୍ତୁତ ରିପୋର୍ଟ ରବିବାର ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଏହା ସତ ହୋଇଥିଲେ ଭାରତର ବିକାଶ ଯାତ୍ରା ଉଚିତ ମାର୍ଗରେ ରହିଛି ବୋଲି କୁହାଯାଇପାରିବ। ଭାଜପା ଏହା ଉପରେ ଏକ ସ୍କିନ୍‌ଶଟ୍ ଶେୟାର କରିଥିବାବେଳେ ସରକାରଙ୍କ ପକ୍ଷରୁ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇ ନାହିଁ। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ଦ୍ୱାରା ସଂଗୃହୀତ ତଥ୍ୟକୁ ଭିତ୍ତିକରି ବିଶ୍ୱର ଅର୍ଥବ୍ୟସ୍ଥାଗୁଡ଼ିକର ଲାଇଭ୍ ଜିଡିପି ଟ୍ରାକର୍ କୁହାଯାଉଥିବା ଉକ୍ତ ସ୍କ୍ରିନଶଟ୍‌କୁ ଅନେକ ଭାଜପା ନେତା ଶେୟାର କରିଛନ୍ତି। ଶିଳ୍ପପତି ଗୌତମ ଆଦାନୀଙ୍କଠାରୁ ନେଇ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍, ୨ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏବଂ ଜି. କିଷନ ରେଡ୍ଡୀଙ୍କ ପର୍ଯ୍ୟନ୍ତ ଏହାକୁ ଏକ୍ସ'ରେ ପୋଷ୍ଟ କରିଛନ୍ତି। ସେମାନେ ଭାରତର ବୈଶ୍ୱିକ ଉପସ୍ଥିତି ଓ ସଫଳତା ଲାଗି ମୋଦିଙ୍କୁ ପ୍ରଶଂସା କରିଛନ୍ତି। ଆଦାନୀ ନିଜ ପୋଷ୍ଟରେ ଲେଖିଛନ୍ତି, ଭାରତକୁ ଅଭିନନ୍ଦନ। ବୈଶ୍ୱିକ ଜିଡିପିରେ ଜାପାନ ୪.୪. ଟ୍ରିଲିୟନ୍, ଓ ଜର୍ମାନୀ ୪.୩ ଟ୍ରିଲିୟନ୍ ଡଲାର ଥିବାବେଳେ ଦୁଇଦେଶକୁ ଟପି ଭାରତ ତୃତୀୟ ବୃହତ୍ ଅର୍ଥନୀତିରେ ପରିଣତ ହେବା ପାଇଁ ଆଉ ୨ ବର୍ଷ ରହିଲା। ତେବେ ଏହା ଉପରେ ଆଇଏମ୍ଏଫ୍ କିମ୍ବା ସରକାରଙ୍କ କୌଣସି ପ୍ରତିକ୍ରିୟା ଆସିନାହିଁ। ଅର୍ଥ ମନ୍ତ୍ରଣାଳୟ କିମ୍ବା ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ମଧ୍ୟ ଭାଇରାଲ ପୋଷ୍ଟକୁ ନେଇ କିଛି କହିନାହିଁ। ଏହା ଏକ ଫେକ୍ ପୋଷ୍ଟ ବୋଲି ସୂତ୍ରରୁ ଜଣାପଡ଼ିଛି।




ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ଏକ୍ସ'ରେ ପୋଷ୍ଟ କରିଥିବା ସ୍କ୍ରିନ୍‌ଶଟ୍।

## 'ଧୁମ୍' ନିର୍ଦ୍ଦେଶକ ସଞ୍ଜୟ ଗାଧ୍‌ଭିଙ୍କ ପରଲୋକ

**ମୁମ୍ବାଇ,୧୯।୧୧(ପି.ଟି.):** ହିନ୍ଦୀ ଚଳଚ୍ଚିତ୍ର 'ଧୁମ୍'ର ନିର୍ଦ୍ଦେଶକ ସଞ୍ଜୟ ଗାଧ୍‌ଭିଙ୍କର ରବିବାର ସକାଳେ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୫୬ ବର୍ଷ ହୋଇଥିଲା। ୫୭ତମ ଜନ୍ମଦିନ ପାଳିବାକୁ ଆଉ ୩ ଦିନ ବାକି ଥିବାବେଳେ ହୃଦ୍‌ଘାତରେ ସେ ଆଖି ବୁଜିଥିବା କୁହାଯାଉଛି।



ୟଶରାଜ ଫିଲ୍ମସ୍‌ର ଦୁଇଟି ବ୍ଲକ୍‌ବଷ୍ଟର ଫିଲ୍ମ ଧୁମ୍(୨୦୦୪) ଏବଂ ଧୁମ୍-୨ (୨୦୦୬)ରେ ନିର୍ଦ୍ଦେଶନା ଦେଇ ସେ ବିଶେଷ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ଥିଲା ବୋଲି ଝିଅ ସଞ୍ଜିନା କହିଛନ୍ତି। ତାଙ୍କ ଅକାଳ ମୃତ୍ୟୁରେ ଚଳଚ୍ଚିତ୍ର ଜଗତରେ ଶୋକର ଛାୟା ଖେଳିଯାଇଛି। ସଞ୍ଜୟ ୨୦୦୦ରେ 'ତେରେ ଲିୟେ' ଚଳଚ୍ଚିତ୍ରରେ ପ୍ରଥମ ନିର୍ଦ୍ଦେଶନା ଦେଇଥିଲେ। ୨୦୦୨ରେ ୟଶ ରାଜ ଫିଲ୍ମସ୍‌ରେ ତାଙ୍କର ପ୍ରଥମ ପ୍ରୋଜେକ୍ଟ ଥିଲା 'ମେରେ ୟାର କୀ ଶାଦି ହୈ'। ତେବେ ତୃତୀୟ ଫିଲ୍ମ ଧୁମ୍‌ରେ ନିର୍ଦ୍ଦେଶନା ତାଙ୍କର ଲୋକପ୍ରିୟତା ବଢ଼ାଇଥିଲା।

# ୮ ଦିନ ପରେ ବି ଉଦ୍ଧାର ଆଗଉନି

- ଦ୍ରୁତ ଉଦ୍ଧାର ଲାଗି ସବୁ ଉଦ୍ୟମ ଚାଲିଛି: ଗଡ଼କରୀ
- ସ୍ୱାସ୍ଥ୍ୟ ସଙ୍କଟରେ ଫସିଥିବା ଶ୍ରମିକ
- ମଲ୍ଟିଭିଟାମିନ୍, ଆଣ୍ଟିଡିପ୍ରେସାଣ୍ଟ ପଠାଗଲା

**ଉତ୍ତରକାଶୀ/ଡେରାଡୁନ୍,୧୯।୧୧**

ଉତ୍ତରାଖଣ୍ଡର ଉତ୍ତରକାଶୀରେ ଭୁଶୁଡ଼ିଥିବା ସିଲ୍‌କ୍ୟାରା ସୁଡ଼ଙ୍ଗ ତଳେ ୫ ଓଡ଼ିଆଙ୍କ ସମେତ ୪୧ ଶ୍ରମିକ ୮ ଦିନ ହେଲା ଫସିରହିଥିବାବେଳେ ଉଦ୍ଧାର କାର୍ଯ୍ୟରେ କୌଣସି ଅଗ୍ରଗତି ହୋଇପାରି ନାହିଁ। ଆମେରିକାରୁ ଅଣାଯାଇଥିବା ବିଶାଳ ଡ୍ରିଲିଂ ମେଶିନରେ ଭୂସମାନ୍ତରାଳ ଭାବେ ଖନନ କରାଯାଉଥିବାବେଳେ ତାହା ଆଉ କାମ କରୁନାହିଁ। ସପ୍ତାହେ ପରେ ଇନ୍ଦୋରରୁ ଅନ୍ୟ ଏକ ମେଶିନ ଅଣାଯାଇଥିବାବେଳେ ଏବେ ପାହାଡ଼ ଉପରୁ ଭୂଲମ୍ବ ଦିଗରେ ଖନନ କରିବାକୁ ଯୋଜନା ହେଉଛି। ସେଥିପାଇଁ ସୀମାନ୍ତ ସଡ଼କ ନିର୍ମାଣକାରୀ ସଂସ୍ଥା ସେଠାକୁ ବିକଳ୍ପ ରାସ୍ତା ନିର୍ମାଣ କରୁଛି। ହେଲେ ଫସିଥିବା ଶ୍ରମିକଙ୍କ ଭାଗ୍ୟକୁ ନେଇ ଏପର୍ଯ୍ୟନ୍ତ କୌଣସି ନିଶ୍ଚିତ ପ୍ରତିଶ୍ରୁତି ମିଳିପାରୁ ନାହିଁ। ସବୁକିଛି ଭଗବାନଙ୍କ ଉପରେ ଛାଡ଼ିଦିଆଯାଇଥିବା ଇଞ୍ଜିନିୟର ତଥା ଡ୍ରିଲିଂ ମୁଖ୍ୟ ଆଦେଶ ଜୈନ କହିଛନ୍ତି।

ସେପଟେ ଶ୍ରମିକମାନଙ୍କଠାରେ କୋଷ୍ଠକାଠିନ୍ୟ, ମୁଣ୍ଡବ୍ୟଥା ଭଳି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବା ସହ ଭୟ ଓ ଆଶଙ୍କା ମଧ୍ୟରେ ସେମାନେ ବିଚଳିତ ହୋଇପଡ଼ିଲେଣି। ସେମାନଙ୍କ ପାଖକୁ ଖାଦ୍ୟ, ପାଣି, ଅକ୍ସିଜେନ୍ ପଠାଯାଉଥିଲେ ମଧ୍ୟ ତାହା ଯଥେଷ୍ଟ ନୁହେଁ। ଦୈନିକ ୩ ଥର ପୂରା ମିଲ୍ ସ୍ଥାନରେ ଶୁଖିଲା ଫଳ, ମୁଢ଼ି, ପପ୍‌କର୍ନ ସେମାନଙ୍କୁ ସୁସ୍ଥ ରଖିବା ପାଇଁ ଯଥେଷ୍ଟ ନୁହେଁ। ଦୀର୍ଘଦିନ ଏଭଳି ଶୁଖିଲା ଖାଦ୍ୟରେ ବଞ୍ଚିଥିବା ଶ୍ରମିକଙ୍କ ପାଇଁ ବିପଦ ସୃଷ୍ଟି ହୋଇଛି। ସୁଡ଼ଙ୍ଗ ଭିତରେ ପ୍ରଚୁର ସିଲିକା ରହିଥିବାରୁ ଶ୍ରମିକମାନଙ୍କୁ ତୁରନ୍ତ ଚିକିତ୍ସା କରା ନ ଗଲେ ସେମାନଙ୍କର ଗୁରୁତର ଶ୍ୱାସକ୍ରିୟାଜନିତ ସମସ୍ୟା ସୃଷ୍ଟି ହୋଇପାରେ ବୋଲି ଡେରାଡୁନ୍‌ର ଜଣେ ବରିଷ୍ଠ ଡାକ୍ତର ସତର୍କ କରାଇଛନ୍ତି। ସ୍ୱଳ୍ପ ଅକ୍ସିଜେନ୍ କାରଣରୁ କେତେଜଣ ଶ୍ରମିକ ସମସ୍ୟାର ସମ୍ମୁଖୀନ ହେବା ସହ ସେମାନଙ୍କର ପଲ୍ସ ରେଟ୍ ଓ ରକ୍ତଚାପ ପ୍ରଭାବିତ ହୋଇପାରେ ବୋଲି ଡାକ୍ତର କହିଛନ୍ତି। ଫସିଥିବା ଶ୍ରମିକଙ୍କ ମାନସିକ ସ୍ୱାସ୍ଥ୍ୟକୁ ନେଇ ଇଣ୍ଡିଆନ୍ ସାଇକିଆଟ୍ରିକ୍ ସୋସାଇଟି ଚିନ୍ତାବ୍ୟକ୍ତ କରିଛି। ଉଦ୍ଧାର ହେବା ପରେ ମଧ୍ୟ ସେମାନଙ୍କଠାରେ ଏସବୁ ଲକ୍ଷଣକୁ ଚିହ୍ନଟ କରି କାଉନସେଲିଂ କରିବାକୁ ହେବ ବୋଲି ସୋସାଇଟିର ଉପାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ରଥୀ କହିଛନ୍ତି।

ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିବା ପରେ ସରକାର ଶ୍ରମିକମାନଙ୍କ ପାଖକୁ ମଲ୍ଟିଭିଟାମିନ୍ ଏବଂ ଆଣ୍ଟିଡିପ୍ରେସାଣ୍ଟ ଔଷଧ ପଠାଇଥିବା ସଡ଼କ ପରିବହନ ଓ ରାଜପଥ ସଚିବ ଅନୁରାଗ ଜୈନ କହିଛନ୍ତି। ଟନେଲ ଭିତରେ ସୌଭାଗ୍ୟକୁ ବିଦ୍ୟୁତ୍ ରହିଥିବା ସେ କହିଛନ୍ତି। ସୁଡ଼ଙ୍ଗ ନିକଟରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ପହଞ୍ଚି ଉଦ୍ଧାର କାର୍ଯ୍ୟର ଅଗ୍ରଗତି ତଦାରଖ କରିଛନ୍ତି। ଫସିଥିବା ଶ୍ରମିକ ଓ ସେମାନଙ୍କ ପରିବାର ସଦସ୍ୟମାନଙ୍କ ମନୋବଳ ବୃଦ୍ଧି କରିବା ପ୍ରତ୍ୟେକଙ୍କର ମିଳିତ ଦାୟିତ୍ୱ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। ହିମାଳୟ ଅଞ୍ଚଳର ମାଟିର ସ୍ତର ସମାନ ନ ଥିବାରୁ ଉଦ୍ଧାର କାର୍ଯ୍ୟ ଚ୍ୟାଲେଞ୍ଜିଂ ହୋଇଛି। କେତେକ ସ୍ତରକୁ ଡ୍ରିଲିଂ କରିବା କଷ୍ଟକର ହୋଇପଡ଼ିଛି। ଆମେରିକା ନିର୍ମିତ ମେଶିନ୍ ଅଚଳ ହୋଇପଡ଼ିବା ପରେ ଏବେ ଅନ୍ୟ ଏକ ମେଶିନ ଆଣି ଭୂଲମ୍ବ ଦିଗରେ ଖନନ କରିବାକୁ ଯୋଜନା ହୋଇଛି। ଶ୍ରମିକମାନଙ୍କୁ ତୁରନ୍ତ ଉଦ୍ଧାର ପାଇଁ ସମସ୍ତ ସମ୍ଭାବ୍ୟ ପଦ୍ଧତି ଉପରେ ଉଦ୍ୟମ ଜାରି ରହିଛି ବୋଲି ଗଡ଼କରୀ କହିଛନ୍ତି। ଏକସଙ୍ଗେ ୬ଟି ବିକଳ୍ପକୁ ନେଇ ଉଦ୍ୟମ ଜାରି ରହିଛି। ଉଦ୍ଧାର କାର୍ଯ୍ୟ ଉପରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ତୀକ୍ଷ୍ଣ ନଜର ରଖିଛି। ଶ୍ରମିକଙ୍କୁ ଯଥାଶୀଘ୍ର ସମ୍ଭବ ବାହାର କରିବା ଆମର ପ୍ରାଥମିକତା ଏବଂ ଏଥିପାଇଁ ଯାହା ଆବଶ୍ୟକ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ତାଙ୍କ ସହ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ମଧ୍ୟ ଟନେଲ ନିକଟକୁ ଯାଇ କାର୍ଯ୍ୟ ତଦାରଖ କରିଥିଲେ। ଉଦ୍ଧାର କାର୍ଯ୍ୟକୁ ଆଉ ୪/୫ ଦିନ ଲାଗିବ ବୋଲି ଜଣେ ଅଧିକାରୀ କହିଛନ୍ତି। ପିଏମ୍ଓରୁ ଆସିଥିବା ଅଫିସର ଟିମ୍ ଓ ବିଶେଷଜ୍ଞମାନେ ଶ୍ରମିକଙ୍କ ଉଦ୍ଧାର ନେଇ ଏକସଙ୍ଗେ ୫ଟି ଯୋଜନା ଉପରେ କାର୍ଯ୍ୟ କରୁଥିବା ପ୍ରଧାନମନ୍ତ୍ରୀଙ୍କ ପୂର୍ବତନ ଉପଦେଷ୍ଟା ଭାସ୍କର ଖୁଲ୍‌ବେ କହିଛନ୍ତି।



ସୁଡ଼ଙ୍ଗ ନିକଟରେ ଉଦ୍ଧାର କାର୍ଯ୍ୟ ତଦାରଖ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ଓ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି।

### ସ୍ୱାମୀ ଉଦ୍ଧାର ନ ହେବା ଯାଏ ସ୍ଥାନ ଛାଡ଼ି ଯିବିନାହିଁ

**ସିଲ୍‌କ୍ୟାରା,୧୯।୧୧**

ଭୁଶୁଡ଼ିଥିବା ସୁଡ଼ଙ୍ଗ ମଧ୍ୟରୁ ତାଙ୍କ ସ୍ୱାମୀ ସୁରକ୍ଷିତ ଉଦ୍ଧାର ନ ହେବା ପର୍ଯ୍ୟନ୍ତ ସ୍ଥାନ ଛାଡ଼ି ଯିବେ ନାହିଁ ବୋଲି ଶନିବାର ବିହାରରୁ ଆସିଥିବା ରଜନୀ ଟୁଡୁ(୩୦) କହିଛନ୍ତି। ତାଙ୍କ ସ୍ୱାମୀ ବୀରେନ୍ଦର କିସ୍କୁ(୪୦) ୮ ଦିନ ହେଲା ସୁଡ଼ଙ୍ଗ ମଧ୍ୟରେ ଫସିରହିଛନ୍ତି। ଦୀପାବଳି ପୂର୍ବରୁ ରଜନୀ ତାଙ୍କ ସ୍ୱାମୀଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। ଦୀପାବଳିରେ ସ୍ୱାମୀଙ୍କ ଫୋନ୍ କଲ୍‌କୁ ରଜନୀ ଅପେକ୍ଷା କରିଥିବାବେଳେ ସେ ଅନ୍ୟ ଶ୍ରମିକମାନଙ୍କ ସହ ସୁଡ଼ଙ୍ଗ ମଧ୍ୟରେ ଫସିଯାଇଥିବା ଖବର ପାଇଥିଲେ। ସେବେଠାରୁ ରଜନୀ ଉତ୍ତରକାଶୀ ଯାଇ ସେଠାରେ ଅପେକ୍ଷା କରି ରହିଛନ୍ତି। ସ୍ୱାମୀ ଉଦ୍ଧାର ହେବା ପର୍ଯ୍ୟନ୍ତ ସେ ସେଠାରେ ରହିବେ ବୋଲି ଏକ ଗଣମାଧ୍ୟମକୁ କହିଛନ୍ତି।

## ମୋଦିଙ୍କ ରାଲି ପାଇଁ ଡ୍ୟୁଟିରେ ଯାଉଥିବା ୬ ପୋଲିସ ଦୁର୍ଘଟଣାରେ ମୃତ

**ଜୟପୁର,୧୯।୧୧:** ରାଜସ୍ଥାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ବାଚନୀ ରାଲି ପାଇଁ ଭିଆଇପି ସୁରକ୍ଷା ଡ୍ୟୁଟିରେ ଯାଉଥିବା ୬ ଜଣ ପୋଲିସ କର୍ମଚାରୀ ରବିବାର ସକାଳେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ରାଜସ୍ଥାନର ଚୁରୁ ଜିଲା ଅନ୍ତର୍ଗତ ୫୮ ନମ୍ବର ଜାତୀୟ ରାଜପଥରେ ସେମାନଙ୍କୁ ନେଇ ଯାଉଥିବା ଏସ୍‌ୟୁଭି ଏକ ଟ୍ରକ୍‌କୁ ଧକ୍କା ଦେଇଥିଲା। ୬ ଜଣ ଖିନ୍‌ସାର ଥାନାର ହୋଇଥିବାବେଳେ ଜଣେ ମହିଳା ଥାନାର ପୋଲିସ କର୍ମଚାରୀ ଥିଲେ। ଝୁନ୍‌ଝୁନୁଠାରେ ମୋଦିଙ୍କ ସଭା ସ୍ଥଳରେ ସେମାନଙ୍କୁ ସୁରକ୍ଷା ଦାୟିତ୍ୱ ଦିଆଯାଇଥିଲା। ଦୁର୍ଘଟଣାରେ ଏସ୍‌ୟୁଭିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗିଯିବାରୁ ପୋଲିସ କର୍ମଚାରୀ ତାହା ମଧ୍ୟରେ ଫସିରହିଥିଲେ।

## ତାମିଲନାଡୁ, କେରଳ ରାଜ୍ୟପାଳଙ୍କ ବିରୋଧରେ ଶୁଣାଣି ଆଜି

**ନୂଆଦିଲ୍ଲୀ, ୧୯।୧୧**

ବିଧାନସଭାରେ ଗୃହୀତ ବିଲ୍‌ଗୁଡ଼ିକୁ ଅନୁମୋଦନ ନ କରି ଦୀର୍ଘଦିନ ପକାଇ ରଖୁଥିବା ନେଇ ତାମିଲନାଡୁ ଓ କେରଳ ରାଜ୍ୟପାଳଙ୍କ ବିରୋଧରେ ଦାଏର ଦୁଇଟି ପିଟିଶନ୍‌ର ଶୁଣାରି ସୋମବାର କରିବାକୁ ସୁପ୍ରିମକୋର୍ଟ ସମୟ ଧାର୍ଯ୍ୟ କରିଛନ୍ତି। ଉଭୟ ରାଜ୍ୟ ପକ୍ଷରୁ ରାଜ୍ୟପାଳଙ୍କ ବିରୋଧରେ ପିଟିଶନ ଦାଏର ହୋଇଥିଲା। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ ଜେ.ବି. ପର୍‌ଡିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ପିଟିଶନଗୁଡ଼ିକର ଶୁଣାଣି କରିବେ। ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବି ୧୦ଟି ବିଲ୍‌କୁ ଫେରାଇ ଦେଇଥିବାବେଳେ ବିଧାନସଭାରେ ତାହା ଶନିବାର ପୁନର୍ବାର ଗୃହୀତ ହୋଇଥିଲା।

## ଯୁବତୀଙ୍କୁ ପୋଲିସର ବଳାତ୍କାର

**ଅନ୍‌ଲାଇନରେ ଅଶ୍ଳୀଳ ଭିଡିଓ ଛାଡ଼ିବାକୁ ଧମକ**

**ଆଗ୍ରା,୧୯।୧୧**

ଉତ୍ତରପ୍ରଦେଶ କାନପୁରରେ ଥିବା ପ୍ରାଦେଶିକ ସଶସ୍ତ୍ର ପୋଲିସ ବିଭାଗର ଜଣେ କନ୍‌ଷ୍ଟେବଲ ଆଗ୍ରାରେ ଜଣେ ୨୩ ବର୍ଷୀୟା ଯୁବତୀଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଗତ ୫ ତାରିଖରେ ଯୁବତୀଙ୍କ ନିର୍ବନ୍ଧ ହୋଇଥିଲା। ସେ ମ୍ୟାରେଜ୍ ହୋମ୍‌ର ବାକି ଟଙ୍କା ପୈଠ କରିବାକୁ ଗତ ଗୁରୁବାର ଯାଉଥିବାବେଳେ ବାଟରେ କନ୍‌ଷ୍ଟେବଲ ଯୋଗେଶ କୁମାର ତାଙ୍କୁ ଅଟକାଇ ମୋଟରସାଇକେଲ୍‌ରେ ନେଇଯିବାକୁ ପ୍ରବର୍ତ୍ତାଇଥିଲେ। ସେ ଯୁବତୀଙ୍କୁ ନେଇ ମ୍ୟାରେଜ୍ ହୋମ୍‌ରେ ପହଞ୍ଚିବା ପରେ ସେଠାରେ ଏକ ରୁମ୍‌କୁ ଡାକିନେଇ ବଳାତ୍କାର କରିଥିଲେ ବୋଲି ପୀଡ଼ିତା ଅଭିଯୋଗ କରିଛନ୍ତି। କନ୍‌ଷ୍ଟେବଲଙ୍କ ବିରୋଧରେ ପୋଲିସ ଆଇପିସିର ଦଫା ୩୭୬, ୩୨୩ ଏବଂ ୫୦୬ରେ ମାମଲା ରୁଜୁ କରିଛି। କନ୍‌ଷ୍ଟେବଲ ପୀଡ଼ିତାଙ୍କ ଅଶ୍ଳୀଳ ଭିଡିଓ ଉତ୍ତୋଳନ କରିବା ସହ ଏହାକୁ ସୋସିଆଲ ମିଡିଆରେ ଛାଡ଼ିବେ ବୋଲି ଧମକ ଦେଇଥିବା ଯୁବତୀ କହିଛନ୍ତି। ଏ ସମ୍ପର୍କରେ ପୋଲିସରେ ଜଣାଇଲେ ପରିବାରର କ୍ଷତି କରିବେ ବୋଲି ମଧ୍ୟ କନ୍‌ଷ୍ଟେବଲ ଧମକ ଦେଇଥିଲେ। ଅଭିଯୁକ୍ତ କନ୍‌ଷ୍ଟେବଲଙ୍କୁ ଗିରଫ କରାଯାଇ ଜେଲ ପଠାଇ ଦିଆଯାଇଛି।

## କୋଭିଡ୍ ଯୋଦ୍ଧାଙ୍କୁ ଇନ୍ଦିରା ଗାନ୍ଧୀ ଶାନ୍ତି ପୁରସ୍କାର

**ନୂଆଦିଲ୍ଲୀ,୧୯।୧୧(ପି.ଟି.)**

ଶାନ୍ତି, ନିରସ୍ତ୍ରୀକରଣ ଏବଂ ବିକାଶ ପାଇଁ ୨୦୨୨ର ଇନ୍ଦିରା ଗାନ୍ଧୀ ପୁରସ୍କାର ରବିବାର ମିଳିତ ଭାବେ ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ ଏବଂ ଭାରତର ତାଲିମ୍‌ପ୍ରାପ୍ତ ନର୍ସ ସଂଘକୁ ପ୍ରଦାନ କରାଯାଇଛି। ସେମାନେ ଦେଶର କୋଭିଡ୍ ଯୋଦ୍ଧାର ପ୍ରତିନିଧିତ୍ୱ କରିଛନ୍ତି। ପୂର୍ବତନ ଉପରାଷ୍ଟ୍ରପତି ଏମ୍ ହମିଦ୍ ଅନ୍‌ସାରୀ ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ୍‌ର ଅଧ୍ୟକ୍ଷ ଶରଦ କୁମାର ଅଗ୍ରୱାଲ ଏବଂ ଟ୍ରେନ୍‌ଡ ନର୍ସେସ୍ ଆସୋସିଏଶନ ଅଫ୍ ଇଣ୍ଡିଆର ଅଧ୍ୟକ୍ଷା ରୟ କେ. ଜର୍ଜଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ମହାମାରୀ ସମୟରେ ନିଃସ୍ୱାର୍ଥପର ତଥା ଉତ୍ସର୍ଗୀକୃତ ଭାବେ ସେବା କରିଥିବା ପ୍ରତ୍ୟେକ ଡାକ୍ତର, ନର୍ସ, ପାରାମେଡିକ୍ କର୍ମଚାରୀ ଓ କର୍ମୀମାନଙ୍କ ପାଇଁ ଏହି ପୁରସ୍କାର ଉଦ୍ଦିଷ୍ଟ ବୋଲି ଇନ୍ଦିରା ଗାନ୍ଧୀ ମେମୋରିଆଲ୍ ଟ୍ରଷ୍ଟର ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏହି ଅବସରରେ ଉଦ୍‌ବୋଧନ ଦେଇ କହିଛନ୍ତି। ବିଂଶ ଶତାବ୍ଦୀର ସବୁଠୁ ଉଲ୍ଲେଖନୀୟ ନେତ୍ରୀ ଇନ୍ଦିରାଙ୍କ ନାମରେ ଏହି ପୁରସ୍କାର ସ୍ଥାପନ କରାଯାଇଥିଲା। ମାନବୀୟ ସେବା ଏବଂ ପୃଥିବୀ ପାଇଁ ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରିଥିବା ମହିଳା, ପୁରୁଷ ଓ ଅନୁଷ୍ଠାନକୁ ସମ୍ମାନିତ କରିବା ଉକ୍ତ ପୁରସ୍କାରର ଲକ୍ଷ୍ୟ ବୋଲି ସୋନିଆ କହିଛନ୍ତି।



ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀରେ ନୂଆଦିଲ୍ଲୀର ଶକ୍ତିସ୍ଥଳସ୍ଥିତ ତାଙ୍କ ସମାଧିରେ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ।

## ପ୍ରାଣୀର ନିଷ୍ପତ୍ତି ଗ୍ରହଣକୁ ପ୍ରଭାବିତ କରେ କ୍ଷୁଧା

**ନୂଆଦିଲ୍ଲୀ,୧୯।୧୧(ପି.ଟି.)**

- କ୍ଷୁଧା ହର୍‌ମୋନ ମସ୍ତିଷ୍କର କ୍ରିୟାଶୀଳତାକୁ ସିଧା ପ୍ରଭାବିତ କରେ
- ମୂଷାଙ୍କ ଉପରେ ୟୁନିଭର୍ସିଟି କଲେଜ ଲଣ୍ଡନର ଗବେଷକଙ୍କ ଅଧ୍ୟୟନ

କ୍ଷୁଧା ପ୍ରାଣୀର ନିଷ୍ପତ୍ତି ଗ୍ରହଣ କରିବା ସାମର୍ଥ୍ୟକୁ ପ୍ରଭାବିତ କରିବା ସହ ସେମାନଙ୍କ ଆଚରଣରେ ପରିବର୍ତ୍ତନ ଆଣିଥାଏ। ମୂଷାମାନଙ୍କ ଉପରେ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଆନ୍ତଃଉତ୍ପାଦିତ କ୍ଷୁଧା ହର୍ମୋନ ପ୍ରାଣୀମାନଙ୍କ ନିଷ୍ପତ୍ତି ନେବା ପ୍ରକ୍ରିୟାକୁ ପ୍ରଭାବିତ କରିବା ସହ ଆଚରଣ ବଦଳାଇଥାଏ। କ୍ଷୁଧା ହରମୋନ କିପରି ରକ୍ତ-ମସ୍ତିଷ୍କ ପ୍ରତିବନ୍ଧକକୁ ଅତିକ୍ରମ କରି ବ୍ରେନ୍‌ର କ୍ରିୟାଶୀଳତାକୁ ସିଧାସଳଖ ପ୍ରଭାବିତ କରିପାରେ ଓ ବ୍ରେନ୍‌ର ସର୍କିଟ୍‌କୁ ନିୟନ୍ତ୍ରିତ କରେ, ତାହା ଗବେଷକମାନେ ଜାଣିବାକୁ ପାଇଛନ୍ତି। ମାନବ କ୍ଷେତ୍ରରେ ମଧ୍ୟ ଅନୁରୂପ ପରିବର୍ତ୍ତନ ଘଟିଥାଏ ବୋଲି ଗବେଷକ କହିଛନ୍ତି। ଏହି ଅଧ୍ୟୟନ ନିଉରନ୍ ପତ୍ରିକାରେ ପ୍ରକାଶ ପାଇଛି। ଗବେଷକମନେ ଖାଦ୍ୟ ସହ ମୂଷାମାନଙ୍କୁ ଏକ ଖୁଆଡ଼ ମଧ୍ୟରେ କିଛିଦିନ ପାଇଁ ରଖିଥିଲେ। ସେମାନଙ୍କ ପେଟ ଭର୍ତ୍ତି ଥିବାବେଳେ ଏବଂ କ୍ଷୁଧାରେ ଥିବାବେଳେ କିଭଳି ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି, ତାହା ଗବେଷକ ଅନୁଧ୍ୟାନ କରିଥିଲେ। ଅନ୍ୟ ମୂଷାମାନେ ଖାଦ୍ୟକୁ ଅନୁଧ୍ୟାନ କରିବାରେ ସମୟ ବିତାଉଥିବାବେଳେ କେବଳ କ୍ଷୁଧାରେ ଥିବା ମୂଷା ଖାଇବା ଆରମ୍ଭ କରୁଥିଲେ ବୋଲି ୟୁନିଭର୍ସିଟି କଲେଜ ଲଣ୍ଡନର ଗବେଷକ କହିଛନ୍ତି। ମୂଷାଙ୍କ ଭେଣ୍ଟ୍ରାଲ ହାଇପୋକ୍ୟାମ୍ପସ୍ ଯାହା ମସ୍ତିଷ୍କରେ ନିଷ୍ପତ୍ତି ନେବାରେ କାର୍ଯ୍ୟ କରିଥାଏ, ତାହାର କ୍ରିୟାଶୀଳତାକୁ ଅନୁଧ୍ୟାନ କରିବା ପାଇଁ ଗବେଷକମାନେ ବ୍ରେନ୍ ଇମେଜିଂର ଉପଯୋଗ କରିଥିଲେ।



# ଅର୍ଥନୀତି ଅଭିବୃଦ୍ଧିରେ ଷ୍ଟାର୍ଟଅପ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର,୧୯।୧୧ (ଅଭୟ ଦାଶ)**

ଦେଶର ଅର୍ଥନୀତି ଅଭିବୃଦ୍ଧିରେ ଷ୍ଟାର୍ଟଅପ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ଏପରିକି ଭାରତକୁ ବିଶ୍ୱର ୩ୟ ବୃହତ୍ତମ ଅର୍ଥନୀତିରେ ପରିଣତ କରିବାରେ ଷ୍ଟାର୍ଟଅପ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କେନ୍ଦ୍ର ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା (ସିଇଏ) ଭି.ଅନନ୍ତ ନାଗେଶ୍ୱରନ୍ କେରଳ ଷ୍ଟାର୍ଟଅପ୍ ମିଶନ୍ (କେଏସ୍‌ୟୁଏମ୍) ଦ୍ୱାରା ଆୟୋଜିତ ହଡଲ୍ ଗ୍ଲୋବାଲ୍ ୨୦୨୩ର ଶେଷ ଦିନରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏଭଳି କିଛି ମତ ଉପସ୍ଥାପନ କରିଛନ୍ତି। ଏପରିକି ନାଗେଶ୍ୱରନ୍ କହିଛନ୍ତି, କେରଳର ରାଜଧାନୀ ସମେତ ଟାୟାର୍-୨ ଏବଂ ୩ ସହର ଭିତ୍ତିଭୂମିରେ ଉନ୍ନତି ତଥା ସରକାରଙ୍କ ସମର୍ଥନ ନୀତି ଯୋଗୁ


ଭି.ଅନନ୍ତ ନାଗେଶ୍ୱରନ୍

ଦେଶରେ ଷ୍ଟାର୍ଟଅପ୍‌ମାନଙ୍କୁ ବୃଦ୍ଧି କରିବାରେ ଗେମ୍‌ଚେଞ୍ଜର ହୋଇପାରିଛି। ବିଶେଷକରି ଆସନ୍ତା କିଛି ବର୍ଷ ମଧ୍ୟରେ ଭାରତ ତୃତୀୟ ବୃହତ୍ତମ ଅର୍ଥନୀତି ହେବାରେ ସୁଯୋଗ ରଖିଥିବାବେଳେ ବର୍ତ୍ତମାନ ଭାରତ ୫ମ ବୃହତ୍ତମ ଅର୍ଥନୀତି ଅଟେ। ବାସ୍ତବରେ, ମୁଁ କହିବି ୭-ଇନ୍-୭ ହେଉଛି ଏକ ଗୁଜବ ସ୍ଲୋଗାନ, ଯାହା ସାତ ବର୍ଷରେ ୭ ଟ୍ରିଲିୟନ ଡଲାର ଅର୍ଥନୀତି ଅଟେ,୨୦୩୦ ସୁଦ୍ଧା ସାତ ଟ୍ରିଲିୟନ ଡଲାରର ଅର୍ଥନୀତି ସମ୍ଭବ, ଯଦି ଭାରତ ବର୍ତ୍ତମାନର ଅଭିବୃଦ୍ଧି ପଥ ବଜାୟ ରଖିବ ଏବଂ ସେହି ଯାତ୍ରା ଷ୍ଟାର୍ଟଅପ୍ ଉଦ୍ୟୋଗୀମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛନ୍ତି ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ସେ ମତ ରଖିଥିଲେ ଯେ ଶାରୀରିକ ତଥା ଡିଜିଟାଲ ଭିତ୍ତିଭୂମି ବିସ୍ତାରର ମୂଳଦୁଆ ଉପରେ ବ୍ୟବସାୟିକ ମଡେଲ ବିକାଶରେ ଭାରତରେ ଷ୍ଟାର୍ଟଅପମାନଙ୍କର ସକ୍ରିୟ ଅଂଶଗ୍ରହଣ ରହିଛି, ଦେଶ ପାଇଁ ଦକ୍ଷତା, ରାଜସ୍ୱ ଏବଂ ଅର୍ଥନୈତିକ ରିଟର୍ନ ସୃଷ୍ଟି କରିବ। ଗତ ଦଶନ୍ଧିରେ ଭାରତରେ ଷ୍ଟାର୍ଟଅପ୍ ଲ୍ୟାଣ୍ଡସ୍କେପରେ ଏକ ଅଭୂତପୂର୍ବ ପରିବର୍ତ୍ତନ ଦେଖିବାକୁ ମିଳିଛି, ଯାହା ବିଶ୍ୱସ୍ତରରେ ତୃତୀୟ ବୃହତ୍ତମ ଇକୋସିଷ୍ଟମ୍ ଭାବେ ଉଭା ହୋଇଛି ଏବଂ ୭୬୩ ଟି ଜିଲା ମଧ୍ୟରେ ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ବିଭାଗ ଦ୍ୱାରା ୧.୧୨ ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍ ସ୍ୱୀକୃତିପ୍ରାପ୍ତ ବୋଲି ସେ ମତପ୍ରକାଶ କରିଛନ୍ତି। ଏପରିକି ସେ କହିଛନ୍ତି, ସେମାନଙ୍କ ମଧ୍ୟରେ ୧୧୦ରୁ ଅଧିକ ୟୁନିକର୍ନ ରହିଛି, ଯାହାର ମୋଟ ମୂଲ୍ୟ ପ୍ରାୟ ୩୫୦ ବିଲିୟନ ଡଲାର ହୋଇଥିବାବେଳେ ନବସୃଜନ ସୂଚକରେ ଦେଶ ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ସେ କହିଛନ୍ତି, ଭାରତରେ ନବସୃଜନ କେବଳ କେତେକ କ୍ଷେତ୍ରରେ ସୀମିତ ନୁହେଁ, କାରଣ ଷ୍ଟାର୍ଟଅପ୍ ୫୬ଟି ଶିଳ୍ପ କ୍ଷେତ୍ରରେ ସମସ୍ୟାର ସମାଧାନ କରୁଥିଲା, ସେଥିମଧ୍ୟରୁ ୧୩% ଆଇଟି ସେବା, ୯% ସ୍ୱାସ୍ଥ୍ୟ ଏବଂ ଜୀବନ ବିଜ୍ଞାନ, ୭% ଶିକ୍ଷା ସମେତ କୃଷି,ଖାଦ୍ୟ ଏବଂ ପାନୀୟରୁ ୫% ରହିଛି।

## ଆଇପିଓ ଆଣିବ ଗାନ୍ଧାର ଅଏଲ୍ ରିଫାଇନେରି

**ଭୁବନେଶ୍ୱର,୧୯।୧୧**

ଗାନ୍ଧାର ଅଏଲ୍ ରିଫାଇନେରି (ଇଣ୍ଡିଆ) ଲିମିଟେଡ୍‌ର ଇନିସିଆଲ ପବ୍ଲିକ୍ ଅଫର (ଆଇପିଓ)ଚଳିତ ବର୍ଷ ନଭେମ୍ବର ୨୨ରେ ଖୋଲିବାକୁ ଥିବାବେଳେ ଉକ୍ତ ଅଫର ୨୦୨୩ ନଭେମ୍ବର ୨୪ରେ ବନ୍ଦ ହେବ। ବିଶେଷକରିଏହାର ଆଙ୍କର ନିବେଶକମାନେ ଅଫର ଖୋଲିବାର ଗୋଟିଏ ଦିନ ପୂର୍ବରୁ ବିଡ୍ ଦାଖଲ କରିପାରିବେ। ଏହି ଅଫର ଜରିଆରେ ଇକ୍ୱିଟି ଶେୟାରର ମୂଲ୍ୟ ୧୬୦ ଟଙ୍କାରୁ ୧୬୯ ଟଙ୍କା ମଧ୍ୟରେ ଧାର୍ଯ୍ୟ କରାଯାଇଛି। ସେହିଭଳି ସର୍ବନିମ୍ନ ୧୪,୮୭୨ଟି ଇକ୍ୱିଟି ଶେୟାର ପାଇଁ ବିଡ୍ ଦାଖଲ କରାଯାଇପାରିବ ଏବଂ ଏହା ପରେ ୮୮ଟି ଲେଖାଏଁ ଇକ୍ୱିଟି ଶେୟାର ଗୁଣିତକ ଭାବେ ଯୋଡ଼ାଯାଇପାରିବ। ଏହି ଅଫରରେ ୩୦୨କୋଟି ଟଙ୍କାର ନୂଆ ଇକ୍ୱିଟି ଶେୟାର ଜାରି କରାଯିବ ଏବଂ ଅଫର ଫର ସେଲ୍‌ରେ ଅଂଶଧନକାରୀମାନଙ୍କ ୧୧,୭୫୬,୯୧୦ ଇକ୍ୱିଟି ଶେୟାର ବିକ୍ରି କରାଯିବ।

## ସୋନାଲିକାର ଉଲ୍ଲେଖନୀୟ ଅଭିବୃଦ୍ଧି



**ଭୁବନେଶ୍ୱର,୧୯।୧୧**

ଭାରତର ଏକ ନମ୍ବର ଟ୍ରାକ୍ଟର ରପ୍ତାନିକାରୀ ବ୍ରାଣ୍ଡ୍ ସୋନାଲିକା ଟ୍ରାକ୍ଟର୍ସ ପ୍ରତ୍ୟେକ ଋତୁରେ ନିଜର ହେଭି-ଡ୍ୟୁଟି ଟ୍ରାକ୍ଟରଗୁଡିକ ସହିତ ଚାଷୀମାନଙ୍କ ସହ ପ୍ରଗତିଶୀଳ ଭାବେ ଆଗକୁ ବଢୁଛି। ଏପରିକି କମ୍ପାନୀ ଚଳିତ ଆର୍ଥିକ ବର୍ଷର ଅକ୍ଟୋବର ଶେଷ ସୁଦ୍ଧା (ଏପ୍ରିଲରୁ ଅକ୍ଟୋବର) ୧୫%ର ସର୍ବୋଚ୍ଚ ବଜାର ଅଂଶ ହାସଲ କରିଛି ଏବଂ ବଜାରରେ ଶୀର୍ଷ ଅଂଶଧନ ହାସଲକାରୀଙ୍କ ମଧ୍ୟରେ ଶ୍ରେଷ୍ଠ ସ୍ଥାନରେ ରହିଛି। ଏହି ଅସାଧାରଣ ସଫଳତାରେ ୨୦୨୩ ଅକ୍ଟୋବରରେ ୧୮,୦୦୨ଟି ଟ୍ରାକ୍ଟର ବିକ୍ରିର ଚମତ୍କାର ରେକର୍ଡ ମଧ୍ୟ ସାମିଲ ରହିଛି। ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତଲ କହିଛନ୍ତି, ଆମେ ଉଭୟ ଘରୋଇ ଓ ସାମଗ୍ରିକ ସ୍ତରରେ ଭଲ ସ୍ଥିତିରେ ରହିଛୁ, ଚଳିତ ବର୍ଷ ଏପ୍ରିଲରୁ ଅକ୍ଟୋବର ମଧ୍ୟରେ ସର୍ବୋଚ୍ଚ ୧୫%ର ମୋଟ ବଜାର ଅଂଶଧନ ହାସଲ କରି ବେଶ୍ ଉତ୍ସାହିତ ଅଛୁ। ବିଶେଷ କରି ଘରୋଇ ବିକ୍ରି କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଥିବା ଏକମାତ୍ର ବ୍ରାଣ୍ଡ୍‌ରେ ପରିଣତ ହୋଇଛୁ।

## ୨୨ରେ ଖୋଲିବ ଫେଡବ୍ୟାଙ୍କର ଆଇପିଓ

**ଭୁବନେଶ୍ୱର,୧୯।୧୧**

ଫେଡ୍ ବ୍ୟାଙ୍କ ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡ୍‌ର ଇନିସିଆଲ ପବ୍ଲିକ୍ ଅଫର (ଆଇପିଓ) ଚଳିତ ବର୍ଷ ନଭେମ୍ବର ୨୨ରେ ଖୋଲିବ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଏପରିକି ଉକ୍ତ ଅଫର ଜରିଆରେ ୬୦୦ କୋଟି ଟଙ୍କାର ନୂଆ ଇକ୍ୱିଟି ଶେୟାର ଜାରି କରାଯିବ ଏବଂ ଅଫର ଫର ସେଲ୍‌ରେ ଅଂଶଧନକାରୀମାନେ ବିକ୍ରି ଲାଗି ୩୫,୧୬୧,୭୨୩ ଇକ୍ୱିଟି ଶେୟାର ଉପଲବ୍ଧ କରାଇବେ। ସେହିଭଳି ଆଙ୍କର ନିବେଶକମାନେ ଅଫର ଖୋଲିବାର ଗୋଟିଏ ଦିନ ପୂର୍ବରୁ ୨୦୨୩ ନଭେମ୍ବର ୨୧ରେ ବିଡ୍ ଦାଖଲ କରିପାରିବେ। ଏହି ଅଫର ୨୦୨୩ ନଭେମ୍ବର ୨୨ରେ ଖୋଲିବ ଓ ୨୦୨୩ ନଭେମ୍ବର ୨୪ରେ ବନ୍ଦ ହେବ। ଏପରିକି ଉକ୍ତ ଅଫରରେ ଇକ୍ୱିଟି ଶେୟାରର ମୂଲ୍ୟ ୧୩୩ ଟଙ୍କାରୁ ୧୪୦ ଟଙ୍କା ମଧ୍ୟରେ ଧାର୍ଯ୍ୟ କରାଯାଇଥିବାବେଳେ ସର୍ବନିମ୍ନ ୧୦୭ଟି ଇକ୍ୱିଟି ଶେୟାର ପାଇଁ ବିଡ୍ ଦାଖଲ ହେବାକୁ ଥିବାବେଳେ ଏହା ପରେ ୧୦୭ଟି ଲେଖାଏଁ ଇକ୍ୱିଟି ଶେୟାର ଗୁଣିତକ ଭାବେ ଯୋଡ଼ାଯାଇପାରିବ। ବିଶେଷ କରି ଉକ୍ତ ଅଫରରେ କର୍ମଚାରୀମାନଙ୍କ ପାଇଁ ଇକ୍ୱିଟି ଶେୟାର ପିଛା ୧୦ଟଙ୍କା ରିହାତିରେ ୧୦ କୋଟି ଟଙ୍କା ପର୍ଯ୍ୟନ୍ତର ସଂରକ୍ଷଣ ବ୍ୟବସ୍ଥା ରହିଛି।

ଅପରପକ୍ଷରେ ଏହି ଇସ୍ୟୁରୁ ଯେଉଁ ପାଣ୍ଠି ସଂଗ୍ରହ ହେବ, ତାହାକୁ କମ୍ପାନିର ଭବିଷ୍ୟତ ପୁଞ୍ଜି ଆବଶ୍ୟକତା ପୂରଣ କରିବା ଲାଗି ଟାୟାର-୧ ପୁଞ୍ଜି ଆଧାରରେ ଉନ୍ନତି ଆଣିବା ଲାଗି ବ୍ୟବହାର କରାଯିବ। ଏପରିକି ତାହାର କିଛି ଅଂଶକୁ ଅଫର ବ୍ୟୟ ବହନ କରିବା ଲାଗି ମଧ୍ୟ ବ୍ୟବହାର କରାଯିବ। ସହିଭଳି ଅଫର ଫର ସେଲ୍‌ରେ ଫେଡବ୍ୟାଙ୍କ ଲିମିଟେଡ୍ ୫,୪୭୪,୬୭୦ଇକ୍ୱିଟି ଶେୟାର ଏବଂ ଟ୍ରୁ ନର୍ଥ ଫଣ୍ଡ୍ ଚତୁର୍ଥ ଏଲ୍ଏଲ୍‌ପି ୨୯,୬୮୭,୦୫୩ ଇକ୍ୱିଟି ଶେୟାର ବିକ୍ରି କରିବେ।

ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡର ନିୟମ ଅନୁସାରେ ଉକ୍ତ ଅଫରର ୫୦% ପର୍ଯ୍ୟନ୍ତ ଇକ୍ୱିଟି ଶେୟାର ସମାନୁପାତିକ ଭିତ୍ତିରେ ଯୋଗ୍ୟ ସଂସ୍ଥାଗତ ନିବେଶକ (କ୍ୟୁଆଇବି)ମାନଙ୍କ ଲାଗି ରହିବ।

## ବଜାରରେ ହୋଣ୍ଡା ମୋଟରସାଇକେଲର ନୂଆ ସିବି ୩୫୦

**ଭୁବନେଶ୍ୱର,୧୯।୧୧**



ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ (ଏଚ୍ଏମ୍ଏସ୍ଆଇ)ଲିମିଟେଡର ବହୁ ପ୍ରତୀକ୍ଷିତ ତଥା ନୂତନ ମଡେଲ ଅଲ୍ ନ୍ୟୁ ରେଟ୍ରୋ କ୍ଲାସିକ ସିବି୩୫୦କୁ ନିକଟରେ ଉନ୍ମୋଚନ କରାଯାଇଛି। ଏ ସମ୍ପର୍କରେ ଏଚ୍ଏମ୍ଏସ୍ଆଇର ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ସୁତ୍ସୁମୁ ଓଟାନି କହିଛନ୍ତି, ଅଲ ନ୍ୟୁ ସିବି୩୫୦ର ଉନ୍ମୋଚନ ସହିତ ମଧ୍ୟମ ଆକାରର ୩୫୦ସିସି ମୋଟରସାଇକେଲ ବର୍ଗକୁ ସମ୍ପ୍ରସାରଣ କରିଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ହୋଣ୍ଡାର ସିବି ଡିଏନ୍ଏର ସମୃଦ୍ଧ ପରମ୍ପରାକୁ ଗର୍ବର ସହିତ ଏହା ଆଗକୁ ବଢ଼ାଇଛି ଏବଂ ଏହା ଗ୍ରାହକମାନଙ୍କୁ ଗାଡ଼ିଚାଳନାର ଖୁସି ପ୍ରଦାନ କରିବ। ସେହିଭଳି ଏଚ୍ଏମ୍ଏସ୍ଆଇର ସେଲ୍ସ ଆଣ୍ଡ୍ ମାର୍କେଟିଂ ନିର୍ଦ୍ଦେଶକ ଯୋଗେଶ ମାଥୁର କହିଛନ୍ତି, ସମ୍ପୂର୍ଣ୍ଣ ନୂଆ ସିବି୩୫୦ର ଉନ୍ମୋଚନ ଆମର ସମୃଦ୍ଧ ପ୍ରିମିୟମ ମୋଟରସାଇକେଲ ବ୍ୟବସାୟ କ୍ଷେତ୍ରରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହୋଇଥିବାବେଳେ ଉନ୍ମୋଚନ ପରଠାରୁ ଏହା ହୋଣ୍ଡାର ମଧ୍ୟମ ଓଜନର ୩୫୦ସିସି ମୋଟରସାଇକେଲ୍ ବିଭିନ୍ନ ବଜାରରେ ଗ୍ରାହକମାନଙ୍କୁ ଉଲ୍ଲସିତ କରିଛି।

ଉଲ୍ଲେଖଯୋଗ୍ୟ, ହୋଣ୍ଡାର ନୂଆ ସିବି ୩୫୦ରେ ସମ୍ପୂର୍ଣ୍ଣ ଏଲ୍ଇଡି ଲାଇଟ୍ ବ୍ୟବସ୍ଥା, ରେଟ୍ରୋ ଲୁକ୍, ମେଟାଲ୍ ଫେଣ୍ଡର, ଡିଜିଟାଲ ଆନାଲଗ ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର, ଆସିଷ୍ଟ ଆଣ୍ଡ୍ ସ୍ଲିପର କ୍ଲଚ୍, ହୋଣ୍ଡା ସିଲେକ୍ଟେବଲ୍ ଟର୍କ କଂଟ୍ରୋଲ, ଏମର୍ଜେନ୍ସି ଷ୍ଟପ ସିଗ୍ନାଲ, ଟେଲିସ୍କୋପିକ୍ ସାମ୍ନା ଫର୍କ, ନାଇଟ୍ରୋଜେନ ଚାର୍ଜଡ୍ ପଛ ସସ୍‌ପେନ୍‌ସନ, ଡିସ୍ ବ୍ରେକ୍, ଡୁଆଲ ଚ୍ୟାନେଲ୍ ଏବିଏସ୍, ୩୪୮.୩୬ ସିସି ଏୟାର କୁଲଡ୍, ୪ ଷ୍ଟ୍ରୋକ୍ ସିଙ୍ଗିଲ ସିଲିଣ୍ଡର ବିଏସ୍-୬ ଓବିଡି୨ ନିୟମ ପାଳନ କରୁଥିବା ପିଏମ୍‌ଜି-ଏଫ୍ଆଇ ଇଞ୍ଜିନ ସାମିଲ ରହିଛି। ଏପରିକି ୫ଟି ଆକର୍ଷଣୀୟ ରଙ୍ଗ (କଲର) ପ୍ରିସିୟସ୍ ରେଡ୍ ମେଟାଲିକ୍,ପର୍ଲ ଇଗ୍ନିଅସ ବ୍ଲାକ୍, ମ୍ୟାଟ୍ କ୍ରଷ୍ଟ ମେଟାଲିକ୍, ମ୍ୟାଟ ମାର୍ସଲ ଗ୍ରୀନ ମେଟାଲିକ ଓ ମ୍ୟାଟ୍ ଡ୍ୟୁନ ବ୍ରାଉନ ରଙ୍ଗରେ ଉକ୍ତ ମଡେଲ ଉପଲବ୍ଧ।

## ସୋନିର ନୂତନ ଉତ୍ପାଦ ଉନ୍ମୋଚିତ

**ଭୁବନେଶ୍ୱର,୧୯।୧୧**

ସୋନି ଇଣ୍ଡିଆର ନୂତନ ଉତ୍ପାଦ ତଥା ଆଲ୍‌ଫା ୭ ସିରିଜର ଦୁଇଟି ନୂଆ କ୍ୟାମେରାକୁ ନିକଟରେ ଉନ୍ମୋଚନ କରାଯାଇଛି। ବିଶେଷକରି ଆଲ୍‌ଫା ୭ ସିରିଜର 'ଆଲ୍‌ଫା ୭ସି୨ ଓ ଆଲ୍‌ଫା ୭ସିଆର୍'ମଡେଲ ସାମିଲ ରହିଛି। ଯେଉଁଥିରେ କମ୍ପାକ୍ଟ ଫୁଲ୍ ଫ୍ରେମ୍ ଇଣ୍ଟରଚେଞ୍ଜିଏବୁଲ ଲେନ୍ସ କ୍ୟାମେରା ଉପଲବ୍ଧ। ଏପରିକି ଆଲ୍‌ଫା ୭ସି୨ରେ ଏକ୍ସମର ଆର ସିଏମ୍‌ଓଏସ୍ ସେନ୍ସର ଓ ବିଆଇଓଏନ୍‌ଜେଡ୍ ଏକ୍ସଆର୍ ଇମେଜ୍ ପ୍ରୋସେସିଂ ଇଞ୍ଜିନ ଆଦି ସାମିଲ ରହିଛି, ଯାହା ସ୍ଥିର ଚିତ୍ରଠାରୁ ଆରମ୍ଭକରି ସିନେମା ଆଦିକୁ ଶୁଟ୍ କରିବାରେ ସହାୟକ ହେବ। ବିଶେଷକରି ଏହାର ବ୍ୟବହାରକାରୀମାନେ ଭ୍ରମଣ ଓ ଦୈନନ୍ଦିନ ଫଟୋ ଉଠାଇବା ବେଳେ ଉଚ୍ଚ ଗୁଣ ମାନର ଫଟୋ ପାଇପାରିବେ। ଏପରିକି ଏହା ୨୨% ହାଲୁକା ହୋଇଥିବା ବେଳେ ୪୫% କମ୍ ଭାଲ୍ୟୁ ରହିଛି। ଏଥିରେ ଅତ୍ୟଧିକ ସମ୍ବେଦନଶୀଳ ଓ କୋଳାହଳ ମୁକ୍ତ ଶୁଟିଂ କରି ହେବ। ସେହିଭଳି ଆଲ୍‌ଫା ୭ସିଆର୍ ମଡେଲରେ ଏକ୍ସମ୍ ଆର ସିଏମ୍‌ଓଏସ୍ ସେନ୍ସର ଓ ବିଆଇଓଏନ୍‌ଜେଡ୍ ଏକ୍ସଆର୍ ଇମେଜ୍ ପ୍ରୋସେସିଂ ଇଞ୍ଜିନ ରହିଛି, ଯାହା ଏଚ୍‌ଡି ଫଟୋ ଉଠାଇବାରେ ସହାୟକ ହେବ। ବିଶେଷକରି ଏହା ୨୯% ହାଲୁକା ହୋଇଥିବା ବେଳେ ୫୩% କମ୍ ଭଲ୍ୟୁମର ସୁବିଧା ସହିତ ପିକ୍ସେଲ୍ ସିଫ୍‌ଟ ମଲ୍‌ଟି ଶୁଟିଂ ସୁବିଧା ରହିଛି, ଯାହା ଏକାଧିକ ଫଟୋ ଉଠାଇହେବ ଓ ତାହାକୁ ପିସିରେ ନେଇ ଗୋଟିଏ ଫଟୋ ତିଆରି କରାଯାଇପାରିବ। ଉଭୟ କ୍ୟାମେରା ଆକାରରେ ଛୋଟ ହୋଇଥିବା ବେଳେ ଯେକୌଣସି ସ୍ଥାନକୁ ସହଜରେ ନେଇହେବ। ଉଭୟ କ୍ୟାମେରାରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଶକ୍ତି ଥିବା ପ୍ରୋସେସିଂ ୟୁନିଟ୍ ରହିଥିବାରୁ ପ୍ରତିଟି ବିଷୟକୁ ଏହା ଭଲ ଭାବେ ଚିହ୍ନଟ କରିପାରିବ। ବିଶେଷକରି ଚଢ଼େଇ, କିଟ, କାର, ଟ୍ରେନ ଓ ବିମାନକୁ ସହଜରେ ଚିହ୍ନଟ କରାଯାଇପରିବ। ଏଥିରେ ଅତି ଉନ୍ନତ ଓ ଚମତ୍କାର ଭିଡିଓ ଉତ୍ତୋଳନ କରି ହେବ।

ଫୁର୍‌ସତ୍



## ପୁଣି ହୃଦୟ ଜିତିଲେ ଶାହରୁଖ

**ଅହମ୍ମଦାବାଦ:** ବିଶ୍ୱକପ ୨୦୨୩ର ଫାଇନାଲ ମ୍ୟାଚ ଦେଖିବାକୁ ବଲିଉଡର ଅନେକ ତାରକା ରବିବାର ଅହମ୍ମଦାବାଦରେ ପହଞ୍ଚିଥିଲେ। ଦୀପିକା ପାଦୁକୋନ, ଭଉଣୀ ଅନିଶା ଏବଂ ପିତା ପ୍ରକାଶ ପାଦୁକୋନ ରଣବୀର ସିଂଙ୍କ ସହ ମ୍ୟାଚ ଦେଖି ଷ୍ଟାଡିୟମରେ ଟିମ୍ ଇଣ୍ଡିଆକୁ ଚିୟର କରିଥିଲେ। ଶାହାରୁଖ ଖାନ୍ ମଧ୍ୟ ତାଙ୍କ ପରିବାର ସହିତ ଟିମ୍ ଇଣ୍ଡିଆକୁ ସମର୍ଥନ କରିବାକୁ ଆସିଥିଲେ। ଏହି ସମୟରେ ଶାହାରୁଖ ଆଶା ଭୋସ୍‌ଲେଙ୍କ ସହ ଷ୍ଟାଡିୟମ୍‌ରେ ବସିଥିବାର ନଜର ଆସିଥିଲେ। ଏବେ କିଙ୍ଗ୍ ଖାନ୍‌ଙ୍କ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହାକୁ ଦେଖି ପ୍ରଶଂସକମାନେ ତାଙ୍କ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ଭାଇରାଲ ଭିଡିଓରେ ଅଭିନେତା ଗାୟକଙ୍କୁ ସାହାଯ୍ୟ କରୁଥିବା ନଜର ଆସିଛନ୍ତି, ଯେଉଁଥିରେ ସେ ଗାୟିକାଙ୍କ ଅଇଁଠା କପ୍ ଉଠାଇଥିଲେ। ଏହା ଦେଖି ପ୍ରଶଂସକମାନେ ତାଙ୍କୁ ପ୍ରଶଂସା କରିଛନ୍ତି। ଜଣେ ୟୁଜର୍ସ ଲେଖିଛନ୍ତି,ଗୋଟିଏ ମାତ୍ର ହୃଦୟ ଆଉ କେତେଥର ଜିତିବ। ଅନ୍ୟ ଜଣେ ୟୁଜର୍ସ କହିଛନ୍ତି, ଏହା ହିଁ ତାଙ୍କୁ ଆଜି ଏହି ସ୍ଥାନରେ ପହଞ୍ଚାଇଛି।

# ଶିଶୁଙ୍କ ଅଧିକାର ନେଇ ସଚେତନତା

**ଅ**ନ୍ତର୍ଜାତୀୟ ସ୍ତରରେ ଶିଶୁଙ୍କ ବିକାଶ ଏବଂ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ନଭେମ୍ବର ୨୦ରେ ଅନ୍ତର୍ଜାତୀୟ ଶିଶୁ ଦିବସ ପାଳନ କରାଯାଇଥାଏ। ୧୯୨୫ରେ ଶିଶୁ କଲ୍ୟାଣ ଉପରେ ଅନୁଷ୍ଠିତ ହୋଇଥିବା ବିଶ୍ୱ ସମ୍ମିଳନୀରେ ଜେନେଭାରେ ଅନ୍ତର୍ଜାତୀୟ ଶିଶୁ ଦିବସ ପାଳନ ସମ୍ପର୍କରେ ପ୍ରଥମେ ଘୋଷଣା କରାଯାଇଥିଲା। ୪ ନଭେମ୍ବର ୧୯୪୯ରେ, ମସ୍କୋରେ ମହିଳା ଅନ୍ତର୍ଜାତୀୟ ଡେମୋକ୍ରାଟିକ ଫେଡେରେଶନ ଦ୍ୱାରା ଶିଶୁ ସୁରକ୍ଷା ପାଇଁ ଅନ୍ତର୍ଜାତୀୟ ଦିବସ ଭାବରେ ୧ ଜୁନ୍‌କୁ ପାଳନ କରାଯିବାକୁ ଘୋଷଣା କରାଯାଇଥିଲା। ୧୯୫୦ ପରଠାରୁ, ଏହା ଅଧିକାଂଶ ଦେଶରେ ୧ ଜୁନ୍‌ରେ



ପାଳନ କରାଯାଉଥିଲା। ତେବେ ମିଳିତ ଜାତିସଂଘ ସାଧାରଣ ସଭା ଦ୍ୱାରା ୨୦ ନଭେମ୍ବରରେ ଏହି ଦିବସ ପାଳନ କରିବାକୁ ୧୯୫୯ରେ ଘୋଷଣା କରାଯାଇଥିଲା। ଏହା ପୂର୍ବରୁ ୧୮୫୭ରେ ଶିଶୁ ଦିବସ ଜୁନ୍ ମାସର ଦ୍ୱିତୀୟ ରବିବାର ଦିନ

## ଅନ୍ତର୍ଜାତୀୟ ଶିଶୁ ଦିବସ

ମାସାଚୁସେଟ୍ସର ଚେଲ୍ସରେ ଥିବା ରେଡମିୟର ୟୁନିଭର୍ସାଲିଷ୍ଟ ଚର୍ଚ୍ଚର ପାଷ୍ଟର ରେଭରେଣ୍ଡ ଡକ୍ଟର ଚାର୍ଲସ ଲିଓନାର୍ଡଙ୍କ ଦ୍ୱାରା ଶିଶୁ ଦିବସ ଆରମ୍ଭ ହୋଇଥିଲା। ଲିଓନାର୍ଡ ଏହି ଦିନକୁ ରୋଜ୍ ଡେ ନାମରେ ନାମିତ କରିଥିଲେ। ଏହି ଦିବସ ପାଳନ ଅବସରରେ ବିଶ୍ୱସ୍ତରରେ ବିଭିନ୍ନ ରାଷ୍ଟ୍ରର ଶିଶୁଙ୍କ ମଧ୍ୟରେ ପାରସ୍ପରିକ ଭାବର ଆଦାନ ପ୍ରଦାନ ଏବଂ ବୁଝାମଣାକୁ ପ୍ରୋତ୍ସାହିତ କରାଯାଇଥାଏ।

## ଟପ୍ ୨୦ରେ ଭାରତର ଶ୍ୱେତା

**ନୂଆଦିଲ୍ଲୀ**

ଏଲ୍ ସଲଭାଡୋର୍‌ର ସାନ୍ ସଲଭାଡୋରସ୍ଥିତ ଜୋସେ ଆଡୋଲ୍‌ଫୋ ପିନେଡା ଏରେନାରେ ଶନିବାର ରାତିରେ ଆୟୋଜିତ ମିସ୍ ୟୁନିଭର୍ସ ପିଜେଣ୍ଟର ୭୨ତମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତରୁ ପ୍ରତିନିଧିତ୍ୱ କରିଥିବା ଶ୍ୱେତା ଶାରଦା ସେମି ଫଇନାଲ ପର୍ଯ୍ୟନ୍ତ ଉନ୍ନିତ ହୋଇ ସୁଇମ୍‌ସୁଟ୍ କମ୍ପିଟିଶନ୍‌ର ଟପ୍ ୨୦ ଫାଇନାଲିଷ୍ଟଙ୍କ ମଧ୍ୟରେ ରହିଥିଲେ। କିନ୍ତୁ ସେ ଟପ୍ ୧୦ ତାଲିକାରେ ନିଜକୁ ସାମିଲ କରିବାରେ ବିଫଳ ହୋଇଛନ୍ତି। ୨୨ ବର୍ଷୀୟା ମଡେଲ ତଥା ଡ୍ୟାନ୍ସର ଶ୍ୱେତା ସୁଇମ୍‌ସୁଟ୍ ପର୍ଯ୍ୟାୟରେ ଏକ ବୋଲ୍ଡ ମେଟାଲିକ୍ ସୁଇମ୍‌ସୁଟ୍ ସହ ଆକର୍ଷଣୀୟ ନେକ୍‌ଲେସ୍ ପରିଧାନ କରିଥିଲେ। ତେବେ ତାହା ବିଚାରକମାନଙ୍କୁ ପ୍ରଭାବିତ କରିପାରି ନ ଥିଲା। ମିସ୍ ୟୁନିଭର୍ସ ପିଜେଣ୍ଟର ନ୍ୟାଶନାଲ କଷ୍ଟ୍ୟୁମ୍ ଶୋ'ରେ ଶ୍ୱେତା 'ଆର୍ମୋର୍ଡ ଗଡେସ୍' ନାମକ କ୍ରାଉନ୍ ପିନ୍ଧିଥିଲେ। ସେଥିରେ ଏକ ସୁନାର ଶୁଆ ସହ ଭାରତର ଜାତୀୟ ପକ୍ଷୀ ମୟୂର ଡିଜାଇନ୍ କରାଯାଇଥିଲା। ଏହା ଜରିଆରେ ସେ ଭାରତୀୟ ସଂସ୍କୃତି ଓ ଐତିହ୍ୟ ପ୍ରଦର୍ଶନ ପାଇଁ ଯଥାସାଧ୍ୟ ଉଦ୍ୟମ କରିଥିଲେ। ୨୦୦୦ ମେ' ୨୪ରେ ଚଣ୍ଡିଗଡ଼ରେ ଜନ୍ମିତ ଶ୍ୱେତାଙ୍କୁ ତା'ଙ୍କ ମା' ଲାଳନପାଳନ କରିଥିଲେ। ୧୬ ବର୍ଷ ବୟସରେ ମଡେଲିଂରେ କ୍ୟାରିୟର ଗଢ଼ିବା ପାଇଁ ସେ ମୁମ୍ବାଇ ଚାଲିଯାଇଥିଲେ। ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟରୁ ସେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଡ୍ୟାନ୍ସ ଇଣ୍ଡିଆ ଡ୍ୟାନ୍ସ, ଡ୍ୟାନ୍ସ ଦିୱାନେ ଓ ଡ୍ୟାନ୍ସ ପ୍ଲସ୍ ଭଳି ଅନେକ ରିଅଲିଟି ଶୋ'ରେ ନିଜ ଟ୍ୟାଲେଣ୍ଟ ଦେଖାଇପାରିଥିବା ଶ୍ୱେତା ଝଲକ୍ ଦିଖିଲା ଜା'ରେ କୋରିଓଗ୍ରାଫି ମଧ୍ୟ କରିଥିଲେ। ପ୍ରକାଶ ଯେ, ୧୯୯୪ରେ ସୁସ୍ମିତା ସେନ, ୨୦୦୦ରେ ଲାରା ଦତ୍ତା ଓ ୨୦୨୨ରେ ହରନାଜ ସାନ୍ଧୁ ମିସ୍ ୟୁନିଭର୍ସ ମୁକୁଟ ପିନ୍ଧି ଭାରତ ପାଇଁ ଗୌରବ ଆଣିଦେଇଥିଲେ।

**ମିସ୍ ୟୁନିଭର୍ସ ୨୦୨୩**



## ଭଉଣୀ ଭାଇଙ୍କ ମଧ୍ୟରେ ବିବାହ ଚାହୁଁ ନାହାନ୍ତି ପାକିସ୍ତାନୀ ଯୁବବର୍ଗ

**ଇସଲାମାବାଦ**

ସମାନ ଗୋତ୍ର ଏବଂ ପରିବାର ମଧ୍ୟରେ ବିବାହ ପ୍ରଥା ହିନ୍ଦୁ ଧର୍ମରେ ନାହିଁ। ପାକିସ୍ତାନରେ ସେପରି କୌଣସି ପରମ୍ପରା ନାହିଁ କିମ୍ବା ସାମାଜିକ ବିଶ୍ୱାସ ନାହିଁ। ସେଠାରେ ଚାଚା, ମାମୁ କିମ୍ବା ପିଉସୀ ଝିଅ ଭଉଣୀଙ୍କୁ ବିବାହ କରିବାକୁ ଅନୁମତି ଦିଆଯାଇଛି। ଏହି କାରଣରୁ ପାକିସ୍ତାନର କେତେକ ସହରରେ ଘନିଷ୍ଠ ସମ୍ପର୍କୀୟଙ୍କ ସହ ବିବାହ ଏକ ପରମ୍ପରା ଭାବରେ ଦେଖାଯାଏ। ବର୍ତ୍ତମାନ ଏହି ପ୍ରଥା କମିବାରେ ଲାଗିଛି। ବ୍ରିଟେନର ବ୍ରାଡଫୋର୍ଡରେ କରାଯାଇଥିବା ଏକ ଗବେଷଣା ଅନୁଯାୟୀ ଗତ ୧୦ ବର୍ଷ ମଧ୍ୟରେ ମୁସଲମାନ ସମ୍ପର୍କୀୟଙ୍କ ମଧ୍ୟରେ ବିବାହ ସଂଖ୍ୟା ଦ୍ରୁତ ହ୍ରାସ ପାଇଛି। ବିବିସି ରିପୋର୍ଟ ଅନୁଯାୟୀ, ଉଚ୍ଚଶିକ୍ଷା, ସହରରେ ବସବାସ କରୁଥିବା ନୂତନ ପରିବାର ଏବଂ ଇମିଗ୍ରେଶନ ନିୟମରେ ପରିବର୍ତ୍ତନ ଏହି ହ୍ରାସର କାରଣ ବୋଲି ବିବେଚନା କରାଯାଏ।

**ODISHA STATE MEDICAL CORPORATION LTD.**
(A Govt. of Odisha Undertaking)
(Assuring Quality, Saving Lives)
Phone No.: (0674) 2380660, 2380950
Website: www.osmcl.nic.in, Email: admn.osmcl@nic.in
No.OSMC/2023-24/SER-FIN/01 Date: 20.11.2023

**NOTICE INVITING PROPOSAL FOR ENGAGEMENT OF INTERNAL AUDITOR**

No.CAD-2922:- Sealed proposals are invited from eligible Chartered Accountant Firms for engagement of 'Internal Auditors' of Odisha Medical Corporation Ltd., Bhubaneswar. The RFP document with all information relating to the tender process such as Eligibility Criteria, Terms & Conditions etc. are available on the www.oscml.nic.in which may be downloaded for reference. The RFP should reach the office of the undersigned through registered post / speed post/ courier only by 3.00 P.M. of 11.12.2023 and the same will be opened at 4.00 P.M. on 12.12.2023. The undersigned reserves the right to reject any or all the RFPs without assigning any reason thereof.

Sd./- Managing Director
OIPR-10112/11/0033/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତ ଆସୁଥିବା ଜାହାଜକୁ ଅପହରଣ

## ଲୋହିତ ସାଗରରେ ହୌଥି ବିଦ୍ରୋହୀଙ୍କ କାଣ୍ଡ



**ଜେରୁଜେଲମ୍,୧୯।୧୧**

ଭାରତ ଆସୁଥିବା ଏକ ପଣ୍ୟବାହୀ ଜାହାଜକୁ ୟେମେନ୍‌ର ହୌଥି ବିଦ୍ରୋହୀମାନେ ରବିବାର ଲୋହିତ ସାଗରର ଶିପିଂ ରୁଟ୍‌ରୁ ଅପହରଣ କରିନେଇଛନ୍ତି। ଇସ୍ରାଏଲ୍ ଲିଙ୍କ୍ ଥିବା ଏହି ଜାହାଜରେ ୨୫ ଜଣ କର୍ମଚାରୀ ଥିଲେ। ତାଙ୍କୁ ହୌଥି ଆତଙ୍କବାଦୀମାନେ ପଣବନ୍ଦୀ ରଖିଥିବାରୁ ଆଞ୍ଚଳିକ ଉତ୍ତେଜନା ବଢ଼ିବା ଆଶଙ୍କା ପ୍ରକାଶ ପାଇଛି। ଇସ୍ରାଏଲ୍‌ରେ ଗାଜାରେ ଆକ୍ରମଣ ବନ୍ଦ ନ କଲେ ଏହାର ଜାହାଜଗୁଡ଼ିକୁ ଅପହରଣ କରାଯିବ ବୋଲି ହୌଥି ଧମକ ଦେଇଥିଲା। ଭାରତ ଆସୁଥିବା ଜାହାଜର ଇସ୍ରାଏଲ୍ ସହ ସମ୍ପର୍କ ଥିବାରୁ ତାହାକୁ ହାଇଜାକ୍ କରାଯାଇଛି। ହମାସ୍ ବିରୋଧରେ ଯୁଦ୍ଧ ବନ୍ଦ ନ ହେବା ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ଜଳରାଶିରେ ଇସ୍ରାଏଲ୍ ମାଲିକାନାରେ ଥିବା କିମ୍ବା ଏହି ଦେଶ ସହ ସମ୍ପୃକ୍ତ ଜାହାଜଗୁଡ଼ିକୁ ଅପହରଣ ଜାରି ରହିବ ବୋଲି ଇରାନ ସମର୍ଥିତ ହୌଥି ବିଦ୍ରୋହୀ କହିଛନ୍ତି।

ବାହାମାସ୍ ପତାକା ଲାଗିଥିବା ଗାଲାକ୍ସି ଲିଡର ଜାହାଜ ତୁର୍କୀରୁ ଭାରତ ଆସୁଥିଲା। ଜାହାଜର ମାଲିକାନା ବ୍ରିଟେନର ଥିବାବେଳେ ଜାପାନ ଏହାର ଅପରେଟ୍ କରୁଥିଲା ବୋଲି ଜଣେ ଇସ୍ରାଏଲୀ ଅଧିକାରୀ କହିଛନ୍ତି। ଇସ୍ରାଏଲ୍‌ର ଜଣେ ବିଲିୟନେୟାରଙ୍କର ଉକ୍ତ ଜାହାଜ ସହ ସମ୍ବନ୍ଧ ରହିଛି। ତେବେ ଏଥିରେ ଥିବା କର୍ମଚାରୀମାନେ ବୁଲ୍‌ଗେରିଆ, ଫିଲିପିନୋ, ମେକ୍ସିକୋ ଏବଂ ୟୁକ୍ରେନ୍‌ର ନାଗରିକ। ଜାହାଜରେ ଇସ୍ରାଏଲ୍‌ର କେହି ନ ଥିଲେ। ଏହା ସତ୍ତ୍ୱେ ହୌଥିମାନେ ଜାହାଜକୁ ଅପହରଣ କରିନେଇ କର୍ମଚାରୀମାନଙ୍କୁ ପଣବନ୍ଦୀ ରଖିବା ଘଟଣାକୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ନିନ୍ଦା କରିଛି। ଏହା ଇରାନୀୟ ଆତଙ୍କବାଦୀ କାର୍ଯ୍ୟ ବୋଲି ଇସ୍ରାଏଲ୍ କହିଛି। ସାରା ବିଶ୍ୱ ପାଇଁ ଏକ ଏକ ଭୟଙ୍କର ଘଟଣା ବୋଲି ଇସ୍ରାଏଲ୍ ସେନା କହିଛି।

# ହସ୍ପିଟାଲରୁ ୩୦ ଶିଶୁଙ୍କୁ ସ୍ଥାନାନ୍ତର

**ଖାନ୍ ୟୁନିସ୍,୧୯।୧୧**

ଗାଜାର ମୁଖ୍ୟ ହସ୍ପିଟାଲରୁ ଅନ୍ୟୂନ ୩୦ ଜଣ ସମୟ ପୂର୍ବରୁ ଜନ୍ମିତ ଶିଶୁଙ୍କୁ ରବିବାର ଖାଲି କରାଯାଇଛି। ସେମାନଙ୍କୁ ଇଜିପ୍ଟର ଏକ ହସ୍ପିଟାଲକୁ ପଠାଯିବ ବୋଲି ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ହସ୍ପିଟାଲ ପରିସରରେ ଇସ୍ରାଏଲୀ ସେନା ପ୍ରବେଶ କରିବା ପରେ ସେଠାରେ ବହୁସଂଖ୍ୟାରେ ଗୁରୁତର ଆହତ ରୋଗୀ ଅଟକି ରହିଛନ୍ତି। ଶିଫା ହସ୍ପିଟାଲରେ ନବଜାତ ଶିଶୁମାନଙ୍କୁ ଅତି ଦୟନୀୟ ସ୍ଥିତିରେ ରଖାଯାଇଥିବାର ଫଟୋ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା। ବିଦ୍ୟୁତ୍ ଯୋଗାଣ ବନ୍ଦ ଯୋଗୁ ସେଠାରେ ଇନ୍‌କ୍ୟୁବେଟର ଅଚଳ ଥିବାରୁ ଶିଶୁମାନଙ୍କୁ କପଡ଼ା ଓ ଜରି ଗୁଡ଼ାଇ ପାଖାପାଖି ଶୁଆଇ ଦିଆଯାଇଥିଲା। ଶନିବାରଠାରୁ ଶିଫା ହସ୍ପିଟାଲରୁ ହଜାର ହଜାର ରୋଗୀ, ଡାକ୍ତରୀ କର୍ମଚାରୀ ଓ ସେଠାରେ ଆଶ୍ରୟ ନେଇଥିବା ଲୋକେ ପଳାଇଗଲେଣି। ତେବେ ଗୁରୁତର ଅବସ୍ଥାରେ ୩୨ ଶିଶୁଙ୍କ ସମେତ ୨୯୧ ଜଣ ରୋଗୀ ଏବେବି ସେଠାରେ ରହିଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ଏକ ଟିମ୍ କହିଛି। ଉକ୍ତ ରୋଗୀମାନେ ବାହାରିଯିବା ସ୍ଥିତିରେ ନାହାନ୍ତି।

# ‘ନେତାନ୍ୟାହୁଙ୍କୁ ହତ୍ୟା କରିବା ଉଚିତ’


କଂଗ୍ରେସ ଏମ୍‌ପି ରାଜମୋହନ ଉନ୍ନିଥାନ।

**କସରଗଗୋଡ୍,୧୯।୧୧**

ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଜଣେ ଯୁଦ୍ଧ ଅପରାଧୀ। ଗାଜା ଷ୍ଟ୍ରିପ୍‌ରେ ସେ ପାଲେଷ୍ଟିନୀୟଙ୍କୁ ହତ୍ୟା କରୁଛନ୍ତି। ତେଣୁ ନେତାନ୍ୟାହୁଙ୍କୁ ଗୁଳିକରି ହତ୍ୟା କରାଯିବା ଉଚିତ ବୋଲି କେରଳର ବରିଷ୍ଠ କଂଗ୍ରେସ ନେତା ରାଜମୋହନ ଉନ୍ନିଥାନ କହିଛନ୍ତି। ତାଙ୍କ ଏହି ବିବାଦୀୟ ମନ୍ତବ୍ୟର ଭିଡିଓ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହେବାରେ ଲାଗିଛି। ଭାଜପା ଏହାକୁ ନିନ୍ଦା କରିଛି। ନିକଟରେ କସରଗଗୋଡ୍‌ର ଏକ ମସ୍‌ଜିଦରେ ପାଲେଷ୍ଟିନୀୟଙ୍କ ସମର୍ଥନରେ ଆୟୋଜିତ ଏକ ଏମ୍‌ପି ରାଜମୋହନ୍ କହିଥିଲେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ନୁରେମ୍‌ବର୍ଗ ଟ୍ରାଏଲ ହୋଇଥିଲା। ଯୁଦ୍ଧ ଅପରାଧୀମାନଙ୍କ ଉପରେ ଅନୁରୂପ କାର୍ଯ୍ୟାନୁଷ୍ଠାନ ପାଇଁ ବର୍ତ୍ତମାନ ଆଉ ଏକ ନୁରେମ୍‌ବର୍ଗ ଟ୍ରାଏଲ ଜରୁରୀ ହୋଇଗଲାଣି।

# ଗାଜା ହସ୍ପିଟାଲ ତଳେ ୫୫ ମିଟର ସୁଡ଼ଙ୍ଗ ଠାବ



**ଜେରୁଜେଲମ୍,୧୯।୧୧**

ଗାଜାର ସର୍ବବୃହତ୍ ହସ୍ପିଟାଲ ତଳେ ପାଲେଷ୍ଟିନୀୟମାନେ ଏକ ସୁଡ଼ଙ୍ଗ ଖୋଳିଥିବାର ଭିଡିଓ ଇସ୍ରାଏଲ୍ ରବିବାର ଜାରି କରିଛି। ୧୦ ମିଟର ଗଭୀରରେ ଥିବା ଏହି ଗୁପ୍ତ ଟନେଲ୍‌କୁ ଇସ୍ରାଏଲୀ ସୈନ୍ୟମାନେ ଠାବ କରିଛନ୍ତି। ଗାଜାରେ ଶତାଧିକ କିଲୋମିଟର ଗୁପ୍ତ ସୁଡ଼ଙ୍ଗ ଓ ବଙ୍କର ନେଟ୍‌ୱର୍କ ରହିଥିବା ଇସ୍ରାଏଲ୍ ଅଭିଯୋଗ କରିଆସୁଛି। ତେବେ ହସ୍ପିଟାଲ ତଳେ ସୁଡ଼ଙ୍ଗ ଅଭିଯୋଗକୁ ହମାସ୍ ଖଣ୍ଡନ କରିଥିଲା। ଗାଜା ସିଟିର ଅଲ୍ ଶିଫା ହସ୍ପିଟାଲରେ ଇସ୍ରାଏଲୀ ସୈନ୍ୟ ତଲାସି ଚଳାଇଥିବାବେଳେ ଉକ୍ତ ୫୫ ମିଟର ଟନେଲକୁ ଠାବ କରିଛନ୍ତି, ଯାହାର ଦ୍ୱାରକୁ ବିସ୍ଫୋରଣ ନିରୋଧୀ କରାଯାଇଛି। ଇସ୍ରାଏଲୀ ସୈନ୍ୟଙ୍କ ପ୍ରବେଶକୁ ରୋକିବା ପାଇଁ ହମାସ୍ ଆତଙ୍କବାଦୀମାନେ ଏଭଳି ଡୋର୍ ବ୍ୟବହାର କରିଛନ୍ତି। ଶିଫା ହସ୍ପିଟାଲ ଆତଙ୍କବାଦୀଙ୍କ କମାଣ୍ଡ ସେଣ୍ଟର ଥିଲା। ଏହା ଭିତରେ ସେମାନଙ୍କର ଅସ୍ତ୍ରଶସ୍ତ୍ର ମହଜୁଦ୍ ଥିବା କୁହାଯାଉଛି।

# ହିନ୍ଦୁଧର୍ମ ଯୋଗୁ ଏତେ ଆଗେଇଛି


ରିପବ୍ଲିକାନ୍ ଆଶାୟୀ ବିବେକ ରାମସ୍ୱାମୀ

**ୱାଶିଂଟନ୍,୧୯।୧୧**

ହିନ୍ଦୁଧର୍ମ ମୋତେ ସ୍ୱାଧୀନତା ଦେଇଥାଏ। ଏହି ଆସ୍ଥା ହିଁ ମୋତେ ହ୍ୱାଇଟ୍ ହାଉସ୍ ଦୌଡ଼ରେ ସାମିଲ ହେବା ପାଇଁ ଏତେ ବାଟକୁ ଆଣିଛି ବୋଲି ଆମେରିକା ରାଷ୍ଟ୍ରପତି ନିର୍ବାଚନ ପାଇଁ ରିପବ୍ଲିକାନ୍ ଆଶାୟୀ ବିବେକ ରାମସ୍ୱାମୀ କହିଛନ୍ତି। ୩୮ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ଏଣ୍ଟରପ୍ରିନ୍ୟୁର୍ ରାମସ୍ୱାମୀ ଶନିବାର ଆୟୋଜିତ ଦି ଫାମିଲି ଲିଡର ଫୋରମର ଏକ କାର୍ଯ୍ୟକ୍ରମରେ କହିଥିଲେ, ସେ ଜଣେ ହିନ୍ଦୁ। ଆମକୁ ଭଗବାନ ଏକ ଉଦ୍ଦେଶ୍ୟରେ ପଠାଇଛନ୍ତି। ଈଶ୍ୱର ସମସ୍ତଙ୍କ ଦେହରେ ଅଛନ୍ତି। ଆମେ ସମସ୍ତେ ସମାନ। ଏହି ଆସ୍ଥା ତାଙ୍କୁ ରାଷ୍ଟ୍ରପତି ନିର୍ବାଚନ ମଇଦାନକୁ ଆଣିଛି। ହିନ୍ଦୁଧର୍ମ ତାଙ୍କଠାରେ ମୂଲ୍ୟବୋଧ ଭରିଦେଇଛି। ୨୦୨୪ ନଭେମ୍ବରରେ ହେବାକୁ ଥିବା ଆମେରିକା ରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରାର୍ଥୀ ହେବା ନେଇ ରାମସ୍ୱାମୀ ଗତ ଫେବୃୟାରୀରେ ଘୋଷଣା କରିଥିଲେ।

# ସମ୍ରାଟଙ୍କ ସମାଧି ଖୋଳିବାକୁ ଭୟ

**ବେଜିଂ,୧୯।୧୧**

ଖ୍ରୀଷ୍ଟପୂର୍ବ ୨୨୧ରୁ ୨୧୦ ପର୍ଯ୍ୟନ୍ତ କିନ୍ ଶୁ ହୁଆଙ୍ଗ୍ ଚାଇନାକୁ ଶାସନ କରିଥିଲେ। ତାଙ୍କ ସମାଧିକୁ ସୈନ୍ୟ ଓ ଘୋଡ଼ା ସୁରକ୍ଷା ଦେଉଥିବା ଦୃଶ୍ୟର ଏକ ଟେରାକୋଟାକୁ ୧୯୭୪ରେ ଶାନ୍‌ଜି ପ୍ରଦେଶର ଚାଷୀମାନେ ପାଇଥିଲେ। ଦେଶର ଏହି ପ୍ରଥମ ସମ୍ରାଟଙ୍କ ସମାଧିକୁ ଖୋଲିବା ପାଇଁ ବର୍ତ୍ତମାନ ପ୍ରତ୍ନତତ୍ତ୍ୱବିତ୍‌ମାନେ ଭୟ କରୁଛନ୍ତି। ସମ୍ରାଟ ହୁଆଙ୍ଗଙ୍କ ୨,୨୦୦ ବର୍ଷ ତଳର ସମାଧିକୁ ଠାବ କରାଯାଇଥିଲେ ମଧ୍ୟ ତାକୁ ଆଜି ପର୍ଯ୍ୟନ୍ତ ଖୋଲାଯାଇ ନାହିଁ। ସମାଧିକୁ ଖୋଲିଲେ ଏହାର କ୍ଷତି ହେବ ବୋଲି ଆଇଏଫ୍‌ଏଲ୍ ସାଇନ୍ସ କହୁଛି। କିନ୍ତୁ ନ ଖୋଲିବାର ଏହା ଏକମାତ୍ର କାରଣ ନୁହେଁ। ଯିଏତ ତାକୁ ଖୋଲିବ ସିଏ ସେଥିରେ ଥିବା ଫାଶରେ ଛନ୍ଦି ହୋଇଯିବ ବୋଲି ଅଧିକାଂଶ ଲୋକଙ୍କ ଧାରଣା ରହିଛି। ସେହି ସମାଧିରେ ଥିବା ବହୁ ମୂଲ୍ୟବାନ କୋଷକୁ ସୁରକ୍ଷା ଦେବା ପାଇଁ ଏହି ଫାଶ ରହିଥିବା ପ୍ରତ୍ନତତ୍ତ୍ୱବିତ୍‌ମାନେ ମନେକରୁଛନ୍ତି। ଏହି ଭୟରେ ତାକୁ ଖୋଲାଯାଉନାହିଁ। ହଲିଉଡ୍ କାହାଣୀ ଭଳି ମନେହେଉଥିବା ଏହି କିମ୍ବଦନ୍ତୀ ସତ ବି ହୋଇଥାଇପାରେ। ଶି ହୁଆଙ୍ଗ୍ ହେଉଛନ୍ତି ପ୍ରସିଦ୍ଧ ‘ଗ୍ରେଟ୍ ୱାଲ୍ ଅଫ୍ ଚାଇନା’ର ନିର୍ମାତା। ଦେଶରେ ସେ ଏକ ବିସ୍ତୃତ ଜାତୀୟ ସଡ଼କ ଯୋଜନା କାର୍ଯ୍ୟକାରୀ କରାଇଥିଲେ। ସେ ଏକ ବିଶାଳ ପ୍ରସ୍ତର ସେନା ଗଢ଼ିଥିଲେ। ତାକୁ ଟେରାକୋଟା ଆର୍ମି କୁହାଯାଏ। ସେଥିରେ ୮,୦୦୦ ସୈନ୍ୟଙ୍କ ମୂର୍ତ୍ତି, ଅସଂଖ୍ୟ ଘୋଡ଼ା ଓ ରଥ ରହିଛି।


ଖ୍ରୀଷ୍ଟପୂର୍ବ ୨୨୧ରୁ ୨୧୦ ପର୍ଯ୍ୟନ୍ତ କିନ୍ ଶୁ ହୁଆଙ୍ଗ୍ ଚାଇନାକୁ ଶାସନ କରିଥିଲେ

# ଖବରଦାତା ସାଜଦ ଅହମଦ ଦର୍‌ଙ୍କ ଅଟକ ହାଇକୋର୍ଟରେ ଖାରଜ



**ଶ୍ରୀନଗର,୧୯।୧୧**

ସରକାରଙ୍କୁ ସମାଲୋଚନା ପାଇଁ ଜଣେ ସାମ୍ବାଦିକଙ୍କୁ ଅଟକ ରଖାଯିବା ଘଟଣାରେ ଜମ୍ମୁ-କଶ୍ମୀର ଓ ଲଦାଖ ହାଇକୋର୍ଟ କେନ୍ଦ୍ରଶାସିତ ଅଞ୍ଚଳ କର୍ତ୍ତୃପକ୍ଷଙ୍କୁ ନିନ୍ଦା କରିଛନ୍ତି। ପ୍ରତିକାର ଅଟକ ଆଇନର ଏହା ଉଲ୍ଲଂଘନ ବୋଲି ଉଚ୍ଚ ଅଦାଲତ କହିଛନ୍ତି। କଶ୍ମୀରର ଖବରଦାତା ସାଜଦ ଅହମଦ୍ ଦର ଓରଫ ସାଜଦ ଗୁଲ୍‌ଙ୍କ ଅଟକକୁ ଅଦାଲତ ଖାରଜ କରିଦେଇଛନ୍ତି। ଦର୍‌ଙ୍କ ମନ୍ତବ୍ୟ ଓ ଟୁଇଟ୍ ଶତ୍ରୁତା ବଢ଼ାଇବା ସହ ଆଇନ ଶୃଙ୍ଖଳା ସ୍ଥିତି ସୃଷ୍ଟି କରିବା ଅଭିଯୋଗରେ ତାଙ୍କୁ ୨୦୨୨ ଜାନୁୟାରୀ ୧୬ରୁ ଗିରଫ କରାଯାଇ ଜମ୍ମୁ-କଶ୍ମୀର ଜନ ନିରାପତ୍ତା ଆଇନ ବଳରେ ଅଟକ ରଖାଯାଇଥିଲା। ତେବେ ସେଭଳି କିଛି ଘଟିଥିବାର ପ୍ରମାଣ ନ ଥିବାରୁ ସରକାରଙ୍କ ଅଭିଯୋଗ ଅସ୍ପଷ୍ଟ ବୋଲି କହି ହାଇକୋର୍ଟ ଦର୍‌ଙ୍କୁ ତୁରନ୍ତ ମୁକ୍ତ କରିଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଉପକୂଳ ଉପରେ ଜଳବାୟୁ ପରିବର୍ତ୍ତନର କୋପ

**ନୂଆଦିଲ୍ଲୀ,୧୯।୧୧(ଆଇଏଏନ୍‌ଏସ୍)**

ଓଡ଼ିଶାର ବଙ୍ଗୋପସାଗର ଉପକୂଳ ଅଞ୍ଚଳ ଲଗାତର ଭାବେ ଜଳବାୟୁ ପରିବର୍ତ୍ତନର ଶିକାର ହୋଇଆସିଛି। ନିୟମିତ ବ୍ୟବଧାନରେ ସାମୁଦ୍ରିକ ଝଡ଼, ବଜ୍ରପାତ ଓ ଅନିୟମିତ ବ୍ୟବଧାନ ସାଙ୍ଗକୁ ଉପକୂଳ କ୍ଷୟ ଭଳି ବିପତ୍ତି ଏହି ଅଞ୍ଚଳବାସୀଙ୍କ ଦୁର୍ଦ୍ଦଶା ବୃଦ୍ଧିର କାରଣ ହୋଇଛି। ଏହାକୁ ଦୃଷ୍ଟିରେ ରଖି ୪୮୦ରୁ ଊର୍ଦ୍ଧ୍ୱ କି.ମି. ବିସ୍ତୃତ ଉପକୂଳ ଅଞ୍ଚଳର ସ୍ଥିତି ବିପଜ୍ଜନକ ବୋଲି ଓଡ଼ିଶା ଷ୍ଟେଟ୍ ଆକ୍ସନ ପ୍ଲାନ୍ ଅନ୍ କ୍ଲାଇମେଟ୍ ଚେଞ୍ଜ (ତୃତୀୟ ପର୍ଯ୍ୟାୟ)ରେ ଉଲ୍ଲେଖ କରାଯାଇଛି। ଏହି ଦସ୍ତାବିଜରେ ଓଡ଼ିଶା ଉପକୂଳ ପ୍ରତି ଝଡ଼ ଯୋଗୁ ବିପଦସଙ୍କୁଳ ବୋଲି ଦର୍ଶାଯାଇଛି। ଅନେକ ପ୍ରତିଷ୍ଠିତ ସରକାରୀ ତଥା ଘରୋଇ ସଂସ୍ଥା ମଧ୍ୟ ଅନୁରୂପ ଆଶଙ୍କା ବ୍ୟକ୍ତ କରିଛନ୍ତି। ଗଞ୍ଜାମ, ପୁରୀ, ଜଗତସିଂପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ଜିଲାକୁ ମୃତ୍ତିକା କ୍ଷୟର ସର୍ବାଧିକ ବିପଦ ରହିଥିବା ଏଥିରେ କୁଆଯାଇଛି। ପୁରୀ ଜିଲା ଉଦୟକାନିର ଶିବ ପ୍ରଧାନ କହିଛନ୍ତି, ୧୯୯୯ ମହାବାତ୍ୟା ପରଠୁ ଆମେ ଦୟନୀୟ ସ୍ଥିତିରେ ବଞ୍ଚୁଛୁ। ସମୁଦ୍ର ଜଳ ଗାଁକୁ ମାଡ଼ିଆସୁଥିବାରୁ ଆମେ ପ୍ରତିବର୍ଷ ଜମି ହରାଉଛୁ। ମୃତ୍ତିକା କ୍ଷୟ ଯୋଗୁ ଆମେ ଦୁଇଥର ବିସ୍ଥାପିତ ହୋଇସାରିଲୁଣି। ଆମ ଚାଷଜମିଗୁଡ଼ିକୁ ଲୁଣିପାଣି ମାଡ଼ିଯାଇଛି ଅଥବା ତାହା ଜଳମଗ୍ନ ହୋଇଯାଇଛି। ଫଳରେ ଆମେ ଦିନ ମଜୁରିଆ ଭାବେ ମୂଲ ଖଟିବାକୁ ବାଧ ହେଉଛୁ।


# Classified Everyday 0674-2580101, 2549949


REAL ESTATE

**SALE**

2 Gunth land sale prime area Banamali Prasad, Dhenkanal Town. Contact: 9658877226, 9861254667. D-73786

**Nakhara Trinath Bazar** ପାଖ **sqft.-950 to 2000/-** ଘରବାରି, **Electricity** ଥାଇ ତୁରନ୍ତ ଘରକରି ପାରିବେ, **9178704897.** D-75271

**Twincity** ମଧ୍ୟଭାଗରେ **Grand Bazar (Nakhara NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି **Plot** ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ - **9658562429.** D-75270

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot- 300/-. 7978663279. D-75268

ସୁନ୍ଦରପଦା, କୁହା **Petrol Pumpରୁ 800 mtr.** ଦୂରତାରେ **30ft. road,** ଘରବାରି ପ୍ଲଟ୍ ମିଳୁଅଛି। **7978676652.** D-75266

ପିପିଲିରୁ ଜଟଣୀରୋଡ୍‌ରେ ବର୍ଗଫୁଟକୁ- 850/- & 600/- ଘରବାଡ଼ି ପ୍ଲଟ୍ ୩୦ଟା ବିକ୍ରିହେବ- 9853150290. D-75267

ଭୁବନେଶ୍ୱର **KIIT University** ଜଗନ୍ନାଥମନ୍ଦିର ପାଖରେ **Boundary,** ଇଲେକ୍ଟ୍ରିସିଟିଥାଇ ପ୍ଲଟ୍‌ବିକ୍ରିହେବ-**9437205314, 9937513595.** D-75265

**Gated community residential gharabari boundary plot sale in Gudiapokhari near KEC College with 30ft. road, electricity. 9238902929, 8763887357.** D-75264

ଭୁବନେଶ୍ୱର ଉପକଣ୍ଠ ବାଲକାଟି, ମଞ୍ଜରୀଦେବୀ କଲେଜ, 100ft. ପିଚୁ ରାସ୍ତାକୁ ଲାଗି Commercial / residential ଘରବାରି Boundary ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ ବିକ୍ରିହେବ 9937335716. D-75262

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ **(General / SC) possession plot** ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। **9438315973 / 9938066403.** D-1655

ଭୁବନେଶ୍ୱର ତମାଣ୍ଡୋ **Hyundai Showroom** ପାଖରେ ଏବଂ ଯାଆଁଳା **Overbridge**ଠାରୁ **1 Km** ଦୂରରେ ସ୍ଥିତିବାନ **possession plot** ସୁଲଭ ମୂଲ୍ୟରେ ବିକ୍ରି ହେଉଛି। **Contact: 9777067303.** D-1656

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## AFFIDAVIT

By virtue of an affidavit before the Executive Magistrate, Bhubaneswar on 15.11.2023, I Priyanka Priyadrashni Chaudhury D/o Prahalad Kumar Chaudhury, resident of Village- Tikayatpur, PO- Bhimda, P.S.- Barsahi, Dist.- Mayurbhanj, declare that I have changed my name from Priyanka Priyadrashni Chaudhury to Priyanka Chaudhury. Henceforth I will be known as Priyanka Chaudhury for all purposes. D-75060

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**17th Death Anniversary**



**LATE PRAVIN PATTANAIK (BUBUL)**
DOB: 25.11.1986
DOD: 20.11.2006

*Fondly Remembered by Pravin Memorial Trust Malipada*
D-1829

**ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ବସନ୍ତ କୁମାରୀ ମହାନ୍ତି**
ସ୍ୱାମୀ- ସ୍ୱର୍ଗତ ନଟବର ମହାନ୍ତି
ବସନ୍ତ ନିବାସ, ଅରିଲୋ, କଟକ
ତିରୋଧାନ: ୨୬।୧୦।୨୦୦୯
ବୋଉ, ତୋତେ ହରାଇ ଆମେ ସର୍ବହରା। ତୋର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ତୋର ଆଦର୍ଶ, ଆଶୀର୍ବାଦ ଆମ ଜୀବନର ପାଥେୟ ହେଉ।
ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁପରିଜନ।
ଧ-୧୮୩୨

## ଦୀର୍ଘକାଳୀନ ରୋଗରୁ ମିଳିବ ଉପଶମ



**ଆ**ପଣ ଦୀର୍ଘକାଳୀନ ରୋଗରେ ପୀଡିତ କି? ଯଦି ହଁ, ତେବେ ଏଥିରୁ କେତେକାଂଶରେ ଉପଶମ ପାଇବାର ସହଜ ତଥା ସରଳ ଉପାୟ ରହିଛି। ଏଥିପାଇଁ ତ ନିଶ୍ଚୟ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଉଥିବେ। ଖାଦ୍ୟପେୟ ଦୈନନ୍ଦିନ ଜୀବନଶୈଳୀ ପ୍ରତି ଧ୍ୟାନ ଦେବାକୁ ପଡେ। ଏହାବ୍ୟତୀତ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନ୍ 'ସି'ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। କାରଣ ଏଥିରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ବିଶେଷଭାବରେ ଦୀର୍ଘକାଳୀନ ରୋଗ (କ୍ରୋନିକ୍ ଡିଜିଜ୍) ପାଇଁ ଏହା ଆଣ୍ଟି ଅକ୍ସିଡ଼ାଣ୍ଟ ଭଳି କାମ କରିଥାଏ ବୋଲି ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏପରି ସମସ୍ୟାର ସମ୍ମୁଖୀନ ହେଉଥିବା କେତେକ ବ୍ୟକ୍ତିଙ୍କୁ ଭିଟାମିନ୍ 'ସି'ଯୁକ୍ତ ଖାଦ୍ୟ ଖାଇବାକୁ ସେମାନେ ପରାମର୍ଶ ଦେଇଥିଲେ। ହୃତ୍‌ପିଣ୍ଡକୁ ମଧ୍ୟ ଏହା ସୁସ୍ଥ ରଖିବାରେ ସାହାଯ୍ୟ କରେ। ରକ୍ତରେ ୟୁରିକ୍ ଏସିଡ୍ ସ୍ତରକୁ ମଧ୍ୟ ସନ୍ତୁଳିତ ରଖେ। ଅମୃତଭଣ୍ଡା, ପିଜୁଳି, ବ୍ରକୋଲି, ଲିଚି, ଷ୍ଟ୍ରବେରୀ, କମଳା ଆଦିରେ ଭିଟାମିନ୍ 'ସି' ଭରି ରହିଛି।

## ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ..



**ଆ**ମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ରହିବା ନିହାତି ଦରକାର। ନ ହେଲେ ଆମେ ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ତେବେ ଯଦି ଆପଣ ନିୟମିତ କଲରା ଖାଉଛନ୍ତି ତେବେ ତାହା ରୋଗ ପ୍ରତିରୋଧକ ଶକ୍ତିକୁ କେତେକାଂଶରେ ବୃଦ୍ଧି କରିଥାଏ। ଏହାର ସ୍ୱାଦ ପିତା, ହେଲେ ଏହାକୁ ନିୟମିତ ଖାଇଲେ ତାହା ଆମ ସ୍ୱାସ୍ଥ୍ୟ ପାଇଁ ବରଦାନ ସଦୃଶ ହୋଇଥାଏ। ଏହାର ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ବାହାର ଜୀବାଣୁକୁ ଶରୀର ଭିତରକୁ ପ୍ରବେଶ କରିବାକୁ କେତେକାଂଶରେ ରୋକିଥାଏ। ଏଥିରେ ଭିଟାମିନ୍-ଏ ଥିବାରୁ ଏହା ଶରୀରରେ ଚର୍ମ ଗଠନରେ ସାହାଯ୍ୟ କରିଥାଏ। ପ୍ରତିଦିନ କଲରା ଖାଇବା ଆଖି ପାଇଁ ଉପକାରୀ। ମଧ୍ୟ ବିଶେଷ ଭାବରେ ଡାଇବେଟିସ୍ ସମସ୍ୟା ସହ ଜଡିତ ବ୍ୟକ୍ତି ଏହାକୁ ପ୍ରତିଦିନ ଖାଇବା ନିହାତି ଆବଶ୍ୟକ। ଇନ୍‌ସୁଲିନ୍ କ୍ଷରଣକୁ ସନ୍ତୁଳିତ ରଖି ରକ୍ତ ସଂଚାଳନକୁ ଏହା ମଧ୍ୟ ସକ୍ରିୟ କରାଇଥାଏ। କଲରାରେ କ୍ୟାଲୋରୀ, ଫ୍ୟାଟ୍ ଏବଂ କାର୍ବୋହାଇଡ୍ରେଟ୍ ରହିଛି, ଯାହା ଓଜନକୁ ସନ୍ତୁଳିତ ରଖେ। କ୍ଷତ ସ୍ଥାନକୁ ଶୀଘ୍ର ପୂରଣ କରିବା ସହ ରକ୍ତକୁ ପରିଷ୍କାର ରଖିଥାଏ। ଖାଦ୍ୟ ହଜମରେ ମଧ୍ୟ ସାହାଯ୍ୟ କରେ।

## ଫ୍ୟାଟ୍ ଜାତୀୟ ଖାଦ୍ୟ ବଢ଼ାଏ ଷ୍ଟ୍ରୋକ୍ ଆଶଙ୍କା



**ଆ**ମେ ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହେବା ପଛରେ ଅସନ୍ତୁଳିତ ଜୀବନଶୈଳୀର ମଧ୍ୟ ଭୂମିକା ରହିଛି। ଯଦି ଆପଣ ଅଧିକ ପରିମାଣର ଫ୍ୟାଟ୍‌ଜାତୀୟ ଖାଦ୍ୟ ଖାଉଛନ୍ତି ତେବେ ଭବିଷ୍ୟତରେ ମାରାତ୍ମକ ଷ୍ଟ୍ରୋକ୍ ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ସେମାନଙ୍କ ଦ୍ୱାରା ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଏକଥା ଜଣାପଡ଼ିଛି। ଆବଶ୍ୟକ ଫ୍ୟାଟ୍ ଥିବା ଖାଦ୍ୟ ଖାଇବା ଦ୍ୱାରା ଷ୍ଟ୍ରୋକ୍ ଭଳି ସ୍ୱାସ୍ଥ୍ୟ ସମସ୍ୟାକୁ ଆମେ କେତେକାଂଶରେ ନିୟନ୍ତ୍ରଣ କରିପାରିବା। ହେଲେ ଅଧିକ ମାଂସ କିମ୍ବା ନନ୍ ଡାଏଟେରି ଖାଦ୍ୟ ଶରୀରରେ ଚର୍ବି ବଢ଼ାଇବା ସହ ହୃତ୍‌ପିଣ୍ଡର କାର୍ଯ୍ୟକୁ ପ୍ରଭାବିତ କରିଥାଏ। ଏହାଦ୍ୱାରା ଉଚ୍ଚ ରକ୍ତଚାପ ପରି ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ମଧ୍ୟ ରହିଛି। ସବୁଜ ପନିପରିବା, କ୍ଷୀର, ମାଛ, ସୋୟାବିନ୍ ଆଦି ଖାଦ୍ୟ ଖାଇବା ଦ୍ୱାରା ଷ୍ଟ୍ରୋକ୍ ଆଶଙ୍କାକୁ କେତେକାଂଶରେ ଏଡାଇ ଦେଇ ହେବ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି।

# ପ୍ରଦୂଷଣ: କାରଣ, ନିରାକରଣ



ନିକୁଞ୍ଜ ବିହାରୀ ସାହୁ

"ସମୟ ବଦଳିବା ସହିତ ଏବେ ପୂଜା ପଦ୍ଧତିରେ ଅନେକ ପରିବର୍ତ୍ତନ ଘଟିଛି। ଆକର୍ଷଣୀୟ ପୂଜା ମଞ୍ଚ, ଉଜ୍ଜ୍ୱଳ ରଙ୍ଗରେ ରିତ ଦେବ ମୂର୍ତ୍ତି, ବର୍ଣ୍ଣାଢ଼୍ୟ ରୋଶଣି, ବିଳାସପୂର୍ଣ୍ଣ ମୂର୍ତ୍ତି ବିସର୍ଜନ, ଆଡମ୍ବରପୂର୍ଣ୍ଣ ଆତସବାଜି ପ୍ରଦର୍ଶନ ଏବଂ ଡାକବାଜି ଯନ୍ତ୍ରରେ ଉଚ୍ଚ ସ୍ୱରରେ ଆଧୁନିକ ଗୀତର ମୂର୍ଚ୍ଛନା ଇତ୍ୟାଦି ସତେଯେପରି ଏବେକାର ଫେଶନ ପାଲଟିଯାଇଛି। ଏସବୁ ଲୋକଙ୍କ ମନରେ ଭକ୍ତି ଭାବନା ଦୃଢ଼ୀଭୂତ କରୁଛି ସତ; ମାତ୍ର ଏହାଦ୍ୱାରା ପରିବେଶର ଅକଥନୀୟ କ୍ଷତି ଘଟୁଛି।"

**ପୂଜା ଓ ବିଶ୍ୱତାପନ :** ପୂଜା ମଞ୍ଚରେ ଅଧିକ ୱାଟ୍‌ର ଉଜ୍ଜ୍ୱଳ ଆଲୋକବତି ବ୍ୟବହାର କରିବା ଦ୍ୱାରା ବିଦ୍ୟୁତ୍ ଶକ୍ତିର ଘୋର ଅପଚୟ ଘଟୁଛି। ଆମ ଦେଶରେ ଉପଲବ୍ଧ ଅଧିକାଂଶ ବିଦ୍ୟୁତ୍ ଶକ୍ତି କୋଇଲାଭିତ୍ତିକ ତାପଜ ବିଦ୍ୟୁତ କେନ୍ଦ୍ରରୁ ଆହରିତ ହୋଇଥାଏ। ପୂଜାରେ ମାତ୍ରାଧିକ କ୍ଷମତା ସମ୍ପନ୍ନ ଆଲୋକବତିର ବ୍ୟବହାର ଦ୍ୱାରା ଆବଶ୍ୟକ ବିଦ୍ୟୁତ୍ ଚାହିଦା ପୂରଣ ନିମନ୍ତେ ଦୂରସ୍ଥ ତାପଜକେନ୍ଦ୍ରଠାରେ ଅଧିକ କୋଇଲା ଇନ୍ଧନର ଦହନ ଘଟୁଛି। ଏହି ପ୍ରକ୍ରିୟାରେ ନିର୍ଗତ ଅଙ୍ଗାରକାମ୍ଳ ବାଷ୍ପ ଦ୍ୱାରା ବିଶ୍ୱ ତାପନ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ସାଙ୍ଗକୁ ଧୂଆଁରେ ନିର୍ଗତ ଗୁଣ୍ଡ ପଦାର୍ଥ ଦ୍ୱାରା ଶ୍ୱାସ ରୋଗ ଭଳି ସ୍ୱାସ୍ଥ୍ୟ ସମସ୍ୟାମାନ ସୃଷ୍ଟି ହେଉଛି।

**ରାସାୟନିକ ରଙ୍ଗ :** ମୂର୍ତ୍ତିକୁ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ରାସାୟନିକ ରଙ୍ଗ ବ୍ୟବହାର କରାଯାଉଛି। ରାସାୟନିକ ରଙ୍ଗ ପ୍ରସ୍ତୁତିରେ ସାଧାରଣତଃ ଅନେକ ଭାରି ଧାତୁ ଯଥା ସୀସା, ପାରଦ, ଜିଙ୍କ୍, ମାଙ୍ଗାନିଜ୍ ଏବଂ କ୍ରୋମିୟମ୍ ଇତ୍ୟାଦି ବ୍ୟବହାର କରାଯାଏ। ଏସବୁ ପଦାର୍ଥ ବାସ୍ତବକ୍ଷେତ୍ରରେ ବିଷାକ୍ତ, ସ୍ୱାସ୍ଥ୍ୟ ପାଇଁ ଘୋର କ୍ଷତିକାରକ। ଏସବୁର ସଂସ୍ପର୍ଶରେ କର୍କଟ ଭଳି ମାରାତ୍ମକ ରୋଗ ସୃଷ୍ଟି ହେବାର ଆଶଙ୍କା ରହିଛି। ଜଳରେ ମୂର୍ତ୍ତି ବିସର୍ଜନ ଦ୍ୱାରା ରଙ୍ଗରେ ଥିବା ଏହି ଉପାଦାନସବୁ ଜଳୀୟ ପରିସଂସ୍ଥାକୁ ପ୍ରଦୂଷିତ କରିବା ସହିତ ଜଳୀୟ ଖାଦ୍ୟ ଶୃଙ୍ଖଳରେ ପ୍ରବେଶ କରିଥାନ୍ତି। ଏସବୁ କ୍ରମଶଃ ଖାଦ୍ୟ ଶୃଙ୍ଖଳରେ ଶୀର୍ଷଭାଗକୁ ସ୍ଥାନାନ୍ତରିତ ହୋଇ ସର୍ବୋଚ୍ଚ ଭକ୍ଷକ ମନୁଷ୍ୟ ଶରୀରରେ ପ୍ରବେଶ କରିବାର ଆଶଙ୍କା ସୃଷ୍ଟି ହେଉଛି।

**ଜୈବିକ ଓ ଅଜୈବିକ ଆବର୍ଜନା :** ମୂର୍ତ୍ତି ବିସର୍ଜନ ସମୟରେ ଟନ୍ ଟନ୍ ଓଜନର ଫୁଲ, ପତ୍ର, ଭୋଗ, କର୍ପୂର, ଧୂପକାଠି ଇତ୍ୟାଦି ଜୈବିକ ପଦାର୍ଥ ଜଳରେ ମିଶିଥାଏ। ଫଳରେ ଏହାକୁ ଖାଦ୍ୟ ରୂପେ ଗ୍ରହଣ କରି ବିଘଟନ କରୁଥିବା ବ୍ୟାକ୍ଟେରିଆ ଭଳି ଅଣୁଜୀବମାନଙ୍କ ସଂଖ୍ୟା ଜଳ ମାଧ୍ୟମରେ ଆଶାତୀତ ବୃଦ୍ଧିପାଏ। ସେମାନେ ଜଳୀୟ ପରିସଂସ୍ଥାରୁ ଅଧିକାଂଶ ଦ୍ରବୀଭୂତ ଅମ୍ଳଜାନ ଶୋଷି ନିଅନ୍ତି ଏବଂ ମାଛ ଭଳି ଅନ୍ୟ ଦରକାରୀ ଜଳଚର ଜୀବଙ୍କ ପାଇଁ ଦ୍ରବୀଭୂତ ଅମ୍ଳଜାନର ଘୋର ଅଭାବ ପଡେ। ଏହାଦ୍ୱାରା ସମଗ୍ର ଜଳୀୟ ପରିସଂସ୍ଥାରେ ଜୀବନ ବଞ୍ଚିବାର ସମ୍ଭାବନା ଉପରେ ଆଶଙ୍କା ସୃଷ୍ଟି ହୋଇଥାଏ। ସେହିପରି ମୂର୍ତ୍ତି ପ୍ରସ୍ତୁତିରେ ବ୍ୟବହୃତ ପ୍ଲାଷ୍ଟର୍ ଅଫ୍ ପ୍ୟାରିସ୍, ପୂଜା ସାମଗ୍ରୀ ରୂପେ ବ୍ୟବହୃତ ଥର୍ମୋକଲ୍, ପ୍ଲାଷ୍ଟିକ୍ ଫୁଲ, ଜରି ଏବଂ ଦେବମୂର୍ତ୍ତିଙ୍କ ଅଙ୍ଗବସ୍ତ୍ର ତିଆରିରେ ବ୍ୟବହୃତ ସଂଶ୍ଳେଷିତ ତନ୍ତୁ (ଯଥା ନାଇଲନ୍, ଟେରିଲିନ୍ ଇତ୍ୟାଦି)ରୁ ପ୍ରସ୍ତୁତ କପଡା ଭଳି ଅଜୈବିକ ପଦାର୍ଥ ବିଘଟିତ ହୋଇ ସଙ୍ଗେ ସଙ୍ଗେ ଜଳ ମାଧ୍ୟମରେ ମିଶୁ ନଥିବାରୁ ସେଗୁଡିକ କ୍ରମାଗତ ପରିସଂସ୍ଥାରେ ଜମା ହୋଇ ଆବର୍ଜନା ସୃଷ୍ଟି କରୁଛନ୍ତି।





ଗତ ୧୯୯୩ ମସିହାରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କ ଦ୍ୱାରା କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡେ ଯେ, ଏକାକୀ କଲିକତା ସହରରେ ପ୍ରତି ବର୍ଷ ଦୁର୍ଗା ପୂଜା ସମୟରେ ହୁଗୁଳୀ ନଦୀରେ ୧୫,୦୦୦ରୁ ଊର୍ଦ୍ଧ୍ୱ ସଂଖ୍ୟକ ମୂର୍ତ୍ତି ବିସର୍ଜନ କରାଯାଏ। ଏହାଦ୍ୱାରା ଜଳ ଉତ୍ସରେ ୧୬.୮ ଟନ୍ ଓଜନର ବାର୍ଣ୍ଣିସ୍ ଏବଂ ୩୨ ଟନ୍ ଓଜନର କୃତ୍ରିମ ରଙ୍ଗ ମିଶେ। ଫଳରେ ଦଶହରା ସମୟରେ ଜଳ ଉତ୍ସରେ ତେଲ ଓ ଗ୍ରିଜ୍‌ର ମାତ୍ରା ୦.୯୯ ପ୍ରତିଶତ ଏବଂ ଭାରି ଧାତୁର ପରିମାଣ ୦.୧୦୪ ପ୍ରତିଶତ ବୃଦ୍ଧି ପାଉଥିବାର ଜଣାପଡେ।

**ଶବ୍ଦ ପ୍ରଦୂଷଣ :** ପୂଜା ମଞ୍ଚ, ପୂଜା ଅବସରରେ ଆୟୋଜିତ ମେଲୋଡି, ଭସାଣି ସମୟରେ କୋଳାହଳ ଏବଂ ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ବିଭିନ୍ନ ଶବ୍ଦ ଉତ୍ସ ଯଥା ମାଇକ୍, ଲାଉଡ୍ ସ୍ପିକର୍, ଡିଜେ ଇତ୍ୟାଦିର ବ୍ୟବହାର ଆଜିକାଲି ପୂଜାର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଗଲାଣି। ଏସବୁ ଅଧିକ ଡେସିବେଲ୍ (ଶବ୍ଦ ତୀବ୍ରତାର ପରିମାପକ) ଯୁକ୍ତ ଧ୍ୱନି ନିର୍ଗତ କରିଥାନ୍ତି, ଯାହା ଶ୍ରବଣଶକ୍ତିର ଅବକ୍ଷୟ, ଉଚ୍ଚ ରକ୍ତଚାପ, ହୃଦ୍‌ଘାତ, ଅନିଦ୍ରା ଏବଂ ମାନସିକ ଅବସାଦ ଇତ୍ୟାଦି ସ୍ୱାସ୍ଥ୍ୟଗତ ସମସ୍ୟାମାନ ସୃଷ୍ଟି କରେ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତରଫରୁ ପୂଜା ସମୟରେ କୋଳାହଳର ସର୍ବୋଚ୍ଚ ସୀମାକୁ ୬୫ ଡେସିବେଲ୍ ମାତ୍ରାରେ ସୀମିତ ରଖାଯାଇଥିଲେ ସୁଦ୍ଧା କେତେକ କ୍ଷେତ୍ରରେ ଭସାଣି ସମୟରେ ଏହା ୧୦୦ ଡେସିବେଲ୍ ଟପି ଯାଉଥିବାର ଦୃଷ୍ଟାନ୍ତ ରହିଛି।

**ଆତସବାଜିର ଆତଙ୍କ :** ମୂର୍ତ୍ତି ବିସର୍ଜନ ସମୟରେ ଫୁଟା ଯାଉଥିବା ବାଣ ଓ ଆତସବାଜିରୁ ଅନେକ ବିଷାକ୍ତ ଗ୍ୟାସ୍ ଯଥା ସଲ୍‌ଫର୍ ଡାଇଅକ୍ସାଇଡ୍, ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍, କାର୍ବନ୍ ମନୋକ୍ସାଇଡ୍ ଇତ୍ୟାଦି ନିର୍ଗତ ହୋଇଥାଏ, ଯାହା ବାୟୁ ପ୍ରଦୂଷଣ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ଶ୍ୱାସରୋଗ ଯଥା ଆଜ୍‌ମା ଏବଂ ବ୍ରୋଙ୍କାଇଟିସ୍ ଇତ୍ୟାଦି ସୃଷ୍ଟି କରିଥାଏ।

ତେଣୁ ମୂର୍ତ୍ତି ପ୍ରସ୍ତୁତିରେ ରାସାୟନିକ ରଙ୍ଗ ପରିବର୍ତ୍ତେ ଦ୍ରୁତ-ବିଘଟନଶୀଳ କିମ୍ବା ପ୍ରାକୃତିକ ଉତ୍ସରୁ ସଂଗୃହୀତ ରଙ୍ଗ (ଯଥା ୱାଟର୍ କଲର୍, ଖାଦ୍ୟରେ ବ୍ୟବହୃତ ରଙ୍ଗ, ହର୍ବାଲ୍ ରଙ୍ଗ ଇତ୍ୟାଦି) ବ୍ୟବହାର କରିବା ଉଚିତ। ମୂର୍ତ୍ତି ଗଠନରେ ପ୍ଲାଷ୍ଟର୍ ଅଫ୍ ପ୍ୟାରିସ୍ ପରିବର୍ତ୍ତେ ମାଟି ବ୍ୟବହାର କରାଯିବା ଉଚିତ। ମଞ୍ଚସଜ୍ଜାରେ ଥର୍ମୋକଲ୍ ପରିବର୍ତ୍ତେ ପ୍ରାକୃତିକ ଉତ୍ସରୁ ସଂଗୃହୀତ ସୋଲ ବ୍ୟବହାର କରିବା ଆବଶ୍ୟକ। ସେହିପରି ମୂର୍ତ୍ତିର ଅଙ୍ଗବସ୍ତ୍ର ରୂପେ ବ୍ୟବହୃତ ସଂଶ୍ଳେଷିତ ତନ୍ତୁ ପରିବର୍ତ୍ତେ ପ୍ରାକୃତିକ ତନ୍ତୁ ଯଥା ତୁଳା କିମ୍ବା ସିଲ୍‌କରେ ନିର୍ମିତ ପରିଧାନ ପ୍ରୟୋଗ କରାଯିବା ଉଚିତ। ଭୋଗ ପରଷିବା ପାଇଁ ପ୍ଲାଷ୍ଟିକ ପ୍ଲେଟ୍ ପରିବର୍ତ୍ତେ ମାଟି ପାତ୍ର, ଶାଳପତ୍ର କିମ୍ବା କଦଳୀପତ୍ରରେ ତିଆରି ଥାଳି ବ୍ୟବହାର କରାଯିବା ଦରକାର। ପୂଜାରୁ ଉତ୍ପନ୍ନ କଠିନ ଆବର୍ଜନାକୁ ନ ପୋଡି ପ୍ରଦୂଷଣ ବୋର୍ଡର ମାର୍ଗଦର୍ଶିକା ଅନୁସାରେ ବିନିଯୋଗ କରାଯିବା ବିଧେୟ। ଜଳ ପ୍ରଦୂଷଣ ରୋକିବା ନିମନ୍ତେ ମୂର୍ତ୍ତିକୁ ନଦୀଭଳି ପ୍ରବହମାନ ଜଳଧାରାରେ ବିସର୍ଜନ ନ କରି ପୋଖରୀ, ଜଳାଶୟ ଭଳି ଆବଦ୍ଧ ଜଳକ୍ଷେତ୍ର ମଧ୍ୟରେ ବିସର୍ଜନ କରିବା ଉଚିତ। ବିଦ୍ୟୁତ ଶକ୍ତିର ଅପଚୟକୁ ହ୍ରାସ କରିବା ନିମନ୍ତେ ପାରମ୍ପରିକ ବିଜୁଳିବତି ପରିବର୍ତ୍ତେ ଅଧିକ ଦକ୍ଷତା ସମ୍ପନ୍ନ ଏଲ.ଇ.ଡି. ବତି କିମ୍ବା ସୌରଚାଳିତ ବତି ବ୍ୟବହାର କରାଯିବା ଉଚିତ। ଶବ୍ଦ ପ୍ରଦୂଷଣର ମାତ୍ରାକୁ ନିୟନ୍ତ୍ରଣ କରିବା ପାଇଁ ସ୍ୱଳ୍ପ ଡେସିବେଲ୍‌ଯୁକ୍ତ ଶବ୍ଦ ଉତ୍ସ ଯଥା ଡିଜେ ପରିବର୍ତ୍ତେ ପାରମ୍ପରିକ ବ୍ୟାଣ୍ଡ, ମେଲୋଡି ପରିବର୍ତ୍ତେ ଭଜନ ସମାରୋହ ଇତ୍ୟାଦି ଆୟୋଜନ କରାଯିବା ଉଚିତ। ମୂର୍ତ୍ତି ଜଳରେ ନିମଜ୍ଜନ ପୂର୍ବରୁ ଫୁଲ, ପତ୍ର ଭଳି ଜୈବିକ ଆବର୍ଜନାକୁ ମୂର୍ତ୍ତିରୁ ଅଲଗା କରି ବିସର୍ଜନ କରିବା ଉଚିତ କିମ୍ବା ବିସର୍ଜନ ପରେ ତୁରନ୍ତ ସେଗୁଡିକୁ ଜଳ ଉତ୍ସରୁ କାଢି ନେବା ଆବଶ୍ୟକ।

-ଏଜୁକେଶନ୍ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୯୧୭୬୩୭୯୭୪

## ରକ୍ତଦାନ ସମୟରେ..



**କ**ଥାରେ ଅଛି 'ରକ୍ତଦାନ ମହତ ଦାନ'। ଏହାଦ୍ୱାରା ଆମେ ଜଣଙ୍କର ଜୀବନ ବଞ୍ଚାଇବାରେ ଅନେକାଂଶରେ ସାହାୟକ ହୋଇପାରିବା। ତେବେ ରକ୍ତଦାନ ପୂର୍ବରୁ ଜଣେ ବ୍ୟକ୍ତିଙ୍କୁ ଅନେକ ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡିଥାଏ। ଏ ବିଷୟରେ ସବିଶେଷ କଥା ଜାଣିବା ଲାଗି ନିକଟସ୍ଥ ରକ୍ତଦାନ କେନ୍ଦ୍ରକୁ ଯାଇ ବୁଝି ନିଅନ୍ତୁ। ବେଳେବେଳେ ଏଭଳି ବିଷୟକୁ ନେଇ କେତେକ ବ୍ୟକ୍ତିଙ୍କ ମନରେ ଶଙ୍କା ଆଶଙ୍କା ରହିଥାଏ। ତେବେ ମନରୁ ପ୍ରଥମେ ଏଭଳି ଭାବନା ଦୂର କରନ୍ତୁ। ରକ୍ତଦାନକୁ ନେଇ ମନରେ କୌଣସି ନକାରାତ୍ମକ ଭାବନା ଆଦୌ ଆଣନ୍ତୁ ନାହିଁ। ଜଣେ ସୁସ୍ଥ ବ୍ୟକ୍ତି ନିରାପଦରେ ରକ୍ତଦାନ କରିପାରିବେ। ତେବେ ନିୟମିତ ସମୟ ଅନ୍ତରାଳରେ ରକ୍ତଦାନ କରନ୍ତୁ। ଏହାଦ୍ୱାରା ଆମ ଶରୀରରେ କ୍ୟାଲୋରୀ ପରିମାଣ ସନ୍ତୁଳିତ ରହିଥାଏ। ଯଦି ଆପଣ କୌଣସି ରୋଗରେ ପୀଡ଼ିତ, ତେବେ ରକ୍ତଦାନ କରନ୍ତୁ ନାହିଁ।

## ଆଙ୍ଗୁଠି ଫୁଟାଇବା ଓ ଆର୍ଥ୍ରାଇଟିସ୍



**ପ୍ର**ତିଦିନ ଆଙ୍ଗୁଠି ଫୁଟାଇବା ଅନେକଙ୍କର ଅଭ୍ୟାସ। ଆଉ ଯଦି ଏପରି ଅଭ୍ୟାସ ଦୀର୍ଘ ବର୍ଷ ଧରି ଲାଗିରୁହେ, ତେବେ ଭବିଷ୍ୟତରେ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ଅଧିକ ବୋଲି ସିଓଲ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ଗବେଷଣାରୁ ଜଣାପଡ଼ିଛି ଯେ ଯଦି ଜଣେ ବ୍ୟକ୍ତି ଅଧିକ ସମୟ ଆଙ୍ଗୁଠି ଫୁଟାନ୍ତି, ତେବେ ସେ ଆର୍ଥ୍ରାଇଟିସ୍ ପରି ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଉକ୍ତ ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ଅଧିକାଂଶ ସମୟ ଆଙ୍ଗୁଠି ଫୁଟାଉଥିଲେ ସେମାନଙ୍କ ମଧ୍ୟରୁ ୪୦ ପ୍ରତିଶତଙ୍କଠାରେ ଆର୍ଥ୍ରାଇଟିସର ପ୍ରାରମ୍ଭିକ ଲକ୍ଷଣ ଦେଖିବାକୁ ମିଳିଥିଲା। ତେଣୁ ଏଭଳି ଅଭ୍ୟାସରୁ ବିରତ ରହିବାକୁ ସେମାନେ ପରାମର୍ଶ ଦେଇଛନ୍ତି। ଏହା ସହ ଆଇରନ୍, ପୋଟାସିୟମ୍ ଏବଂ କ୍ୟାଲସିୟମ୍‌ଯୁକ୍ତ ଖାଦ୍ୟ ଖାଇବାକୁ ସେମାନେ କହିଛନ୍ତି।

## ସ୍ୱାସ୍ଥ୍ୟୋପକାରୀ ଆଖୁରସ



**ଆ**ଖୁରସରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏଥିରେ ଭିଟାମିନ୍ ଏବଂ ନ୍ୟୁଟ୍ରିସନ୍ ଯଥା ପଟାସିୟମ୍, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, ଆଇରନ୍, ମାଙ୍ଗାନିଜ୍, ଆମିନୋ ଏସିଡ୍ ଅଧିକ ପରିମାଣରେ ଥାଏ। ଆଖୁରସ ପିଇବା ଦ୍ୱାରା ଶରୀରରେ ଶର୍କରାର ପରିମାଣ ଠିକ୍ ରହିଥାଏ। ଏଥିରେ ପଟାସିୟମ୍ ଓ କ୍ୟାଲ୍‌ସିୟମ୍ ଥିବାରୁ ଏହା ଦାନ୍ତ ଓ ମାଢ଼ିକୁ ନଷ୍ଟ ହେବାରୁ ରକ୍ଷା କରିଥାଏ। ଲିଭରକୁ ବାହ୍ୟ ଜୀବାଣୁ ଦ୍ୱାରା ଆକ୍ରାନ୍ତ ହେବାରୁ ଏହା ମଧ୍ୟ ରକ୍ଷା କରିଥାଏ। ଆଖୁରସ ପିଇବା ଦ୍ୱାରା ଖାଦ୍ୟ ହଜମ ଠିକ୍ ଭାବେ ହୋଇଥାଏ। ଏଥିରେ ପଟାସିୟମ୍ ଥିବାରୁ ପାକସ୍ଥଳୀ ସଂକ୍ରମଣରୁ ମଧ୍ୟ ରକ୍ଷା କରିଥାଏ। ହାଡ଼ ଏବଂ ମାଂସପେଶୀକୁ ମଜଭୁତ କରିବାରେ ମଧ୍ୟ ଏହା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ।

## ସ୍ୱା ସ୍ଥ୍ୟ ସୂ ଚ ନା

➤ଯଦି ଆପଣ ସବୁବେଳେ ବାହାର ଖାଦ୍ୟ ଖାଉଛନ୍ତି ତେବେ ଏହାକୁ ଯେତେ ସୀମିତି ରଖିବେ ସେତେ ଭଲ। କାରଣ ଏହାଦ୍ୱାରା ପେଟରେଏସିଡ଼ିଟି ସୃଷ୍ଟି ହୋଇପାରେ।

➤ଯଦି ଆପଣଙ୍କ ଚର୍ମ ଶୁଖିଯାଉଛି, ତେବେ ପ୍ରତିଦିନ ସକାଳୁ କିଛି କିଛି ସମୟ ବାହାରେ ସୂର୍ଯ୍ୟାଲୋକରେ ଛିଡ଼ା ହୁଅନ୍ତୁ। କାରଣ ସୂର୍ଯ୍ୟକିରଣ ହେଉଛି ଭିଟାମିନ୍ 'ଡି'ର ପ୍ରମୁଖ ଉତ୍ସ।

➤ଦୈନନ୍ଦିନ ଖାଦ୍ୟ ତାଲିକାରେ ସବୁବେଳେ ଶାଗ ଜାତୀୟ ଖାଦ୍ୟ ଏବଂ ତଟକା ଫଳମୂଳ ସାମିଲ୍ କରନ୍ତୁ। ହେଲେ ମଧ୍ୟାହ୍ନ ଭୋଜନ କି ରାତ୍ରଭୋଜନ ପରେ ଫଳ ଖାଆନ୍ତୁ ନାହିଁ।



➤ନିଜକୁ ଅବସାଦଠାରୁ ଦୂରେଇ ରଖିବାକୁ ହେଲେ, ସାଙ୍ଗ କିମ୍ବା ପରିବାର ସଦସ୍ୟଙ୍କ ସହ କିଛି ସମୟ ବିତାନ୍ତୁ। ସୋସିଆଲ୍ ମିଡ଼ିଆକୁ ମଧ୍ୟ ଏଥିପାଇଁ ବ୍ୟବହାର କରିପାରିବେ। ଏହାଦ୍ୱାରା ଆପଣଙ୍କୁ କେତେକାଂଶରେ ମାନସିକ ଶାନ୍ତି ମିଳିଥାଏ।

➤ଉଚ୍ଚ ରକ୍ତଚାପକୁ ସନ୍ତୁଳିତ ରଖିବାକୁ ଚାହୁଁଥିଲେ ପ୍ରତିଦିନ ବ୍ୟାୟାମ, ଯୋଗ, ପ୍ରାଣାୟାମ କରନ୍ତୁ। ତା'ସହ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ। ନିୟମିତ ସମୟ ଅନ୍ତରାଳରେ ରକ୍ତଚାପ କେତେ ରହୁଛି ତାହା ମାପି ନେବାକୁ ଭୁଲନ୍ତୁ ନାହିଁ।

➤ଯେ କୌଣସି କାର୍ଯ୍ୟକୁ ବହୁ ସମୟ ଧରି ଆଦୌ କରନ୍ତୁ ନାହିଁ। କାମ କଲାବେଳେ ମଝିରେ ମଝିରେ ବିରତି ନିଅନ୍ତୁ। ଫଳରେ ଏଥିଯୋଗୁ ମାନସିକ ଶାନ୍ତି ମିଳିବା ସହ ଅଧିକ କାମ କରିବାକୁ ଆଗ୍ରହ ସୃଷ୍ଟି ହେବ।

# ମନପସନ୍ଦର ସଙ୍ଗୀତ ଶୁଣୁଥିଲେ...



**ଭା**ରାକ୍ରାନ୍ତ ମନକୁ ହାଲୁକା କରିବାର ଅନ୍ୟତମ ମାଧ୍ୟମ ହେଲା ସଙ୍ଗୀତ। ଯଦି ଜଣେ ବ୍ୟକ୍ତି ନିଜ ମନ ପସନ୍ଦର ଗୀତ ଶୁଣେ ତେବେ ତାଙ୍କର ମାନସିକତା କେତେକାଂଶରେ ସକାରାତ୍ମକ ରହିଥାଏ। ଏହାଦ୍ୱାରା କାମ କରିବାକୁ ଆଗ୍ରହ ସୃଷ୍ଟି ହୁଏ। ଅଟକି ରହିଥିବା କାମକୁ ସୂଚାରୁ ରୂପେ ସମ୍ପାଦନ କରିବାରେ ଏହା ମଧ୍ୟ ସାହାଯ୍ୟ କରିଥାଏ। ଏହାର ଆଉ ଏକ ଉପକାରୀ ଗୁଣ ରହିଛି। ଏ ସମ୍ପର୍କରେ ଏକ ସର୍ଭେ କରି ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ କିଛି ନୂଆ କଥା ଜାଣିପାରିଛନ୍ତି। ସେମାନଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଯଦି ଜଣେ ବ୍ୟକ୍ତି ପ୍ରତିଦିନ କିଛି ସମୟ ନିଜ ମନ ପସନ୍ଦର ସଙ୍ଗୀତ ଶୁଣନ୍ତି ତେବେ ତାହା ତାଙ୍କ ପାଇଁ ବେଶ୍ ଲାଭପ୍ରଦ ହୋଇଥାଏ। ସବୁଠାରୁ ଖାସ୍ କଥା ହେଲା ଯେ ଏହାଦ୍ୱାରା ତାଙ୍କର ସ୍ମରଣ ଶକ୍ତିରେ ମଧ୍ୟ ବୃଦ୍ଧି ଘଟିଥାଏ। କେବଳ ସେତିକି ନୁହେଁ, ଉତ୍ତମ ଖାଦ୍ୟ, ଯୋଗ, ବ୍ୟାୟାମ ଓ ପ୍ରାଣାୟମ ଦ୍ୱାରା ମଧ୍ୟ ଏଥିଲାଗି ସହାୟକ ହୋଇଥାଏ ବୋଲି ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ପ୍ରଥମେ ନିଜ ମନ ପସନ୍ଦର ଗୀତ ଚୟନ କରନ୍ତୁ। ଏଭଳି ଗୀତକୁ ତାଲିକାଭୁକ୍ତ କରନ୍ତୁ, ଯାହାକୁ ଶୁଣିବା ମାତ୍ରେ ଆପଣଙ୍କ ମନ ପ୍ରଫୁଲ୍ଲିତ ହୋଇଉଠିବ। ନିଜର ପ୍ରିୟ ଗୀତକୁ ବାରମ୍ବାର ଶୁଣିବା ଦ୍ୱାରା ସ୍ନାୟୁ କୋଷଗୁଡ଼ିକୁ ଆରାମ ଲାଗିଥାଏ, ଯାହା ମସ୍ତିଷ୍କକୁ ଆହୁରି କ୍ରିୟାଶୀଳ କରାଇଥାଏ। ଏହାଦ୍ୱାରା ରକ୍ତ ସଂଚାଳନ ମଧ୍ୟ ଠିକ୍ ଭାବରେ ହୋଇଥାଏ। ତେବେ ନିଜ ମନ ପସନ୍ଦର ଗୀତ ଶୁଣିବା ବେଳେ ମନରେ ନକାରାତ୍ମକ ଭାବନା ଆଣନ୍ତୁ ନାହିଁ।



# ଅଷ୍ଟ୍ରେଲିଆକୁ ୬ଷ୍ଠ ଟାଇଟଲ

**ଦିନିକିଆ କ୍ରିକେଟ ବିଶ୍ୱକପ ରବିବାର ଶେଷ ହୋଇଛି। ଫାଇନାଲରେ ଭାରତକୁ ହରାଇ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଛି। ବିଶ୍ୱକପର କେତେକ ପରିସଂଖ୍ୟାନକୁ ନେଇ ଏହି ଉପସ୍ଥାପନା...**

➤ଅଷ୍ଟ୍ରେଲିଆ ରେକର୍ଡ ୬ଷ୍ଠ ଥରପାଇଁ ବିଶ୍ୱକପ ଟାଇଟଲ ଜିତିଲା। ପୂର୍ବରୁ ଏହି ଦଳ ୧୯୮୭, ୧୯୯୯, ୨୦୦୩, ୨୦୦୭ ଓ ୨୦୧୫ରେ ଚାମ୍ପିୟନ ହୋଇଥିଲା।

➤ଭାରତର ବିରାଟ କୋହଲି ମୋଟ ୭୬୫ ରନ ସ୍କୋର କଲେ, ଯାହାକି ବିଶ୍ୱକପ ଇତିହାସରେ କୌଣସି ବ୍ୟାଟରଙ୍କ ପକ୍ଷରେ ସର୍ବାଧିକ। ବିଶ୍ୱକପରେ ତାଙ୍କର ଆଭରେଜ ୯୫.୬୨ ଓ ଷ୍ଟ୍ରାଇକ ହାର ୯୦.୩୧ ଥିଲା। ଏହା ମଧ୍ୟରେ ସେ ୩ ଶତକ ଓ ୨ ଅର୍ଦ୍ଧଶତକ ହାସଲ କରିଥିଲେ।

➤ବିଶ୍ୱକପ ଇତିହାସରେ ପ୍ରଥମଥର ପାଇଁ ଜଣେ ବ୍ୟାଟର ୭୦୦ରୁ ଊର୍ଦ୍ଧ୍ୱ ରନ ସ୍କୋର କଲେ। ପୂର୍ବରୁ ସଚିନ ତେନ୍ଦୁଲକର ୨୦୦୩ ବିଶ୍ୱକପରେ ସର୍ବାଧିକ ୬୭୩ ରନ କରି ରେକର୍ଡର ଅଧିକାରୀ ଥିଲେ। ତାହାକୁ ଏଥର ବିରାଟ କୋହଲି ଅତିକ୍ରମ କରିଛନ୍ତି।

➤ଭାରତର ମହମ୍ମଦ ଶାମି ମାତ୍ର ୭ ମ୍ୟାଚରୁ ୨୪ ଉଇକେଟ ହାସଲ କଲେ। ଲିଗ୍ ପର୍ଯ୍ୟାୟରେ ସେ ପ୍ରଥମ ୪ଟି ମ୍ୟାଚରେ ଖେଳିପାରି ନ ଥିଲେ।

➤ମହମ୍ମଦ ଶାମି ୨୦୨୩ ବିଶ୍ୱକପରେ ୩ ଥର ୫ ଉଇକେଟ ପାଇଥିଲେ। ବିଶ୍ୱକପର କୌଣସି ଗୋଟିଏ ସଂସ୍କରଣରେ ଜଣେ ବୋଲର ପକ୍ଷରେ ଏହା ଶ୍ରେଷ୍ଠ ସଫଳତା। ଶାମି ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲରେ ୭/୫୭ ଏବଂ ଲିଗ୍ ପର୍ଯ୍ୟାୟରେ ଶ୍ରୀଲଙ୍କା ବିପକ୍ଷରେ ୫/୧୮ ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ୫/୫୪ ବୋଲିଂ ଫିଗର ପାଇଥିଲେ।

➤ନୂଆଦିଲ୍ଲୀରେ ଶ୍ରୀଲଙ୍କା ବିପକ୍ଷରେ ଦକ୍ଷିଣ ଆଫ୍ରିକାର ୪୨୮/୫ ବିଶ୍ୱକପ ଇତିହାସରେ ସର୍ବାଧିକ ଦଳଗତ ସ୍କୋର।

➤ଏଥର ବିଶ୍ୱକପରେ ୩ ଥର ୪୦୦ରୁ ଊର୍ଦ୍ଧ୍ୱ ସ୍କୋର ହୋଇଥିଲା। ଶ୍ରୀଲଙ୍କା ବିପକ୍ଷରେ ଦକ୍ଷିଣ ଆଫ୍ରିକାର ୪୨୮/୫, ନେଦରଲାଣ୍ଡ୍ସ ବିପକ୍ଷରେ ଭାରତ ୪୧୦/୪ ଓ ପାକିସ୍ତାନ ବିପକ୍ଷରେ ନ୍ୟୁଜିଲାଣ୍ଡ ୪୦୧/୬ ରନ କରିଥିଲା।

➤ଧର୍ମଶାଳାରେ ବିଶ୍ୱକପର ମ୍ୟାଚ ନମ୍ବର ୨୭ରେ ଅଷ୍ଟ୍ରେଲିଆ (୩୮୮) ଓ ନ୍ୟୁଜିଲାଣ୍ଡ (୩୮୩/୯) ମୋଟ ୭୧୧ ରନ କରିଥିଲେ। ଯାହାକି ବିଶ୍ୱକପର କୌଣସି ଏକ ମ୍ୟାଚରେ ସର୍ବାଧିକ ମୋଟ ସ୍କୋରଥିଲା।

➤ମୁମ୍ବାଇରେ ଭାରତର ୩୫୭/୮ ଜବାବରେ ଶ୍ରୀଲଙ୍କା ୫୫ ରନରେ ଅଲ୍‌ଆଉଟ ହୋଇଥିଲା। ଏହି ବିଶ୍ୱକପରେ ଏହା ସର୍ବନିମ୍ନ ସ୍କୋର ଥିଲା। ସେମିଫାଇନାଲରେ ଭାରତ ବିପକ୍ଷରେ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ସର୍ବନିମ୍ନ ୮୩ ରନ କରିଥିଲା।

➤ଆଫଗାନିସ୍ତାନ ବିପକ୍ଷରେ ଗ୍ଲେନ ମ୍ୟାକ୍ସୱେଲଙ୍କ ୧୨୮ ବଲ୍‌ରୁ ୨୦୧* ରନ ୨୦୨୩ ବିଶ୍ୱକପରେ କୌଣସି ବ୍ୟାଟରଙ୍କ କ୍ଷେତ୍ରରେ ବ୍ୟକ୍ତିଗତ ସର୍ବାଧିକ ସ୍କୋର ଥିଲା। ନିଜ ଇନିଂସ ମଧ୍ୟରେ ମ୍ୟାକ୍ସୱେଲ ୨୧ଟି ଚୌକା ଓ ୧୦ ଛକା ମାରିଥିଲେ। କୋଣସି ଏକ ଇନିଂସରେ ସର୍ବାଧିକ ଚୌକା ମାରିବା ରେକର୍ଡ ମଧ୍ୟ ମ୍ୟାକ୍ସୱେଲଙ୍କ ନାମରେ ହୋଇଥିଲା।

➤ପାକିସ୍ତାନର ଫଖର ଜମନ ନିଜ ୮୧ ବଲ୍‌ରୁ ୧୨୬* ରନର ଇନିଂସ ମଧ୍ୟରେ ୧୧ଟି ଛକା ମାରିଥିଲେ। ଜଣେ ବ୍ୟାଟର ନିଜ ଇନିଂସ ମଧ୍ୟରେ ଏତେ ଛକା ମାରିବା ମଧ୍ୟ ପ୍ରଥମ ଥିଲା।

➤ଦକ୍ଷିଣ ଆଫ୍ରିକାର କ୍ୱିଣ୍ଟନ ଡି'କକ୍ ଏହି ବିଶ୍ୱକପରେ ୪ଟି ଶତକ ଅର୍ଜନ କରିଥିଲେ। ଭାରତର ବିରାଟ କୋହଲି ଓ ନ୍ୟୁଜିଲାଣ୍ଡର ରାଚିନ ରବୀନ୍ଦ୍ର ୩ଟି ଲେଖାଏ ଶତକ ହାସଲ କରିଥିଲେ।

➤ନେଦରଲାଣ୍ଡ୍ସ ବିପକ୍ଷରେ ଅଷ୍ଟ୍ରେଲିଆ ୩୦୯ ରନରେ ବିଜୟୀ ହୋଇଥିଲା। ବିଶ୍ୱକପ ଇତିହାସରେ ଏହା ସର୍ବାଧିକ ରନରେ ବିଜୟ ଥିଲା।

➤ରୋହିତ ଶର୍ମା ବିଶ୍ୱକପରେ ସର୍ବାଧିକ ଛକା ମାରିବାରେ କ୍ରିସ୍ ଗେଲ୍ (୪୯)ଙ୍କ ରେକର୍ଡ ଭାଙ୍ଗିଥିଲେ। ରୋହିତ ମୋଟ ୫୪ଟି ଛକା ମାରିଥିଲେ। କେବଳ ୨୦୨୩ ସଂସ୍କରଣରେ ସେ ୩୧ଟି ଛକା ମାରିଥିଲେ।

➤ନ୍ୟୁଜିଲାଣ୍ଡ ବିପକ୍ଷରେ ମହମ୍ମଦ ଶାମିଙ୍କ ୭/୫୭ ବୋଲିଂ ଫିଗର ଯୁଗ୍ମ ଶ୍ରେଷ୍ଠ ଥିଲା। ଏହି ବିଶ୍ୱକପରେ ଏହା ଶ୍ରେଷ୍ଠ ପ୍ରଦର୍ଶନ ଥିଲା।

➤ପାକିସ୍ତାନ ଲିଗ୍ ପର୍ଯ୍ୟାୟରେ ଶ୍ରୀଲଙ୍କା ବିପକ୍ଷରେ ୩୪୫ ରନକୁ ଚେଜ୍ କରି ବିଶ୍ୱକପ୍‌ରେ ରେକର୍ଡର ଅଧିକାରୀ ହୋଇଥିଲା।

➤ଦକ୍ଷିଣ ଆଫ୍ରିକାର ଏଡେନ ମାରକ୍ରମ ଶ୍ରୀଲଙ୍କା ବିପକ୍ଷରେ ୪୯ ବଲ୍‌ରେ ଶତକ ପୂରଣ କରି ଦ୍ରୁତତମ ବିଶ୍ୱକପ ଶତକ ରେକର୍ଡର ଅଧିକାରୀ ହୋଇଥିଲେ। ନେଦରଲାଣ୍ଡ୍ସ ବିପକ୍ଷରେ ଅଷ୍ଟ୍ରେଲିଆର ଗ୍ଲେନ ମ୍ୟାକ୍ସୱେଲ ୪୦ ବଲ୍‌ରୁ ଶତକ ପୂରଣ କରି ଏହି ରେକର୍ଡ ଭାଙ୍ଗିଥିଲେ।



ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅଷ୍ଟ୍ରେଲିଆ ଉପ ପ୍ରଧାନମନ୍ତ୍ରୀ ରିଚାର୍ଡ ମାର୍ଲସଙ୍କଠାରୁ ବିଶ୍ୱକପ ଟ୍ରଫି ଗ୍ରହଣ କରୁଛନ୍ତି ପ୍ୟାଟ୍ କୁମିନ୍ସ।

## ପରିସଂଖ୍ୟାନ

### ସର୍ବାଧିକ ରନ୍

| ରନ | ଖେଳାଳି | ଇନିଂସ | ସର୍ବାଧିକ | ଆଭରେଜ | ଶତକ | ଅର୍ଦ୍ଧଶତକ |
|---|---|---|---|---|---|---|
| ୭୬୫ | ବିରାଟ କୋହଲି | ୧୧ | ୧୧୭ | ୯୫.୬୨ | ୩ | ୬ |
| ୫୯୭ | ରୋହିତ ଶର୍ମା | ୧୧ | ୧୩୧ | ୫୪.୨୭ | ୧ | ୩ |
| ୫୯୪ | କ୍ୱିଣ୍ଟନ ଡି'କକ୍ | ୧୦ | ୧୭୪ | ୫୯.୪୦ | ୪ | ୦ |
| ୫୭୮ | ରାଚିନ ରବୀନ୍ଦ୍ର | ୧୦ | ୧୨୩* | ୬୪.୨୨ | ୩ | ୨ |
| ୫୫୨ | ଡାରିଲ ମିଚେଲ | ୧୦ | ୧୩୪ | ୬୯.୦୦ | ୨ | ୨ |

### ସର୍ବାଧିକ ଉଇକେଟ

| ଉଇକେଟ | ଖେଳାଳି | ଇନିଂସ | ଆଭରେଜ | ଇକୋନୋମି | ଶ୍ରେଷ୍ଠ | ୫ ଉଇକେଟ |
|---|---|---|---|---|---|---|
| ୨୪ | ମହମ୍ମଦ ଶାମି | ୭ | ୧୦.୭୦ | ୫.୦୧ | ୭/୫୭ | ୩ |
| ୨୩ | ଆଡାମ ଜାମ୍ପା | ୧୧ | ୨୨.୩୯ | ୫.୩୬ | ୪/୮ | ୦ |
| ୨୧ | ଦିଲସାନ ମଦୁଶଙ୍କା | ୯ | ୨୫.୦୦ | ୬.୭୦ | ୫/୮୦ | ୧ |
| ୨୦ | ଯଶପ୍ରୀତ୍ ବୁମ୍‌ରା | ୧୧ | ୧୮.୩୩ | ୩.୯୮ | ୪.୩୯ | ୦ |
| ୨୦ | ଗେରାଲ୍ଡ କୋଜି | ୮ | ୧୯.୮୦ | ୬.୨୩ | ୪/୪୪ | ୦ |
| ୧୮ | ଶାହିନ ଆଫ୍ରିଦୀ | ୯ | ୨୬.୭୨ | ୫.୯୩ | ୫/୫୪ | ୧ |




ଭାରତ ପରାଜୟରେ ଦୁଃଖିତ ଜଣେ ସମର୍ଥକ।



ଅଷ୍ଟ୍ରେଲିଆ ବିଜୟରେ ଉଲ୍ଲସିତ ପ୍ରଶଂସକ।

# ଦକ୍ଷତା ଅନୁଯାୟୀ ପ୍ରଦର୍ଶନ ଦେବାରେ ବିଫଳ ହେଲୁ: ରୋହିତ

**ଅହମଦାବାଦ, ୧୯।୧୧ (ପି.ଟି)**

ବିଶ୍ୱକପ ଫାଇନାଲରେ ପରାଜୟ ପରେ ଦଳ ଦକ୍ଷତା ଅନୁଯାୟୀ ପ୍ରଦର୍ଶନ କରିବାରେ ବିଫଳ ହେଲା ବୋଲି କହିଛନ୍ତି ଭାରତୀୟ ଅଧିନାୟକ ରୋହିତ ଶର୍ମା। ଟୁର୍ନାମେଣ୍ଟ ସାରା ସଫଳ ହୋଇଥିଲେ ହେଁ ଫାଇନାଲ ମ୍ୟାଚ୍‌ରେ ଭାରତୀୟ ବ୍ୟାଟିଂ ଲାଇନ୍ ଅପ୍ ଆଶାତୀତ ପ୍ରଦର୍ଶନ ଦେବାରେ ସଫଳ ହୋଇ ନ ଥିଲା ବୋଲି କହିଛନ୍ତି ରୋହିତ। ଫାଇନାଲ ମ୍ୟାଚ୍‌ର ଫଳାଫଳ ଆମ ସପକ୍ଷରେ ଯାଇ ନ ଥିଲେ ମଧ୍ୟ ଦଳର ଖେଳାଳିଙ୍କୁ ନେଇ ମୁଁ ଗର୍ବିତ। ଆଉ ୨୦-୩୦ ରନ୍ ଅଧିକ ହୋଇଥିଲେ ମ୍ୟାଚ୍‌ର ଫଳାଫଳ ଭିନ୍ନ ହୋଇଥାନ୍ତା ବୋଲି ସେ କହିଛନ୍ତି। ଅନ୍ୟ ପକ୍ଷରେ ଆମର ଶ୍ରେଷ୍ଠ ପ୍ରଦର୍ଶନ ଆମେ ଫାଇନାଲ ମ୍ୟାଚ୍ ପାଇଁ ରଖିଥିଲୁ ବୋଲି କହିଛନ୍ତି ଅଷ୍ଟ୍ରେଲୀୟ ଅଧିନାୟକ ପ୍ୟାଟ୍ କୁମିନ୍ସ। ଭାରତୀୟ ଦଳକୁ ୩୦୦ରୁ କମ୍ ରନରେ ସୀମିତ ରଖିବାର ଯୋଜନା ରହିଥିଲା। ୨୪୦ ରନ୍‌ରେ ସୀମିତ ରଖିବା ପରେ ଏହା ଆମ ପାଇଁ ଆହୁରି ସହଜ ହୋଇଥିଲା। ସେହିପରି ବଡ ମ୍ୟାଚ୍‌ରେ ଟ୍ରାଭିସ୍ ହେଡ୍, ମାର୍ନସ ଲାବୁଶେନ୍ ଓ ମିଚେଲ୍ ଷ୍ଟାର୍କ ପ୍ରଦର୍ଶନ କରିବା ଅତ୍ୟନ୍ତ ଖୁସିର ବିଷୟ ବୋଲି କହିଛନ୍ତି ଅଷ୍ଟ୍ରେଲୀୟ ଅଧିନାୟକ।

### ପୂର୍ବତନ ଖେଳାଳିଙ୍କ ପ୍ରତିକ୍ରିୟା

**ଆଡାମ୍ ଗିଲକ୍ରିଷ୍ଟ:** ଏହି ଅଷ୍ଟ୍ରେଲିଆ ଟିମ୍ ପାଇଁ ଆମେ ଅତ୍ୟନ୍ତ ଗର୍ବିତ। ଯେଉଁ ପରସ୍ଥିତିରୁ ଆସି ଏହି ଦଳ ବିଶ୍ୱକପ ବିଜୟୀ ହେଲା ତାହା ଆମ କ୍ରୀଡା ଇତିହାସର ଅନ୍ୟତମ ଶ୍ରେଷ୍ଠ ବିଜୟ।

**ଇଆନ୍ ବିଶପ୍:** ଷଷ୍ଠ ଟାଇଟଲ ବିଜୟ ପାଇଁ ଅଷ୍ଟ୍ରେଲିଆ ଦଳକୁ ଶୁଭେଚ୍ଛା। ଏକ ଲଢୁଆ କ୍ରୀଡା ମନୋଭାବ ପରିବେଶରୁ ଆସୁଥିବା ଏହି ଦଳ ପୁନର୍ବାର ପ୍ରମାଣିତ କରିଛି।

**ୱାସିମ୍ ଆକ୍ରମ:** ବିଶ୍ୱ ଚାମ୍ପିୟନ ହୋଇଥିବା ଅଷ୍ଟ୍ରେଲିଆ ଦଳକୁ ଢେର ସାରା ଶୁଭେଚ୍ଛା।

**ଭିଭିଏସ୍ ଲକ୍ଷ୍ମଣ:** ରୋହିତ ଶର୍ମା ଓ ଭାରତୀୟ ଦଳ ପାଇଁ ଏହା ଅତ୍ୟନ୍ତ କଷ୍ଟସାଧ ମୂହୂର୍ତ୍ତ। ତେବେ ବିଶ୍ୱକପରେ ପ୍ରଦର୍ଶନ ପାଇଁ ଦଳର ସମସ୍ତ ଖେଳାଳି ସମ୍ମାନର ସହ ମଥା ଉଚ୍ଚା କରିବା ଉଚିତ୍। ଗୋଟିଏ ମ୍ୟାଚ୍ କେବେ ଦଳର ପ୍ରଦର୍ଶନ ନିର୍ଦ୍ଧାରଣ କରି ନ ଥାଏ। ଷଷ୍ଠ ଟାଇଟଲ ବିଜୟୀ ହୋଇଥିବା ଅଷ୍ଟ୍ରେଲିଆ ଦଳକୁ ଶୁଭେଚ୍ଛା।

**ଗୌତମ ଗମ୍ଭୀର:** ବିଜୟ ହେଉ ବା ପରାଜୟ ଏହି ଭାରତୀୟ ଦଳ ମୋ ପାଇଁ ଚାମ୍ପିୟନ ବୋଲି ମୁଁ ଆଗରୁ କହିଛି, ତେଣୁ ଖେଳାଳି ମାନେ ସମ୍ମାନର ସହ ମଥା ଉପରକୁ କରିବା ଉଚିତ୍। ଅଷ୍ଟ୍ରେଲିଆ ଦଳକୁ ଢେର ସାରା ଶୁଭେଚ୍ଛା।

**ଅମିତ ମିଶ୍ର:** ଚମତ୍କାର ପ୍ରୟାସ, ଟିମ୍ ଇଣ୍ଡିଆ। ପ୍ରଦର୍ଶନ ଜରିଆରେ ତୁମେ କୋଟି କୋଟି ହୃଦୟ ଜିତିବାରେ ସଫଳ ହୋଇଛ ଓ ଆମେ ତୁମକୁ ନେଇ ଗର୍ବିତ। ବିଶ୍ୱକପ ବିଜୟୀ ଅଷ୍ଟ୍ରେଲିଆ ଦଳକୁ ଶୁଭେଚ୍ଛା।

**ସୁରେଶ ରାଇନା:** ୨୦୧୧ ବିଶ୍ୱକପ ବିଜୟୀ ଦଳର ସଦସ୍ୟ ସୁରେଶ ରାଇନା କହିଛନ୍ତି ଏହା ଭାରତୀୟ ଦଳ ପାଇଁ ଅତ୍ୟନ୍ତ କଷ୍ଟସାଧ ମୂହୂର୍ତ୍ତ। କେବଳ ଦଳ ପାଇଁ ନୁହେଁ ବରଂ ସମଗ୍ର ଦେଶବାସୀଙ୍କ ପାଇଁ ଏହା ଏକ କଷ୍ଟସାଧ ମୂହୂର୍ତ୍ତ। ତେବେ ଗୋଟିଏ ଟିମ୍ ହିଁ ଚାମ୍ପିୟନ ହୋଇ ପାରିବ ତେଣୁ ଅଷ୍ଟ୍ରେଲିଆ ଦଳକୁ ଶୁଭେଚ୍ଛା।

**ସଞ୍ଜୟ ମଞ୍ଜ୍ରେକର:** ଭାରତ ସମଗ୍ର ଟୁର୍ନାମେଣ୍ଟରେ ଚମତ୍କାର ପ୍ରଦର୍ଶନ କରିଥିବା ବେଳେ ଅଷ୍ଟ୍ରେଲିଆ ଫାଇନାଲରେ ଚମତ୍କାର ପ୍ରଦର୍ଶନ କରିବାରେ ସମର୍ଥ ହୋଇଥିଲା। ଦୁଃଖର ବିଷୟ ଏତିକି ଯେ, ଭାରତ ବିଶ୍ୱର ଶ୍ରେଷ୍ଠ ଦଳ ହୋଇଥିଲେ ହେଁ ଏହା ଟ୍ରଫି ହାସଲରେ ସମର୍ଥ ହୋଇନାହିଁ।

# ଓଡ଼ିଶାର ଇନିଂସ ବିଜୟ

**କୁଚ ବିହାର ଟ୍ରଫି**
- ଆଶୀର୍ବାଦ ସ୍ୱାଇଁଙ୍କ ଅପରାଜିତ ତ୍ରିଶତକ
- ସାର୍ଥକଙ୍କୁ ୬ ଉଇକେଟ

**ସମ୍ବଲପୁର, ୧୯।୧୧ (ବି.ଶଙ୍କର)**

ସମ୍ବଲପୁରସ୍ଥିତ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଚାଲିଥିବା ୧୯ ବର୍ଷରୁ କମ କୁଚ ବିହାର ଟ୍ରଫି ଓଡ଼ିଶା ବନାମ ପଣ୍ଡିଚେରୀ କ୍ରିକେଟ ମ୍ୟାଚରେ ଓଡ଼ିଶା ଦଳ ଇନିଂସ ବିଜୟ ହାସଲ କରିଛି। ଏଥିସହ ୭ପଏଣ୍ଟ ହାସଲ କରି ପରବର୍ତ୍ତୀ ପର୍ଯ୍ୟାୟରେ ପହଞ୍ଚିଛି। ରବିବାର ତୃତୀୟ ଦିନରେ ଘରୋଇ ଓଡ଼ିଶା ୩୦୧ ସ୍କୋରରୁ ଖେଳ ଆରମ୍ଭ କରିଥିଲା। ଦଳ ୧୪୧ ଓଭରରେ ୯ ଉଇକେଟ ହରାଇ ୫୩୦ ରନରେ ଇନିଂସ ଘୋଷଣା କରିଥିଲା। ଓଡ଼ିଶା ପକ୍ଷରୁ ଆଶୀର୍ବାଦ ସ୍ୱାଇଁଙ୍କ ତ୍ରିଶତକ ହାସଲ କରିଥିଲେ। ସେ ୩୮୨ ବଲର ସମ୍ମୁଖୀନ ହୋଇ ୩୦୨ ରନ ସଂଗ୍ରହ କରି ଅପରାଜିତ ରହିଥିଲେ। ଏଥିରେ ସେ ୨୬ଟି ଚୌକା ଓ ୧୭ଟି ଛକା ମାରିଥିଲେ। ପଣ୍ଡିଚେରୀ ଦଳ ଦ୍ୱିତୀୟ ଇନିଂସରେ ଓଡ଼ିଶା ବୋଲର ସାର୍ଥକ ଜି ପଣ୍ଡାଙ୍କ ଘାତକ ବୋଲିଂର ସାମନା କରି ପାରି ନ ଥିଲା। ଦଳ ୪୫.୪ ଓଭରରେ ୧୨୪ ରନ ସଂଗ୍ରହ ସମସ୍ତ ଉଇକେଟ ହରାଇଥିଲା। ପଣ୍ଡିଚେରୀ ପକ୍ଷରୁ ସାଇ ହରିରାମ ୪୪ ବଲର ସମ୍ମୁଖୀନ ହୋଇ ୩୭ ରନ କରିଥିଲେ। ସାର୍ଥକଙ୍କ ବ୍ୟତୀତ ଶ୍ରୀରାଜ ପଟ୍ଟନାୟକ ୨ଟି ଓ ଶୁଭମ ପ୍ରିୟଦର୍ଶୀ ଏବଂ ସମ୍ମିତ କୁମାର ବେଜା ଗୋଟିଏ ଲେଖାଏଁ ଉଇକେଟ ହାସଲ କରିଥିଲେ। ଅମ୍ପାୟାର କ୍ରିଷ୍ଟେନ୍ଦୁ ପାଲ ଓ ଅମିତ ରଣା ମ୍ୟାଚ ପରିଚାଳନା କରିଥିଲେ। ସିଡି ସୁନିଲ ଓ ବୀରବର ନାୟକ ସ୍କୋରର ଥିଲେ। ଗଣେଷ କର ଓ ସାୱାନ ପାଢ଼ୀ ଭିଡିଓ ଆନାଲିଷ୍ଟ ଥିବାବେଳେ କର୍ନେଲ ସୀତାଂଶୁ ଚନ୍ଦ୍ର ଷଡଙ୍ଗୀ ମ୍ୟାଚ ରେଫରୀ ରହିଛନ୍ତି। ଓଡ଼ିଶା ଅଲମ୍ପିକ ସଂଘର ଉପସଭାପତି ତଥା ସମ୍ବଲପୁର ଜିଲା କ୍ରୀଡା ସଂଘ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ସୁନିଲ କୁମାର ସାହୁଙ୍କ ପରିଚାଳନାରେ ଖେଳାଳିମାନଙ୍କୁ ସମ୍ବର୍ଦ୍ଧନା ଉତ୍ସବ ହୋଇଥିଲା। କ୍ରିକେଟ ସମ୍ପାଦକ ଅଭିନାଶ ନନ୍ଦ ଅତିଥି ସ୍ୱାଗତ କରିଥିଲେ। ଆଥେଲେଟିକ ସମ୍ପାଦକ ବିକାଶ କୁମାର ମିଶ୍ର, ଫୁଟବଲ ସମ୍ପାଦକ ଅବଦୁଲ ଗଫାର, ହକି ସମ୍ପାଦକ ବିନୋଦ ଟପ୍ପୋ, କୋଷାଧ୍ୟକ୍ଷ ଉମାପତି ତ୍ରିପାଠୀ, କାଉନସିଲ ସଭ୍ୟ ମନୋଜ କୁମାର ଭୋଇ, ସୁବୋଧ କୁମାର ସାହୁ, କୁନ୍ଦନ ପ୍ରଧାନ, ଗୋପାଳ ନନ୍ଦ, ମହମ୍ମଦ ଇସାକ, ବିଶ୍ୱଜିତ ପଣ୍ଡା, ପଦ୍ମନାଭ ନାୟକ, ମନୋଜ କୁମାର ପଣ୍ଡା, ସୌମ୍ୟଦର୍ଶନ ମହାନ୍ତି, ପ୍ରସନ୍ନ ବିଶ୍ୱାଳ ଉପସ୍ଥିତ ଥିଲେ।




ଆଶୀର୍ବାଦ ସ୍ୱାଇଁ

## ବିଶ୍ୱକପ-୨୦୨୩

- ପ୍ଲେୟର ଅଫ୍ ଦି ମ୍ୟାଚ: ଟ୍ରାଭିସ ହେଡ୍
- ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ: ବିରାଟ କୋହଲି
- ଟପ୍ ସ୍କୋରର: ବିରାଟ କୋହଲି (୭୬୫ ରନ)
- ସର୍ବାଧିକ ଉଇକେଟ: ମହମ୍ମଦ ଶାମି (୨୪)
- ସର୍ବାଧିକ ଶତକ: କ୍ୱିଣ୍ଟନ ଡି'କକ୍ (୪)
- ସର୍ବାଧିକ ଛକା: ରୋହିତ ଶର୍ମା (୩୧)
- ସର୍ବାଧିକ ଡିସ୍‌ମିଶାଲ୍ସ: କ୍ୱିଣ୍ଟନ ଡି'କକ୍ (୨୦)
- ସର୍ବାଧିକ କ୍ୟାଚ: ଡାରିଲ ମିଚେଲ (ଉଇକେଟ କିପରଙ୍କ ବ୍ୟତୀତ)

## ଜାତୀୟ କୁଡ଼ୋ ଚାମ୍ପିୟନଶିପ୍‌ରେ ଭାଗ ନେବେ ୪୬ ପ୍ରତିଯୋଗୀ

**କଟକ, ୧୯।୧୧ (ଶିଲ୍ପା ପ୍ରିୟଦର୍ଶିନୀ):** କୁଡ଼ୋ ଇଣ୍ଡିଆ ଫେଡେରେଶନ୍ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ଗୁଜୁରାଟର ସୁରତରେ ଆସନ୍ତା ନଭେମ୍ବର ୨୨ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଜାତୀୟ କୁଡୋ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବା ଲାଗି ଓଡ଼ିଶାରୁ ମନୋନୀତ ଏକ ୪୬ ଜଣିଆ ଦଳ ସୋମବାର ଗୁଜରାଟ ଗସ୍ତ କରିବ। ଦଳ ସହ ଅଫିସିଆଲ ଭାବେ ସଂଘର ସଭାପତି ସିହ୍ନା ନିତାଇ ଶଙ୍କର ଗୁଇଁ, ବରୋଦା ପ୍ରସାଦ ଜେନା, ଅଜୟ କୁମାର ବେହେରା, ଆଦିଶ୍ ଷଡ଼ଙ୍ଗୀ ମୃତ୍ୟୁଞ୍ଜୟ ଯାଦବ, ମୁକେଶ କୁମାର ନାୟକ, ନର୍ମଦା ଗୁଇଁ ଓ ତ୍ରିବିକ୍ରମ ଗୁଇଁ ଯିବେ।

# ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା



କଳିଙ୍ଗ ଷ୍ଟାଡିୟମ୍‌ରେ ଭାରତ-କାତାର ଫୁଟ୍‌ବଲ ମ୍ୟାଚ୍ ପ୍ରସ୍ତୁତିର ସମୀକ୍ଷା କରୁଛନ୍ତି କ୍ରୀଡ଼ା ସଚିବ ଆର୍. ଭିନିଲକ୍ରିଷ୍ଣା।

**କଳିଙ୍ଗରେ ଭାରତ-କାତାର ମ୍ୟାଚ**

**ଭୁବନେଶ୍ୱର, ୧୯।୧୧ (ବିଜୟ ରଣା)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁଯାଉଛି ଫିଫା ବିଶ୍ୱକପ୍ ୨୦୨୬ ଓ ଏଏଫ୍‌ସି ଏସିଆନ କପ୍ ସାଉଦି ଆରବିୟା ୨୦୨୭ ଯୁଗ୍ମ କ୍ୱାଲିଫିକେଶନ ଅଭିଯାନରେ ଭାରତର ଦ୍ୱିତୀୟ ରାଉଣ୍ଡ ମ୍ୟାଚ। ନିକଟରେ କୁଏତ ବିପକ୍ଷରେ ୧-୦ ଗୋଲ୍‌ରେ ଚମତ୍କାର ବିଜୟ ହାସଲ କରି ଫେରିଥିବା ଭାରତୀୟ ଦଳ ବର୍ତ୍ତମାନ କଳିଙ୍ଗରେ ମଙ୍ଗଳବାର କାତାର ସହିତ ମୁକାବିଲା କରିବ। ମ୍ୟାଚ ଖେଳିବା ଲାଗି କାତାର ଫୁଟ୍‌ବଲ ଦଳ ରବିବାର ରାତିରେ ଆସି ଭୁବନେଶ୍ୱରରେ ପହଞ୍ଚିଛି। ଭାରତୀୟ ଦଳ ଆଉ ଏକ ଐତିହାସିକ ପ୍ରଦର୍ଶନ ଅପେକ୍ଷାରେ ରହିଥିବା ବେଳେ ମ୍ୟାଚ ଦେଖିବା ଲାଗି ଓଡ଼ିଶା ଫୁଟ୍‌ବଲ ପ୍ରେମୀଙ୍କ ମହଲରେ ପ୍ରବଳ ଆଗ୍ରହ ଦେଖା ଦେଇଛି। ମ୍ୟାଚ କିପରି ସୂଚାରୁ ରୂପେ ଆୟୋଜନ ହୋଇ ପାରିବ ସେଥିଲାଗି ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି। କ୍ରୀଡ଼ା ସଚିବ ଆର୍. ଭିନିଲ କ୍ରିଷ୍ଣା ପ୍ରସ୍ତୁତି କାର୍ଯ୍ୟର ବ୍ୟାପକ ସମୀକ୍ଷା କରିଛନ୍ତି। କ୍ରୀଡ଼ା ସଚିବ ଆହୁରି ମଧ୍ୟ ବାଟାଲିୟନ ଗ୍ରାଉଣ୍ଡରେ ଆର୍ସେନ ୱେଙ୍ଗରଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହେବାକୁଥିବା ଏଆଇଏଫ୍‌ଏଫ୍-ଫିଫା ଟ୍ୟାଲେଣ୍ଟ ଏକାଡେମୀ ପରିସର ବୁଲି ଦେଖିଥିଲେ। ଏହି ଏକାଡେମୀରେ ଫୁଟ୍‌ବଲ ପ୍ରତିଭାଙ୍କୁ ବିକଶିତ କରାଯିବ। ଅନ୍ତର୍ଜାତୀୟ ସ୍ତରରେ ଭାରତର ସମ୍ଭାବନାକୁ ଆହୁରି ଦୃଢୀଭୂତ କରିବ। ଫିଫାର ଟ୍ୟାଲେଣ୍ଟ ଡେଭଲପମେଣ୍ଟ ସ୍କିମ ଅଧୀନରେ ନିର୍ମାଣ ହୋଇଥିବା ଏହି ଏକାଡେମୀର ଉଦ୍‌ଘାଟନ କରିବେ ଫିଫାର ଗ୍ଲୋବାଲ ଫୁଟ୍‌ବଲ ଟ୍ୟାଲେଣ୍ଟ ଡେଭଲପମେଣ୍ଟ ମୁଖ୍ୟ ତଥା କିମ୍ବଦନ୍ତୀ ମ୍ୟାନେଜର ଆର୍ସେନ ୱେଙ୍ଗର। ଓଡ଼ିଶା ଏହା ପୂର୍ବରୁ ହିରୋ ଇଣ୍ଟରକଣ୍ଟିନେଣ୍ଟାଲ କପ୍ ସଫଳତାର ସହିତ ଆୟୋଜନ କରିସାରିଛି।



# ସ୍ୱପ୍ନ ଅଧୁରା

ଦିନିକିଆ କ୍ରିକେଟ ବିଶ୍ୱକପରେ ଭାରତର ଆରମ୍ଭ ଦମ୍‌ଦାର ଢଙ୍ଗରେ ହୋଇଥିଲା। ଅଷ୍ଟ୍ରେଲିଆ ବିପକ୍ଷରୁ ଆରମ୍ଭ ହୋଇଥିବା ବିଜୟ ଅଭିଯାନ ଆଫଗାନିସ୍ତାନ, ପାକିସ୍ତାନ, ବାଂଲାଦେଶ, ନ୍ୟୁଜିଲାଣ୍ଡ, ଇଂଲଣ୍ଡ, ଶ୍ରୀଲଙ୍କା, ଦକ୍ଷିଣ ଆଫ୍ରିକା, ନେଦରଲାଣ୍ଡ୍ସ ଓ ଦ୍ୱିତୀୟ ଥରପାଇଁ ନ୍ୟୁଜିଲାଣ୍ଡ ପର୍ଯ୍ୟନ୍ତ ବଳବତ୍ତର ରହିଥିଲା। ଏକମାତ୍ର ଅପରାଜେୟ ଦଳଭାବେ ଫାଇନାଲ ଖେଳୁଥିବାରୁ ଦୀର୍ଘ ୧୨ ବର୍ଷ ବ୍ୟବଧାନରେ ଭାରତ ଚାମ୍ପିୟନ ହେବ ବୋଲି ଦେଶବାସୀ ସ୍ୱପ୍ନ ଦେଖିଥିଲେ। ମାତ୍ର ଗୋଟିଏ ମ୍ୟାଚରେ ଖରାପ ବ୍ୟାଟିଂ ଏବଂ ପ୍ରଭାବୀହୀନ ବୋଲିଂ ଯୋଗୁ ତାହା ଚୁରମାର ହୋଇଗଲା। ଅହମଦାବାଦର ନରେନ୍ଦ୍ରମୋଦି ଷ୍ଟାଡିୟମ ଭିତରେ, ବାହାରେ ଏବଂ ସାରା ଦେଶରେ ନିରାଶା ଛାଇଗଲା। ୨୦୦୩ ବିଶ୍ୱକପ ପରି ଏଥର ମଧ୍ୟ ଭାରତକୁ ରନରଅପ୍‌ରେ ସନ୍ତୁଷ୍ଟ ହେବାକୁ ପଡ଼ିଲା। ଅଷ୍ଟ୍ରେଲିଆ ବୋଲରଙ୍କ ଶାଣିତ ବୋଲିଂ ପରେ ଟ୍ରାଭିସ ହେଡ୍‌ଙ୍କ ଶତକ ଯୋଗୁ ଭାରତୀୟ କ୍ରିକେଟ ପ୍ରେମୀଙ୍କ ଆଶା ଆକାଂକ୍ଷା ଅଧୁରା ରହିଗଲା।





ଭାରତ ପରାଜୟରେ ମର୍ମାହତ ଅଧିନାୟକ ରୋହିତ ଶର୍ମା। ବିସିସିଆଇ ସଭାପତି ରୋଜର ବିନ୍ନିଙ୍କଠାରୁ ପ୍ଲେୟର ଅଫ୍ ଦି ସିରିଜ ଟ୍ରଫି ଗ୍ରହଣ କରୁଛନ୍ତି ବିରାଟ କୋହଲି।

## କପିଳ ଦେବଙ୍କୁ ଆମନ୍ତ୍ରଣ କରାଯାଇ ନ ଥିଲା

**ଅହମଦାବାଦ, ୧୯।୧୧ (ପି.ଟି.)**



ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ କ୍ରିକେଟ ବିଶ୍ୱକପ୍ ଦେଖିବା ଲାଗି ପୂର୍ବତନ ଭାରତ ଅଧିନାୟକ କପିଳ ଦେବଙ୍କୁ ଆମନ୍ତ୍ରଣ କରାଯାଇ ନ ଥିଲା। ସେ ନିଜେ ରବିବାର ଏ ବିଷୟ ପ୍ରକାଶ କରିଛନ୍ତି। ୧୯୮୩ରେ ଭାରତକୁ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ସଫଳତା ଆଣି ଦେଇଥିବା କପିଳ ଦେବ ତାଙ୍କ ୧୯୮୩ ଦଳର ଅବଶିଷ୍ଟ ସାଥୀ ଖେଳାଳିମାନଙ୍କ ସହ ମ୍ୟାଚ ଦେଖିବା ଲାଗି ଚାହିଁଥିଲେ। ତାଙ୍କୁ ଆମନ୍ତ୍ରଣ କରାଯାଇ ନ ଥିଲା କିମ୍ବା ଡକା ଯାଇ ନ ଥିଲା। ତେଣୁ ସେ ମ୍ୟାଚ ଦେଖିବାକୁ ଯାଇ ନ ଥିଲେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ସେ କହିଛନ୍ତି, ବଡ଼ ବଡ଼ ଇଭେଣ୍ଟରେ ଦାୟିତ୍ୱରେ ଥିବା ବ୍ୟକ୍ତିବିଶେଷମାନେ ବ୍ୟସ୍ତତା ଯୋଗୁ ହୁଏତ ଭୁଲି ଯାଇ ପାରିଥାନ୍ତି। ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଉପସ୍ଥିତି ଥିବା ଅନ୍ୟ ପୂର୍ବତନ ଭାରତୀୟ ଅଧିନାୟକଙ୍କ ମଧ୍ୟରୁ ସୌରଭ ଗାଙ୍ଗୁଲିଙ୍କୁ ଆମନ୍ତ୍ରଣ ପତ୍ର ମିଳିଥିଲା ବିସିସିଆଇର ଜଣେ ପୂର୍ବତନ ସଭାପତି ହିସାବରେ। ପୂର୍ବତନ ସଭାପତି ଓ ଅଫିସିଆଲମାନଙ୍କୁ ଆମନ୍ତ୍ରଣ କରାଯିବା ବିସିସିଆଇର ଏକ ବିଧି ରହିଛି। ଏହି ହାଇପ୍ରୋଫାଇଲ ଗେମ୍ ଦେଖିବା ଲାଗି ଷ୍ଟାଡିୟମରେ ଉପସ୍ଥିତ ଥିବା ସେଲିବ୍ରିଟି ମାନଙ୍କ ମଧ୍ୟରେ ଶାହାରୁଖ ଖାନ୍, ଦୀପିକା ପାଦୁକୋନ୍ ଓ ରଣବୀର ସିଂ ଅନ୍ୟତମ ଥିଲେ। ମହାନ ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରକାଶ ପାଦୁକୋନଙ୍କୁ ମଧ୍ୟ ଷ୍ଟାଣ୍ଡରେ ବସି ମ୍ୟାଚ ଉପଭୋଗ କରୁଥିବା ଦେଖିବାକୁ ମିଳିଥିଲା।

## ଫାଇନାଲ୍ ସ୍କୋର ବୋର୍ଡ

**ଭାରତ ଇନିଂସ**
ରୋହିତ ଶର୍ମା-କ-ହେଡ୍-ବୋ-ମାକ୍ସୱେଲ-୪୭
ଶୁବମନ ଗିଲ୍-କ-ଜାମ୍ପା-ବୋ-ଷ୍ଟାର୍କ-୪
ବିରାଟ କୋହଲି-ବୋ-କୁମିନ୍ସ-୫୪
ଶ୍ରେୟସ ଆୟର-କ-ଇଂଲିଶ-ବୋ- କୁମିନ୍ସ-୪
କେଏଲ୍ ରାହୁଲ-କ-ଇଂଲିଶ-ବୋ-ଷ୍ଟାର୍କ-୬୬
ରବୀନ୍ଦ୍ର ଜାଡେଜା-କ-ଇଂଲିଶ-ବୋ-ହାଜେଲଉଡ-୯
ସୂର୍ଯ୍ୟକୁମାର ଯାଦବ-କ-ଇଂଲିଶ-ବୋ-ହାଜେଲଉଡ-୧୮
ମହମ୍ମଦ ଶାମି-କ- ଇଂଲିଶ-ବୋ-ଷ୍ଟାର୍କ-୬
ଯଶ୍‌ପ୍ରୀତ୍ ବୁମ୍‌ରା-ଏଲବିଡବ୍ଲ୍ୟୁ-ବୋ-ଜାମ୍ପା-୧
କୁଲଦୀପ ଯାଦବ-ରନଆଉଟ (ଲାବୁସେନ/କୁମିନ୍ସ)-୧୦
ମହମ୍ମଦ ସିରାଜ-ନଟଆଉଟ-୯
**ଅତିରିକ୍ତ:** ୧୨
**ମୋଟ** (୫୦ ଓଭର/ଅଲ୍‌ଆଉଟ) ୨୪୦।
**ଉଇକେଟ ପତନ:** ୧/୩୦, ୨/୭୬, ୩/୮୧, ୪/୧୪୮, ୫/୧୭୮, ୬/୨୦୩, ୭/୨୧୧, ୮/୨୧୪, ୯/୨୨୬, ୧୦/୨୪୦।
**ବୋଲିଂ (ଅଷ୍ଟ୍ରେଲିଆ)**
ମିଚେଲ ଷ୍ଟାର୍କ ୧୦-୦-୫୫-୩
ଜୋଶ ହାଜେଲଉଡ ୧୦-୦-୬୦-୨
ଗ୍ଲେନ ମାକ୍ସୱେଲ ୬-୦-୩୫-୧
ପ୍ୟାଟ କୁମିନ୍ସ ୧୦-୦-୩୪-୨
ଆଡାମ ଜାମ୍ପା ୧୦-୦-୪୪-୧
ମିଚେଲ ମାର୍ଶ ୨-୦-୫-୦
ଟ୍ରାଭିସ୍ ହେଡ ୨-୦-୪-୦।
**ଅଷ୍ଟ୍ରେଲିଆ ଇନିଂସ**
ଡେଭିଡ ୱାର୍ନର-କ-କୋହଲି-ବୋ-ଶାମି-୭
ଟ୍ରାଭିସ ହେଡ୍-କ-ଶୁବମନ ଗିଲ୍-ବୋ-ସିରାଜ-୧୩୭
ମିଚେଲ ମାର୍ଶ-କ-ରାହୁଲ-ବୋ-ବୁମ୍‌ରା-୧୫
ଷ୍ଟିଭ ସ୍ମିଥ୍-ଏଲବିଡବ୍ଲ୍ୟୁ-ବୋ-ବୁମରା-୪
ମାର୍ନସ ଲବୁସେନ-ନଟ୍ ଆଉଟ୍-୫୮
ଗ୍ଲେନ ମାକ୍ସୱେଲ୍-ନଟ୍ ଆଉଟ୍-୨
**ଅତିରିକ୍ତ:**୧୮
**ମୋଟ:** (୪୩ ଓଭର/୪ ଉଇକେଟ) ୨୪୧।
**ଉଇକେଟ ପତନ:** ୧/୧୬, ୨/୪୧, ୩/୪୭, ୪/୨୩୯।
**ବୋଲିଂ (ଭାରତ)**
ଯଶପ୍ରୀତ ବୁମ୍‌ରା ୯-୨-୪୩-୨
ମହମ୍ମଦ ଶାମି ୭-୧-୪୭-୧
ରବୀନ୍ଦ୍ର ଜାଡେଜା ୧୦-୦-୪୩-୦
କୁଲଦୀପ ଯାଦବ ୧୦-୦-୫୬-୦
ମହମ୍ମଦ ସିରାଜ ୭-୦-୪୫-୧



ଫାଇନାଲ ପୂର୍ବରୁ ଇଣ୍ଡିଆନ ଏୟାରଫୋର୍ସ ସୂର୍ଯ୍ୟକିରଣ ଏରୋବେଟିକ୍ ଟିମ୍‌ର କଳାକୌଶଳ ପ୍ରଦର୍ଶନ।

## କୋହଲିଙ୍କୁ ଜର୍ସି ଉପହାର ଦେଲେ ତେନ୍ଦୁଲକର

**ଅହମଦାବାଦ,୧୯।୧୧(ପି.ଟି)**

ଭାରତୀୟ କ୍ରିକେଟର ସୁପରଷ୍ଟାର ବିରାଟ କୋହଲିଙ୍କୁ ଜର୍ସି ଉପହାର କରିଛନ୍ତି କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକର। ରବିବାର ଗୁଜରାଟର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଖେଳା ଯାଇଥିବା ଫାଇନାଲ ଅବ୍ୟବହିତ ପୂର୍ବରୁ ସଚିନ୍ ନିଜ ସାଇନ୍ କରାଯାଇଥିବା ଜର୍ସି କୋହଲିଙ୍କୁ ଦେଇଥିଲେ। ଏହି ଜର୍ସିର ସ୍ୱତନ୍ତ୍ରତା ହେଉଛି ତେନ୍ଦୁଲକର ନିଜ କ୍ୟାରିୟରର ଅନ୍ତିମ ଦିନିକିଆ ମ୍ୟାଚରେ ଏହାକୁ ପିନ୍ଧିଥିଲେ। ୨୦୧୨ ମସିହାରେ ବାଂଲାଦେଶ ବିପକ୍ଷ ଏସିଆ କପ୍ ମ୍ୟାଚ୍‌ରେ ସଚିନ୍ ଏହି ମ୍ୟାଚ୍‌ଟି ଖେଳିଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ଫାଇନାଲ ପୂର୍ବରୁ ନିଜ ଆଦର୍ଶ ସଚିନ୍ ତେନ୍ଦୁଲକରଙ୍କ ନିକଟରୁ ଜର୍ସିଟି ଉପହାର ଭାବରେ ଗ୍ରହଣ କରିଥିଲେ କୋହଲି। ନିକଟରେ ନ୍ୟୁଜିଲାଣ୍ଡ ବିପକ୍ଷ ସେମି ଫାଇନାଲରେ ସଚିନ୍ ତେନ୍ଦୁଲକରଙ୍କ ସର୍ବାଧିକ ଦିନିକିଆ ଶତକର ରେକର୍ଡ ଭାଙ୍ଗିଥିଲେ। ବିସିସିଆଇ ପକ୍ଷରୁ ଜର୍ସି ସହିତ କୋହଲିଙ୍କ ଫଟୋ ପୋଷ୍ଟ କରାଯିବା ସହ ଏକ ଟୁଇଟ୍ କରାଯାଇଥିଲା। ଏକ ସ୍ୱତନ୍ତ୍ର ଉତ୍ସବରେ ଫାଇନାଲ ମ୍ୟାଚ୍ ପୂର୍ବରୁ ଏକ ସ୍ୱତନ୍ତ୍ର ମୁହୂର୍ତ୍ତ। କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକର ନିଜ ଶେଷ ଦିନିକିଆର ସାଇନ୍ କରାଯାଇଥବା ଜର୍ସି ଉପହାର ଦେଇଛନ୍ତି। ଦିନିକିଆ କ୍ରିକେଟରେ ସଚିନ୍ ତେନ୍ଦୁଲକର ୪୯ ଶତକ ହାସଲ କରିଥିବା ବେଳେ ବିରାଟ କୋହଲି ପ୍ରଥମ ଖେଳାଳି ଭାବରେ ୫୦ ଶତକ ଅର୍ଜନ କରିଥିଲେ।




ସଚିନ ତେନ୍ଦୁଲକରଙ୍କ ପ୍ରଦତ୍ତ ଜର୍ସି ସହ ବିରାଟ କୋହଲି।

## ମନ ମୋହିଲା ସୂର୍ଯ୍ୟକିରଣର ଏୟାର ଶୋ'

**ଅହମଦାବାଦ,୧୯।୧୧(ପି.ଟି)**

ଅହମଦାବାଦର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ବିଶ୍ୱକପର ଫାଇନାଲ ମ୍ୟାଚ୍ ପୂର୍ବରୁ ଦେଖିବାକୁ ମିଳିଥିଲା ଭାରତୀୟ ବାୟୁସେନାର ପରାକ୍ରମ। ବାୟୁସେନାରେ ଏରୋବେଟିକ୍ ଟିମ୍ ସୂର୍ଯ୍ୟ କିରଣ ଟସ୍‌ର ଠିକ୍ ପୂର୍ବରୁ ଏକ ଚମତ୍କାର ଏୟାର ଶୋ'ର ପ୍ରଦର୍ଶନ କରିଥିଲା। ୧୦ ମିନିଟ ଧରି ଚାଲିଥିବା ଏହି ଏୟାର ଶୋ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକଙ୍କ ମନୋରଞ୍ଜନ କରିଥିଲା। ପ୍ରଥମ ଥର ପାଇଁ କୌଣସି କ୍ରିକେଟ ଇଭେଣ୍ଟରେ ଏୟାର ଶୋ ଅନୁଷ୍ଠିତ ହୋଇଥିଲା। ବାୟୁସେନାର ୯ଟି ହକ୍ ଏମ୍ କେ-୧୩୨ ସ୍କାଟ ବିମାନକୁ ଏହି ଶୋ ପାଇଁ ବ୍ୟବହାର କରାଯାଇଥିଲା। ୫୨ତମ ସ୍କ୍ୱାଡ୍ରନର ଅଂଶବିଶେଷ ଏହି ଟିମ୍‌ରେ ୧୩ ଜଣ ପାଇଲଟ୍ ରହିଥିବା ବେଳେ ଏୟାର ଶୋ'ରେ ୯ ଜଣ ଅଂଶଗ୍ରହଣ କରିଥିଲେ।

## ମୋଟେରାକୁ ନୀଳ ସମୁଦ୍ରର ସଡ଼କ

**ଅହମଦାବାଦ,୧୯।୧୧(ପି.ଟି)**

ଅହମଦାବାଦର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ବିଶ୍ୱକପ୍‌ର ଫାଇନାଲର କ୍ରେଜ୍ ସମ୍ପୂର୍ଣ୍ଣ ସହରରେ ଦେଖିବାକୁ ମିଳିଛି। କ୍ରିକେଟ ଦୁନିଆର କେନ୍ଦ୍ର ବିନ୍ଦୁ ପାଲଟିଥିବା ଏହି ସହରର ସମଗ୍ର ରାସ୍ତାଘାଟ ନୀଳ ରଙ୍ଗରେ ଆଚ୍ଛାଦିତ ହୋଇଯାଇଥିଲା। ସମଗ୍ର ସଡ଼କ ନୀଳ ରଙ୍ଗରେ ଛାଇ ଯାଇଥିବା ବେଳେ ଏହି ସ୍ରୋତର ଗତି ରହିଥିଲା ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମ(ମୋଟେରା) ଆଡ଼କୁ। ତେବେ ଏହି ସଡକକୁ କେହି ନୀଳ ରଙ୍ଗରେ ରଙ୍ଗେଇ ନ ଥିଲେ ବରଂ ଭାରତୀୟ କ୍ରିକେଟ ଫ୍ୟାନଙ୍କ ଜର୍ସିର ରଙ୍ଗରେ ହିଁ ଏହା ନୀଳ ଦେଖାଯାଉଥିଲା। ଲକ୍ଷାଧିକ ଭାରତୀୟ ଦଳର ସମର୍ଥକ ତ୍ରିରଙ୍ଗା ସହିତ ଷ୍ଟାଡିୟମ ଆଡକୁ ଯାଉଥିବା ବେଳେ ଏହା ନୀଳ ସମୁଦ୍ରର ଭ୍ରମ ସୃଷ୍ଟି କରିଥିଲା। ଏହି ଭିଡ଼ ଭିତରେ ଯୁବକ, ଯୁବତୀ, ବୃଦ୍ଧ ସବୁ ବର୍ଗର ବ୍ୟକ୍ତି ସାମିଲ ଥିଲେ। ଏପରି କି ସହରର ଟ୍ରାଫିକ୍ ମଧ୍ୟ ଧିମେଇ ଯାଇଥିଲା। ଏହା ସହିତ ଭାରତୀୟ କ୍ରିକେଟ ଖେଳାଳିଙ୍କ ଜର୍ସିର ବିକ୍ରି ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି।



ଭାରତ-ଅଷ୍ଟ୍ରେଲିଆ ଫାଇନାଲ ଦେଖିବା ପାଇଁ ମୋଟେରା ରାସ୍ତାରେ ନୀଳ ଜନସମୁଦ୍ର।

# ଓଡ଼ିଶା, ଗୋଆ ବିଜୟୀ

ସୁନ୍ଦରଗଡ଼,୧୯।୧୧
(ଜୟ ନାରାୟଣ ମେଣ୍ଡୁଲି)

ଜିଲା କ୍ରୀଡ଼ା ସଂସଦ ଓ ଫୁଟ୍‌ବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର ମିଳିତ ଆନୁକୂଲ୍ୟରେ ସୁନ୍ଦରଗଡ଼ ଷ୍ଟାଡିୟମରେ ଆୟୋଜିତ ୨୮ତମ ଜାତୀୟ ମହିଳା ଫୁଟବଲ ଚାମ୍ପିୟନଶିପ୍‌ର ୪ର୍ଥ ଦିବସରେ ଓଡ଼ିଶା ଓ ଗୋଆ ବିଜୟୀ ହୋଇଛନ୍ତି। ରବିବାର ସକାଳ ୧୦ଟାରେ ଓଡ଼ିଶା ଓ ଗୁଜରାଟ ମଧ୍ୟରେ ମ୍ୟାଚ୍ ଖେଳା ଯାଇଥିଲା। ସୁନ୍ଦରଗଡର ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂହ ମୁଖ୍ୟ ଅତିଥି, ଫାଓର ଯୁଗ୍ମ ସମ୍ପାଦକ ମହମ୍ମଦ ଜବାର, ପୂର୍ବତନ ସାଇ

**ଜାତୀୟ ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍**

**ସୁମିତା, ମନୀଷାଙ୍କ ଡବଲ୍ ଗୋଲ୍**

କୋଚ ଅନନ୍ତ ବୋଷ, ସଦର ଜିଲା ପରିଷଦ ସଦସ୍ୟ ଅଶ୍ୱିନୀ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ମ୍ୟାଚ୍‌ରେ ଓଡ଼ିଶା ୬-୦ଗୋଲରେ ବିଜୟୀ ହୋଇଥିଲା। ଲଗାତର ଭାବରେ ଓଡ଼ିଶା ଏହାର ୪ଟି ଯାକ ମ୍ୟାଚରେ ବିଜୟୀ ହୋଇଛି। ଓଡ଼ିଶା ପକ୍ଷରୁ ସୁମିତ୍ରା ହେମ୍ବ୍ରମ ୨ଗୋଲ(୨୫ ଓ ୭୮ ମିନିଟ), ମନୀଷା ନାଏକ ୨ଗୋଲ(୩୭ ଓ ୬୨ମିନିଟ), ଯଶୋଦା ମୁଣ୍ଡା(୧୫ମିନିଟ) ଓ ଦୀପା ନାୟକ(୭୧ମିନିଟ) କରିଥିଲେ। ଅପରାହ୍ନ ୨.୩୦ରେ ଗୋଆ ଓ ମେଘାଳୟ ମଧ୍ୟରେ ହୋଇଥିବା ମ୍ୟାଚରେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଏହି ମ୍ୟାଚରେ ଗୋଆ ୪-୧ଗୋଲରେ ବିଜୟୀ ହୋଇଥିଲା। ଗୋଆ ଦଳର ପର୍ଲ ଫର୍ନାଣ୍ଡେସ୍‌ଙ୍କ ହ୍ୟାଟ୍ରିକ ଗୋଲ(୧,୨୭,୨୯ମିନିଟ)ଓ କରିସ୍ମା ପୁରୁଷୋତ୍ତମ ସିରଭୋଲକର(୨୪ମିନିଟ)ରେ ଗୋଟିଏ ଗୋଲ ସ୍କୋର କରିଥିଲେ। ମେଘାଳୟ ତରଫରୁ ମାରବରିନ ନନଗ୍ରୁମ(୫୮ମିନିଟରେ) ଏକମାତ୍ର ଗୋଲ ଦେଇଥିଲେ। ଜିଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ଦୁର୍ଗାମାଧବ ନାଏକ, ଉପସଭାପତି ପୌଷଚନ୍ଦ୍ର ପଟେଲ, ମେରୀଜନ ବାଗେ, ବିମଳ ବୋଷ, ପ୍ରସନ୍ନ ବେହେରା, ଜୟଦେବ ପାତ୍ର, ରାଜେନ୍ଦ୍ର ପାଣ୍ଡେ, ନିତ୍ୟ କୁମାର ବଳ, ସୁଶୀଲ ପଟେଲ, ପ୍ରସାଦ ନାଏକ, ବୀରମିତ୍ର କାଲୋ, ରୋମାଞ୍ଚ ଭୈଷାଲ, ଶିଶିର ପଟେଲ, ଆଶିଷ ଦେ, ଅଜୟ ବହିଦାର, ଶ୍ୟାମ ନନ୍ଦନ ସହାୟ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଖେଳ ଆୟୋଜିତ ହେଉଛି। ଆସନ୍ତା ମଙ୍ଗଳବାର ୨୧ତାରିଖ ସକାଳ ୨୦ଟାରେ ଗୁଜରାଟ ଓ ଅରୁଣାଚଳ ପ୍ରଦେଶ ତଥା ଅପରାହ୍ନ ୨ଟା ୩୦ରେ ଓଡ଼ିଶା ଓ ଗୋଆ ମଧ୍ୟରେ ମ୍ୟାଚ୍ ଖେଳାଯିବ।



ଓଡ଼ିଶା ଓ ଗୁଜରାଟ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ସିଜନରେ ଭର୍ଷ୍ଟାପେନ୍‌ଙ୍କ ୧୮ତମ ବିଜୟ

ଲାସ୍ ଭେଗାସ, ୧୯।୧୧

ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଲାସ୍‌ଭେଗାସ ଫର୍ମୁଲା ୱାନ ମୋଟର ରେସ୍ ଗ୍ରାଁ ପ୍ରି ଜିତିଛନ୍ତି। ଚଳିତ ସିଜନରେ ଏହା ହେଉଛି ତାଙ୍କର ୧୮ତମ ରେସ୍ ବିଜୟ। ୩ଥର ବିଶ୍ୱ ଚାମ୍ପିୟନଙ୍କର ଏହା କ୍ରମାଗତ ୬ଷ୍ଠ ଏବଂ ମୋଟ ଉପରେ ୫୩ତମ ରେସ୍ ବିଜୟ। ରେସ୍ ଆରମ୍ଭରେ ଫେରାରିର ଚାର୍ଲ୍ସ ଲେକ୍‌ରେକ୍‌ଙ୍କୁ ଟ୍ରାକ୍‌ରୁ ବାହାରି ଯିବାକୁ ବାଧ କରିବା ଏବଂ ପରେ ମର୍ସିଡିଜ୍‌ର ଜର୍ଜ ରସେଲଙ୍କ ସହ ଧକ୍କା ପାଇଁ ତାଙ୍କୁ ୫ସେକେଣ୍ଡ ପେନାଲ୍ଟି ହୋଇଥିଲା। ଏହା ସତ୍ତ୍ୱେ ସେ ଲେକ୍‌ରେକ୍‌ଙ୍କୁ ପଛରେ ପକାଇ ରେସ୍ ଜିତି ନେଇଥିଲେ। ତାଙ୍କ ଟିମ୍‌ମେଟ ସର୍ଗିଓ ପେରେଜଙ୍କୁ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଏହି ବିଜୟ ଦ୍ୱାରା ଭର୍ଷ୍ଟାପେନ୍ ସର୍ବକାଳିନ ବିଜୟୀ ତାଲିକାରେ ସେବାଷ୍ଟିଆନ ଭେଟେଲଙ୍କ ସହ ମିଳିତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଗୋଟିଏ ସିଜନରେ ୨୧ଟି ରେସ୍‌ରୁ ରେଡ୍‌ବୁଲ୍‌ର ୨୦ତମ ବିଜୟ ଏକ ରେକର୍ଡ। ରେସ୍‌ର ୪ର୍ଥ ଓ ୧୦ମ ସ୍ଥାନ ମଧ୍ୟରେ ରହିଥିବା ଡ୍ରାଇଭରମାନେ ହେଲେ ଏଷ୍ଟିବାନ ଓକନ (ଅଲପାଇନ୍), ଲାନ୍ସ ଷ୍ଟ୍ରୋଲ୍ (ଆଷ୍ଟନ ମାର୍ଟିନ), କାର୍ଲୋସ ସେଞ୍ଜ ଜୁନିୟର (ଫେରାରି), ଲୁଇସ୍ ହାମିଲଟନ(ମର୍ସିଡିଜ୍), ଜର୍ଜ ରସେଲ (ମର୍ସିଡିଜ), ଫର୍ନାଣ୍ଡୋ ଆଲୋଁସୋ (ଆଷ୍ଟନ ମାର୍ଟିନ) ଏବଂ ଓସ୍କାର ପିଆଷ୍ଟ୍ରି (ମ୍ୟାକଲରେନ)। ୩ଦିନ ଧରି ଅନୁଷ୍ଠିତ ଏହି ଇଭେଣ୍ଟ ମୋଟ ୩୧୫,୦୦୦ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଖୁବ୍ ଜାକଜମକରେ ଅନୁଷ୍ଠିତ ସିଜନର ୨୧ତମ ରେସ୍ ପାଇଁ ଟିକେଟର ଦାମ୍ ଅଧିକ ରହିଥିଲା। ହେଟେଲଗୁଡ଼ିକ ସେମାନଙ୍କ ମୂଲ୍ୟ ବଢାଇ ଦେଇଥିଲେ।



ଟ୍ରଫି ସହ ମାକ୍ସ ଭର୍ଷ୍ଟାପେନ।

# ପାଦୁକୋନ୍‌ଙ୍କ ଅଧୀନରେ ଟ୍ରେନିଂ ନେବେ ସିନ୍ଧୁ

ହାଇଦ୍ରାବାଦ, ୧୯।୧୧ (ପି.ଟି.)

ତୃତୀୟ ଅଲିମ୍ପିକ ପଦକ ଲକ୍ଷ୍ୟରେ ରହିଥିବା ଭାରତୀୟ ବ୍ୟାଡମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ତାଙ୍କ ଆସ୍ଥାନ ହାଇଦ୍ରାବାଦରୁ ବେଙ୍ଗାଲୁରୁଙ୍କୁ ସ୍ଥାନାନ୍ତର କରିଛନ୍ତି। ପ୍ୟାରିସ ଗେମ୍ସ ପାଇଁ ସେ କିମ୍ବଦନ୍ତୀ ପ୍ରକାଶ ପାଦୁକୋନଙ୍କ ଅଧୀନରେ ତାଲିମ ନେବେ। ସେପ୍ଟେମ୍ବରରେ ଏସିଆନ ଗେମ୍ସ ପୂର୍ବରୁ ପାଦୁକୋନଙ୍କ ନିକଟରେ ଏକ ସପ୍ତାହ ଟ୍ରେନିଂ ନେଇଥିଲେ। ସିନ୍ଧୁ କହିଛନ୍ତି, ପ୍ରକାଶ ସାର୍ ତାଙ୍କ ମେଣ୍ଟର ହେବାପରଠାରୁ ସେ ତାଙ୍କ ନିକଟରେ ଅଗଷ୍ଟ ଶେଷ ଭାଗରୁ ଟ୍ରେନିଂ ନେବା ଆରମ୍ଭ କରିଛନ୍ତି। ପୂର୍ବତନ ବିଶ୍ୱ ଚାମ୍ପିୟନ, କହିଛନ୍ତି, ପ୍ରକାଶ ସାର୍ ଜଣେ ମେଣ୍ଟରଙ୍କଠାରୁ ଅଧିକ। ସେ ତାଙ୍କ ଦିଗଦର୍ଶକ, ଗୁରୁ ଏବଂ ଜଣେ ପ୍ରକୃତ ବନ୍ଧୁ। ତାଙ୍କ ନିକଟରେ ମ୍ୟାଜିକ୍ ରହିଛି। ତାଙ୍କ ଖେଳରେ ଉନ୍ନତି ଆଣିବା କ୍ଷେତ୍ରରେ ସେ ସହାୟକ ହେବେ ବୋଲି ଆଶା କରୁଛନ୍ତି।

# ଅରୁଣାଚଳକୁ ୨୭-୦ରେ ହରାଇଲା ଓଡ଼ିଶା

ଚେନ୍ନାଇ, ୧୯।୧୧

ଏଠାରେ ଚାଲିଥିବା ଜାତୀୟ ସିନିୟର ପୁରୁଷ ହକି ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୨୭-୦ ଗୋଲରେ ଅରୁଣାଚଳ ପ୍ରଦେଶକୁ ହରାଇ ଦେଇଛି। ସମ୍ପୂର୍ଣ୍ଣ ଏକପାଖିଆଭାବେ ଶେଷ ହୋଇଥିବା ମ୍ୟାଚରେ ଓଡ଼ିଶା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଦଳ

**ଜାତୀୟ ସିନିୟର ହକି**

ପକ୍ଷରୁ ମାଟିୟାସ ଡାଙ୍ଗ ହ୍ୟାଟ୍ରିକ ସହ ୪, ୩୪, ୪୭, ୫୪ ଓ ୬୦ତମ ମିନିଟରେ ୫ଟି, ନିଲମ ସଞ୍ଜୀପ ୨, ୩, ୧୫ ଓ ୩୨ତମ ମିନିଟରେ ୪ଟି, ଶିଳାନନ୍ଦ ଲାକ୍ରା ୧୮, ୨୨, ୩୫ ଓ ୪୪ତମ ମିନିଟରେ ୪ଟି, ଆଶିଷ କୁମାର ଟପ୍ପୋ ୧୧, ୨୫, ୪୯ତମ ମିନିଟରେ ୩ଟି, ପ୍ରସାଦ କୁଜୁର ୧୩, ୧୪ ଓ ୩୯ତମ ମିନିଟରେ ୩ଟି, ଅଧିନାୟକ ଅମିତ ରୋହିଦାସ ୨୦, ୩୭ ଓ ୫୩ତମ ମିନିଟରେ ୩ଟି, ରାଜିନ କଣ୍ଡୁଲନା ୩୭ ଓ ୫୧ତମ ମିନିଟରେ ୨ଟି ଏବଂ ରୋଶନ ମିଞ୍ଜ ୨୫, କେରୋବିନ ଲାକ୍ରା ୨୮ ଓ ପ୍ରଯୁକ୍ତ ନାଗ୍ ୫୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ କର୍ନାଟକ ୫-୦ରେ ଦାଦ୍ରା ଓ ନଗର ହାଭେଲିକୁ, ହରିୟାଣା ୨୨-୧ରେ ଗୁଜରାଟ, ତାମିଲନାଡୁ ୧୩-୧ରେ ହିମାଚଳ ପ୍ରଦେଶ ଏବଂ ଦିଲ୍ଲୀ ୬-୧ ଗୋଲରେ ତେଲଙ୍ଗାନାକୁ ପରାସ୍ତ କରିଛି।



ରବିବାର ଅନୁଷ୍ଠିତ ଏକ ମ୍ୟାଚ।

# ରେକର୍ଡ ଲକ୍ଷ୍ୟରେ ଜୋକୋଭିଚ୍

ତୁରିନ, ୧୯।୧୧ (ଏପି)

ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ନୋଭାକ ଜୋକୋଭିଚ ୭ମ ଥର ଏଟିପି ଫାଇନାଲ୍ସ ଟାଇଟଲ ଜିତି ଏକ ନୂଆ ରେକର୍ଡ ପ୍ରତିଷ୍ଠା କରିବା ଲକ୍ଷ୍ୟରେ ରହିଛନ୍ତି। ଫାଇନାଲଲେ ସେ ସ୍ଥାନୀୟ ଫେଭରାଇଟ୍ ଜାନିକ ସିନରଙ୍କୁ ଭେଟିବେ। ସେମିଫାଇନାଲରେ କାର୍ଲୋସ ଅଲ୍‌କାରାଜଙ୍କୁ ୬-୩, ୬-୨ ସେଟ୍‌ରେ ପରାସ୍ତ କରିବା ଲାଗି ଜୋକୋଭିଚ୍ ୯୦ ମିନିଟରୁ କମ୍ ସମୟ ନେଇଥିଲେ। ଏହା ପୂର୍ବରୁ ଖେଳାଯାଇଥିବା ଅନ୍ୟ ଏକ ସେମିଫାଇନାଲରେ ସିନର ୬-୩, ୬-୭ (୪), ୬-୧ରେ ଡାନିଲ ମେଡଭେଡେଭଙ୍କୁ ହରାଇ ଦେଇଥିଲେ। ବର୍ଷର ଶ୍ରେଷ୍ଠ ୮ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ହେଉଥିବା ସିଜନ ଶେଷ ଏହି ଟୁର୍ନାମେଣ୍ଟରେ ୬ଥର ଟାଇଟଲ ଜିତି ୩୬ବର୍ଷୀୟ ରୋଜର ଫେଡେରର ରୋଜର ଫେଡରରଙ୍କ ରେକର୍ଡ ସମକକ୍ଷ ଅଛନ୍ତି। ସିନର ଇଟାଲୀର ପ୍ରଥମବ ଖେଳାଳି ଭାବେ ଫାଇନାଲରେ ପ୍ରବେଶ କରିଛନ୍ତି। ଚଳିତ ସପ୍ତାହ ପ୍ରାରମ୍ଭରେ ସିନର ତାଙ୍କ କ୍ୟାରିୟରରେ ପ୍ରଥମ ଥର ଜୋକୋଭିଚ୍‌ଙ୍କ ହରାଇ ଦେଇଥିଲେ। ଫାଇନାଲରେ ଜୋକୋଭିଚ୍‌ଙ୍କ ପ୍ରଦର୍ଶନ କିପରି ରହୁଛି ତାହାକୁ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଛନ୍ତି ତାଙ୍କ ସମର୍ଥକମାନେ। ସୂଚନାଯୋଗ୍ୟ, ଆଲକାରାଜ ଓ ଜୋକୋଭିଚ୍ ପରସ୍ପରକୁ ଏହା ପୂର୍ବରୁ ୪ଥର ଭେଟିଛନ୍ତି। ଉଭୟେ ୨ଥର ଲେଖାଏଁ ବିଜୟ ହାସଲ କରିଛନ୍ତି। ନିକଟରେ ଜୋକୋଭିଚ୍ ଗତ ଅଗଷ୍ଟରେ ସିନସିନାଟି ଫାଇନାଲରେ ହରାଇ ଦେଇଥିଲେ। ଅନ୍ୟପକ୍ଷରେ ଅଲକାରାଜ ୫ ସେଟ୍ ବିଶିଷ୍ଟ ୱିମ୍ବଲଡନ ଫାଇନାଲରେ ସର୍ବୀୟ ଟେନିସ ଷ୍ଟାରଙ୍କୁ ହରାଇ ଦେଇଥିଲେ।




# ସ୍କୁଲ୍ସ ଓପନ୍ ଚେସ୍: ପ୍ରତ୍ୟୁଷ ଚାମ୍ପିୟନ

ଭୁବନେଶ୍ୱର, ୧୯।୧୧
(ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରାଜ୍ୟ ସ୍କୁଲ୍ସ ଓପନ ଚେସ୍ ଚାମ୍ପିୟନଶିପ୍ ରବିବାର ପଟିଆ ପ୍ରଶାନ୍ତି ବିହାରସ୍ଥିତ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ କଟକ ଷ୍ଟିୱାର୍ଟ ସ୍କୁଲର ପ୍ରତ୍ୟୁଷ ନାୟକ ଏବଂ ଯାଜପୁର ଟାଉନ୍ ଦିଲ୍ଲୀ ପବ୍ଲିକ୍ ସ୍କୁଲର ସାଇ ରଞ୍ଜନ ମିଶ୍ର ୪.୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଚାମ୍ପିୟନ ଓ ରନରଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆୟୂଷ ଆର୍ଯ୍ୟନ ମହାପାତ୍ର, ଆଦିତ୍ୟ ଜେନା, ନମସ୍ୟ ନଳିନୀ, ଶ୍ରୀମାନ ଦାଶ, ସ୍ୱସ୍ତିକ ରଞ୍ଜନ ସ୍ୱାଇଁ, ଶୁଭସ୍ମିତା ପ୍ରିୟଦର୍ଶିନୀ, ଦିବ୍ୟାଂଶ ନାୟକ ଓ ପ୍ରୟାଶ ସାହୁ ଯଥାକ୍ରମେ ୩ୟରୁ ୧୦ମ ସ୍ଥାନ ପାଇଛନ୍ତି। ଏହା ବ୍ୟତୀତ ୭, ୯, ୧୧ ଓ ୧୩ ବର୍ଷରୁ କମ୍ ବର୍ଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ଏବଂ ବାଳିକା ବିଭାଗରେ ଶ୍ରୀଜଲ ସେନାପତିଙ୍କୁ ଏଜ୍ ଗ୍ରୁପ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ୭ ଖେଳାଳି ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ ହୋଇଥିଲେ। ଡିସିବି ବ୍ୟାଙ୍କର ଓଡ଼ିଶା ଆଞ୍ଚଳିକ ମୁଖ୍ୟ ନଳିନୀକାନ୍ତ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଶୋଭନୀୟ ଶିକ୍ଷାଶ୍ରମ ନିର୍ଦ୍ଦେଶକ ଦୟାନିଧି ରାଉତ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ସୁରଜିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ପୁରସ୍କାର ସହ ରାଜ୍ୟ ସ୍କୁଲ୍ସ ଓପନ ଚେସ୍‌ର କୃତୀ ପ୍ରତିଯୋଗୀମାନେ।

# ଗୋକୁଲମ କେରଳର ପ୍ରଥମ ପରାଜୟ

ଶିଲଂ, ୧୯।୧୧ (ପି.ଟି.)

ସ୍ଥାନୀୟ ଏସଏସଏ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଏକ ଆଇ-ଲିଗ୍ ମ୍ୟାଚରେ ଶିଲଂ ଲାଜଙ୍ଗ ଏଫ୍‌ସି ୩-୧ ଗୋଲରେ ପୂର୍ବତନ ଚାମ୍ପିୟନ ଗୋକୁଲମ କେରଳକୁ ହରାଇ ଦେଇଛି। ଶିଲିଂ ଲାଜଙ୍ଗର ୪ ମ୍ୟାଚରେ ଏହା ହେଉଛି ପ୍ରଥମ ବିଜୟ। ଅନ୍ୟପକ୍ଷରେ ସିଜନରେ ଗୋକୁଲମ କେରଳ ଦଳର ଏହା ହେଉଛି ପ୍ରଥମ ପରାଜୟ। ଶିଲଂ ଦଳ ସ୍ଥାନ ଦର୍ଶକଙ୍କ ସମର୍ଥନରୁ ଫାଇଦା ଉଠାଇଥିଲା। ମ୍ୟାଚରେ ପରାଜିତ ହୋଇଥିଲେ ମଧ୍ୟ କେରଳ ୧୦ଟି ମ୍ୟାଚରୁ ୧୦ ପଏଣ୍ଟ ଅର୍ଜନ କରି ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଶନିବାର ମ୍ୟାଚ ଜିତିଥିବା ମହମ୍ମଡାନ ସ୍ପୋର୍ଟିଂ ୫ଟି ମ୍ୟାଚରୁ ୧୩ ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲ ଶୀର୍ଷରେ ରହିଛି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ